ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.106, Tuesday, 4 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୬, ମଙ୍ଗଳବାର, ୪ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort

MONSOON
MASTI

PRICE STARTS FROM
~~₹899/~~
₹749/-
Including GST

ONLY ON
ONLINE
BOOKING

Malatipatpur,Puri.Odisha
FOLLOW US -
TOLL FREE : 1800 120 6676

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.106, Tuesday, 4 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୬, ମଙ୍ଗଳବାର, ୪ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.106, Tuesday, 4 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୬, ମଙ୍ଗଳବାର, ୪ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟିତ

ଭାରତର ଯୁବଶକ୍ତି ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି: ରାଷ୍ଟ୍ରପତି

କଟକ(ବ୍ୟୁରୋ) ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି କଟକର ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦଘାଟନ କରିଛନ୍ତି ।କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ ଓଡ଼ିଶା ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ସେବାର ସମୃଦ୍ଧ ପରମ୍ପରା ଥିବା ଏକ ମାଟି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏହି ପବିତ୍ର ମାଟି ଶହ ଶହ ବର୍ଷ ଧରି ସମାବେଶୀ ଭାବନା, କରୁଣା ଏବଂ ମାନବ କଲ୍ୟାଣର ବାର୍ତ୍ତା ପ୍ରଚାର କରିଆସିଛି । କଟକର ଏହି ଅଞ୍ଚଳ 'ଉତ୍କଳ ଗୌରବ' ମଧୁସୂଦନ ଦାସ, 'କର୍ମବୀର' ଗୌରୀଶଙ୍କର ରାୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିଜୁ ପଟ୍ଟନାୟକଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ଜନ୍ମଭୂମି ମଧ୍ୟ । ଏହା 'ଉତ୍କଳମଣି' ପଣ୍ଡିତ ଗୋପବନ୍ଧୁ ଦାସ ଏବଂ 'ଉତ୍କଳ କେଶରୀ' ଡକ୍ଟର ହରେକୃଷ୍ଣ ମହତାବଙ୍କ କର୍ମଭୂମି । ଜନସେବା, ସାହିତ୍ୟ ଓ ସଂସ୍କୃତିରେ କଟକର ଅବଦାନ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟକ । ଏପରି ଏକ ଗୌରବଶାଳୀ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିବା ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ଆଧୁନିକ ଶିକ୍ଷା ସହିତ ସଂଯୋଜିତ କରିବା ସହିତ ସମାଜ ଓ ରାଷ୍ଟ୍ର ସେବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ହେବ ବୋଲି ଆଶା କରାଯାଉଛି । ରାଷ୍ଟ୍ରପତି କହିଛନ୍ତି, ଭାରତରେ ଏକ ବୃହତ ଯୁବଶକ୍ତି ରହିଛନ୍ତି । ଏହା ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି । ସେମାନଙ୍କୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରିବାକୁ ପଡିବ । ବିଶ୍ୱବିଦ୍ୟାଳୟ ଗୁଡ଼ିକର ଦାୟିତ୍ୱ ହେଉଛି ଯେ ସେମାନେ ସଚ୍ଚୋଟତା, ଶୃଙ୍ଖଳା, ସମ୍ବେଦନଶୀଳତା ଏବଂ ଜାତୀୟ ସ୍ୱାର୍ଥ ଭାବନାରେ ପରିପୂର୍ଣ୍ଣ ନାଗରିକମାନଙ୍କୁ ପ୍ରସ୍ତୁତ କରନ୍ତୁ ।

ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ୧୧୦କୋଟିର ସ୍ୱତନ୍ତ୍ର ପ୍ୟାକେଜ୍

- ୨୨ ଜିଲ୍ଲା ୮୫ ବ୍ଲକ୍‌ର ୮.୬୩ ଲକ୍ଷ ଲୋକ ପ୍ରଭାବିତ
- ଘରଭଙ୍ଗା ସହାୟତା ଘୋଷଣା
- ହେକ୍ଟର ପିଛା ୮,୫୦୦ରୁ ୨୨,୫୦୦ଟଙ୍କା
- ସମ୍ପୂର୍ଣ୍ଣ ଘର ଭାଙ୍ଗିଥିଲେ ମିଳିବ ଲକ୍ଷେ ୨୦ ହଜାର ଟଙ୍କା

ଭୁବନେଶ୍ୱର(ବ୍ୟୁରୋ) ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି । ରାଜ୍ୟର ୨୨ଟି ଜିଲ୍ଲାର ୮୫ଟି ବ୍ଲକ ଓ ୧୫ଟି ପୌରାଂଚଳର ମୋଟ ୮.୬୩ଲକ୍ଷରୁ ଅଧିକ ଲୋକେ ଚଳିତ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ଏହି ବନ୍ୟା ପ୍ରଭାବିତଙ୍କ ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ଆଜି ୧୧୦କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି । ପୂର୍ବରୁ ଅତ୍ୟଧିକ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକୁ ୨୬କୋଟି ଟଙ୍କାର ଅଗ୍ରୀମ ସହାୟତା ଦିଆଯାଇଥିଲା । ଏବେ ପ୍ରାରମ୍ଭିକ ଆକଳନ ଆଧାରରେ ବନ୍ୟା ପ୍ରଭାବିତଙ୍କ ପାଖରେ ତୁରନ୍ତ ଆର୍ଥିକ ଓ ରିଲିଫ ସହାୟତା ପହଂଚାଇବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ଚଳିତ ବନ୍ୟାରେ ୨୨ଟି ଜିଲ୍ଲାର ୮୫ଟି ବ୍ଲକ, ୧୫ଟି ପୌରାଂଚଳ ଓ ୬୫୬ଟି ପଂଚାୟତର ୮.୬୩ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି ।ବନ୍ୟା ଯୋଗୁ ରାଜ୍ୟରେ ୬ଜଣଙ୍କ ମୃତ୍ୟୁ ଘଟିଥିବା ରାଜ୍ୟ ସରକାର ସୂଚନା ଦେଇଛନ୍ତି । ସେମାନଙ୍କ ପରିବାରକୁ ନିୟମାନୁସାରେ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ୨୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି । ସେହିପରି ବନ୍ୟାରେ ପ୍ରାୟ ୩୫୬୭ଟି ଘର ନଷ୍ଟ ହୋଇଛ ଓ ୩୩,୪୫୮ହେକ୍ଟରରୁ ଅଧିକ ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ପ୍ରାରମ୍ଭିକ ଆକଳନରୁ ଜଣାପଡ଼ିଛି । ବନ୍ୟା ଯୋଗୁ ସର୍ତକତାମୂଳକ ପଦକ୍ଷେପ ସ୍ୱରୂପ ୨.୬୭ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ପ୍ରଭାବିତ ଅଂଚଳରେ ୫୨୯ଟି ରିଲିଫ କେନ୍ଦ୍ର, ୩୧ଟି ପଶୁ ଶିବିର ଖୋଲାଯାଇ ରନ୍ଧା ଖାଦ୍ୟ, ପାନୀୟ ଜଳ, ଚୁଡ଼ା ଗୁଡ଼, ପଲିଥିନ ସିଟ୍ ଓ ୧୮୧୬ ମେଟ୍ରିକ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଉଛି । ବିଶେଷକରି ବାଲେଶ୍ୱର, ଭଦ୍ରକ,ଯାଜପୁର ଜିଲ୍ଲାରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର, ରିଲିଫ ଓ ସ୍ୱାସ୍ଥ୍ୟସେବା ଜାରି ରହିଛି । ଏହି ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ୨୦ଟି ଓଡ଼ାଫ, ୭ଟି ଏନଡିଆରଏଫ ଓ ୧୭୨ଟି ଅଗ୍ନିଶମ ବାହିନୀର ଟିମକୁ ମିଶାଇ ମୋଟ ୧୯୯ଟି ଟିମ୍ ନିରନ୍ତର ଭାବେ କାର୍ଯ୍ୟରତ ଥିବା ସୂଚନା ମିଳିଛି । କ୍ଷତିଗ୍ରସ୍ତ ବାସଗୃହଗୁଡ଼ିକ ପାଇଁ ସରକାର ୪ହଜାର ଟଙ୍କାରୁ ୧.୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ପ୍ରଦାନ କରିବେ । ସେହିପରି ଚାଷୀମାନଙ୍କ ଫସଲ କ୍ଷତି ପାଇଁ ଜମିର କିସମ ଅନୁସାରେ ହେକ୍ଟର ପିଛା ୮୫୦୦ରୁ ୨୨୫୦୦ଟଙ୍କା ପର୍ଯ୍ୟନ୍ତ ଏବଂ ମୃତ ଗୃହପାଳିତ ପଶୁଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଆର୍ଥିକ କ୍ଷତିପୂରଣର ଘୋଷଣା ହୋଇଛି ।ଏହି ସମସ୍ତ ସହାୟତା ତୁରନ୍ତ ପ୍ରଭାବିତ ଲୋକଙ୍କୁ ଅନୁଯାୟୀ ଘରବାଡ଼ି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡ଼ିଆ ଘର ପାଇଁ ୮୦୦୦ ଟଙ୍କା ଓ ଗୁହାଳ ଘର ପାଇଁ ୩୦୦୦ ଟଙ୍କା ଦିଆଯିବ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି । କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି ନିମନ୍ତେ ଅଣଜଳସେଚିତ ଅଂଚଳ ହେକ୍ଟର ପିଛା ୮୫୦୦ ଟଙ୍କା, ଜଳସେଚିତ ଜମିରେ ୧୭ହଜାରଟଙ୍କା ଓ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ନିଷ୍ପତ୍ତି ଅନୁଯାୟୀ ଘରବାଡ଼ି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡ଼ିଆ ଘର ପାଇଁ ୮୦୦୦ ଟଙ୍କା ଓ ଗୁହାଳ ଘର ପାଇଁ ୩୦୦୦ ଟଙ୍କା ଦିଆଯିବ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି । କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି ନିମନ୍ତେ ଅଣଜଳସେଚିତ ଅଂଚଳ ହେକ୍ଟର ପିଛା ୮୫୦୦ ଟଙ୍କା, ଜଳସେଚିତ ଜମିରେ ୧୭ହଜାରଟଙ୍କା ଓ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦେବେ ବୋଲି ସ୍ପଷ୍ଟ କରିଛନ୍ତି । ମୃତ ଗୃହପାଳିତ ପଶୁମାନଙ୍କ ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯିବ । ଦୁଧୁଆଳୀ ପଶୁ ଯଥା ମଇଁଷି, ଗାଈ ପିଛା ୩୭୫୦୦ ଟଙ୍କା, ଛେଳି ବା ମେଣ୍ଢା ପିଛା ୪ହଜାର ଟଙ୍କା, ଭାରବାହୀ ପଶୁ ଯଥା ବଳଦ, ମଇଁଷି, ଘୋଡ଼ା ପିଛା ୩୨ହଜାର ଟଙ୍କା, ବାଛୁରୀ, ଗଧ ଓ ଖଚର ପିଛା ୨୦ହଜାର ଟଙ୍କା ହିସାବରେ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦିଲ୍ଲୀରୁ ଫେରି ୧ତାରିଖରେ ଆକାଶମାର୍ଗରୁ ବନ୍ୟାଂଚଳର ସ୍ଥିତି ଅନୁଧ୍ୟାନ କରିବା ପରେ ଶନିବାର ୪ଜଣ ମନ୍ତ୍ରୀଙ୍କୁ ବନ୍ୟା ପ୍ରଭାବିତ ଜିଲ୍ଲାରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ ପାଇଁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଭିନ୍ନ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଜିଲ୍ଲାରେ ଉପସ୍ଥିତ ରହି ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି । ବନ୍ୟାଂଚଳରେ ସ୍ୱାଭାବିକ ସ୍ଥିତି ଫେରି ନଆସିବା ପର୍ଯ୍ୟନ୍ତ ଯୋଗ୍ୟ ହିତାଧିକାରୀ ଓ ପରିବାରଗୁଡ଼ିକୁ ଗ୍ରାଚୁଇଟସ୍ ରିଲିଫ ଯୋଗାଇ ଦିଆଯିବ । ସରକାରଙ୍କ ଏହି ୧୧୦କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ପ୍ରାରମ୍ଭିକ ହୋଇଥିବାବେଳେ ବନ୍ୟାଜଳ ହ୍ରାସ ପାଇବା ପରେ ସମ୍ପୂର୍ଣ୍ଣ କ୍ଷୟକ୍ଷତି, ରାସ୍ତାଘାଟ, ପୋଲ ଓ ଭିତ୍ତିଭୂମିର କ୍ଷତି ଅନୁଧ୍ୟାନ କରି ବୃତ୍ତାନ୍ତ ଆକଳନ ଆଧାରରେ ଆବଶ୍ୟକ ସହାୟତା ସରକାର ଯୋଗାଇ ଦେବେ ବୋଲି ସ୍ପଷ୍ଟ କରିଛନ୍ତି ।

■ ଫାଇଲ୍ ଗାଏବ୍ ଘଟଣା

ହାର୍ଡ ଡିସ୍କରୁ ଡିଲିଟ୍ ହୋଇଛି ରିପୋର୍ଟ

ଭୁବନେଶ୍ୱର(ବ୍ୟୁରୋ): ସିଏମଓରୁ ଫାଇଲ୍ ଗାଏବ ଘଟଣାକୁ ନେଇ ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଯେ, ରିପୋର୍ଟ ଦାଖଲ ପୂର୍ବରୁ କମ୍ପ୍ୟୁଟର ହାର୍ଡ ଡିସ୍କରୁ ଡିଲିଟ ହୋଇଛି । ମାତ୍ର ଏହାକୁ ଚିଟ୍ରାଇଭ କରିହେବ ନା ନାହିଁ ସେନେଇ ଉଦ୍ୟମ ଆରମ୍ଭ କରିଛୁ । କିଛି ପାଣ୍ଡୁଲିପି ଜଷ୍ଟିସ ନାଇଡୁଙ୍କ ପାଖରେ ରହିଛି । ଆଉ କିଛି ସାକ୍ଷ୍ୟଜନିତ ନଥିପତ୍ର ମଧ୍ୟ ମୋ ପାଖରେ ରହିଛି । ଯଦି ଗାଏବ ରିପୋର୍ଟ ନ ମିଳେ ନୂଆ ରିପୋର୍ଟ ମଧ୍ୟ ତିଆରି କରାଯାଇପାରେ । ଏଥିପାଇଁ ସରକାର ଓ ପୂର୍ବ କମିଶନ ରାଜିହେବା ଦରକାର । ଯଦି ରିପୋର୍ଟ ନ ମିଳେ ଯାହା ବିକଳ୍ପ ଅଛି, ତାହା କରାଯିବ ବୋଲି କହିଛନ୍ତି ମନ୍ତ୍ରୀ । ସେପଟେ ସରକାରଙ୍କ ତଦନ୍ତ ଉପରେ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ସେ କହିଛନ୍ତି, ସରକାର ସତରେ ତଦନ୍ତ କରୁଛନ୍ତି ତ । ଲୋକେ ପ୍ରଶ୍ନ କଲେଣି ସରକାରଙ୍କ ତଦନ୍ତରେ ଆନ୍ତରିକତା ଅଛି ନା ଖାଲି ସ୍ଲୋଗାନ ବାଜି କରୁଛନ୍ତି ।

ଶ୍ରାବଣ ପ୍ରଥମ ସୋମବାରରେ ଲିଙ୍ଗରାଜ ମନ୍ଦିରରେ ଅଚଳାବସ୍ଥା

ନୀତିକାନ୍ତି ବନ୍ଦ, ପ୍ରଶାସନ ଓ ମନ୍ଦିର କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ତୁଟିଲା ବିବାଦ

ଭୁବନେଶ୍ୱର(ବ୍ୟୁରୋ): ପୁଣି ବିବାଦ, ପୁଣି ବନ୍ଦ ହେଲା ନୀତିକାନ୍ତି । ଶ୍ରାବଣର ପ୍ରଥମ ସୋମବାରରେ ବାବା ଲିଙ୍ଗରାଜଙ୍କ ମନ୍ଦିରରେ ଦେଖିବାକୁ ମିଳିଲା ବିଭ୍ରାଟ । ଜଳଲାଗି ସହ ବାବାଙ୍କ ଦର୍ଶନ ପାଇଁ ବିଳମ୍ବିତ ରାତିରୁ ମନ୍ଦିରରେ ଲାଗିଥିଲା ହଜାର ହଜାର ଭକ୍ତଙ୍କ ଭିଡ଼ । କିନ୍ତୁ ଶ୍ରାବଣ ଭେଟ ପାଉଣା ବଣ୍ଟାକୁ କେନ୍ଦ୍ର କରି ବ୍ରାହ୍ମଣ ଓ ବଡୁ ସେବାୟତଙ୍କ ମଧ୍ୟରେ ବିବାଦ ଉପୁଜିବାରୁ ମନ୍ଦିରର ନୀତିକାନ୍ତି ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ଏହାର ସିଧାସଳଖ ପ୍ରଭାବ ପଡ଼ିଥିଲା ଭକ୍ତଙ୍କ ଉପରେ । ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ବାବାଙ୍କ ପୂଜା କରିପାରିନଥିଲେ । କେବଳ ଜଳଲାଗି କରି ନିରାଶ ମନରେ ଫେରିବାକୁ ପଡ଼ିଥିଲା । ଖାଲି ସେତିକି ନୁହେଁ, ଜଳଲାଗି ବେଳେ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେବାକୁ ନେଇ ମଧ୍ୟ ବ୍ୟତିବସ୍ତ ହୋଇପଡିଥିଲେ ଭକ୍ତ । ଶ୍ରାବଣ ସୋମବାର ଭଳି ପବିତ୍ର ଦିନରେ ଏଭଳି ପରିସ୍ଥିତିକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଲିଙ୍ଗରାଜଙ୍କ ନୀତି ବନ୍ଦ ପାଇଁ ପୂଜାପଣ୍ଡା ନିଯୋଗକୁ ଦାୟୀ କରିଛି ବଡୁ ନିଯୋଗ । କହିଛି, ଭୋର୍ ୩ଟାରେ ମନ୍ଦିର ଖୋଲି ଠାକୁରଙ୍କ ସମସ୍ତ ସେବା କଲୁ । ୪ଟା ପର୍ଯ୍ୟନ୍ତ ପୂଜାପଣ୍ଡା ସେବକଙ୍କୁ ଅପେକ୍ଷା କଲୁ, ହେଲେ ସେମାନେ ଆସିଲେନି । ତେଣୁ ଆମେ ଅବକାଶ କରି କାଉଡ଼ିଆଙ୍କ ଜଳଲାଗି ପାଇଁ ମନ୍ଦିର ଖୋଲିଲୁ । ଶ୍ରାବଣ ଭେଟ ପାଉଣା ଅଧା ନେବା ପାଇଁ ଆମେ ୧୯୯୧ରୁ ଦାବି କରି ଆସୁଛୁ । ହେଲେ ସେମାନେ କୋର୍ଟକୁ ଯାଇ ପାଉଣା ବନ୍ଦ କରିଥିଲେ । ୨୦୨୪ରେ କୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଆମକୁ ପାଉଣା ମିଳୁନଥିଲା । ଏବେ ଆମେ ପାଉଣା ପାଇବା ପାଇଁ ନିଷ୍ପତ୍ତି ହେବାରୁ ସେମାନେ ସେବା ବନ୍ଦ କରୁଛନ୍ତି । ପ୍ରଶାସନ ଓ ମନ୍ଦିର କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ତୁଟିଛି ବିବାଦ । ଦୀର୍ଘ ୮ ଘଣ୍ଟା ପରେ ବାବା ଲିଙ୍ଗରାଜଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ସୁରୁଖୁରୁରେ ଚାଲିଛି ।

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ସିଟି ଇକୋନୋମିକ୍ ରିଜିଅନ୍‌କୁ ମିଳିଲା ମଞ୍ଜୁରୀ

ଭୁବନେଶ୍ୱର(ବ୍ୟୁରୋ) ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ସିଟି ଇକୋନୋମିକ୍ ରିଜିଅନ୍ (ବିକେପିପିଇଆଁ) ବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ପ୍ରକଳ୍ପ ପ୍ରସ୍ତାବ ରିପୋର୍ଟ (ପିପିଆଁ)କୁ ଆଜି (ସୋମବାର) ରାଜ୍ୟସ୍ତରୀୟ ପ୍ରକଳ୍ପ ମନିଟରିଂ କମିଟି (ଏସ୍ଏଲପିଏମସି) ଅନୁମୋଦିତ କରିଛି । ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାହ୍ୟ ସହାୟତାପ୍ରାପ୍ତ ପ୍ରକଳ୍ପ (ଇଏପି) ଅଧୀନରେ ଏହି ପ୍ରକଳ୍ପକୁ ଆଗକୁ ନେବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାରଙ୍କ ସିଟି ଇକୋନୋମିକ୍ ରିଜିଅନ୍ (ସିଇଆର) ଯୋଜନାର ପ୍ରଥମ ପର୍ଯ୍ୟାୟରେ ଦେଶର ୪ଟି ପାଇଲଟ୍ ଅର୍ଥନୈତିକ ଅଞ୍ଚଳ ମଧ୍ୟରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍ (ବିକେପିପିଇଆର)କୁ ସାମିଲ କରାଯାଇଛି । ଏହି ଅଞ୍ଚଳ ପାଇଁ ୫,୦୦୦ କୋଟି ଟଙ୍କାର ପ୍ରାରମ୍ଭିକ ପ୍ରକଳ୍ପ ସହାୟତା ପ୍ରସ୍ତାବିତ ହୋଇଛି । ଏଥିରୁ ୭୦ ପ୍ରତିଶତ (୩,୫୦୦ କୋଟି ଟଙ୍କା) ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଋଣ ମାଧ୍ୟମରେ ଏବଂ ୩୦ ପ୍ରତିଶତ (୧,୫୦୦ କୋଟି ଟଙ୍କା) କେନ୍ଦ୍ର ସରକାରଙ୍କ ସିଇଆର ଯୋଜନା ଅଧୀନରେ ଉପଲବ୍ଧ ହେବ । ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ହେଉଛି ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ଏକ ସମନ୍ୱିତ ଅର୍ଥନୈତିକ ଅଞ୍ଚଳ ଭାବେ ବିକଶିତ କରି ବିନିଯୋଗ, ଶିଳ୍ପ, ପର୍ଯ୍ୟଟନ, ଲଜିଷ୍ଟିକ୍ସ, ତଦରଭିତ୍ତିକ ଶିଳ୍ପ, ଜ୍ଞାନଭିତ୍ତିକ ଅର୍ଥନୀତି ଏବଂ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା । ପ୍ରକଳ୍ପଟି ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ଲକ୍ଷ୍ୟ ପୂରଣ ପାଇଁ ଏକ ପ୍ରମୁଖ ପଦକ୍ଷେପ ବୋଲି ଶ୍ରୀମତୀ ଗର୍ଗ ପ୍ରକାଶ କରିଥିଲେ ।

ସେ କହିଲେ...

ବିଶ୍ୱାସୀ (ମୁସଲମାନ)ଙ୍କୁ ଛାଡ଼ି କାଫେର ବା ଅଣମୁସଲମାନଙ୍କ ସହ ବନ୍ଧୁତା କରନାହିଁ । ଏପରି କରିବାରେ ସମସ୍ୟା ରହିଛି । ତା'ହେଲେ ତୁମେ ମୁସଲମାନଙ୍କ ମଧ୍ୟରେ ଗଣାହେବ ନାହିଁ । ଆଫଗାନମାନେ ସେମାନଙ୍କ ଡିଏନ୍ଏ ଭାରତୀୟଙ୍କ ସହ ସମାନ ବୋଲି କହୁଛନ୍ତି । ଯଦି ତାହା ସତ୍ୟ, ତେବେ ଆଫଗାନମାନେ କିପରି ମୁସଲମାନ ହୋଇପାରିବେ । ଆଫଗାନ ଶାସନ ଓ ତେହରିକ୍-ଏ-ତାଲିବାନ ପାକିସ୍ତାନର ମୁଖ୍ୟ ଅସ୍ତ୍ର ହେଉଛି ଆତଙ୍କବାଦ ଏବଂ ସେମାନେ ଆତଙ୍କବାଦ ଜରିଆରେ ନିଜ ଅର୍ଥନୀତି, ସରକାର ଓ କୂଟନୈତିକ ବ୍ୟବସ୍ଥା ଚଳାଉଛନ୍ତି ।

ଲେଫ୍ଟନାଣ୍ଟ ଜେନେରାଲ ଅହମ୍ମଦ ସରିଫ ଚୌଧୁରୀ
ପାକିସ୍ତାନ ସେନାର ମୁଖପାତ୍ର

ପଞ୍ଚାୟତ ଓ ପୌର ଭୋଟ୍ ରଣନୀତି

ଦିଲ୍ଲୀ ବ୍ଲୁ ପ୍ରିଣ୍ଟ୍‌ରେ ଆଗେଇବ ଓଡ଼ିଶା ବିଜେପି

**ପଞ୍ଚାୟତ ଓ ପୌର ଭୋଟ ଫଳାଫଳ କେମିତି ଦଳୀୟ ଖାତାକୁ ଯିବ, ତା'ର ଅଙ୍କ କଷା ଚାଲିଛି । କେବଳ ବିଜେପି, ବିଜେଡି ନୁହେଁ କଂଗ୍ରେସ ବି ଏନେଇ ପ୍ରସ୍ତୁତି ଚଳାଇଛି । ବିଜେପିର ଶୀର୍ଷ ନେତୃତ୍ୱ ଦିଲ୍ଲୀ ବ୍ଲୁ ପ୍ରିଣ୍

ଜର୍ସିକୁ ନେଇ ରାଜନୀତି

ଏବେ ଚାରିଆଡ଼େ ରଙ୍ଗକୁ ନେଇ ଚର୍ଚ୍ଚା। କେତେବେଳେ ନୀଳ ତ ପୁଣି କେତେବେଳେ ଗେରୁଆ। ଏହି ନୀଳ ଓ ଗେରୁଆ ରଙ୍ଗରେ ରହିଛି କ'ଣ ? ଏହାକୁ ନେଇ ଏତେ ଚର୍ଚ୍ଚା କହିଁକି ? କାରଣଟା ଅତି ସ୍ପଷ୍ଟ। ଦଳୀୟ ଆଧାରରେ ଦେଖିବାକୁ ଗଲେ ବିଜେଡି ନୀଳ ରଙ୍ଗ ଓ ବିଜେପି ଗେରୁଆ ରଙ୍ଗକୁ ଦର୍ଶାଇଥାଏ। ଏବେ ଏହି ଦଳୀୟ ରାଜନୀତିର ରଙ୍ଗ ବଦଳା ନୀତି ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ବିଶେଷକରି ଓଡ଼ିଶା ରାଜନୀତିକୁ ଏହା ବେଶ ପ୍ରଭାବିତ କରିଛି। ଡବଲ ଇଞ୍ଜିନ ସରକାର ରାଜ୍ୟରେ ଶାସନକରିବା ପରେ ପ୍ରଥମେ ସରକାରୀ ବସ୍‌ଗୁଡ଼ିକର ରଙ୍ଗ ନୀଳରୁ ଗେରୁଆ କରାଗଲା। ପରେ ଅନେକ କିଛି ଗେରୁଆମୟ ହୋଇଗଲା। ଏବେ ଭାରତୀୟ ହକି ଦଳର ଜର୍ସି ରଙ୍ଗ ନୀଳରୁ ଗେରୁଆ କରାଯିବାକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଓ ବିବାଦ ଦେଖାଦେଇଛି। କେବଳ ସେତିକି ନୁହେଁ ବିଚାରବିମର୍ଶ ଓ ଆଲୋଚନା ବିନା ନୀଳରୁ ଗେରୁଆ କରାଯିବା ମଧ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିପକାଇଛି। ଜାତୀୟ ରାଜନୀତିରେ ବି ଏହାକୁ ନେଇ ଝଡ଼ ମୁଣ୍ଡ ଟେକିଛି। ଆଗାମୀ ବିଶ୍ୱକପ୍‌ରେ ଭାରତୀୟ ଦଳ ଗେରୁଆ ଜର୍ସି ପିନ୍ଧି ପଡ଼ିଆକୁ ଓହ୍ଲାଇବାକୁ ଥିବାବେଳେ ପୂର୍ବତନ ଖେଳାଳି ଓ ହକି ପ୍ରଶଂସକମାନେ ଏହି ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ଏହି ବିବାଦ କେବଳ ଜର୍ସିର ରଙ୍ଗକୁ ନେଇ ସୀମିତ ନୁହେଁ। ହକି ଇଣ୍ଡିଆ ଭିତରେ ଚାଲିଥିବା ପ୍ରଶାସନିକ ବିବାଦ, ଟଣାଓଟରା, ଅର୍ନ୍ତଦ୍ୱନ୍ଦ୍ୱ, କ୍ଷମତାକନ୍ଦଳ ଏବଂ ଅନ୍ୟାନ୍ୟ ଗୁରୁତର ଅଭିଯୋଗରୁ ନଜର ହଟାଇବା ପାଇଁ ଏହା ଏକ ବହୁତ ବଡ଼ଷଡ଼ଯନ୍ତ୍ର ଓ ଚାଲ୍ ବୋଲି ପୂର୍ବତନ ହକି ଖେଳାଳିମାନେ ଦାବି କରିଛନ୍ତି। ମହାସଚିବ ଭୋଳାନାଥ ସିଂହ ତଥା ଅନ୍ୟ କେତେକ ଅଧିକାରୀଙ୍କ ବିରୋଧରେ ଜଣେ ମହିଳା ପ୍ରଶିକ୍ଷକ ଓ ଖେଳାଳିମାନେ ଆଣିଥିବା ଧମକଚମକ ତଥା ଯୌନ ଶୋଷଣ ଅଭିଯୋଗରୁ ଧ୍ୟାନଭ୍ରଷ୍ଟ କରିବାର ଏହା ଏକ ମାଧ୍ୟମ କରାଯାଇଛି ବୋଲି ଆଲୋଚନା ହେଉଛି।

ସୁଶାନ୍ତ କୁମାର ଦାସ

ରଙ୍ଗକୁ ନେଇ ଉପୁଜିଛି ବିବାଦ। ଜର୍ସି ରଙ୍ଗ ପରିବର୍ତ୍ତନ କରାଯିବା ପରେ ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ସ୍ୱର ଉଠାଯାଇଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଏଭଳି ଏକ ବିତର୍କିତ ନିଷ୍ପତ୍ତି ନେବା ପୂର୍ବରୁ ହକି ଇଣ୍ଡିଆର ନିର୍ବାଚିତ ନେତୃତ୍ୱ କିମ୍ବା ଖେଳାଳିମାନଙ୍କ ସହ ଆଲୋଚନା କରାଯାଇଥିଲା କି ? ଯଦି କରାଗଲା, ତେବେ ଏହାର ସଭାପତିଙ୍କୁ ଅନ୍ଧାରରେ ରଖାଗଲା କାହିଁକି ? ତରବରିଆ ଭାବେ ଏଭଳି ନିଷ୍ପତ୍ତି ନିଆଯିବା ପଛର କାରଣ କ'ଣ ?

ପ୍ରଶ୍ନ ଉଠାଇଲେ ଦିଲୀପ ଟିର୍କି

ହକି ଇଣ୍ଡିଆର ସଭାପତି ଦିଲୀପ ଟିର୍କି ତାଙ୍କର ଏକ ଇ-ମେଲ୍‌ରେ ଗୁରୁତର ପ୍ରଶ୍ନ ଉଠାଇଛି। ମହାସଚିବ ଭୋଳାନାଥ ସିଂହ ଏବଂ ଅନ୍ୟାନ୍ୟ ବୋର୍ଡ ସଦସ୍ୟଙ୍କୁ ପଠାଇଥିବା ଇମେଲ୍‌ରେ ଟିର୍କି କହିଛନ୍ତି ଯେ, ଜର୍ସିର ରଙ୍ଗ ପରିବର୍ତ୍ତନ ନିଷ୍ପତ୍ତି ତାଙ୍କ ଜ୍ଞାତସାରରେ ହୋଇନି କିମ୍ବା କାର୍ଯ୍ୟକାରିଣୀ ବୋର୍ଡ ବୈଠକରେ ଆଲୋଚନା ବିନା ନିଆଯାଇଛି। ତାଙ୍କ ଇମେଲର ଜବାବରେ ଏହି ନିଷ୍ପତ୍ତି ଖେଳାଳିଙ୍କ ସହ ଆଲୋଚନା ପରେ ନିଆଯାଇଛି ବୋଲି ହକି ଇଣ୍ଡିଆ କହିଥିବା ଜଣାପଡ଼ିଛି। ତେବେ ସତରେ କ'ଣ ଏଭଳି ନିଷ୍ପତ୍ତି ଖେଳାଳିଙ୍କ ପରାମର୍ଶ ଓ ଖୁସି ଅନୁସାରେ ନିଆଯାଇଛି ? ଏଭଳି ବିବାଦ ଏବେ ଗୁରୁଗମ୍ଭୀର ରୂପ ଧାରଣ କରିଛି।

ହକି ଇଣ୍ଡିଆ ଅଧିକାରୀଙ୍କ ମନମାନି

ସଭାପତି ପଦ୍ମଶ୍ରୀ ଦିଲୀପ ଟିର୍କିଙ୍କ ଇମେଲର ଉତ୍ତରରେ ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ ଖେଳାଳି, ପ୍ରଶିକ୍ଷକ ଓ ସହକାରୀ ଅଧିକାରୀଙ୍କ ପରାମର୍ଶକ୍ରମେ ଜର୍ସିର ରଙ୍ଗ ବଦଳାଯାଇଛି। କିନ୍ତୁ ହକି ଇଣ୍ଡିଆର କିଛି ଅଧିକାରୀ ନିଜ ନାମ ଗୋପନ ରଖି ଏଭଳି ତଥ୍ୟକୁ ସଂପୂର୍ଣ୍ଣ ଖଣ୍ଡନ କରିଛନ୍ତି। ସୂଚନା ଅନୁସାରେ, ଜୁଲାଇ ୨୯ ତାରିଖରେ ଦଳର ଅଧିନାୟକ ଓ ପ୍ରଶିକ୍ଷକଙ୍କୁ ନୂଆ ଜର୍ସି ଦେଖାଯାଇଥିଲା। ସେମାନେ ଏହାକୁ ସର୍ବସାଧାରଣରେ ବିରୋଧ କରିନଥିଲେ। କିନ୍ତୁ ଭିତରେ ଭିତରେ ଅସନ୍ତୁଷ୍ଟ ଥିଲେ। ଏଭଳି ସ୍ଥିତିରେ ଖେଳାଳିଙ୍କ ସହମତିରେ ଜର୍ସିର ରଙ୍ଗ ବଦଳା ଯାଇଥିବା କଥା କହିବା ଆଦୌ ଠିକ୍ ନୁହେଁ ବୋଲି ସେମାନେ ମତ ରଖିଛନ୍ତି। ଅଧିନାୟକ ଓ ପ୍ରଶିକ୍ଷକଙ୍କ ଛଡ଼ା ଅନ୍ୟ ଖେଳାଳିମାନଙ୍କୁ ମଧ୍ୟ ଏହି ନିଷ୍ପତ୍ତି ବିଷୟରେ ପୂର୍ବରୁ ଜଣାଇ ଦିଆଯାଇଥିଲା ବୋଲି ହକି ଇଣ୍ଡିଆ ଯେଉଁ ସଫେଇ ଦେଉଛି, ସେଥିରେ ମଧ୍ୟ କୌଣସି ସତ୍ୟତା ନଥିବା ଜଣେ ପୂର୍ବତନ ଖେଳାଳିମାନେ କହିଛନ୍ତି। ଯଦି ହକି ଇଣ୍ଡିଆର ସଭାପତି ତଥା ଦେଶର ଜଣେ ପୂର୍ବତନ ମହାନ ଖେଳାଳିଙ୍କୁ ମଧ୍ୟ ଏଭଳି ନିଷ୍ପତ୍ତିରେ ସାମିଲ କରାଯାଉନାହିଁ, ତେବେ ସାଧାରଣ ଖେଳାଳିଙ୍କ ମତାମତର ମୂଲ୍ୟ କେତେ, ତାହା ସହଜରେ ବୁଝିହେଉଛି। ଏହି ଘଟଣା ଭାରତୀୟ କ୍ରୀଡ଼ା ପ୍ରଶାସନରେ ଖେଳାଳିଙ୍କ ଭୂମିକାକୁ ନେଇ ମଧ୍ୟ ନୂଆ ପ୍ରଶ୍ନ ଉଠାଇଛି।

ନୀଳ ଜର୍ସିକୁ ନେଇ ଅବାନ୍ତର ଯୁକ୍ତି

ଏକ ବୈଷୟିକ ଆବଶ୍ୟକତା ଦୃଷ୍ଟିରୁ ଜର୍ସିର ରଙ୍ଗ ବଦଳା ଯାଇଥିବା ହକି ଇଣ୍ଡିଆର ଅନ୍ୟ କେତେକ ଅଧିକାରୀ ଯୁକ୍ତି କରିଛନ୍ତି। ସେମାନଙ୍କ କହିବା କଥା ହେଲା ସାରାବିଶ୍ୱରେ ହକି ଟର୍ଫର ରଙ୍ଗ ନୀଳ ରଙ୍ଗକୁ ବଦଳିଛି। ଏଭଳି ସ୍ଥିତିରେ ନୀଳ ଜର୍ସି ଖେଳାଳିଙ୍କୁ ଚିହ୍ନଟ କରିବାରେ ସମସ୍ୟା ସୃଷ୍ଟି କରୁଛି। କିନ୍ତୁ ଏଠାରେ ପ୍ରଶ୍ନ ହେଉଛି ଏହି ସମସ୍ୟା ତ ୨୦୧୨ରୁ ରହିଛି। ତେବେ ଏତେ ବର୍ଷ ପରେ ହଠାତ୍ ଜର୍ସିର ରଙ୍ଗ ବଦଳାଇବାର ଆବଶ୍ୟକତା କାହିଁକି ପଡ଼ିଲା ? ଏହି କାରଣରୁ ମଧ୍ୟ ଭାରତୀୟ ହକି ଦଳର ଜର୍ସିର ରଙ୍ଗ ପରିବର୍ତ୍ତନ ନେଇ ପୂର୍ବତନ ଭାରତୀୟ ହକି ତାରକା ବୀରେନ ରଷ୍କିତା ଏବଂ କିମ୍ବଦନ୍ତି ଧନରାଜ ପିଲ୍ଲେଙ୍କ ସମେତ ଅନେକ ହକି ତାରକା ହକି ଇଣ୍ଡିଆର ଏହି ନିଷ୍ପତ୍ତିକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ବିବାଦରେ ମହାସଚିବ ଓ ପୂର୍ବତନ ପ୍ରଶିକ୍ଷକ

ହକି ଇଣ୍ଡିଆକୁ ନେଇ ସଂପ୍ରତି ଏକାଧିକ ଗୁରୁତର ବିବାଦ ମଧ୍ୟ ଚର୍ଚ୍ଚାରେ ରହିଛି। ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ତଥା ଚୟନକର୍ତ୍ତା ଅସୁନ୍ତା ଲାଡ଼ା ମହାସଚିବ ଭୋଳାନାଥ ସିଂଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ପ୍ରଶିକ୍ଷକ ସୁଧୀର ଗୋଲ୍ଲୁଙ୍କ ବିରୋଧରେ କେତେକ ଖେଳାଳି ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି। ଭୋଳାନାଥ ତାଙ୍କୁ ଧମକ ଚମକ ଦେଇଥିବା ଏବଂ ଏକାଧିକବାର ଭୟଭୀତ କରିଥିବା ଅଭିଯୋଗ ଅସୁନ୍ତା କହିଛନ୍ତି। ସେହିଭଳି ତାଙ୍କୁ ଚୟନ ପ୍ରକ୍ରିୟାକୁ ଦୂରେଇ ରଖାଯାଉଥିବାର ଅଭିଯୋଗ ମଧ୍ୟ ଲାକ୍ରା ମତ ଦେଇଛନ୍ତି। ଗୋଲ୍ଲୁଙ୍କ ବିରୋଧରେ କେବଳ ଯୌନ ଶୋଷଣ ନୁହେଁ, ଏକାଧିକ ମହିଳା ଖେଳାଳିଙ୍କୁ ବାରମ୍ବାର ଭୟଭୀତ କରିଥିବାର ଅଭିଯୋଗ ବି ରହିଛି। ତେବେ ଭୋଳାନାଥ ଓ ଗୋଲ୍ଲୁ ଏହି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅସୁନ୍ତାଙ୍କ ଅଭିଯୋଗ ପରେ ତାଙ୍କ ବିରୋଧରେ ପାଲଟା କାର୍ଯ୍ୟାନୁଷ୍ଠାନ ନେଇ ହକି ଇଣ୍ଡିଆ ପକ୍ଷରୁ ମଧ୍ୟ ତାଙ୍କୁ ନୋଟିସ୍ ଜାରି କରାଯାଇଛି। ଅଗଷ୍ଟ ୫ ସୁଦ୍ଧା ଜବାବ ଦେବାକୁ କୁହାଯାଇଥିବା ଜଣାପଡ଼ିଛି। ବିବାଦ ବଢ଼ିବା ଦେଖି କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ମାମଲାର ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦେଇଛି। ଗୋଲା ମଧ୍ୟ ଏଥିଲାଗି ନିଜ ପଦ ହରାଇଛନ୍ତି।

କ୍ରିକେଟ୍‌ରେ ବି ସମାନ ଛାପ

ଭାରତୀୟ ହକିର ଏହି ଘଟଣା ପ୍ରଥମ ନୁହେଁ। ୨୦୨୩ ବିଶ୍ୱକପ୍‌ରେ ଭାରତୀୟ କ୍ରିକେଟ୍ ଦଳକୁ ମଧ୍ୟ ଏକ ସମ୍ପୂର୍ଣ୍ଣ ନାରଙ୍ଗୀ ଓ ଗେରୁଆ ରଙ୍ଗର ଜର୍ସି ପିନ୍ଧିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ସେହି ସମୟରେ ଦଳର ଖେଳାଳିମାନେ ଜର୍ସିଟିକୁ ପସନ୍ଦ କରିନଥିବା ଏବଂ ସେହି ଜର୍ସିକୁ ପିନ୍ଧିବାକୁ ରାଜି ହୋଇ ନଥିଲେ। ସେତେବେଳେ ଭାରତୀୟ କ୍ରିକେଟ୍ ଦଳର ଖେଳାଳିମାନେ ଏକାଠି ହୋଇ ଏଭଳି ନିଷ୍ପତ୍ତି ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଯାହା ହକିରେ ଘଟିନି। ଖେଳାଳିମାନେ ସମ୍ଭବତଃ ହକି ଇଣ୍ଡିଆ ଚାପରେ ଚୁପ୍ ରହିଛନ୍ତି। ଏଭଳି ସ୍ଥିତିରେ ଭାରତୀୟ ହକି ଦଳର ମୁଖ୍ୟ ପ୍ରାୟୋଜକ ଓଡ଼ିଶା ସରକାରଙ୍କ ଭୂମିକାର ଗୁରୁତ୍ୱ ବଢ଼ିଯାଇଛି। ଓଡ଼ିଶା ସରକାର ଏଥିନେଇ ଅଣଅନୁଷ୍ଠାନିକ ଭାବେ ଅସନ୍ତୋଷ ଜାହିର କରିଥିଲା ବେଳେ ସେମାନଙ୍କ ଆଗାମୀ ପଦକ୍ଷେପ କ'ଣ ହେବାକୁ ଯାଉଛି, ତାହା ଦେଖିବା ବାକି ରହିଛି।

ନବୀନ, ଧନରାଜ ଓ ପର୍ଗତଙ୍କ ବିରୋଧ

ଭାରତୀୟ ହକି ଦଳ ଜର୍ସିର ରଙ୍ଗ ନୀଳ ପରିବର୍ତ୍ତେ ନାରଙ୍ଗୀ(ଗେରୁଆ) ହେବାକୁ ନେଇ ବିବାଦ ତୀବ୍ର ରୂପ ନେଇଛି। ଭାରତୀୟ ପୁରୁଷ ଓ ମହିଳା ବିଶ୍ୱକପ୍ ହକି ଦଳର ଜର୍ସିର ରଙ୍ଗ ଧ୍ରୁବ ବା ନୀଳ ପରିବର୍ତ୍ତେ ନାରଙ୍ଗୀ ହେବା ବିଷୟକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଏହାକୁ ନେଇ ସମାଲୋଚନା କରିଥିଲେ। ସେମିତି ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଧନରାଜ ପିଲେ ଓ ପର୍ଗତ ସିଂହ ମଧ୍ୟ ରଙ୍ଗ ପରିବର୍ତ୍ତନକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ଦିଲ୍ଲୀପ ଟିର୍କି ଜାତୀୟ ଗଣମାଧ୍ୟମକୁ କହିଛନ୍ତି, 'ଜର୍ସି ପରିବର୍ତ୍ତନ ସଂପର୍କରେ ମୋତେ କିଛି ଅବଗତ କରାଯାଇନାହିଁ। ହଠାତ୍ ସେମାନେ ଏମିତି କାହିଁକି ନିଷ୍ପତ୍ତି ନେଲେ ସେ ସଂପର୍କରେ ହକି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକଙ୍କ ଠାରୁ ପତ୍ର ଲେଖି ସ୍ପଷ୍ଟୀକରଣ ମାଗିଛି। ପରିଚାଳନା କମିଟିକୁ ସଂପୂର୍ଣ୍ଣ ବିବରଣୀ ଲିଖିତ ଭାବେ ପ୍ରଦାନ କରିବାକୁ କହିଛି।' ଜର୍ସିର ରଙ୍ଗ ବଦଳିବା ବିବାଦରେ ଓଡ଼ିଶା ସରକାର ଦିଲ୍ଲୀପଙ୍କ ଠାରୁ ସ୍ପଷ୍ଟୀକରଣ ମାଗିଥିବା ସେ ପତ୍ରରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ନୀଳ ହେଉଛି ହକି ଇଣ୍ଡିଆର ପାରମ୍ପରିକ ରଙ୍ଗ। କିନ୍ତୁ ନାରଙ୍ଗୀ କରାଯିବା ପରେ ଜାତୀୟ କ୍ରୀଡ଼ାକୁ ରାଜନୀତିକରଣ କରାଯାଉଛି ବୋଲି ନବୀନ ଅଭିଯୋଗ କରିଥିଲେ। ବିବାଦ ମୁଣ୍ଡ ଟେକିବା ପରେ ବିଶ୍ୱକପରେ ଭାରତୀୟ ଦଳର ଜର୍ସିର ରଙ୍ଗ ପରିବର୍ତ୍ତନ ହେବ କି ନା ନାହିଁ ସେ ବିଷୟରେ ହକି ଇଣ୍ଡିଆ ସଭାପତି କିଛି ସ୍ପଷ୍ଟ କରି ନାହାନ୍ତି।

ନିଷ୍ପତ୍ତିକୁ କଂଗ୍ରେସର ତୀବ୍ର ସମାଲୋଚନା

ଭାରତୀୟ ହକି ଦଳର ଜର୍ସି ରଙ୍ଗ ଗେରୁଆ କରାଯିବା ଘଟଣାକୁ ନେଇ କଂଗ୍ରେସ ସଭାପତି ମଲିକାର୍ଜୁନ ଖାର୍ଗେ ପ୍ରଶ୍ନ ଉଠାଇଛନ୍ତି। ଆସନ୍ତା ୧୫ ତାରିଖରୁ ନେଦରଲାଣ୍ଡ ଓ ବେଲଜିୟମରେ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ରେ ଭାରତୀୟ ଦଳ ତା'ର ପାରମ୍ପରିକ ନୀଳ ରଙ୍ଗର ଜର୍ସି ବଦଳରେ ଗେରୁଆ ରଙ୍ଗର ଜର୍ସିରେ ଖେଳିବ ବୋଲି କୁହାଯାଉଛି। ସଭାପତି ଖାର୍ଗେ ଭାରତୀୟ ହକି ଦଳର ଜର୍ସିର ରଙ୍ଗ ବଦଳାଯିବା କେବଳ ଏକ କ୍ରୀଡ଼ା ସମ୍ପର୍କିତ ନିଷ୍ପତ୍ତି ନୁହେଁ, ବରଂ ଏହା କୋଟି କୋଟି ଭାରତୀୟଙ୍କ ଭାବନା ଓ କ୍ରୀଡ଼ା ପରମ୍ପରା ସମ୍ପର୍କିତ ପ୍ରସଙ୍ଗ। ଭାରତୀୟ ଖେଳାଳି ଦୀର୍ଘ ବର୍ଷ ହେଲା ବିଶ୍ୱରେ 'ମେନ ଇନ୍ ବ୍ଲୁ', 'ଦି ବ୍ଲୁସ୍' ଓ 'ଦି ବ୍ଲୁ ଟାଇଗର' ଭାବେ ପରିଚିତ ହୋଇ ଆସୁଛନ୍ତି। ଏହି ପରିଚୟ କେବଳ ଜର୍ସି ରଙ୍ଗର ବିଷୟ ନୁହେଁ, ବରଂ ଏହା ଭାରତୀୟ କ୍ରୀଡ଼ାର ପରମ୍ପରା। ବର୍ତ୍ତମାନ ଏହି ଐତିହାସିକ ପରିଚୟକୁ କାହିଁକି ବଦଳାଇବାକୁ ଦରକାର ପଡ଼ିଲା, ତାହା ବୁଝିବା କଷ୍ଟକର। ପ୍ରଶ୍ନଟି କେବଳ କୌଣସି ନିର୍ଦ୍ଦିଷ୍ଟ ରଙ୍ଗର ବିଷୟ ନୁହେଁ, ବରଂ ନିଷ୍ପତ୍ତି ନେବା ପ୍ରକ୍ରିୟା, ସ୍ୱଚ୍ଛତା ଓ ଜନସାଧାରଣଙ୍କ ଭାବନାର ବିଷୟ। ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହକି ଇଣ୍ଡିଆର ଏକ୍‌ଜିକ୍ୟୁଟିଭ୍ ବୋର୍ଡର ବିନା ଅନୁମତିରେ କେଉଁଭଳି ନିଆଗଲା, ତାହା ସ୍ପଷ୍ଟ କରାଯିବା ଦରକାର ବୋଲି ଖାର୍ଗେ ସ୍ପଷ୍ଟ କରିଛନ୍ତି। ଏହି ବିବାଦ ଏବେ ଥମିବାର ନାଁ ନେଲାଭଳି ଲାଗୁନି।

ପୃଷ୍ଠା ୩

ପୌରପାଳିକାରେ ୧୭ କାମ ପାଇଁ ୧କୋଟି ୩୬ ଲକ୍ଷର ଟେଣ୍ଡର

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ପୌରପାଳିକାରେ ବହୁ କାମ ଆକଳନ ପ୍ରସ୍ତୁତ ହୋଇ ଟେଣ୍ଡର ମଧ୍ୟ ଡକାଯାଉଛି କିନ୍ତୁ ଟେଣ୍ଡର ଚୂଡ଼ାନ୍ତ ହୋଇପାରୁ ନଥିବାରୁ ବହୁ କାମ ବକେୟା ପଡିଛି । ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା.ଯୋଗ୍ୟ,ଭବାନୀପାଟଣା ପୌରପାଳିକାର ଇ-ପ୍ରୋକ୍ୟୋରମେଣ୍ଟ ବିଟ ନଂ-୨୫୪୧/ତା. ୨।୭।୨୦୨୬ ରେ ୨୦ ଟି ୱାର୍ଡର ପ୍ରାୟ ୧୭ଟି କାମ ପାଇଁ ଟେଣ୍ଡର ଅହ୍ୱାନ କରାଯାଇଥିଲା । ଏହି ଟେଣ୍ଡର ଦାଖଲର ସମୟସୀମା ଜୁଲାଇ ୩ରୁ ଜୁଲାଇ ୧୮ ତାରିଖ ପର୍ଯ୍ୟନ୍ତ ରହିଥିଲା । ଜୁଲାଇ ୧୮ରେ ଟେଣ୍ଡର ଖୋଲାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ଟେଣ୍ଡର ଖୋଲାଯାଇ ନଥିବାରୁ ଚୂଡ଼ାନ୍ତ ହୋଇପାରୁନାହିଁ । ଟେଣ୍ଡର ପ୍ରକ୍ରିୟାରେ ଏକ ବଡ଼ ଧରଣର ଫିଙ୍କିଂ ପାଇଁ ଭିତିରିଆ ଚାଲିଥିବା ଅଭିଯୋଗ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ବାରମ୍ବାର ବିଭିନ୍ନ ଟେଣ୍ଡର ଡକା ଯାଉଥିଲେ ମଧ୍ୟ ଚୂଡ଼ାନ୍ତ ହୋଇପାରୁ ନଥିବାରୁ ବକେୟା ଥିବାକାମ ଗୁଡିକ ଆଗେଇ ପାରୁନାହିଁ । ପୌରପରିଷଦର ୨୦ଟି ୱାର୍ଡରେ ୧୭ଟି ସିଭିଲ କାମ ପାଇଁ ୧କୋଟି ୩୬ଲକ୍ଷ ୬୨ ହଜାର ୯୧୮ ଟଙ୍କା ବ୍ୟୟ ଅଟକଳ କାମ ପାଇଁ ଟେଣ୍ଡର ହୋଇଛି କିନ୍ତୁ ଖୋଲାଯାଇ ପାରୁନାହିଁ । ପୌରପରିଷଦରେ ପୂର୍ବରୁ ସଫେଇ ଟେଣ୍ଡର ମଧ୍ୟ ୩ଥର ବାତିଲ ହୋଇ ୪ର୍ଥ ଥର ମଧ୍ୟ ଚୂଡ଼ାନ୍ତ ହୋଇପାରୁନାହିଁ । ସେହିଭଳି ଅନ୍ୟାନ୍ୟ ସିଭିଲ କାମରେ ମଧ୍ୟ ଟେଣ୍ଡର ଫିଙ୍କିଂ ଯୋଗୁଁ ଟେଣ୍ଡର ପ୍ରକ୍ରିୟା ବିଳମ୍ବ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ଟେଣ୍ଡର ଗୁଡିକ ଚୂଡ଼ାନ୍ତ କରି କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି । ସିଭିଲ କାମରେ ଡ୍ରେନ ନିର୍ମାଣ, ସିମେଣ୍ଟ, କଂକ୍ରିଟ ରାସ୍ତା, ପେଭର ରୋଡ ନିର୍ମାଣ, ସ୍କୁଲ ଗୁଡିକ ମରାମତି, ଓପର ପ୍ରେସର ବିକାଶ ନିମନ୍ତେ ଏହି ଅର୍ଥ ଖର୍ଚ୍ଚ ହେବ । ବର୍ତ୍ତମାନ ବର୍ଷାଦିନ ଥିବାରୁ ବର୍ଷା ପୂର୍ବରୁ ଏହି କାର୍ଯ୍ୟ ଶେଷ ହୋଇଥିଲେ ଲୋକେ ଏହା ଦ୍ୱାରା ଉପକୃତ ହୋଇଥାନ୍ତେ। ଗୋଟିଏ ପଟେ ବିଳମ୍ବରେ ଟେଣ୍ଡର ପ୍ରକ୍ରିୟା ଓ ବର୍ତ୍ତମାନ ଧାର୍ଯ୍ୟ ସମୟସୀମାରେ ଟେଣ୍ଡର ଖୋଲାଯାଉ ନଥିବାରୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସହରବାସୀ ଦାବି କରିଛନ୍ତି ।

ରାଉରକେଲା ସିଭିଲ୍ ଟାଉନ୍‌ସିପ୍‌ରେ ସେକ୍ସ ରାକେଟ୍ ଠାବ

ରାଉରକେଲା (ଅମୃତ ମିଡିଆ): ସହରର ସିଭିଲ୍ ଟାଉନ୍‌ସିପ୍ ଅଞ୍ଚଳରେ ଏକ ବଡ଼ ଧରଣର ସେକ୍ସ ରାକେଟ୍ ଠାବ ହୋଇଛି । ରଘୁନାଥପାଲୀ ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସିଭିଲ୍ ଟାଉନ୍‌ସିପ୍‌ର ଏଲ୍-ବ୍ଲକ୍ ସ୍ଥିତ ଏକ ଘରେ ଅତର୍କିତ ଚଢ଼ାଉ କରି ଏହି ବେଆଇନ କାର୍ଯ୍ୟର ପର୍ଦ୍ଦାଫାଶ କରିଛି । ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ସମୟରେ ଘଟଣାସ୍ଥଳରୁ ଦୁଇ ଜଣ ଯୁବତୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ଏହି ରାକେଟ୍‌ର ମୁଖ୍ୟ ଅଭିଯୁକ୍ତ ସମେତ ମୋଟ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ଅଟକ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଦୁଇ ଜଣ ସମ୍ଭ୍ରାନ୍ତ ଗ୍ରାହକ ଏବଂ ଜଣେ ବୟସ୍କ ବ୍ୟକ୍ତି ଓ ଜଣେ ବୟସ୍କା ମହିଳା ସାମିଲ ଅଛନ୍ତି । ଅଭିଯୋଗ ହୋଇଛି ଯେ ଏହି ବ୍ୟକ୍ତିମାନେ ଯୁବତୀମାନଙ୍କୁ ପ୍ରଲୋଭନ ଦେଖାଇ ଦେହବ୍ୟାପାର ଭଳି ବେଆଇନ ତଥା ଘୃଣ୍ୟ କାର୍ଯ୍ୟରେ ନିୟୋଜିତ କରୁଥିଲେ । ଏକ ଆବାସିକ ଅଞ୍ଚଳରେ ଏଭଳି ଅନୈତିକ କାର୍ଯ୍ୟ ଚାଲିଥିବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରଘୁନାଥପାଲୀ ପୋଲିସ ପକ୍ଷରୁ ତଦନ୍ତକୁ ଜୋରଦାର କରାଯାଇଛି । ଏହି ସେକ୍ସ ରାକେଟ୍‌ର ଚେର କେଉଁଆଡ଼େ ଲମ୍ବିଛି ଏବଂ ଏହି ଗ୍ୟାଙ୍ଗରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୋଲିସ ତଦାଘନା ଚଳାଇଛି । ଅଟକ ଥିବା ସମସ୍ତ ସନ୍ଦିଗ୍ଧଙ୍କୁ କଡ଼ା ପଚରାଉଚରା କରାଯାଉଛି । ବର୍ତ୍ତମାନ ପୋଲିସର ଛାନ୍‌ଭିନ୍ ଜାରି ରହିଥିବା ବେଳେ ଆଗାମୀ ସମୟରେ ଏହି ମାମଲାରେ ଅଧିକ ତଥ୍ୟ ସାମ୍ନାକୁ ଆସିବା ନେଇ ଅପେକ୍ଷା କରାଯାଇଛି ।

ଆଇନ ସଚେତନତା ଶିବିର

ବଲାଙ୍ଗୀର (ଅମୃତ ମିଡିଆ) : ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁସାରେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିରର ଅଧକ୍ଷ ତଥା ଜିଲ୍ଲା ହିରନମୟ ବିଶୋଇ ଙ୍କ ଅନୁମତି କ୍ରମେ ତା.୩୧.୦୭.୨୦୨୬ରେ ଆର୍ଦଶ ବିଦ୍ୟାଳୟ, ପଥରଚେପା ଠାରେ ଅଧୁନିୟମ, ଶିକ୍ଷା ଅଧିକାର ନିୟମ ଏବଂ ନାଗରିକର ମୌଳିକ କର୍ଭବ୍ୟ ପାଳନ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଆଇନ ସଚେତନତା ଶିବିରରେ ଶ୍ରୀଯୁକ୍ତ ବେଣୁଧର ପାତ୍ର, ଜଜ୍ ଜଙ୍କୁଙ୍ଗ ଭିଜିଲାନ୍ସ ନ୍ୟାୟାଳୟ, ବଲାଙ୍ଗିର ଯୋଗ ଦେଇ କିଶୋର ନ୍ୟାୟ ଶିଶୁଙ୍କ ଯତ୍ନ ଓ ସୁରକ୍ଷା ଅଧୁନିୟମ, ୨୦୧୫ ଅନୁଯାୟୀ ଶିଶୁଙ୍କ ସୁରକ୍ଷା, ପୁନର୍ବାସ ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ କିଶୋର ନ୍ୟାୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ ଏବଂ ଶିଶୁ କଲ୍ୟାଣ କମିଟି, କିଶୋର ନ୍ୟାୟ ବୋର୍ଡ ଓ ଅନ୍ୟାନ୍ୟ ସଂସ୍ଥା ଏହି ଦିଗରେ ସମନ୍ୱିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀଯୁକ୍ତ ପ୍ରିୟପ୍ରତା ଦାସ,ଜଜ୍, ଫ୍ୟାମିଲି କୋର୍ଟ, ବଲାଙ୍ଗିର ସମ୍ବିଧାନର ଅନୁଚ୍ଛେଦ ୨୧(କ) ଅନୁଯାୟୀ ୬ରୁ ୧୪ ବର୍ଷ ବୟସର ପ୍ରତ୍ୟେକ ଶିଶୁଙ୍କୁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ଏକ ମୌଳିକ ଅଧିକାର । ସେହିପରି ସମ୍ବିଧାନର ମୌଳିକ କର୍ଭବ୍ୟ ଅନୁଯାୟୀ ପିତାମାତା ଓ ଅଭିଭାବକମାନଙ୍କର ୬ରୁ ୧୪ ବର୍ଷ ବୟସର ଶିଶୁଙ୍କ ଶିକ୍ଷାର ସୁଯୋଗ ଯୋଗାଇ ଦେବା ଦାୟିତ୍ୱ ରହିଛି ବୋଲି ଦର୍ଶାଇଥିଲେ । ଶ୍ରୀମତୀ ଅଂଜଳି ପାଢି, ଜିଲ୍ଲା ଜଜ୍ ଦ୍ୱିତୀୟ ବଲାଙ୍ଗିର କାର୍ଯ୍ୟକ୍ରମରେ ସମାଜର ସମସ୍ତ ବର୍ଗକୁ ଶିଶୁଙ୍କ ଅଧିକାରର ସୁରକ୍ଷା, ଶିକ୍ଷାର ପ୍ରସାର ଏବଂ ସମ୍ବିଧାନ ପ୍ରଦତ୍ତ ମୌଳିକ କର୍ଭବ୍ୟ ପାଳନ ମାଧ୍ୟମରେ ଏକ ସୁରକ୍ଷିତ ଓ ସଶକ୍ତ ସମାଜ ଗଠନରେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ । ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ଶ୍ରୀଯୁକ୍ତ ପବିତ୍ରାନନ୍ଦ ପ୍ରଧାନ ଯୋଗ ଦେଇ ଶିଶୁ ଶ୍ରମ, ବାଲ୍ୟବିବାହ, ଶିଶୁ ନିର୍ଯାତନା ଓ ବିଦ୍ୟାଳୟ ଛାଡୁଥିବା ଶିଶୁଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ସମସ୍ତ ବିଭାଗ, ଶିକ୍ଷାନୁଷ୍ଠାନ, ଅଭିଭାବକ ଓ ସାଧାରଣ ଜନତାଙ୍କ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ - କରିଥିଲେ । କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ସାଧକ କାରଜି. ଜେ.ଏମ୍.ଏଫ୍.ସି. ବଲାଙ୍ଗିର, ଶ୍ରୀଯୁକ୍ତ ଶିଶିର କୁମାର ଭୋଇ, ଗ୍ରାମନ୍ୟାୟଧିକାରୀ, ବଲାଙ୍ଗିର ଯୋଗ ଦେଇଥିଲେ । ଅଧକ୍ଷ କ୍ଷମାନିଧି ୟଙ୍କର ଆର୍ଦଶ ବିଦ୍ୟାଳୟ, ପଥରଚେପା କାର୍ଯ୍ୟକ୍ରମକୁ ସୂଚାରୁରୂପେ ତୁଲାଇଥିଲେ ।

ସ୍କୁଟିରେ ଯାଉଥିଲେ ମହିଳା, ସୁନାଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

କର୍ଲାମୁଣ୍ଡା (ଅମୃତ ମିଡିଆ) : କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ପାଣ୍ଡି ଅନ୍ତର୍ଗତ ଅବୁଜବାହାଲ-ବଡଡୁଙ୍ଗୁରୀଗୁଡା ରାସ୍ତାର ଭାଲୁଡୁଙ୍ଗୁରୀ ନିକଟରେ ଶନିବାର ଅପରାହ୍ନରେ ଜଣେ ମହିଳାଙ୍କ ଠାରୁ ସୁନାଚେନ୍ ଲକେଟ ଲୁଟ୍ ହୋଇଥିବା ରିଷିଡ଼ା ଫାଣ୍ଡିରେ ଅଭିଯୋଗ ହୋଇଛି । ସୂଚନାନୁଯାୟୀ, ଉକ୍ତ ମହିଳା ଜଣକ ନିଜ ଦୁଇ ସନ୍ତାନ ଓ ପଡ଼ୋଶୀ ଜଣକ ସହ ତୁଷୁରାରୁ ଏକ ସ୍କୁଟି ଯୋଗେ ନିଜ ବାପଘର ବଡ଼ଡୁଙ୍ଗୁରାଗୁଡ଼ାକୁ ଆସୁଥିବା ବେଳେ ଏକ ବାଇକ୍‌ରେ ପଛପଟୁ ତିନିଜଣ ଯୁବକ ଦ୍ରୁତଗତିରେ ଆସି ସେମାନଙ୍କୁ ଠେଲି ଦେଇଥିଲେ । ସେମାନେ ଭାରସାମ୍ୟ ହରାଇ ପଡ଼ିଗଲା ପରେ ମହିଳା ଜଣକ ବେକରେ ପିନ୍ଧିଥିବା ସୁନାଚେନଲକେଟକୁ ସେମାନେ ଝିଙ୍କିନେଇ ସାମ୍ନା ଆଡ଼କୁ ପଳେଇ ଯାଇଥିଲେ । ସେମାନେ ଲୁହାରଡ଼ ଓ ମାରଣାସ୍ତ୍ର ଧରି ଭୟଭୀତ ମଧ୍ୟ କରିଥିବା ଏତଲାରେ ଦର୍ଶାଯାଇଛି । ଖବର ପାଇ ମ.ରାମପୁର ଥାନାଧିକାରୀ ସଂଯୁକ୍ତା ପଧାନ, କର୍ଲାମୁଣ୍ଡା ଫାଣ୍ଡିଧିକାରୀ ନେହେରୁଲାଲ ଶବର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଚୋରି ହୋଇଥିବା ସୁନାର ମୂଲ୍ୟ ଦେଢ଼ ଲକ୍ଷରୁ ଅଧିକ ହେବ ବୋଲି ଜଣାଯାଇଛି ।

କରେଣ୍ଟ କଟିଲେ ଠପ୍ ହୋଇଯାଉଛି ମୋବାଇଲ ସେବା

କେସିଙ୍ଗା (ଅମୃତ ମିଡିଆ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିରଜାପାଲି ଗ୍ରାମରେ ଥିବା ଜିଓ ଟାୱାର ବିଦ୍ୟୁତ ଚାଲିଗଲେ ଠପ ହୋଇଯାଉଛି । ଯାହାଦ୍ୱାରା ମୋବାଇଲ ସେବା ପ୍ରଭାବିତ ହେଉଛି । ଟାଟା ପାୱାର ରାତିସାରା ବିଦ୍ୟୁତ କାଟ କଲେ ଜିଓ ନେଟୱାର୍କ ରାତିସାରା ଚାଲୁନଥିବା ଦେଖାଯାଉଛି । ଉତ୍ତମ ଟେଲିକମ ସେବା ଯୋଗାଇଦେଉଥିବା ଜିଓ ଡିଜିଟାଲ ପିଠୁଥିବା ବେଳେ ପ୍ରାୟ ଦୁଇମାସ ହେଲା ଟାଟା ପାୱାର ଯେତେବେଳେ ବିଦ୍ୟୁତ କାଟ କରିବ ଦିନ ହେଉ କି ରାତି ଜିଓ ଆଉ ଚାଲୁନାହିଁ । ବର୍ତ୍ତମାନ ସିରଜାପାଲି ଜିଓ ଟାୱାର ଅଧୀନରେ ଥିବା ପ୍ରାୟ ୫ ଟି ଗ୍ରାମର ହିତାଧିକାରୀ ଜିଓ ସିମ ବ୍ୟବହାର କରୁଥିବାରୁ କୌଣସି ଆମ୍ବୁଲାନ୍ସ କିମ୍ବା କୌଣସି ଆପାତ କାଳୀନ ସେବାରେ କାହା ସହିତ ଯୋଗାଯୋଗ କରିପାରୁନାହାନ୍ତି । ଜିଓ ଟାୱାର ତଳେ ଦୁଇଟି ବଡ ଜେନେରେଟର ଥିବା ସତ୍ତ୍ୱେ ତାହା ୨ ମାସ ହେଲା କାମ କରୁନାହିଁ ତେଣୁ ଲୋକଙ୍କ ଜିଓ ପ୍ରତି ଆଗ୍ରହ କମି ଯାଉଛି । ଅନେକ ଗ୍ରାହକ ଜିଓ ସିମକୁ ଅନ୍ୟ ସେବା ପାଇଁ ବଦଳାଇବା ଆରମ୍ଭ କରିଦେଇଥିବା ଜଣା ପଡିଛି । ଯଦି ଜିଓ ତାର ନେଟୱର୍କ ସେବା ଠିକ ନ କରେ ତାହେଲେ ଜିଓ ସିମକୁ ପୋର୍ଟ କରି ଅନ୍ୟ ଟେଲିକମ ସେବା ବ୍ୟବହାର କରିବାକୁ ଅଂଚଳବାସୀ ଅଭିଯୋଗ କରିଥିବା ସହ ଟାଟା ପାୱାରର ମନମୁଖୀ ବିଦ୍ୟୁତ କାଟକୁ ମଧ୍ୟ ଲୋକେ ବିରୋଧ କରିଛନ୍ତି । ରାତିରେ ବିଦ୍ୟୁତ ଗଲେ ଆଉ ଆସୁନାହିଁ କି କୌଣସି ଅଧିକାରୀ ଶୁଣୁ ନାହାନ୍ତି, ବର୍ଷା ଦିନ ମଶା ମାଛି, ସାପ ଏବଂ ବିଭିନ୍ନ ବିଷଧର ଜୀବଜନ୍ତୁର ପ୍ରକୋପ ଅଧିକ ଥିବା ବେଳେ ଟାଟା ପାୱାରର କେନ୍ଦୁବାହାଳୀ ଫିଡ଼ରରୁ ବାରମ୍ବାର ବିଦ୍ୟୁତ କାଟ ଲୋକଙ୍କୁ ଅତିଷ୍ଠ କରି ସାରିଲାଣି । ଏଭଳି ବିଦ୍ୟୁତ କାଟ ହେବାରୁ ଲୋକଙ୍କ ଜୀବନ ଯାପନ ପ୍ରକ୍ରିୟାରେ ବାଧା ହେଉଥିବାରୁ କେନ୍ଦୁବାହାଳୀ ଗ୍ରୀଡ଼ ଘେରାଉ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି ।

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଜିଲ୍ଲାସ୍ତରୀୟ କନଭେନସନ

ବଲାଙ୍ଗୀର (ଅମୃତ ମିଡିଆ) : ସ୍ଥାନୀୟ ରାମଗୋପାଳ ହିନ୍ଦୀ ହାଇସ୍କୁଲ ଠାରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଜିଲ୍ଲା ସ୍ତରୀୟ କନଭେନସନ ଅନୁଷ୍ଠିତ ହୋଇଥିଲା । ଓଷ୍ଟା ଜିଲ୍ଲା ସଭାପତି ପ୍ରଦୀପ ପୁଟେଲଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନୀଳମଣି ପୁରୋହିତ, ବ୍ରଜକିଶୋର ବିଶ୍ୱାଳ, ଅଶୋକ ମହାପାତ୍ର, ଆଶୁତୋଷ ରଥ, ସୁଧୀର ନାଏକ, ଚଂଜିତା ମିଶ୍ର, ଆବାହକ କଲେଜ ସଂଘ ସୌମ୍ୟ ରଞ୍ଜନ ସାହୁ, ପ୍ରମୁଖ ଯୋଗଦେଇ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ କୁ ପେନସନ ଦାବୀ ପ୍ରଦାନ, ଅନୁଦାନ ଯୋଗ୍ୟ ୧୯୪ ବିଦ୍ୟାଳୟ କୁ ତୁରନ୍ତ ଅନୁଦାନ ପ୍ରଦାନ, ସପ୍ତମ ବେତନ କମିଶନ ରୁ ବଞ୍ଚିତ ବିଦ୍ୟାଳୟ ମାନଙ୍କର ସମସ୍ୟାର ସମାଧାନ, ଶୂନ୍ୟ ପଡ଼ିଥିବା ସ୍ଥାନରେ ଶିକ୍ଷକ ନିଯୁକ୍ତି କରିବା, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତ୍ତିକ ଶିକ୍ଷକ ମାନଙ୍କୁ ଛଅଟି ନେସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ସ୍କିମର ପୁନଃ ପ୍ରଚଳନ, ଅବସର ସମୟ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି ଓ ଗ୍ରେଡ଼ ପେରେ ଥିବା ଅସଙ୍ଗତି ଦୂରୀକରଣ ଆଦି ଦାବିଗୁଡିକ ପୂରଣ କରି ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସହିତ ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟ ଦେବାପାଇଁ ଶିକ୍ଷକ କର୍ମଚାରୀ ମାନେ ଏକତ୍ର ହେବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ଆଗାମୀ ଦିନରେ ଆନ୍ଦୋଳନରେ ଯୋଗଦେବା ପାଇଁ ଅନୁରୋଧ ଜଣାଇଥିଲେ । ଚଳିତ ଅଗଷ୍ଟ ମାସରେ ସରକାରଙ୍କର ମନମୁଖୀ ଓ ଅଗଣତାନ୍ତ୍ରିକ ବ୍ୟବସ୍ଥା ବିରୁଦ୍ଧରେ ପ୍ରସ୍ତୁତ ରଣନୀତି ଆଧାର ରେ ଆନ୍ଦୋଳନ କରିବା ନିତାନ୍ତ ଜରୁରୀ ବୋଲି ନିଜସ୍ୱ ବକ୍ତବ୍ୟ ମାଧ୍ୟମରେ ରାଜ୍ୟ ସ୍ତରୀୟ ନେତୃବୃନ୍ଦ ପ୍ରକାଶ କରିଥିଲେ ।ରାମଗୋପାଳ ହିନ୍ଦୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ନବଘନ ସାହୁ ମଞ୍ଚାସୀନ ଥିଲେ । ଓଷ୍ଟା ଜିଲ୍ଲା ସମ୍ପାଦକ ତଥା ଏହି ସମିତିର ଆବାହକ ଶଙ୍କର ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକାରୀ ସଭାପତି ଅନିଲ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଓଷ୍ଟା ରାଜ୍ୟ ଉପସଭାପତି ସୁଧୀର ନାଏକ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପାଖାପାଖି ୨୦୦ ଜଣ ଶିକ୍ଷକ ଯୋଗ ଦେଇଥିଲେ । ଶିକ୍ଷକ ଖଗେଶ୍ୱର ଷଡ଼ଙ୍ଗୀ, ସଞ୍ଜୟ ତ୍ରିପାଠୀ, ମନୋଜ ବେହେରା, ଅରବିନ୍ଦ ପ୍ରଧାନ,ସୁଶାନ୍ତ ଦାଶ, ସଂଜୀବ ପୁରୋହିତ, ବିନୋଦ ମହାପାତ୍ର, ଦିଲୀପ ପଧାନ, ଅମୂଲ୍ୟ ବେହେରା, ଗୋବିନ୍ଦ ବଗର୍ତ୍ତୀ ଶିକ୍ଷୟତ୍ରୀ ପ୍ରଣତି ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସାହିତ୍ୟ ସାଧକ ଅଭିନ୍ନ କିଶୋର ରଥଙ୍କ ପୁସ୍ତକ ଉନ୍ମୋଚିତ

ବଲାଙ୍ଗୀର (ଅମୃତ ମିଡିଆ) : ଟିଟିଲାଗଡ ବରିଷ୍ଠ ନାଗରିକ ସଂଘର ବରିଷ୍ଠ ସଭ୍ୟ ଅଭିନ୍ନ କିଶୋର ରଥଙ୍କ ଜନ୍ମ ଦିବସ ଉପଲକ୍ଷେ ତାଙ୍କ ଦ୍ୱାରା ଲିଖିତ ଚାରୋଟି ବହିର ଉନ୍ମୋଚନ ଉତ୍ସବ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଟିଟିଲାଗଡ ବିଧାୟକ ନବୀନ ଜେନ ଯୋଗ ଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ଡ. ଛାୟାକାନ୍ତ ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ରାଜୀବ ଲୋଚନ ପାଢ଼ୀ ଯୋଗ ଦେଇଥିଲେ । ଶ୍ରୀ ରଥଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବା ଯୋଗୁଁ ଏହି ଉତ୍ସବଟି ସେ ତାଙ୍କ ଘରେ ରଖିଥିଲେ । ସଂଘର ଅନେକ ସଭ୍ୟଙ୍କୁ ନିଜ ଘରେ ଦେଖି ଶଯ୍ୟାଶାୟୀ ହୋଇଥିଲେ ମଧ୍ୟ ଭାବବିହ୍ୱଳ ହୋଇ ଅତି ଆନନ୍ଦିତ ହୋଇ ସମସ୍ତଙ୍କୁ ଆତ୍ମୀୟ ସ୍ୱାଗତ କରିଥିଲେ ଶ୍ରୀ ରଥ । ସଂଘ ତରଫରୁ ସଭାପତି ରତ୍ନାକର ସାହୁ, ସମ୍ପାଦକ ଓ ସଭ୍ୟମାନେ ତାଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥିଲେ । ପୁସ୍ତକ ଉନ୍ମୋଚନ ସଭାର ପରିଚାଳନା ଟିକେଲାଲ ବେହେରା କରିଥିଲେ । ମୁଖ୍ୟବକ୍ତା, ମୁଖ୍ୟଅତିଥି, ସଭାପତି ସାହୁ, ପାଢ଼ୀ ଆଜ୍ଞା ଓ ଅବସର ପ୍ରାପ୍ତ ଡିଇଓ ପ୍ରଦୀପ ନାଗ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ଶୁଭେଚ୍ଛା ଜଣାଇଥିଲେ ।

ଶ୍ରାବଣ ମାସର ପ୍ରଥମ ସୋମବାରରେ ଟିଟିଲାଗଡ଼ ଧବଳେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼

ବଲାଙ୍ଗୀର (ଅମୃତ ମିଡିଆ) : ଆଜି ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର। ଏହି ଅବସରରେ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ସ୍ଥିତ ପ୍ରସିଦ୍ଧ ଧବଳେଶ୍ୱର ମନ୍ଦିରରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଛି । କାଉଡ଼ିଆଙ୍କ ହର ହର ମହାଦେବ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା । କୁମୁଡ଼ା ପାହାଡ଼ ଗୁମ୍ଫା ମଧ୍ୟରେ ବିରାଜମାନ ବାବା ଧବଳେଶ୍ୱରଙ୍କ ଦର୍ଶନ ଓ ଜଳାଭିଷେକ ପାଇଁ ବରଗଡ଼, କଳାହା

ସମ୍ପାଦକୀୟ...

ପଳାୟନପନ୍ଥୀ

ବିଶ୍ୱର ବିଭିନ୍ନ ପ୍ରାନ୍ତରେ କିଛି ନା କିଛି ସମସ୍ୟା ରହିଛି। ରାତି ପାହିଲେ ସମସ୍ୟା। ଆଖି ବୁଲାଇଲେ ସମସ୍ୟା। ସବୁଆଡ଼େ ସମସ୍ୟା। ହେଲେ ସମସ୍ୟା ସମାଧାନର ବାଟ କିନ୍ତୁ ବାହାରିପାରୁନି। ଏମିତ ତ କହିହେବନି ଯେ ସମସ୍ୟା ସମାଧାନ ହେଉନି। ଉପରୋକ୍ତ ତଥ୍ୟ ଅନୁସାରେ ସମସ୍ୟା ଯଦି ରାତି ପାହିଲେ ସୃଷ୍ଟି ହେଉଛି, ତେବେ ତା'ର ସମାଧାନର ବାଟ ବି ସେହି ଅନୁସାରେ ବାହାରୁଛି। ତେବେ ସବୁ ସମସ୍ୟାର ସମାଧାନ ଯେ ସଠିକ୍ ସମୟରେ ହୋଇପାରୁଛି, ସେମିତି କିନ୍ତୁ କହିବା ସମ୍ଭବ ନୁହେଁ କି ସେତେ ସହଜ ନୁହେଁ। ସମସ୍ୟାର ତ ସମାଧାନ ହେଉଛି ହେଲେ ସବୁକିଛି ସମୟ ଅନୁସାରେ କିନ୍ତୁ ସମାଧାନ ହୋଇପାରୁନି। ଯଦି ସେମିତି ହୋଇପାରନ୍ତା ତେବେ ସମାଜରେ ସମସ୍ୟା ବୋଲି ଆଉ ସେମିତି କିଛି ରହନ୍ତା ନାହିଁ। ଏଣୁ ସମସ୍ୟା ତ ରହିବ ଏବଂ ସମାଧାନର ବାଟ ବି ବହାରିବ । ହେଲେ ସବୁ ସମସ୍ୟାର ସଠିକ୍ ସମୟରେ ସମାଧାନ ନ ହୋଇପାରିଲେ, ତାହା ଯେ ଆଗାମୀ ସମୟରେ ଗମ୍ଭୀର ରୂପ ଧାରଣ କରିବ, ଏ କଥାକୁ ମଧ୍ୟ ସ୍ୱୀକର କରାଯାଇପାରେ। ସମସ୍ୟା ବିଶ୍ୱର ପଛୁଆରାଷ୍ଟ୍ର ଆଫ୍ରିକାରେ ରହିଛି,ସମସ୍ୟା ଆମେରିକାରେ ବି ରହିଛି। ଯୁକ୍ତରାଷ୍ଟ୍ର ଆମେରିକା ବିଶ୍ୱର ସର୍ବାଧିକ ଉନ୍ନତ ରାଷ୍ଟ୍ର, ସେଠାରେ ବି ଯଦି ସମସ୍ୟା ରହିଛି, ତେବେ କୌଣସି ବି ଦେଶରେ ବି ଥାଇପାରେ ସମସ୍ୟା। ସେ ଇଣ୍ଡିଆ ହେଉ କି ଇଣ୍ଡୋନେସିଆ। ଅତୀତରେ ବି ଥିଲା ସମସ୍ୟା, ବର୍ତ୍ତମାନ ବି ରହିଛି ସମସ୍ୟା ଏବଂ ଭବିଷ୍ୟତରେ ବି ରହିପାରେ ସମସ୍ୟା। କୌଣସି ବି ସମସ୍ୟାର ସମାଧାନ ପ୍ରତି ସଠିକ୍ ସମୟରେ ସଠିକ୍ ଭାବେ ଗୁରୁତ୍ୱ ପ୍ରଦାନ କରାନଗଲେ, କୌଣସି ବି ସମସ୍ୟା ତା'ର ସୀମା ବାହାରକୁ ଯାଇ ଆଗାମୀ ସମୟରେ ଯେ ଗମ୍ଭୀର ରୂପ ଧାରଣ କରିବ, ସେଥିରେ କୌଣସି ସନ୍ଦେହ ନାହିଁ। ଏଇ ଯେମିତି ମରକ୍କୋ ସମସ୍ୟା । ଆଫ୍ରିକୀୟ ରାଷ୍ଟ୍ର ମରକ୍କୋ ଯାହା କି ସ୍ପେନ୍ ସହିତ ନିଜର ସୀମାକୁ ସଂଲଗ୍ନ କରୁଛି, ସମସ୍ତେ ଏବେ ସ୍ପେନ୍ ମୁହାଁ। ମରକ୍କୋରୁ ଶହ ଶହ ସଂଖ୍ୟାରେ ସାଧାରଣ ଜନତା ଏବେ ରାତି ପାହିଲେ ଧାଉଁଛନ୍ତି ଅନ୍ୟ ଦେଶକୁ ଯାହାକୁ ନେଇ ମରକ୍କୋ ସୀମାସଂଲଗ୍ନ ୟୁରୋପୀୟ ଦେଶ ବି ଏବେ ଆଲର୍ଟରେ। ନିଜ ନିଜ ସୀମାରେ ସେମାନେ ସେଥିନେଇ ସେନା ମୁତୟନ କରିଛନ୍ତି। ଏଥିରୁ ପରିସ୍ଥିତିର ଗମ୍ଭୀରତା ବିଷୟରେ ସହଜରେ ଅନୁମାନ କରାଯାଇପାରେ। ଯାହା ପଛରେ କାରଣ ହେଉଛି କେବଳ ମରକ୍କୋ। ଅନ୍ତତଃ ବର୍ତ୍ତମାନ ସମୟରେ ଏବଂ ସାମ୍ପ୍ରତିକୀ ପରିସ୍ଥିତିରେ ମରକ୍କୋରେ ବୋଧହୁଏ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି ! ନିଯୁକ୍ତି ମରୁଡ଼ି... ଚାକିରି ମରୁଡି। କାରଣ ରାତି ପାହିଲେ ଏବେ ମରକ୍କୋବାସୀ ଧାଉଁଛନ୍ତି ବିଦେଶକୁ । ମରକ୍କୋରୁ ଏକାବେଳକେ ଶହ ଶହ ସଂଖ୍ୟାରେ ରାତି ପାହିଲେ ସେମାନେ ସ୍ପେନ୍‌ରେ ଅନୁପ୍ରବେଶ କରୁଛନ୍ତି। ମରକ୍କୋର ଯୁବବର୍ଗ ଏବେ କାର୍ଯ୍ୟ ତଲାସରେ, ସେମାନେ ଏବେ ନିଯୁକ୍ତି ତଲାସରେ। ଦ୍ୱିତୀୟରେ ସ୍ପେନର ସୁପ୍ରିମ୍ କୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଯେ ପଡ଼ୋଶୀ ରାଷ୍ଟ୍ରରୁ କେହି ବି ସମୁଦ୍ରପଥରେ ଆସୁଥିବା ବ୍ୟକ୍ତିଙ୍କୁ ଅନୁପ୍ରବେଶକାରୀ ଭାବେ ଘୋଷଣା କରାଯିବ ନାହିଁ। ସେମାନଙ୍କ ପାଇଁ ସୀମାପାର୍ କରିବା ଦୋଷଯୁକ୍ତ ହୋଇନପାରେ। ସ୍ପେନ ସୁପ୍ରିମ୍‌କୋର୍ଟଙ୍କ ଏଭଳି ରାୟର ଭାଇରାଲ୍ ଭିଡିଓ ଯାହାକି ମରକ୍କୋବାସୀଙ୍କୁ ଉତ୍ସାହିତ କରିଛି। ଏମିତି ବି ମରକ୍କୋରେ ବେକାରୀ ସମସ୍ୟା ଯେଭଳି ଭାବେ ବଢ଼ିବାରେ ଲାଗିଛି, ଯାହା ଆଗାମୀ ଦିନରେ ଆହୁରି ତୀବ୍ର ହୋଇପାରେ। ଏଣୁ ସମୟ ସୁବିଧା ଦେଖି ମରକ୍କୋର ବେକାର ଯୁବକ ଯୁବତୀ ଏବେ ସ୍ପେନ୍ ମୁହାଁ। ଯାହାପାଇଁ ପରିସ୍ଥିତି ଅଣାୟତ୍ତ ହେବା ଦେଖି ସ୍ପେନ୍ ସୀମାରେ ସୈନ୍ୟ ମୁତୟନ ଭଳି ସ୍ଥିତି ସୃଟ୍ଟି ହୋଇଛି ।

ଜେନ୍-ଜିଙ୍କ ବିଜୟ

କାଳୀ ଦାସ

ଯେଉଁ ମାନେ ୧୯୯୭ ରୁ ୨୦୧୨ ଭିତରେ ଜନ୍ମ ହେଇଛନ୍ତି ସେମାନେ ଜୁ ନ୍ତଜେନଜି'ବା ଜେନେରେସନ ଜେଡ କୁହାଯାଏ। ଏହା ଗୋଟିଏ ନୂଆ ଶବ୍ଦ ଆଜିର ନୂଆ ପିଢୀ ପାଇଁ ବ୍ୟବହାର କରାଯାଇଛି ।ଦିନ ଥିଲା ଗୁରୁଦେବ ରବୀନ୍ଦ୍ରନାଥ ଟେଗୁର୍ ସବୁଜ ଶବ୍ଦର ପ୍ରୟୋଗ କରିଥିଲେ ଯୁବ ସମାଜ ପାଇଁ। ଏହି ସବୁଜ ଶବ୍ଦ କୁ ଭାରତ ର ଭିନ୍ନ ଭିନ୍ନ ସାହିତ୍ୟ ରେ ମଧ୍ୟ ପ୍ରୟୋଗ କରା ଯାଇଥିଲା। ଓଡ଼ିଆ ସାହିତ୍ୟ ରେ ସବୁଜ ଯୁଗ ମଧ୍ୟ ଦେଖିବାକୁ ମିଳିଥିଲା ।ଜୀବନ ର ଆଦ୍ୟ ଯୌବନ ରେ ଏହି ଯୁଗ ର ଯୁବ ଗୋଷ୍ଠୀ ନିଜ କଲମ ଚଲାଇ ଓଡ଼ିଆ ସାହିତ୍ୟ ର ଗାରୀମା ବଢ଼ାଇ ଥିଲେ। ଆଜି ନୂଆ ଯୁବ ସମାଜ ଆସିଛି ନ୍ତଜେନଜିନ୍ତ। ବିଗତ ଦିନ ଦେଶର ଶିକ୍ଷା ବ୍ୟବସ୍ଥା ରେ ଦେଖା ଯାଇଥିବା ଘୋର ଅବ୍ୟବସ୍ଥା ସହିତ ପେପର ଲିକ୍ ମାମଲା ର କ୍ଷତି ଦେଶ ର ଯୁବ ସମାଜ ସହିଛନ୍ତି । ଆମ ଦେଶରେ ଶିକ୍ଷା ବ୍ୟବସ୍ଥା ବ୍ୟୟ ବହୁଳ ହୋଇ ପଡ଼ିଛି ।ସରକାରୀ ବିଦ୍ୟାଳୟ ଗୁଡିକରେ ଶିକ୍ଷା ର ମାନଦଣ୍ଡ ହ୍ରାସ ପାଇଲାଣି। ଅଭିଭାବକ ମାନେ ଅନେକ ପଇସା ଖର୍ଚ୍ଚ କରି ପିଲାଙ୍କୁ ଘରୋଇ ବିଦ୍ୟାଳୟ ରେ ପଢ଼ାଉଛନ୍ତି ।ପାଠ ସରିଗଲା ପରେ ମଧ୍ୟ ଚାକିରୀ ର କୌଣସି ନିରାପତ୍ତା ରହିନାହିଁ ଯାହା ଏକ ବଡ଼ ସମସ୍ୟା ହୋଇ ଦେଖା ଯାଉଛି। ନିଟ ପରୀକ୍ଷା ପେପର ଲିକ ପରେ ଯୁବ ସମାଜ ଦ୍ୱାରା ଯେଉଁ ଆନ୍ଦୋଳନ ମୁଣ୍ଡ ଉଠାଇଲା ତାହା ଭାରତ ବର୍ଷ ର ଯୁବ ଶକ୍ତି ର ଦୃଢ ସଂକଳ୍ପ ଦର୍ଶାଇଲା। ଦେଶର ତଥା କଥିତ ମିଡିଆ ଏହି ଆନ୍ଦୋଳନ ଉପରେ କଟାକ୍ଷ କରୁଥିଲେ ମଧ୍ୟ ଯୁବ ଶକ୍ତି ହତ ଉତ୍ସାହ ହୋଇ ନାହିନ୍ତି ବରଂ ନିଜର ଦାବୀ କୁ ଉଠାଇଛନ୍ତି ଏବଂ ସରକାର ଶେଷ ରେ ଏହି ନାର୍ଯ୍ୟ ଦାବୀ କୁ ମାନିଛନ୍ତି। ହଟାତ କିଛି ବର୍ଷ ଭିତରେ ଆମ ଦେଶରେ ଶିକ୍ଷା ର ମହତ୍ୱ ଓ ମର୍ଯ୍ୟଦା ଯେମିତି କମିଯାଇଛି। ସବୁଠାରୁ କୃତି ଛାତ୍ର ବା ଛାତ୍ରୀ ଟିଏ ଚାକିରୀ ପାଇଁ ଶିଳ୍ପପତି ଙ୍କୁ ଦ୍ୱାରସ୍ଥ ହୋଇଛି। ଜ୍ଞାନ ର ଉପାସକ ଏହି ଦେଶ ହଠାତ ପଇସା ର ପୂଜାରୀ ହୋଇଯାଉଛି ।ପଇସା ଖର୍ଚ୍ଚ କରି ମଣିଷ କ୍ଷମତା ହାସଲ କରି ପାରୁଛି ପୁଣି ସେହି କ୍ଷମତା ର ଅପ୍ୟବହାର କରି ପଇସା ରୋଜଗାର କରୁଛି ।ଶିକ୍ଷା ଏବେ ଗୌଣ ହୋଇଗଲାଣି ।ଆମ ରାଜ୍ୟ ର ସ୍କୁଲ ପାଠ୍ୟକ୍ରମ ଭିତରକୁ ୧୯୯୯ ର ସିନେମା ଗୀତ ନିମୁଡ଼ା ନିମୁଡା, ରଜ ଦୋଳି ଗୀତ 'ରିଂଡ ପୋଷମାଲ' ଓ ବୁମୁରା ବୁମରା ସିନେମା ଗୀତ ପସି ଆସିଛି ।

ଓଡ଼ିଶାରେ ଲୋକଙ୍କର ତୀବ୍ର ପ୍ରତିକ୍ରିୟା କୁ ଦେଖି ସରକାର କାର୍ଯ୍ୟନୁଷ୍ଠାନ ନେଇଛନ୍ତି କିନ୍ତୁ ଏହି ବହି ଛପାଇ ବା ପାଇଁ ହୋଇଥିବା ଖର୍ଚ୍ଚ ମଧ୍ୟ ଓଡ଼ିଶା ର ସାଧାରଣ ଜନତାଙ୍କ ଉପରେ ଲଦା ହୋଇଯାଇଛି ।ପାଠ୍ୟ ପୁସ୍ତକ ପାଇଁ ପାଠ୍ୟକ୍ରମ ଚୟନ କଲା ବେଳେ କାହିଁକି ଏହି ବ୍ୟତିକ୍ରମ ହେଲା ? ଓଡ଼ିଆ ସାହିତ୍ୟ ଏକ ଉନ୍ନତ ସାହିତ୍ୟ ।ବ୍ୟଙ୍ଗ ସାହିତ୍ୟ ହେଉ,ମହାକାବ୍ୟ ହେଉ କିମ୍ବା ଆଧୁନିକ କବିତା ହେଉ ଓଡ଼ିଆ ସାହିତ୍ୟ ଅନ୍ୟ କେଉଁ ସାହିତ୍ୟ ତୁଳନା ରେ କମ ନୁହେଁ ।ଓଡ଼ିଆ ଭାଷା କୁ ସ୍ୱୀକୃତି ମିଳିବା ପର ଠାରୁ କେବେ ବି ପାଠ୍ୟପୁସ୍ତକ ରେ ଏମିତି ତ୍ରୁଟି ଦେଖାଯାଇନାହିଁ ।ଆଜି ଯେତେବେଳେ ସୁଚନା ଏବଂ ପ୍ରସାରଣ ବା ଇନଫରମେସନ୍ ସବୁଠାରୁ ଶୀର୍ଷ ରେ ପହଞ୍ଚିଛି ସେତେବେଳେ ଏମିତି ଏକ ତ୍ରୁଟି ହେବା ଆଶା କରାଯାଏ ନାହିଁ ।ଏହା କେବଳ ପାଠ୍ୟକ୍ରମ ଚୟନ କରୁଥିବା ବ୍ୟକ୍ତିଙ୍କର ଦାୟୀତ୍ୱ ହୀନତା ଦର୍ଶାଉଛି ତାହେଲେ ସରକାର ଏହି ପରି ବ୍ୟକ୍ତି ମାନଙ୍କୁ ରାଜ୍ୟ ର ଶିକ୍ଷା ପାଠ୍ୟକ୍ରମ ର ଚୟନ ର ଦାୟୀତ୍ୱ ଦେଲେ କେମିତି ? ପରୀକ୍ଷା ପେପର ଲିକର ସମସ୍ୟା ଆଜି ଭିନ୍ନ ଭିନ୍ନ ରାଜ୍ୟ ରେ ବ୍ୟାପି ଗଲାଣି ।

ଯେତେବେଳେ ଅପରାଧୀଙ୍କୁ କ୍ଷମତା ର ସଂରକ୍ଷଣ ମିଳିଯାଏ ସେତେବେଳେ ଅପରାଧୀ ବିନା ଭୟ ରେ ଯେ କୌଣସି ଅପରାଧ କରିବା ପାଇଁ ପାଛାଏନାହିଁ । ବର୍ତ୍ତମାନ ଦେଶ ରେ ପରୀକ୍ଷା ପେପର ଲିକ ବିରୋଧ ରେ ନୂଆ ଆଇନ ତିଆରି କରାଯାଇଛି ଆଶା କରାଯାଏ ଅପରାଧୀ ମାନେ ଏହି ଆଇନ କୁ ଡରି ପରୀକ୍ଷା ପେପର ଲିକ୍ କରିବା ର ଅପଚେଷ୍ଟା କରିବେ ନାହିଁ କିନ୍ତୁ ଏହି ଆଇନ ତିଆରି କରିବା ପଛରେ ଛାତ୍ର ଛାତ୍ରୀଙ୍କର ବହୁତ ବଡ଼ ବଳିଦାନ ଓ ଯୋଗଦାନ ରହିଛି ।ସୋନମ ୱାଞ୍ଚୁକଙ୍କର ୨୬ଦିନ ର ଅନଶନ ମଧ୍ୟ ରହିଛି ।ପୋଲିସ ର ନିର୍ଯାତନା ଓ ଲାଠି ଚାର୍ଜ ଖାଇ ଏହି ଛାତ୍ର ଆନ୍ଦୋଳନ ଆଗ କୁ ବଢ଼ିଛି ।ଆଗାମୀ ଦିନ ର ଛାତ୍ର ଓ ଛାତ୍ରୀ ମାନେ ଶିକ୍ଷା ସହିତ ଜଡିତ ଏହି ଆନ୍ଦୋଳନ କୁ ନ ଭୁଲିବା କଥା। ଯୁବ ଶକ୍ତି ପ୍ରତ୍ୟେକ ଦେଶ ର ଶକ୍ତି ଆଜି ର ଯୁବକମାନେ ଜାଳି ର ଏହି ଦେଶର ଭବିଷ୍ୟତ ।ଦେଶ ରେ ପ୍ରତ୍ୟେକ ସ୍ତରରେ ସ୍ୱାର୍ଥ ଯେପରି ନିହିତ ଅଛି ତାହା ଏହି ନ୍ତଜେନଜି ବା ଛାତ୍ର ଆନ୍ଦୋଳନ ସମୟ ରେ ଦେଖିବା କୁ ମିଳିଛି ।ଯୁବ ଶକ୍ତି ନିଶ୍ଚିତ ଭାବରେ ଆଜି ର ଦେଶ ର ଅବସ୍ଥା କୁ ଆଖି ରେ ରଖି ନୂଆ ପଦକ୍ଷେପ ନେବେ ଏକ ଉନ୍ନତ ଭାରତ ଗଢ଼ିବା ପାଇଁ।

ବ୍ରହ୍ମପୁର,
ଖୋଡାସିଂଙ୍ଗି କଳିଙ୍ଗନଗର
ଗଞ୍ଜାମ,
ପିନ -୭୬୦୦୧୦
ଫୋନ ନମ୍ବର -
୭୨୦୫୧୦୦୮୩୯
Email id -
kirankumardas143
@gmail.com.

ବଦଳି ଯାଉଥିବା ଚରିତ୍ର

ଡ. ଚନ୍ଦ୍ରକଳା ନାୟକ

ଅନେକ ରାତିରେ ଘରକୁ ଆସେ ବିପିନ। ଆଲୁଅ ଜାଳିଦେଇ ଥକା ମାରି ସୋଫା ଉପରେ ବସିପଡେ। ଆଲୋକର ଆଗମନରେ ଘରଟା ପୁରା ପରିଷ୍କାର ହୋଇଯାଏ। ଘରର ବାମ ପଟରେ ପଡି ରହିଛି ଏକ ପୁରୁଣା କାଳିଆ ହାରମୋନିୟମ - ଗୋଟିଏ କଣରେ ଅଳନ୍ଦୁ ଲାଗିଥିବା କାଠ ରେଡିଓଟି, ଏଠି ସେଠି ବହୁ ଦାମୀ ଜିନିଷ ଭିତରେ ଘରଟା ହସୁଥିଲେ ବି ଘରର ପୂର୍ଣ୍ଣ ହୋଇ ରହିଥିବା ବହି ଗୁଡିକ ଘରଟାକୁ ଜୀବନ ଦେଇଥାଏ। ବୋଧହୁଏ ଘରଟାର ଏକ ସମୃଦ୍ଧ ଅତୀତ ଅଛି। କେଉଁ ଅଶୁଭ ବେଳାରେ ଆସ୍ତେ ଆସ୍ତେ ଘରଟା ଶ୍ରୀହୀନ ହୋଇ ଯାଉଛି।

ହଠାତ ଚାକର ଶନିଆ ହାତରେ ଖାଇବା ପ୍ଲେଟଟେ ଧରି ଚିରାଚରିତ ଢଙ୍ଗରେ ଉପର ଘରକୁ ଚାଲିଗଲା। ବେଶି ରାତି ହେଲେ ଏପରି ଅବସ୍ଥା ପ୍ରାୟ ହୋଇଥାଏ। ବିପିନ ଟେବୁଲଟାକୁ ଭିଡି ଧରି ଇଚ୍ଛା ନଥିବା ଭଙ୍ଗାରେ ମେଥି ତିଆରି ପରଟାକୁ ଖାଇବାକୁ ଚାହୁଁଥିଲେ ବି ନା ଥାଉ କହି ରଖିଦେଲା। ଅକ୍ଷୁର୍ଣ୍ଣ ପରଟାଟା ଯେମିତି ବ୍ୟସ୍ତ ହୋଇଥିଲା ପ୍ଲେଟ ଭିତରକୁ ଯିବାପାଇଁ।

ରାତି ଯେତିକି ବଢୁଛି, ବିପିନର ମାନସିକ ଯନ୍ତ୍ରଣା ବେଶି ବେଶି ଅତିଷ୍ଠ କରୁଛି। ଘରର ପଶ୍ଚିମ ପଟ କାନ୍ଥକୁ କୁଶନଟିଏ ଥୋଇ ଆଉଜି ପଡିଥାଏ ବିପିନ। ଗୋଟିଏ ମୁହୂର୍ତ୍ତ ପରେ ଘରଟା ଯେମିତି ନୀରବି ଯାଇଥିଲା। ଆଶ୍ଚର୍ଯ୍ୟ ଏ ରାତ୍ରୀ ! ଆକାଶରେ ଜ୍ୟୋସ୍ନାର ବିଭୋରତା ବିପିନକୁ ଯେମିତି ପ୍ରତାରଣା କରୁଥିଲା। ଦୂର ଦିଗବଳୟରୁ ଆସୁଥିବା ଜହ୍ନର ଆଲୋକ ଗୁଡାକ ଯେପରି ହାତମୁଠାରୁ ବହୁ ଦୂରକୁ ଅପସାରିତ ହୋଇ ଯାଉଥିଲା। ଭାବୁଥିଲା, କାଳେ ଜହ୍ନକୁ ହାତରେ ଧରି ଖେଳି ପାରନ୍ତାକି ?

ଆଖି ଆଡୁଆଳରେ ଶଶିରେଖାର ଘର ଦେଖା ଯାଉଥିଲା। ଜହ୍ନଟା ଯେମିତି ତା ଘର ଆଡକୁ ଅନାଇ ହସୁଥିଲା, ବିପିନ ଭାବୁଥିଲା କଣ କରୁଥିବ ଶଶିରେଖା। ହୁଏତ ତାର ଶଯ୍ୟା ଉପରେ କଡ ଲଉଟାଇ ଥିବ। କିନ୍ତୁ ରାତ୍ର ଦୁଇ ଘଡିରେ ଶଶିରେଖା କଥା ଭାବିବା ତାର କଣ ଦରକାର। ଅନେକ ଦିନ ହେବ ତ ସେ, ଶଶିରେଖାର ସୁଖ ଦୁଃଖ ଓ ଦୈନନ୍ଦିନ ଜୀବନ ସହ ଓତପ୍ରୋତ ଭାବେ ଜଡିତ ହୋଇ ରହିଛି।

କାଲି ପରି ଲାଗୁଛି, ବିପିନ ଓ ଶଶିରେଖାର ସ୍ୱାମୀ ସୁମନ୍ତଗୋଟିଏ କମ୍ପାନୀରେ ଚାକିରୀ ଆରମ୍ଭ କରିଥିଲେ। ଗୋଟିଏ କନଷ୍ଟ୍ରକସନ କମ୍ପାନୀରେ ସୁମନ୍ତଅଭିଜ୍ଞ ଇଂଜିନିୟର। ମୁଁ କିନ୍ତୁ ତା ତଳ ପାହ୍ୟାରେ ଥିଲି। ଅନେକ ସୁନ୍ଦର ଘରକୁ ପୂର୍ଣ୍ଣ ରୂପ ଦେବାରେ ସୁମନ୍ତସଫଳତା ସାଉଁଟିବାରେ ଲାଗିଥିଲା। ସେଦିନ ଶଶିରେଖା ତାର ସ୍ୱାମୀର ଜନ୍ମଦିନ ପାଇଁ ଭାରି ବ୍ୟସ୍ତ। ସବୁ ଅନ୍ତରଙ୍ଗ ବନ୍ଧୁ ମାନଙ୍କୁ ଯଥାସାଧ୍ୟ ନିମନ୍ତ୍ରଣ ବି କରିଛି। ବିପିନ, ସୁମନ୍ତର ଏକାନ୍ତଅନ୍ତରଙ୍ଗ। ବାହାରୁ ସାଜସଜ୍ଜାକୁ ଦେଖି ବିପିନ ଆଶ୍ଚର୍ଯ୍ୟ ହେଲା। ଆମନ୍ତ୍ରିତ ବନ୍ଧୁମାନେ ଜଣକ ପରେ ଜଣେ ଆସୁଥାନ୍ତି। ସଂଧ୍ୟା ସାତଟା ବାଜିବାକୁ ବସିଲାଣି। ସୁମନ୍ତର ଦେଖା ନାହିଁ। ଶଶିରେଖା କିନ୍ତୁ କହୁଥାଏ, ସେ କମ୍ପାନୀରୁ ବାହାରିଲେଣି, ଅଳ୍ପ ସମୟ ପରେ ପହଂଚିବେ। ବନ୍ଧୁ ମାନଙ୍କ ଅସ୍ପଷ୍ଟ କୋଳାହଳ ଭିତରେ ସ୍ୱାଗତ କରିବାକୁ ସମସ୍ତେ ଅପେକ୍ଷା କରିଥାନ୍ତି। ବିପିନ ଦୂରରୁ ଦେଖୁଥାଏ, ଶଶିରେଖାର ସୁନ୍ଦର ଆଖି ଦୁଇଟି ଆଜି କିନ୍ତୁ ଅଧିକ ଉଜ୍ଜ୍ୱଳ ଦେଖା ଯାଉଛି। ମୁହୂର୍ତ୍ତକ ପରେ ଫାଟକ ନିକଟରେ ଏକ ଆମ୍ବୁଲାନ୍ସ ପହଂଚିଲା। କିଛି ବୁଝିବା ପୂର୍ବରୁ କମ୍ପାନୀର କର୍ମଚାରୀ ମାନେ ସୁମନ୍ତର ମୃତ ଶରୀରକୁ ଆଣି ଲନରେ ଶୁଆଇ ଦେଲେ।

ସବୁଦିନ ପାଇଁ ଶଶୀରେଖାର ଜୀବନର ସୂର୍ଯ୍ୟ ଅସ୍ତମିତ ହୋଇଗଲା। ଶଶିରେଖା ନିର୍ବାକ ପାଲଟି ଯାଇଥିଲା। କାହାରି ମୁହଁରେ କିଛି ନାହିଁ। କଣ କରିବେ ସେମାନେ ? ବିପିନ କିନ୍ତୁ ଶଶିରେଖାର ନିର୍ଜୀବ ଶରିରଟାକୁ ଖଟ ଉପରେ ଜୋର କରି ଶୁଆଇ ଦେଇଥିଲା। ରାତ୍ରିର ସେଇ ଶେଷ କେଇ ଘଂଟା ସମସ୍ତଙ୍କୁ ତାସ୍‌ଲ୍ୟ କରିଥିଲା। ସବୁ ସରିଗଲା। ଶଶୀରେଖା ଏବେ କରିବ କଣ ? କେମିତି ବଂଚିବ ? ତାକୁ ବଂଚିବାକୁ କିନ୍ତୁ ପଡିବ।

ତା ପରଦିନ ସୂର୍ଯ୍ୟ ଆଲୋକର ପିଚକାରୀ ଶଶୀରେଖା ଓ ବିପିନର ଗୋଟିଏ ବିଶେଷ ଦିନକୁ ଯେପରି ଏକ ସୁଡଙ୍ଗ ଭିତରକୁ ଟାଣି ନେଇଥିଲା। ବିଗତ କାଲିଟା ବର୍ତ୍ତମାନ ପାଇଁ ଅତୀତ ହୋଇଗଲା।

ବିପିନ ଅବିବାହିତ, ଏ କଥା ଶଶୀରେଖା ଜାଣେ। କିନ୍ତୁ ଶହେଗଜର ବ୍ୟବଧାନରେ ଦୁହେଁ ରହୁଥିଲେ। ଫାଲଗୁନର ସେହି ଅବିସ୍ମରଣୀୟ ଦିନ ସବୁବେଳେ ମନକୁ ବିଦାରିତ କରୁଥିଲା। ସୁମନ୍ତଥିଲାବେଳେ ମଧ୍ୟ ବିପିନ ଓ ଶଶୀରେଖାର ମିଳାମିଶାକୁ କେବେ ବି ସନ୍ଦେହ କରିନାହିଁ। କାରଣ ସ୍ତ୍ରୀ ଉପରେ ତାର ଗଭୀର ବିଶ୍ୱାସ। ଏପଟେ ବନ୍ଧୁ ପ୍ରତି ଭଲ ପାଇବା, ତାଙ୍କ ସମ୍ପର୍କକୁ ଗଭୀର କରି ଗଢି ତୋଳିଥିଲା।

ବିପିନ ବହୁ ପରିମାଣରେ ଅବସର ବିନୋଦନ କରେ। ଗୀତଗାଏ, ନାଚେ, ବାଦ୍ୟ ବଜାଏ, ବହି ପଢେ। କେବେକେବେ ହୁଲି ଡଙ୍ଗାରେ ଆହୁଲା ମଧ୍ୟ ମାରେ। ବିପିନ ମନକୁ ଭୁଲାଇ ନିଏ। କିନ୍ତୁ ଶଶୀରେଖା ତାକୁ ଡକାଇ ତା ପାଇଁ ସୁନ୍ଦର ଚାହା ତିଆରି କରେ। ବେଳେ ବେଳେ ଆଶ୍ଚର୍ଯ୍ୟ ହୋଇ ସିଏ ଶଶୀରେଖାକୁ ଚାହେଁ। ହଠାତ ଶଶୀରେଖା ବିପିନ ମୁହଁରୁ ସିଗାରେଟଟା ଟାଣିନେଇ ତାଗିଧ କରେ, ଏ ଅଭ୍ୟାସଟା ଜମା ଭଲ ନୁହେଁ। ବିପିନ ହୃଦୟ ତନ୍ତ୍ରୀ ଗୁଡିକ ଫେନିଲ ହୋଇ ଉଠେ। ସେ କହେ ଖାଲି ଖାଲି ଏମିତି ବସିବା ମୋ ପକ୍ଷେ ସମ୍ଭବ ନୁହେଁ। ଏଥର ଶଶୀରେଖା ବୁଝି ବି ନବୁଝିବାର ଅଭିନୟ କରେ। ତଳକୁ ମୁହଁ ପୋତି ପଚାରେ, ତମେ ଏବେ ବି କଣ ବହି ପଢୁଛ।

ଉତପ୍ତ ଅପରାହ୍ନଟା ନରମି ଯାଏ। ସ୍ମୃତି ଗୁଡାକ ବିପିନର ମନକୁ କଂଟା ପରି କଷ ଦିଏ। ଏଥର ଶଶୀରେଖା କହି ଦେଇ ଯାଇଛି, ମୁଁ ଏଠାକୁ ଆସିବା ଆମ ଦୁଇ ଜଣଙ୍କ ପାଇଁ ଠିକ ନୁହେଁ। ଶଶୀରେଖା ମୁହଁ ବୁଲାଇ ଚାହେଁ, କର୍କଶ ସ୍ୱରରେ ଉତ୍ତର ଦିଏ, ମୁଁ ଡାକିଲେ ତୁମକୁ ଆସିବାକୁ ହେବ। ଇତସ୍ତତ ହୋଇ ବିପିନ ଠିଆ ହେଲା। କିଛି ଉତ୍ତର ନଦେଇ ଘରମୁହାଁ ହୋଇ ଚାଲିଲା। କିନ୍ତୁ ଏ କଣ ଆସିବାର ପାଂଚ ମିନିଟ ପରେ ଶଶୀରେଖାର ଚାକର ମନୁଆ ତା ଘରେ ଯାଇ ପହଂଚିଲା। ମେମେ ସାହେବ ପଠାଇଛନ୍ତି। ଆପଣଙ୍କ ସିଗାରେଟ ପ୍ୟାକେଟ ଓ ଦିଆସିଲିକୁ ଛାଡି ଆସିଛନ୍ତି। ଏଥର ବିପିନର ଦେହ ମନ ସବୁ ଜରାଜୀର୍ଣ୍ଣ ହୋଇ ବିଛଣାର ଚାଦର ଭିତରେ ଅପରାହ୍ନଟାକୁ ନିରେଖି ଦେଖୁଥିଲା।

ନିରୋଳାରେ ଶଶୀରେଖାକୁ ବିଶ୍ଳେଶଣ କରେ ବିପିନ। କି ଆଶ୍ଚର୍ଯ୍ୟ ଏ ନାରୀ ! ସୁନ୍ଦରୀ, ମିଷ୍ଟଭାଷୀ, ଭାବପ୍ରବଣ କିନ୍ତୁ ଭିତରଟା ରୁକ୍ଷ। କେତେଥର ଲକ୍ଷ କରିଛି, ତା ସ୍ୱାମୀର ପୋଷା କୁକରଟା କଷ୍ଟ ପାଇବା ବେଳେ ଶଶୀରେଖା ଆନନ୍ଦିତ ହୁଏ। କୁକରଟା ବି ତାକୁ ଯମା ଭଲ ପାଏନା। ଦୂରତା ଖୋଜେ। ସତ ଚେଷ୍ଟା ପରେ ବି ଶଶୀରେଖା କୁକୁରର ହୃଦୟକୁ ଜିତିବା ସମ୍ଭବ ହୋଇ ନଥିଲା। ଅମାବାସ୍ୟା ରାତ୍ରିରେ ନିସ୍ତବ୍ଧ ଅନ୍ଧକାରରେ କୁକୁରଟା କୌଣସି କାରଣରୁ ଏହା ଭିତରେ ମରି ଯାଇଛି। କିନ୍ତୁ ଆଶ୍ଚର୍ଯ୍ୟ ବିପିନ ଆଗରେ ଶଶୀରେଖା ସ୍ୱୀକାର କରିଛି, ପୋଷା ନମାନିବାରୁ ସେ କୁକରକୁ ବିଷ ଦେଇଛି। ଏଭଳି ନାରୀର ହିଂସ୍ର ପ୍ରବୃତ୍ତି ବିପିନକୁ ନିର୍ବାକ କରି ଦେଇଛି।

ବିପିନ ତାର ଘରର କରିଡରରେ ଶୋଇଛି। ଭାବୁଛି - ସୁମନ୍ତମରିବାର ଦୁଇ ବରଷ ଅତିକ୍ରାନ୍ତହୋଇ ଗଲାଣି। ବୁଦ୍ଧିମତୀ ଶଶୀରେଖା କୌଶଳ ପ୍ରୟୋଗ କରି ବିପିନକୁ ପାଇବାକୁ ଚେଷ୍ଟା ଜାରି ରଖିଛି। ଶଶୀରେଖା ବିଦୂଷୀ ନାରୀ ପରି କାଚର ଗୋଟିଏ ବଳୟ ତିଆ

ରେଭେନ୍ସା ଇଷ୍ଟ ହଷ୍ଟେଲରେ ଛାତ୍ର ଅସନ୍ତୋଷ

ଡେପୁଟୀ ୱାର୍ଡେନଙ୍କ ବିରୋଧରେ ଘଣ୍ଟବଜାଇ ପ୍ରତିବାଦ

କଟକ (ବ୍ୟୁରୋ) : ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ୍ରେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି । ରାତିରେ ହଷ୍ଟେଲ୍ରେ ଛାତ୍ରମାନେ ଏକାଠି ହେବାକୁ ନେଇ ରେଭେନ୍ସା ହଷ୍ଟେଲ୍ର ଡେପୁଟି ୱାର୍ଡେନ୍ ରବ୍ୟୁଲ ଅନ୍ସାରୀ ବିରୋଧ କରିଥିଲେ । ଏହି ଘଟଣାକୁ ନେଇ ଇଷ୍ଟ ହଷ୍ଟେଲ୍ ? ଛାତ୍ରମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଘଣ୍ଟ ବଜାଇ ଆମରଣ ଅନଶନରେ ହଷ୍ଟେଲ ଛାତ୍ର ବସିଛନ୍ତି। ଅଗଷ୍ଟ ୧ ତାରିଖ ରାତିରେ ଫ୍ରେଣ୍ଡସିପ ଡେ ସେଲିବ୍ରେସନ ପାଇଁ ହଷ୍ଟେଲରେ ଏକାଠି ହୋଇଥିଲେ ଅନ୍ତେବାସୀ । କିନ୍ତୁ ଗତକାଲି ସକାଳୁ ଦୁଇଟି ହଷ୍ଟେଲ ରୁମରେ ଡେପୁଟି ୱାର୍ଡେନ୍ ତାଲା ପକାଇଦେଇଥିଲେ। ଯାହାକୁ ବିରୋଧ କରି ହଷ୍ଟେଲ୍ ଅନ୍ତେବାସୀମାନେ ଧାରଣାରେ ବସିଛନ୍ତି । ଆନ୍ଦୋଳନକାରୀ ଛାତ୍ର ଡେପୁଟି ୱାର୍ଡେନ ରବୀଉଲ ଅନସାରିଙ୍କ ଇସ୍ତଫା ଦାବି କରିଛନ୍ତି ।

ଦିବସ ପାଳନ କରିବାକୁ ଶନିବାର ରାତିରେ ଯୁଜି ଦ୍ୱିତୀୟ ଏବଂ ତୃତୀୟ ବର୍ଷ ଛାତ୍ରମାନେ ଏକାଠି ହୋଇଥିଲେ । ରବିବାର ବନ୍ଧୁତ୍ୱ ଦିବସ ସେଲିବ୍ରେସନ୍ କରିବାକୁ ଯୋଜନା କରୁଥିବା ବେଳେ ହଷ୍ଟେଲ୍ ସିକ୍ୟୁରିଟି ଗାର୍ଡ ଡେପୁଟି ୱାର୍ଡେନ୍ଙ୍କୁ ଫୋନ୍ କରିଥିଲେ । ସକାଳେ ଫୋନ୍ ଦେଖି ହଷ୍ଟେଲ ଡେପୁଟି ୱାର୍ଡେନ୍ ରବ୍ୟୁଲ୍ ଅନ୍ସାରୀ ହଷ୍ଟେଲ୍ରେ ଶୋଇଥିବା ଛାତ୍ରଙ୍କ କବାଟ ବାଡେଇବା ସହ ବାହାରିବାକୁ କହିଥିଲେ । ଏହାପରେ ୨ଟି ରୁମ୍କୁ ତାଲା ପକାଇ ହଷ୍ଟେଲ୍ ଛାଡିବାକୁ କହିଥିଲେ । ଯାହାକୁ ବିରୋଧ କରି ଯୁଜି ଦ୍ୱିତୀୟ ଏବଂ ତୃତୀୟ ବର୍ଷ ଛାତ୍ରମାନେ ଅପରାହ୍ନରେ ହଷ୍ଟେଲ୍ ସମ୍ମୁଖ ରାସ୍ତା ବନ୍ଦ କରି ଧାରଣାରେ ବସିଥିଲେ । ସମ୍ପୃକ୍ତ ହଷ୍ଟେଲ୍ ୱାର୍ଡେନଙ୍କୁ ଦାୟିତ୍ୱରୁ ହଟାଇବାକୁ ଛାତ୍ରମାନେ ଦାବିକରି ଧାରଣାରେ ବସିବା ସହ ଜିତ୍ରେ ଅଟଳ ରହିଥିଲେ । ଏପରିକି ମେସ୍ ?ରେ ଖାଦ୍ୟ ପ୍ରସ୍ତୁତ ହୋଇ ରହିଥିଲେ ମଧ୍ୟ ଛାତ୍ରମାନେ ଖାଇ ନଥିଲେ । ଘଟଣା ସମ୍ପର୍କରେ ଖବର ପାଇଁ ଇଷ୍ଟ ହଷ୍ଟେଲ ୱାର୍ଡେନ୍ ଦାୟିତ୍ୱରେ ଥିବା ପ୍ରଫେସର ଶରତ ରାଉତ ଛାତ୍ରମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଧାରଣାରୁ ଉଠି ନଥିଲେ । ଅପରାହ୍ନରୁ ୨ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଛାତ୍ରମାନେ ଧାରଣାରେ ବସିବା ସହିତ ଘଣ୍ଟ ବାଡେଇ ଡେପୁଟି ୱାର୍ଡେନ୍ ?ଙ୍କୁ ହଟାଇବାକୁ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ । ତେବେ ଛାତ୍ରଙ୍କ ଅଭିଯୋଗ ସମ୍ପର୍କରେ ଡେପୁଟି ୱାର୍ଡେନ୍ ରବ୍ୟୁଲ ଅନ୍ସାରୀଙ୍କୁ ଏକାଧିକ ଥର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ନଦେଇ ଘଟଣାକୁ ଏଡାଇ ଯାଇଥିଲେ । ତେବେ ଇଷ୍ଟ ହଷ୍ଟେଲ ୱାର୍ଡେନ୍ ପ୍ରଫେସର ଶରତ ରାଉତ ଏହି ଘଟଣାକୁ ନେଇ ଭିନ୍ନ କଥା କହିଛନ୍ତି । ଆଜି ରେଭେନ୍ସା କର୍ତ୍ତୃପକ୍ଷ ଆନ୍ଦୋଳନସ୍ଥଳକୁ ଆସି ଛାତ୍ରମାନଙ୍କ ସହ ଆଲୋଚନା କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ।ଅନ୍ୟପଟେ ଚିଫ ୱାର୍ଡେନ ହଷ୍ଟେଲ ରୁମ ତାଲା ପକାଇବା କଥାକୁ ସ୍ୱୀକାର କରିଛନ୍ତି ।

ବନ୍ୟାଞ୍ଚଳରେ ସହାୟତା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ

ଯାଜପୁର (ଅମୃତ ମିଡିଆ) : ଯାଜପୁର ଜିଲ୍ଲାରେ ସାମ୍ପ୍ରତିକ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସହାୟତା ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି। ଜିଲ୍ଲାପାଳ ଅମ୍ଳର କୁମାର କର ବଡ଼ଚଣା ବ୍ଲକ ଗସ୍ତ କରି ରିଲିଫ, ଉଦ୍ଧାର କାର୍ଯ୍ୟ ଓ କ୍ଷୟ କ୍ଷତି ଆକଳନ ନିମନ୍ତେ ବିଭାଗୀୟ ଅଧିକାରୀ ଙ୍କ ସହିତ ସମୀକ୍ଷା କରିଛନ୍ତି ।ଏହି ବୈଠକରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ , ବ୍ଲକ ଅଧକ୍ଷା ଶ୍ରୀମତୀ ମିନତି ସେନାପତି ଯୋଗଦେଇ ବନ୍ୟା ଜନିତ କ୍ଷୟକ୍ଷତି ର ସଠିକ ଆକଳନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ପଲ୍ଲବୀ ରାଣୀ ରାଜ, ବିଡ଼ିଓ, ତହସିଲଦାର ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀକାଳୀନ ବିଭାଗର ସୂଚନା ଅନୁଯାୟୀ, ଜିଲ୍ଲାର ୮ଟି ବ୍ଲକ୍ (ଯାଜପୁର, କୋରେଇ, ଦଶରଥପୁର, ବିଞ୍ଜାରପୁର, ବରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା) ଏବଂ ଯାଜପୁର ପୌରାଞ୍ଚଳର ୧୧୭ଟି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ୪୦୩ଟି ଗ୍ରାମର ପ୍ରାୟ ୩,୯୭,୬୭୮ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବନ୍ୟା ପୀଡ଼ିତଙ୍କ ଖାଦ୍ୟପେୟ ପାଇଁ ୨୦୫ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୧୫ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଜରୁରୀକାଳୀନ ସହାୟତା ସ୍ୱରୂପ ପ୍ରଶାସନ ପକ୍ଷରୁ ବ୍ୟାପକ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି । ଏହାବ୍ୟତୀତ ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟ ଓ ପ୍ରାଣୀସେବା ଯୋଗାଇଦେବା ପାଇଁ ୧୪ଟି ମେଡିକାଲ୍ ଟିମ୍ ଏବଂ ୮ଟି ଭେଟେରିନାରୀ ଟିମ୍କୁ ମୁତୟନ କରାଯାଇଛି। କ୍ଷତିଗ୍ରସ୍ତ ହୋଇଥିବା ଘର ଗୁଡ଼ିକର ବୃତ୍ତାନ୍ତ ଆକଳନ ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଛି। ଅପରପକ୍ଷରେ, ବନ୍ୟା ଯୋଗୁଁ ୩୫ଟି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି, ୬ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଛି ଏବଂ ୧୧ଟି ରାସ୍ତା ଓ ୩ଟି ପୋଲଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ଜାରକା ଜଳ ସେଚନ ବିଭାଗ ଅନୁଯାୟୀ, ୨୦ଟି ସ୍ଥାନରେ ଘାଇ ବିପଦ ସୃଷ୍ଟି ହୋଇଥିବା ବେଳେ ୧୦ଟି ନଦୀବନ୍ଧ ଉପରେ ପାଣି ପ୍ରବାହିତ ହୋଇଛି। ବନ୍ୟାଜଳ ହ୍ରାସ ପାଇବା କ୍ଷଣି ପୁନରୁଦ୍ଧାର ଓ ମରାମତି କାର୍ଯ୍ୟ ଆରମ୍ଭ କରାଯିବ।

ବରିଷ୍ଠ କଳାକାର ସଂଘ ପକ୍ଷରୁ ବନ୍ଧୁତା ଦିବସ ପାଳିତ

ବ୍ରହ୍ମପୁର (ଅମୃତ ମିଡିଆ) : କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ' ତରଫରୁ ବ୍ରହ୍ମପୁର ସହର ଉପକଣ୍ଠ ସ୍ଥିତ ଫୁଲଟା ନାରାୟଣୀ ମନ୍ଦିର ପରିସରରେ ସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁଙ୍କ ଅଧକ୍ଷତାରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଘ କୋଷାଧକ୍ଷ ଅଭିରାମ ରାଉଳଙ୍କ ୭୦ ତମ ଜନ୍ମଦିନ ପାଳନ କରାଯାଇଥିଲା। ଓଡ଼ିଶା ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର ପାତ୍ର, ଗଞ୍ଜାମ ଜିଲ୍ଲା କଳାକାର ସଂଘ ସଭାପତି ଶଙ୍କର୍ଷଣ ସାବତ, କଳାପ୍ରାଣ କୈଳାସ ପାଣିଗ୍ରାହୀ, ବରିଷ୍ଠ ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ତ୍ରିପାଠୀ ବ୍ରୁ, ନାଟ୍ୟ ନିର୍ଦ୍ଦେଶକ ସୁଦାମ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଭାରତ ବର୍ଷରେ ଅଗଷ୍ଟ ମାସ ପ୍ରଥମ ରବିବାର ପାଳିତ ହେଉଥିବା

ବନ୍ଧୁତା ଦିବସ ସମ୍ୟକ ଆଲୋକପାତ ସହିତ ନାଟ୍ୟଗୁରୁ ଅଭିରାମ ରାଉଳଙ୍କ ନାଟ୍ୟ ଜୀବନ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ସଂଘ ତରଫରୁ ଅଭିରାମ ବାବୁଙ୍କୁ ଜନ୍ମଦିନ ବଧେଇ ଓ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟ ସଭା ସଂଯୋଜନା କରିଥିଲେ। ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସର୍ବଶ୍ରୀ ହରିଶ୍ଚନ୍ଦ୍ର ବରଡ଼, ଚିତ୍ତ ରଂଜନ ଦଳେଇ, ମହେନ୍ଦ୍ର କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ସହ ସମ୍ପାଦକ ବଳଦେବ ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

ବିସ୍ଥାପିତ ନୀତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଓ ସମୁଦ୍ର କୂଳ ଲଙ୍ଘିବା ଘଟଣାର ସ୍ଥାୟୀ ସମାଧାନ ଦାବି

ଛତ୍ରପୁର (ଅମୃତ ମିଡିଆ) : ଆଇ ଆର ଇଏଲ ପକ୍ଷରୁ ବିସ୍ଥାପିତ ନୀତି କୁ ତୁରନ୍ତ କାର୍ଯ୍ୟକାରୀ କରିବା, ଏଥିପାଇଁ ଚିନ୍ହଟ ଜାଗା ରେ ଘର ନିର୍ମାଣ ସହ ପୁର୍ନବାସ ବ୍ୟବସ୍ଥା କରିବା ସହିତ ୨୦୧୮ ମସିହାରେ ବ୍ରହ୍ମପୁର ସ୍ଥିତ ଆର.ଡି.ସି ଙ୍କ କାର୍ଯ୍ୟାଳୟରେ ହୋଇଥିବା ଆର.ପି.ଡି.ଏ.ସି ବୈଠକରେ ଗୃହିତ ନିଷ୍ପତି ଗୁଡିକୁ କାର୍ଯ୍ୟକାରୀ କରିବା ଏବଂସମୁଦ୍ର କୂଳ ଲଙ୍ଘିବା ଘଟଣା ର ସ୍ଥାୟୀ ସମାଧାନ କରିବା ଦାବୀ ନେଇ ଆଜି ଗଞ୍ଜାମ ଜିଲ୍ଲାପ୍ରଶାସନ ର ଦ୍ୱାରସ୍ଥ ହୋଇଛନ୍ତି ସାନ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି । ଗୋଟେ ପଟେ ସମୁଦ୍ର ରେ ଗାଁ ଲୀନ ହେବା ଭୟ ଥିବା ବେଳେ ଅନ୍ୟପଟେ ଆଇ ଆର ଇ ଏଲ କମ୍ପାନୀ ଦେଇଥିବା ନିଜ ପ୍ରତିଶୃତି ପାଳନ କରିବା ନା ନେଉନି । ଏହି ଘଡି ସନ୍ଧୀ ମୁହୂର୍ତ ରେ ମହ୍ୟଜୀବି ମାନେ ରହିଛନ୍ତି । ଏନେଇ ଗ୍ରାମ୍ୟ କମିଟି ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ଏବଂ ଛତ୍ରପୁର ଉପଜିଲ୍ଲାପାଳ

ଶିବାଶିଷ ବରାଳଙ୍କୁ ଭେଟି ଲିଖିତ ଭାବେ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଗୋପାଳପୁର ବନ୍ଦରର ଖାମଖିଆଲି ନୀତି ଏବଂ ଅବହେଳା ଯୋଗୁଁ ଦିନକୁ ଦିନ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି । ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ କୁହାଯାଇଛି । ଏହା ସହିତ ଆଇଆରଇଏଲ କମ୍ପାନି ଗ୍ରାମବାସିଙ୍କୁ ମିଥ୍ୟା ପ୍ରତିଶୃତି ଦେଇ ପ୍ରାୟ ୮/୯ ବର୍ଷ ଧରି ଡ୍ରେଜିଙ୍ଗ କରୁଥିଲେ ମଧ୍ୟ ବିସ୍ଥାପିତ ନୀତି କୁ କାର୍ଯ୍ୟକାରୀ କରିଲା ନାହିଁ। ଏଣୁ ୨୦୧୮ ବର୍ଷ ରେ ସମସ୍ତ ଗୃହିତ ନିଷ୍ପତ୍ତି କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ନିମନ୍ତେ ଗ୍ରାମ୍ୟବାସୀ ମାନେ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଅନ୍ୟପଟେ ଆର୍ଯ୍ୟପଲ୍ଲୀ ଉପକୂଳ କ୍ଷୟ ପ୍ରଶମନ ପ୍ରସ୍ତାବ' ପ୍ରକଳ୍ପ ସମ୍ପର୍କରେ ଚେନ୍ନାଇ ସ୍ଥିତ ଜାତୀୟ ସମୁଦ୍ର ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ର ରିପୋର୍ଟ ଉପରେ ଜଳ ସେଚନ ବିଭାଗ ପକ୍ଷରୁ ଡ୍ରାଫ୍ଟ ଡିପିଆର ଦାଖଲ କରାଯାଇଛି। ଆସନ୍ତା ୧୦ ତାରିଖ ଦିନ ଚୂଡ଼ାନ୍ତ ଡିପିଆର ଦାଖଲ କରାଯିବ । ଏହା ସହିତ ଏହି ପ୍ରକଳ୍ପ ନିମନ୍ତେ ୨/୩ ମାସ ମଧ୍ୟରେ ଟେଣ୍ଡର ବାହାରିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ସେପଟେ ଗ୍ରାମବାସୀ ମାନେ କହିଛନ୍ତିଯେ,ସେମାନଙ୍କ ଦାବି ଗୁଡିକ ଆସନ୍ତା ୭ ଦିନ ମଧ୍ୟ ରେ କିଛି ସମାଧାନ ବାଟ ନ ବାହାରିଲେ । ଅଗଷ୍ଟ ୧୦ ରୁ ଆଇଆରଇଏଲ କମ୍ପାନୀ ଏବଂ ଗୋପାଳପୁର ପୋର୍ଟ ର ମୁଖ୍ୟ ଫାଟକ ସମ୍ମୁଖରେ ଗଣ ଆନ୍ଦୋଳନ କରାଯିବ ବୋଲି କଡା ଚେତାବନୀ ଦେଇଛନ୍ତି । ଏହି ଦାବୀ ପତ୍ର ପ୍ରଦାନ ବେଳେ ସାନ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି ସଭାପତି ବି. ସୀମା,ଗଞ୍ଜାମ ଜିଲ୍ଲା ମତ୍ସ୍ୟଜୀବି ନେତା ତଥା ସାଧାରଣ ସମ୍ପାଦକ ବି. ଭୀମସେନ, ଉପସଭାପତି ପି. ଗୟେ।, ପୂର୍ବତନ ସାଧାରଣ ସମ୍ପାଦକ ଏମ. ଦିଲ୍ଲୀପ,ଏନ. ଦିନବନ୍ଧୁ, କେ. ଦାଶରଥୀ, ଜି ସନ୍ୟାସୀ, ମାସିଆନୁ ଓ ଏଲ. ଏରେୟା ଙ୍କ ସମେତ ବହୁ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

ନୀତିକାନ୍ତିର ଆଉ କି ଆବଶ୍ୟକ

ଅନୀତିକୁ ନୀତିରେ ପରିଣତ କରାଗଲା, କାଉଡ଼ିଆମାନେ ଜଳଲାଗିକଲେ

ବାଲିଅନ୍ତା (ଅମୃତ ମିଡିଆ) : ଭୁବନେଶ୍ୱର:-'ଗଙ୍ଗା କୂଳର ଲୋକ ଗଙ୍ଗାର ମହତ୍ୱ ବୁଝି ପାରନ୍ତି ନାହିଁ' । ସେହିପରି ମହାପ୍ରଭୁ ଲିଙ୍ଗରାଜଙ୍କ କଥା କାହାରିକୁ ବୁଝିବାକୁ ଶକ୍ତି ମହାପ୍ରଭୁ ଲିଙ୍ଗରାଜ ଦେଇନାହାନ୍ତି। ସର୍ବମୋଟ ୧୪ ନୀତିରୁ ବର୍ତ୍ତମାନ ୨୦୧୬ ମସିହା ଠାରୁ ମହାପ୍ରଭୁ ଲିଙ୍ଗରାଜଙ୍କର ଗୋଟିଏ ପରେ ଗୋଟିଏ ନୀତିକାନ୍ତି ବନ୍ଦ ହୋଇ ଦଶଟି ବନ୍ଦ ହୋଇ ସାରିଲାଣି। ଭଲ ଦିନମାନଙ୍କରେ କୌଣସି ନା କୌଣସି କାରଣରୁ ମହାପ୍ରଭୁ ଲିଙ୍ଗରାଜଙ୍କୁ ଉପବାସ ରଖାଯାଏ।ଏହା ପରମ୍ପରା ଓ ଆଦର୍ଶରେ ପରିଣତ ହୋଇଗଲାଣି। ପାପ ପୂଣ୍ୟର ସ୍ଥାନକୁ ମାଡ଼ି ବସିଲାଣି। ଏହାର ପ୍ରତିକାର ପାଇଁ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ଦେବୋତ୍ତର ବିଭାଗ, ଏଣ୍ଡାମେଣ୍ଟ, ଏଡିଏମ୍ ଓ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଥରକୁ ଥର କଥା ନେଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ କରାଯାଇନାହିଁ।ସେଥି ନିମନ୍ତେ

ପ୍ରଶାସନିକ ବ୍ୟସ୍ତ କି ବିବ୍ରତ ହେଉନାହାନ୍ତି। ଲିଙ୍ଗରାଜ ମହାପ୍ରଭୁଙ୍କ ସ୍ୱତନ୍ତ୍ର ଆଇନ କରାଯାଇନାହିଁ। ଲିଙ୍ଗରାଜ ମନ୍ଦିରର ସ୍ୱତନ୍ତ୍ର ନିର୍ବାହୀ ଅଧିକାରୀ ନାହାଁନ୍ତି। ମନ୍ଦିର କାର୍ଯ୍ୟାଳୟ ଖାଁ ଖାଁରେ ଚାଲୁ ରହିଛି। ଦୀର୍ଘ ବର୍ଷ ଧରି ପ୍ରଭାତରୁ ଭକ୍ତି ସଙ୍ଗୀତ ମନ୍ଦିର ଭିତରୁ ଶୁଣାଯାଉ ନାହିଁ।ଅସଜଡା ସି ସି ଟିଭିକୁ ପରିବର୍ତ୍ତନ କରାଯାଉନାହିଁ। ଲିଙ୍ଗରାଜଙ୍କର ରୀତିକାନ୍ତି ପାଇଁ ସୂଚନା କେନ୍ଦ୍ର ଏଯାବତ୍ ହୋଇପାରିଲା ନାହିଁ। ଲିଙ୍ଗରାଜ ମନ୍ଦିର ଭିତରେ ଥିବା ପାର୍ଶ୍ୱ ମନ୍ଦିରଗୁଡିକରେ ବର୍ଷା ସମୟରେ ପାଣି ଝରୁଛି। ମନ୍ଦିର ଆଗରେ ଯେଉଁ ପୋଲିସ ମନ୍ଦିରକୁ ସୁରକ୍ଷା ଦେବା ପାଇଁ ରହିଛନ୍ତି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଗୃହ ନଥିବାରୁ ସେମାନେ ଅସୁରକ୍ଷିତ ରହିଛନ୍ତି। ସେବାୟତମାନଙ୍କର ପ୍ରାପ୍ୟର ସମାଧାନ ଅଦ୍ୟାବଧି କରାଯାଇନାହିଁ। ଯାହା ଫଳରେ ରୀତିକାନ୍ତି ଠିକ୍ ଭାବରେ ନହୋଇ ଭଗବାନ ଲିଙ୍ଗରାଜ ଉପାସରେ ରହୁଛନ୍ତି। ଗଲା ଟ୍ରଷ୍ଟ ବୋର୍ଡ ମିଟିଂରେ ଶ୍ରାବଣୀ କଥାକୁ ନେଇ ଟ୍ରଷ୍ଟ ବୋର୍ଡର ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ ଟ୍ରଷ୍ଟ ବୋର୍ଡ ଏହାକୁ ଗୁରୁତ୍ୱ ଦେଲେ ନାହିଁ। ଆଜି ଲିଙ୍ଗରାଜଙ୍କ ନୀତିକାନ୍ତି କରାଗଲା ନାହିଁ। ଅନୀତିକୁ ନୀତିରେ ପରିଣତ କରାଗଲା। କାଉଡ଼ିଆ ମାନେ ଜଳ ଲାଗି କରିଲେ, ଅନ୍ୟ ଭକ୍ତମାନେ ପୂଜାର୍ଚ୍ଚନା ବି କରିଥିଲେ। ତାହା ହେଲେ ନୀତିକାନ୍ତି ର ଆଉ ଆବଶ୍ୟକ କଣ ? ବୋଲି କ୍ଷୋଭ ପ୍ରକାଶ କରି ଶ୍ରୀ ମିଶ୍ରଙ୍କ ସହିତ ଅଶୋକ କୁମାର ମହାରଣା, ତାରା ଚରଣ ଆଚାର୍ଯ୍ୟ, ସତ୍ୟନାରାୟଣ ମିଶ୍ର, ପ୍ରଦୀପ କୁମାର ରାୟ, ବିପିନ ବିହାରୀ ସାମନ୍ତରାୟ, ଗିରିଜା ଶଙ୍କର ମହାପାତ୍ର, ବର୍ଣ୍ଣମାଳା ପାତ୍ର, ସୀତା ରାଉତ,କାଳୀ ବେହେରା, ପାୟୁଷ ମହାନ୍ତି, ସ୍ନେହଲତା ମହାପାତ୍ର ପ୍ରମୁଖ ମତ ପ୍ରକାଶ କରିଛନ୍ତି।

ହରିଶଙ୍କର ପରିଦର୍ଶନ କଲେ ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ

ଖପ୍ରାଖୋଲ (ଅମୃତ ମିଡିଆ) : ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ଶୈବପୀଠ ତଥା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ହରିଶଙ୍କରର ସାମଗ୍ରିକ ବିକାଶ ଯୋଜନାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ରାଜ୍ୟ ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ବଳବନ୍ତ ସିଂହ ସୋମବାର ହରିଶଙ୍କର ଗସ୍ତ କରି ବିଭିନ୍ନ ସ୍ଥାନର ସ୍ଥିତି ପରଖିଥିଲେ। ଗସ୍ତ ସମୟରେ ସେ ହରିଶଙ୍କର ମନ୍ଦିର ପରିସର, ପାର୍କିଂ ସ୍ଥଳ, ଶ୍ରଦ୍ଧାଳୁଙ୍କ ବିଶ୍ରାମ ସ୍ଥାନ, ବେରିକେଡିଂ ବ୍ୟବସ୍ଥା, ଝରଣା କୂଳ ସମେତ ବିଭିନ୍ନ ପର୍ଯ୍ୟଟନ ଓ ତୀର୍ଥ ସୁବିଧାର ସ୍ଥଳ ପରିଦର୍ଶନ କରିଥିଲେ। ଏଥିସହ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ପାଇଁ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରି ଶୀଘ୍ର କାର୍ଯ୍ୟାନ୍ୱୟନ ଉପରେ ସମ୍ପୃକ୍ତ ବିଭାଗଗୁଡ଼ିକୁ ଗୁରୁତ୍ୱାରୋପ କରିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପରିବେଶର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ସହିତ ପରିସରର ସ୍ୱଚ୍ଛତା, ଶୃଙ୍ଖଳିତ ପରିଚାଳନା ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଉନ୍ନତ ମୌଳିକ ସୁବିଧା ସୃଷ୍ଟି ଦିଗରେ

ବିଶେଷ ଧ୍ୟାନ ଦେବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ଅବସରରେ ଭବାନୀପାଟଣା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସନ୍ତୋଷ କୁମାର ଯୋଶୀ, ଏଡିଏମ ଡ଼. ବିଜୟାନନ୍ଦ ସେଠୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଳିନା ପ୍ରଧାନ, ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, କଣ୍ଢାବାଞ୍ଜି ପୂର୍ତ୍ତ ବିଭାଗର ନିରୀକ୍ଷଣ ଯନ୍ତ୍ରୀ ଜ୍ଞାନ ରଞ୍ଜନ ନାଏକ, ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦା

କୃଷକଙ୍କ ନାଁରେ ସଂଗଠନ, କାରବାରରେ ପଛୁଆ !

୫ କୃଷକ ଉତ୍ପାଦକ କମ୍ପାନୀକୁ ୧୮.୮୦ ଲକ୍ଷ ପ୍ରଶାସନିକ ପାଣ୍ଠି, ବ୍ୟବସାୟ ମାତ୍ର ୮.୩୯ ଲକ୍ଷ

କଳାହାଣ୍ଡି (ଅମୃତ ମିଡ଼ିଆ) : କୃଷକମାନଙ୍କୁ ସଂଗଠିତ କରି ସେମାନଙ୍କ ଉତ୍ପାଦକୁ ଉଚିତ ବଜାର, ଲାଭଜନକ ମୂଲ୍ୟ ଓ ଆୟବୃଦ୍ଧିର ସୁଯୋଗ ଯୋଗାଇଦେବା ଲକ୍ଷ୍ୟରେ ୧୦ ହଜାର କୃଷକ ଉତ୍ପାଦକ ସଂଗଠନ ଗଠନ ଓ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାର ୫ଟି କୃଷକ ଉତ୍ପାଦକ କମ୍ପାନୀ ସମ୍ପର୍କିତ ତଥ୍ୟ ଏବେ ସେମାନଙ୍କ ବ୍ୟବସାୟିକ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଇଛି। ଉପଲବ୍ଧ ତଥ୍ୟ ଅନୁସାରେ ଜୁନାଗଡ଼, ଭବାନୀପାଟଣା, ନର୍ଲା, ଗୋଲାମୁଣ୍ଡା ଓ ମଦନପୁର ରାମପୁର ବ୍ଲକର ୫ଟି କୃଷକ ଉତ୍ପାଦକ କମ୍ପାନୀକୁ ମୋଟ ୧୮ ଲକ୍ଷ ୮୦ ହଜାର ଟଙ୍କା ପ୍ରଶାସନିକ ପାଣ୍ଠି ମିଳିଥିବା ବେଳେ ସେମାନଙ୍କ ମୋଟ ବ୍ୟବସାୟ କାରବାର ମାତ୍ର ୮ ଲକ୍ଷ ୩୯ ହଜାର ୭୦୦ ଟଙ୍କା ଦର୍ଶାଯାଇଛି ଏବଂ ଅଂଶୀଦାରଙ୍କଠାରୁ ମୋଟ ୧୧ ଲକ୍ଷ ୧୧ ହଜାର ଟଙ୍କା ସଂଗ୍ରହ ହୋଇଥିବା ଉଲ୍ଲେଖ ରହିଛି। ଜୁନାଗଡ଼ର ମା' ଅନ୍ନପୂର୍ଣ୍ଣା କୃଷକ ଉତ୍ପାଦକ କମ୍ପାନୀରେ ୫୫୭ ଜଣ ଅଂଶୀଦାର ଥିବା ବେଳେ ସେମାନଙ୍କଠାରୁ ୩ ଲକ୍ଷ ଟଙ୍କା ସଂଗ୍ରହ, ୩ ଲକ୍ଷ ଟଙ୍କା ପ୍ରଶାସନିକ ପାଣ୍ଠି ପ୍ରାପ୍ତି ଓ ୩ ଲକ୍ଷ ୩୦ ହଜାର ଟଙ୍କା ବ୍ୟବସାୟ କାରବାର ଦର୍ଶାଯାଇଛି; ଭବାନୀପାଟଣାର ଜୟା ସଚ୍ଚିଦାନନ୍ଦମ୍ କୃଷକ ଉତ୍ପାଦକ କମ୍ପାନୀରେ ୩୫୦ ଅଂଶୀଦାରଙ୍କଠାରୁ ୩ ଲକ୍ଷ ୧୧ ହଜାର ଟଙ୍କା ସଂଗ୍ରହ ହୋଇଥିବା ଏବଂ ୩ ଲକ୍ଷ ୯୫ ହଜାର ଟଙ୍କା ପ୍ରଶାସନିକ ପାଣ୍ଠି ମିଳିଥିବା ବେଳେ ବ୍ୟବସାୟ କାରବାର ମାତ୍ର ୧ ଲକ୍ଷ ୨୨ ହଜାର ଟଙ୍କା ରହିଛି; ନର୍ଲା କୃଷକ ଉତ୍ପାଦକ କମ୍ପାନୀରେ ୩୦୦ ଅଂଶୀଦାରଙ୍କଠାରୁ ୯୦ ହଜାର ଟଙ୍କା ସଂଗ୍ରହ, ୩ ଲକ୍ଷ ୯୫ ହଜାର ଟଙ୍କା ପ୍ରଶାସନିକ ପାଣ୍ଠି ଏବଂ ୨ ଲକ୍ଷ ୨୨ ହଜାର ଟଙ୍କା ବ୍ୟବସାୟ କାରବାର ଦର୍ଶାଯାଇଛି; ଗୋଲାମୁଣ୍ଡାର ଚୁଡ଼ାପାହାଡ଼ ବୁଢ଼ାରାଜା କୃଷକ ଉତ୍ପାଦକ କମ୍ପାନୀରେ ୩୫୦ ଅଂଶୀଦାରଙ୍କଠାରୁ ୩ ଲକ୍ଷ ଟଙ୍କା ସଂଗ୍ରହ ଏବଂ ୩ ଲକ୍ଷ ୯୫ ହଜାର ଟଙ୍କା ପ୍ରଶାସନିକ ପାଣ୍ଠି ମିଳିଥିବା ବେଳେ କାରବାର ୧ ଲକ୍ଷ ୧୦ ହଜାର ୭୦୦ ଟଙ୍କାରେ ସୀମିତ ରହିଛି; ସେହିପରି ମଦନପୁର ରାମପୁରର ଉତ୍ତରେଶ୍ୱର ମହାଦେବ କୃଷକ ଉତ୍ପାଦକ କମ୍ପାନୀରେ ୫୦୦ ଅଂଶୀଦାର ଥିବା ସତ୍ତ୍ୱେ ସେମାନଙ୍କଠାରୁ ୧ ଲକ୍ଷ ୧୦ ହଜାର ଟଙ୍କା ସଂଗ୍ରହ, ୩ ଲକ୍ଷ ୯୫ ହଜାର ଟଙ୍କା ପ୍ରଶାସନିକ ପାଣ୍ଠି ପ୍ରାପ୍ତି ଓ ବ୍ୟବସାୟ କାରବାର ମାତ୍ର ୫୫ ହଜାର ୫୦୦ ଟଙ୍କା ଦର୍ଶାଯାଇଛି। ଏଭଳି ସ୍ଥିତିରେ କୃଷକ ଉତ୍ପାଦକ କମ୍ପାନୀଗୁଡ଼ିକୁ ମିଳିଥିବା ପ୍ରଶାସନିକ ପାଣ୍ଠି କେଉଁ କେଉଁ କାର୍ଯ୍ୟରେ ବ୍ୟୟ ହୋଇଛି, ଅଂଶୀଦାର କୃଷକମାନେ ବାସ୍ତବରେ କେତେ ଲାଭ ପାଇଛନ୍ତି, କେତେ ପରିମାଣର କୃଷିଜାତ ସାମଗ୍ରୀ ସଂଗଠନ ମାଧ୍ୟମରେ କ୍ରୟବିକ୍ରୟ ହୋଇଛି ଏବଂ ଆଗାମୀ ଦିନରେ ଏହି ସଂଗଠନଗୁଡ଼ିକ ନିଜସ୍ୱ ବ୍ୟବସାୟରେ କେତେ ସ୍ୱାବଲମ୍ବୀ ହୋଇପାରିବେ, ତାହାର ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବା ଆବଶ୍ୟକ। ତେବେ ପ୍ରଶାସନିକ ପାଣ୍ଠି ଓ ବ୍ୟବସାୟ କାରବାର ଦୁଇଟି ଭିନ୍ନ ଆର୍ଥିକ ସୂଚକ ହୋଇଥିବାରୁ କେବଳ ଏହି ଆଙ୍କ ଆଧାରରେ କୌଣସି ଅନିୟମିତତା ହୋଇଛି ବୋଲି କୁହାଯାଇପାରିବ ନାହିଁ; ବରଂ ପାଣ୍ଠିର ବ୍ୟୟ ବିବରଣୀ, ବ୍ୟବହାର ପ୍ରମାଣପତ୍ର, ବାର୍ଷିକ ହିସାବ ଯାଞ୍ଚ ରିପୋର୍ଟ, ବ୍ୟାଙ୍କ ହିସାବ, ନଗଦ ବହି, କ୍ରୟବିକ୍ରୟ ଓ ମାଲମହଜୁଦ ରେଜିଷ୍ଟର ସହ ସଦସ୍ୟ କୃଷକଙ୍କୁ ମିଳିଥିବା ପ୍ରକୃତ ସୁଫଳର ଯାଞ୍ଚ ହେଲେ ହିଁ ଯୋଜନାର ବାସ୍ତବ ସଫଳତା ଓ ଏହି ଆଙ୍କ ପଛର ପ୍ରକୃତ ଚିତ୍ର ସ୍ପଷ୍ଟ ହୋଇପାରିବ।

ସାମୂହିକ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

ସିନାପାଲି (ଅମୃତ ମିଡିଆ) : ନୂଆପଡ଼ା ଜିଲ୍ଲା ସିନାପାଲି ଠାରେ ଆଗାମୀ ନୂଆଁଖାଇ ଦିନେ ସାମୂହିକ ନୂଆଁଖାଇ ଭେଟଘାଟ୍ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ଥାନୀୟ ଯୁବକଙ୍କ ଉଦ୍‌ଯମରେ ଗତ ଦୁଇବର୍ଷ ତଳୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ପ୍ରସ୍ତୁତି ସଭା ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ତ୍ରିନାଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଭାରେ ଗତବର୍ଷର ସମୀକ୍ଷା କରାଯାଇ ଚଳିତ ବର୍ଷ ନିମନ୍ତେ ରୂପରେଖ ତିଆରି କରାଯାଇଥିଲା । ପାଳନ କମିଟିର ସଭାପତି ଭାବରେ ତ୍ରିନାଥ ମେହେର, ଉପସଭାପତି ରଜନି ମାଝୀ, ସୁରଜ ମେହେର, ମନୋରଞ୍ଜନ ମେହେର, ଜିତେନ୍ଦ୍ର ମେହେର, ସୁଶାନ୍ତ କୁମାର, ଶୈଲେସ ସା ଓ ସଂପାଦକ ଭାବରେ ପ୍ରଭାତ କୁମାର ମେହେର, ସହସଂପାଦକ ସନ୍ତୋଷ ନାୟକ, ନିତିଶ ମେହେର, ସଂଜିବ ଭକ୍ତ, ଅରୁଣ ମେହେର, ସୁନିଲ ମେହେର, ରାଜୁ ମାଝୀ, ମନୋଜ ଜଗତ, ଅନିଲ ମେହେର, ନରେଶ ମାଝୀ ଏବଂ ସାଂସ୍କୃତିକ ସମ୍ପାଦକ ଯତୀନ୍ଦ୍ର ମେହେର, ପାଣ୍ଠି ସଂଗ୍ରାହକ ବିକାଶ ମେହେରଙ୍କ ସହ କୋଷାଧ୍ୟକ୍ଷ ଭାବରେ ରଶ୍ମୀରଂଜନ ସାହୁଙ୍କୁ ମନୋନିତ କରାଯାଇଥିଲା । ବୈଶମ୍ପାୟନ ମେହେର, ନୀଳମଣି ମେହେର, ପୂର୍ଣଚନ୍ଦ୍ର ମେହେର, ନାରାୟଣ ପାତ୍ର, ତୁଳସୀରାମ ମେହେର, ନନ୍ଦକୁମାର ପାତ୍ର, ବୈଷ୍ଣବ ମେହେର, ନବୀନଚନ୍ଦ୍ର ମେହେର, ପ୍ରଦ୍ୟୁମ୍ନ ସିଂହ ଛିନ୍ଦା, ପ୍ରିୟରଞ୍ଜନ ମେହେର, ଶଙ୍କର ମେହେର, ହରେକୃଷ୍ଣ ମେହେର, ମୁରଲୀ ମେହେର, ଗୌରବ ମେହେର, ନୀତିଶ କୁମାର ମେହେର। ପ୍ରମୁଖ ଅଂଚଳର ଶତାଧିକ ବରିଷ୍ଠ ଓ ଯୁବକ ମାନେ ଉପସ୍ଥିତ ରହି ଆଲୋଚନା ଅଂଶ ଗ୍ରହଣ କରିଥିଲେ। ଶେଷରେ ମନୋରଞ୍ଜନ ମେହେର ଧନ୍ୟବାଦ ଦେଇଥିଲେ।

SIR-୨୦୨୬କୁ ନେଇ କଳାହାଣ୍ଡିରେ ବଡ଼ କସରତ

୧୪୧୩ରୁ ୧୭୦୫କୁ ବଢ଼ିଲା ପୋଲିଂ ବୁଥ୍, ସେପ୍ଟେମ୍ବର ୨୧ରେ ଚୂଡ଼ାନ୍ତ ଭୋଟର ତାଲିକା

କଳାହାଣ୍ଡି (ଅମୃତ ମିଡ଼ିଆ) : ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬କୁ ନେଇ କଳାହାଣ୍ଡି ଜିଲ୍ଲାରେ ନିର୍ବାଚନ ପ୍ରଶାସନର ବଡ଼ କସରତ ଆରମ୍ଭ ହୋଇଥିବାବେଳେ ଶନିବାର ଜିଲ୍ଲାପାଳଙ୍କ ଓସ୍ତ୍ୟାନ ସଭାଗୃହରେ ଭୋଟର ତାଲିକା ନିରୀକ୍ଷକ ବଲଜିନ୍ତ ସିଂହ, ଆଇଏଏସ୍‌ଙ୍କ ଅଧ୍ୟକ୍ଷତା ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପାଣ୍ଡାର ସଚିନ ପ୍ରକାଶ, ଆଇଏଏସ୍‌ଙ୍କ ଉପସ୍ଥିତିରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି ଏଥିରେ ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା ଓ ନର୍ଲା ବିଧାନସଭା କ୍ଷେତ୍ରର ନିର୍ବାଚନ ଅଧିକାରୀଙ୍କ ସହ ବିଜେପି, କଂଗ୍ରେସ, ଆପ୍ ଓ ବିଜେଡି ପ୍ରତିନିଧିମାନେ ଯୋଗଦେଇଥିଲେ। ୪ଓଜର ପ୍ରଥମ ପର୍ଯ୍ୟାୟରେ ଏନ୍ୟୁମେରେସନ୍ ଫର୍ମ ମୁଦ୍ରଣ, ବଣ୍ଟନ, ଡିଜିଟାଇଜେସନ୍ ଓ ପୋଲିଂ ଷ୍ଟେସନ ଯୁକ୍ତିସଙ୍ଗତୀକରଣର ସମୀକ୍ଷା କରାଯାଇଥିବାବେଳେ ଏହି ପ୍ରକ୍ରିୟା ପରେ ଜିଲ୍ଲାର ପୋଲିଂ ଷ୍ଟେସନ ସଂଖ୍ୟା ୧,୪୧୩ରୁ ବଢ଼ି ୧,୭୦୫ରେ ପହଞ୍ଚିଛି ଏବଂ ସମସ୍ତ ବୁଥ୍‌ରେ ଖସଡ଼ା ମତଦାତା ତାଲିକା ପ୍ରକାଶ ପାଇସାରିଛି। ଦାବି ଓ ଆପତ୍ତି ଦାଖଲ ପାଇଁ ଅଗଷ୍ଟ ୧୯ ପର୍ଯ୍ୟନ୍ତ ସମୟ ରହିଥିବାବେଳେ ସେଗୁଡ଼ିକର ନିଷ୍ପତ୍ତି ସେପ୍ଟେମ୍ବର ୧୭ ସୁଦ୍ଧା କରାଯାଇ ସେପ୍ଟେମ୍ବର ୨୧ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ଭୋଟର ତାଲିକା ନିରୀକ୍ଷକ BLO, AERO, ERO, DEOମାନଙ୍କୁ ଖସଡ଼। ତାଲିକାର ତ୍ରୁଟି ଯାଞ୍ଚ, ଯୋଗ୍ୟ ମତଦାତାଙ୍କ ନାମ ସାମିଲ, ଅଯୋଗ୍ୟଙ୍କ ନାମ ବିଲୋପ ଓ ଦାବି-ଆପତ୍ତିର ଶୀଘ୍ର ନିଷ୍ପତ୍ତି ପାଇଁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିବାବେଳେ "ଜଣେ ହେଲେ ବି ଯୋଗ୍ୟ ମତଦାତା ବାଦ୍ ପଡ଼ିବେ ନାହିଁ ଏବଂ ଜଣେ ବି ଅଯୋଗ୍ୟ ବ୍ୟକ୍ତି ମତଦାତା ତାଲିକାରେ ସାମିଲ ହେବେ ନାହିଁ" ବୋଲି ୨୦୨୬ର ମୂଳ ଲକ୍ଷ୍ୟକୁ ପୁଣିଥରେ ସ୍ପଷ୍ଟ କରାଯାଇଛି।

ଶ୍ରାବଣର ପ୍ରଥମ ସୋମବାରରେ ହରିଶଙ୍କରରେ ଶିବଭକ୍ତଙ୍କ ଭକ୍ତିର ସ୍ରୋତ

କମିଛି କାଉଡ଼ିଆଙ୍କ ଗହଳି; ବ୍ୟବସାୟୀଙ୍କ ମୁହଁରେ ନିରାଶା

ଖପ୍ରାଖୋଲ (ଅମୃତ ମିଡିଆ) : ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ପଶ୍ଚିମ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ହରିଶଙ୍କରରେ ଭକ୍ତି, ଆସ୍ଥା ଓ ଆଧ୍ୟାତ୍ମିକ ପରିବେଶର ଅନନ୍ୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟରୁ ହଜାର ହଜାର ଶିବଭକ୍ତ ଓ କାଉଡ଼ିଆମାନେ ହରିଶଙ୍କର ପୀଠରେ ପହଞ୍ଚି ବାବା ହରିଶଙ୍କରଙ୍କ ଦର୍ଶନ ଓ ଜଳାଭିଷେକ କରି ପୁଣ୍ୟଲାଭ କରିଥିଲେ। ପ୍ରଭାତ ପୂର୍ବରୁ ହିଁ କାଉଡ଼ିଆମାନେ ପବିତ୍ର ପାପନାସିନୀ ଝରଣାରେ ସ୍ନାନ କରି ଜଳ ସଂଗ୍ରହ କରିଥିଲେ। ରାତି ପ୍ରାୟ ୨ଟାରୁ ମନ୍ଦିରରେ ଜଳାଭିଷେକ କରିବା ପାଇଁ ଦୀର୍ଘ ଧାଡ଼ିରେ ଛିଡ଼ା ହୋଇଥିଲେ। ସକାଳ ୪ଟାରେ ମନ୍ଦିରର ଦ୍ୱାର ଖୋଲିବା ପରେ ଧୂପ, ଦୀପ, ଫୁଲ ଓ ବେଲପତ୍ର ଅର୍ପଣ କରି ଭକ୍ତମାନେ ମହାଦେବଙ୍କ ପବିତ୍ର ଜଳାଭିଷେକ କରିଥିଲେ। 'ବୋଲ ବମ', 'ହର ହର ବମ', 'ବାବାମଣି ନିଅ ଟାଣି' ଆଦି ଜୟଧ୍ୱନିରେ ସମଗ୍ର ହରିଶଙ୍କର ପରିସର ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଥିଲା। ପୁରୁଷଙ୍କ ସହ ବହୁ ସଂଖ୍ୟକ ମହିଳା ଭକ୍ତ ମଧ୍ୟ କାଉଡ଼ିଆ ଯାତ୍ରାରେ ସାମିଲ ହୋଇ ଭକ୍ତିର ଅନନ୍ୟ ନିଦର୍ଶନ ସୃଷ୍ଟି କରିଥିଲେ। ଭକ୍ତଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା, ଶୃଙ୍ଖଳିତ ଦର୍ଶନ ପାଇଁ ନିର୍ଦ୍ଦେଶନା ଓ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ପୁଲିସ ବଳ ମୁତୟନ କରାଯାଇଥିଲା, ଫଳରେ ସମଗ୍ର ଦର୍ଶନ ବ୍ୟବସ୍ଥା ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା। ତେବେ ଏହିବର୍ଷର ଶ୍ରାବଣ ସୋମବାରରେ ଏକ ଭିନ୍ନ ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ବିଗତ ବର୍ଷଗୁଡ଼ିକରେ ଶ୍ରାବଣ ମାସରେ ହଜାର ହଜାର କାଉଡ଼ିଆ ଗାଡ଼ିରେ ଡାକବାଜି ଯନ୍ତ୍ର ବଜାଇ, ବିଭିନ୍ନ ସ୍ଥାନରେ ଅଟକି ନୃତ୍ୟ ଓ ଭଜନ-କୀର୍ତ୍ତନ କରି ହରିଶଙ୍କର ଅଭିମୁଖେ ଯାଉଥିବାରୁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠୁଥିଲା। କିନ୍ତୁ ଚଳିତ ବର୍ଷ ସେହି ଉତ୍ସାହ ଓ କାଉଡ଼ିଆଙ୍କ ଗହଳି ପୂର୍ବବର୍ଷ ତୁଳନାରେ କମ୍ ଥିବା ସ୍ପଷ୍ଟ ଭାବେ ଅନୁଭବ କରାଯାଉଛି। ସ୍ଥାନୀୟ ବ୍ୟବସାୟୀମାନଙ୍କ କହିବା ଅନୁଯାୟୀ, ପୂର୍ବବର୍ଷ ଭଳି ଏବର୍ଷ ଭକ୍ତଙ୍କ ସଂଖ୍ୟା ସେତେଟା ଦେଖିବାକୁ ମିଳୁନାହିଁ। ଫଳସ୍ୱରୂପ ହୋଟେଲ, ପୂଜା ସାମଗ୍ରୀ, ଫଳ, ମିଠା ଓ ଅନ୍ୟାନ୍ୟ ଅସ୍ଥାୟୀ ଦୋକାନରେ ବ୍ୟବସାୟ ମଧ୍ୟ ଆଶାନୁରୂପ ହୋଇନାହିଁ। ଶ୍ରାବଣ ମାସକୁ କେନ୍ଦ୍ର କରି ଯେଉଁ ବ୍ୟବସାୟୀମାନେ ଭଲ ରୋଜଗାରର ଆଶା ରଖିଥିଲେ, ସେମାନଙ୍କ ମୁହଁରେ ଏବେ ନିରାଶାର ଛାପ ସ୍ପଷ୍ଟ ଦେଖାଯାଉଛି।

ପୂର୍ବତନ ବିଡିଓଙ୍କ ପରଲୋକ

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲ୍ଲାର ପ୍ରଶାସନିକ ମହଲରେ ଜଣେ ଦକ୍ଷ, ସଚ୍ଚୋଟ ଓ ପରିଚିତ ଅଧିକାରୀ ଭାବେ ଛାପ ଛାଡ଼ିଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଜୁନାଗଡ଼ର ପୂର୍ବତନ ବିଡିଓ ପରମବ୍ରହ୍ମ ଯୋଶୀ (୬୭)ଙ୍କ ପରଲୋକରେ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଶନିବାର ଅପରାହ୍ନରେ ହୃଦଘାତ ଯୋଗୁଁ ତାଙ୍କର ପରଲୋକ ହୋଇଥିବା ଖବର ପ୍ରଚାରିତ ହେବାମାତ୍ରେ ପରିବାର, ଆତ୍ମୀୟସ୍ୱଜନ, ପୂର୍ବତନ ସହକର୍ମୀ, ଶୁଭେଚ୍ଛୁ ଓ ତାଙ୍କୁ ନିକଟରୁ ଜାଣିଥିବା ଲୋକଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ଯୋଶୀ ନିଜର ଦୀର୍ଘ ପ୍ରଶାସନିକ ଜୀବନରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦାୟିତ୍ୱ ନିର୍ବାହ କରି ଲୋକଙ୍କ ସହ ସିଧାସଳଖ ଯୋଡ଼ି ହୋଇଥିଲେ। ସେ ଜୁନାଗଡ଼, ଧର୍ମଗଡ଼ ଓ ଭବାନୀପାଟଣା ବ୍ଲକରେ ବିଡିଓ ଭାବେ କାର୍ଯ୍ୟ କରିଥିଲେ। ପ୍ରଶାସନିକ ଦାୟିତ୍ୱ ପାଳନ ସମୟରେ କର୍ତ୍ତବ୍ୟନିଷ୍ଠା, ସଚ୍ଚୋଟତା ଓ ଶୃଙ୍ଖଳା ପାଇଁ ସେ ଜିଲ୍ଲାରେ ବେଶ ପରିଚିତ ଥିଲେ। ଜଣେ ପ୍ରଶାସନିକ ଅଧିକାରୀ ଭାବେ ସରକାରୀ ଯୋଜନା ଓ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପହଞ୍ଚାଇବାର ଦାୟିତ୍ୱ ସେ ବିଭିନ୍ନ ସମୟରେ ତୁଲାଇଥିଲେ। ଦୀର୍ଘଦିନ ଧରି କଳାହାଣ୍ଡିର ପ୍ରଶାସନିକ ବ୍ୟବସ୍ଥା ସହ ଜଡ଼ିତ ରହିଥିବାରୁ ଜିଲ୍ଲାର ଅନେକ ଅଞ୍ଚଳର ଲୋକଙ୍କ ସହ ତାଙ୍କର ପରିଚୟ ଓ ସମ୍ପର୍କ ଗଢ଼ିଉଠିଥିଲା। ତାଙ୍କ ପରଲୋକ ଖବର ମିଳିବା ପରେ ବିଭିନ୍ନ ମହଲରୁ ଶୋକବାର୍ତ୍ତା ଆସିବା ସହ ତାଙ୍କ ପ୍ରଶାସନିକ ଜୀବନ ଓ ବ୍ୟକ୍ତିତ୍ୱକୁ ମନେପକାଇ ଶ୍ରଦ୍ଧାଞ୍ଜଳି ଜଣାଯାଉଛି। ଏକଦା ଯେଉଁ ଜୁନାଗଡ଼, ଧର୍ମଗଡ଼ ଓ ଭବାନୀପାଟଣା ବ୍ଲକର ପ୍ରଶାସନିକ ଦାୟିତ୍ୱ ସେ ସମ୍ଭାଳିଥିଲେ, ସେହି ଅଞ୍ଚଳରେ ତାଙ୍କ ପରଲୋକ ଖବର ଅନେକଙ୍କୁ ମର୍ମାହତ କରିଛି। ତାଙ୍କ ଜୀବନଯାତ୍ରାର ଶେଷ ଅଧ୍ୟାୟ ଶନିବାର ହଠାତ୍ ହୃଦଘାତ ସହ ଶେଷ ହୋଇଥିବାବେଳେ ପରିବାର ପାଇଁ ଏହା ଏକ ଅପୂରଣୀୟ କ୍ଷତି ହୋଇଛି। ଭବାନୀପାଟଣାରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ସୌମ୍ୟରଞ୍ଜନ ଯୋଶୀ ମୁଖାଗ୍ନି ଦେଇଥିଲେ। ଶୋକାକୁଳ ପରିବେଶରେ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁମାନେ ତାଙ୍କୁ ଶେଷ ବିଦାୟ ଜଣାଇଥିଲେ। ମଣିଷ ଜୀବନର ଅନ୍ତିମ ଯାତ୍ରା ସହ ଜଣେ ଅଧିକାରୀଙ୍କ ପ୍ରଶାସନିକ ଅଧ୍ୟାୟର ଅବସାନ ଘଟିଥିଲେ ମଧ୍ୟ ତାଙ୍କର କର୍ତ୍ତବ୍ୟନିଷ୍ଠା, ସଚ୍ଚୋଟତା ଓ କାର୍ଯ୍ୟଶୈଳୀର ସ୍ମୃତି ତାଙ୍କୁ ଜାଣିଥିବା ଲୋକଙ୍କ ମନରେ ରହିବ। ପରମବ୍ରହ୍ମ ଯୋଶୀଙ୍କ ପରଲୋକ କେବଳ ଏକ ପରିବାରର କ୍ଷତି ନୁହେଁ, ଜିଲ୍ଲାର ପ୍ରଶାସନିକ ଓ ସାମାଜିକ ମହଲ ପାଇଁ ମଧ୍ୟ ଏକ ଦୁଃଖଦ ଖବର ହୋଇଛି। ଜଣେ ଦକ୍ଷ ଓ ସଚ୍ଚୋଟ ପ୍ରଶାସକଙ୍କୁ ହରାଇ କଳାହାଣ୍ଡି ଆଜି ଶୋକାକୁଳରେ ରହିଥିବା ଦେଖିବାକୁ ମିଳିଛି ।

ଟିପିଡବ୍ଲ୍ୟୁଡିଏଲ୍ ପକ୍ଷରୁ ନୂତନ ଡିଟିଆର୍ ପ୍ରକଳ୍ପ ସହ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ସୁଦୃଢ଼

ବଲାଙ୍ଗୀର (ଅମୃତ ମିଡିଆ) : ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଉ ଏକ ପଦକ୍ଷେପ ନେଇ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପକ୍ଷରୁ ବଲାଙ୍ଗିର ଜିଲ୍ଲାରେ ୨୮ଟି ନୂତନ ଡିଟିଆର୍ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଅଛି। ପ୍ରାୟ ୪.୧୫ କୋଟି ଟଙ୍କାରୁ ଅଧିକ ବିନିଯୋଗରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ୬,୮୦୦ କେଭିଏ ଅତିରିକ୍ତ ଟ୍ରାନ୍ସଫର୍ମେସନ୍ କ୍ଷମତା ଯୋଡ଼ାଯାଇଛି। ଏହା ଫଳରେ ଜିଲ୍ଲାର ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ପ୍ରାୟ ୧୧,୦୦୦ ଉପଭୋକ୍ତାଙ୍କୁ ଉନ୍ନତମାନର ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ମିଳିପାରିବ। ୨୫ କେଭିଏରୁ ୫୦୦ କେଭିଏ କ୍ଷମତା ବିଶିଷ୍ଟ ଏହି ନୂତନ ଟ୍ରାନ୍ସଫର୍ମରଗୁଡ଼ିକୁ ସିଆଇଡି ଅଫିସ୍, ଡମ୍ପିଂ ୟାର୍ଡ, ଚାଲପାଲିପଡ଼ା, ଜୁନାଡିହି, ରାଜୀବନଗର, ରୁଗୁଡିପଡ଼ା, ରାମପୁର, ସାହାରାପଡ଼ା, ସୋନପୁର ରୋଡ୍, ଜାମୁନାପାଲି, ମହୁଲପାଟି, ପାଲସାପଡ଼ା, ଡାଙ୍ଗିଆ, ଜାମକି, ଲକ୍ଷ୍ମୀନଗର, ଫୁଗୁଡ଼ା, ପୁଞ୍ଜିପଥର, ସାନବାର୍ଦ୍ଦି, ଗୌନ୍ତଲା, ବିବିଏମ୍ଏଚ୍ ଛକ, ସୂର୍ଯ୍ୟନଗର, ତୁଳସୀନଗର, ସାଲେପାଲି,

ଲକ୍ଷାଧିକ ଟଙ୍କାର ଗହଣା, ମୋବାଇଲ ଫୋନ ଜବତ; ୩ ଗିରଫ

ରାସଗୋବିନ୍ଦପୁର ପୋଲିସକୁ ସଫଳତା

ବାରିପଦା(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା, ରାସଗୋବିନ୍ଦପୁର ପୋଲିସକୁ ଡକାୟତ ଓ ଚୋରି ମାମଲାରେ ଏକ ବଡ଼ ସଫଳତା ମିଳିଛି । ଏନେଇ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଓ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଆଜି ଅପରାହ୍ନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଥାନା ଅଧୀନ ବଡ଼ାମ ଛକ ନିକଟରେ ଗତକାଲି ରାତିରେ ପୋଲିସ ନାକା ଚେକିଂ କରୁଥିବା ସମୟରେ ଏକ ବାଇକ ଯୋଗେ ଦୁଇଜଣ ଯୁବକ ଯାଉଥିବା ସମୟରେ ପୋଲିସ ସନ୍ଦେହ କରି ଅଟକାଇ ପଚାରାଉଚୁରା କରିଥିଲା ଏବଂ ଏମାନଙ୍କ ନିକଟରୁ ୩୫୮ ଗ୍ରାମ ରୂପା ଗହଣା ଜବତ କରିବା ସହ ଏମାନଙ୍କୁ ଗିରଫ କରିଛି ପୋଲିସ। ଗିରଫ ଦୁଇଜଣ ଯୁବକ ହେଲେ ବୈଶିଙ୍ଗା ଥାନା ଅଧୀନ ଗୋବିନ୍ଦରାୟ ଗ୍ରାମର ଏସକେ. ସୁଲତାନ ଏବଂ ନଜିମ ଖାନ। ଏନେଇ ଥାନାରେ କେଶ ନଂ ୪୧୨/୨୬ ମୂଳେ ଏକ ମାମଲା ରୁଜୁ ହୋଇଛି। ଏମିତି ଚୋରି ହେଉଥିବା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଛି ପୋଲିସ। ଗିରଫ ମୁଖ୍ୟ ଅଭିଯୁକ୍ତ ଜଣକ ହେଉଛନ୍ତି ବୈଶିଙ୍ଗା ଥାନା ଅଞ୍ଚଳର ସେକ୍.କାଲାଙ୍କୁ ଗିରଫ କରିଛି ପୋଲିସ। ପୋଲିସ ସୂଚନା ମୁତାବକ, ଗତ ଜୁନ ୨୭ ତାରିଖ ବିଳମ୍ବିତ ରାତିରେ ଉକ୍ତ ଥାନା ଅଧୀନ ମାଣିଦାସ୍ଥିତ କୃଷ୍ଣଚନ୍ଦ୍ର ଗହଣା ଦୋକାନରୁ ସୁନା ୬ ରୂପା ଗହଣା କିଛି ଦୁର୍ବୃତ୍ତ ଚୋରି କରିଥିଲେ ଏବଂ ଏହା ସିସିଟିଭି ଫୁଟେଜରେ କଏଦ ହୋଇଥିଲା। ଏନେଇ ପୋଲିସ କେଶ ନଂ ୪୦୧/୨୬ ମୂଳେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଏବଂ ଟେକ୍ନିକାଲ ଟିମ ଆଧାରରେ ଉକ୍ତ ଚୋରିର ମୁଖ୍ୟ ସେକ୍. କାଲାଙ୍କୁ ଗିରଫ କରିଛି ପୋଲିସ ଏବଂ ୭୫୦ଗ୍ରାମର ରୂପା ଗହଣା, ୩୫ଟି ରୂପା ପଲା ଯାହାର ଆନୁମାଲିକ ମୂଲ୍ୟ ୧ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ତେବେ ଉକ୍ତ ମାମଲାରେ ଗିରଫ ତିନି ଜଣ ଯୁବକଙ୍କ ନିକଟରୁ ୯ଟି ମୋବାଇଲ ଫୋନ ମଧ୍ୟ ଜବତ କରିଛି ପୋଲିସ।

ଲଗାଣ ବର୍ଷାରେ ପୁରୁଣା ବରଗଛ ଉପୁଡ଼ି ଭାଙ୍ଗିଲା ଘର, ଛିଣ୍ଡିଲା ତାର

ଅଳ୍ପକେ ବର୍ତ୍ତିଗଲେ ପରିବାର ଲୋକେ



ବାରିପଦା(ଅମୃତମିଡିଆ): ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲା, ଭଦୁଆଶୋଳ ପଞ୍ଚାୟତର ଭଦୁଆଶୋଳ ଗାଁ ମଝିରେ ଥିବା ପ୍ରାୟ ଦୁଇଶହ ବର୍ଷରୁ ଅଧିକ ପୁରୁଣା ବିରାଟ ବରଗଛ ମୂଳେ ପାଣି ଜମିରହିବାରୁ ବର ଗଛଟିଏ ଉପୁଡ଼ି ପଡ଼ି ଏକ ବାସଗୃହ ଉପରେ ଲେଉଟି ଭାଙ୍ଗି ପଡ଼ିଥିବାରୁ ଘରଟି ଗୁରୁତର କ୍ଷତିଗ୍ରସ୍ତ ହେବାସହ ଗାଁ ମଝିରେ ଥିବା ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିବା ବେଳେ ବ୍ୟାପକ କ୍ଷତି ହୋଇ ଯାତାୟତରେ ବ୍ୟାଘାତ ହୋଇଛି। ତେବେ ସୌଭାଗ୍ୟବଶତଃ ଘର ଭିତରେ ଥିବା ପରିବାରର ସମସ୍ତ ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, ଗତ କିଛି ଦିନ ଧରି ଲଗାଣ ବର୍ଷା ଜାରି ରହିଥିବାରୁ ବରଗଛର ମୂଳ ଦୁର୍ବଳ ହୋଇପଡ଼ିଥିଲା। ଫଳରେ ହଠାତ୍ ଗଛଟି ଉପୁଡ଼ି ପଡ଼ି ଘରର ଛାତ ଓ କାନ୍ଥ ଉପରେ ଭାଙ୍ଗି ପଡ଼ିଥିଲା। ଏଥିରେ ଘରର ଛାତ,କାନ୍ଥ ଏବଂ ଘରେ ଥିବା ଆସବାବପତ୍ରର ବ୍ୟାପକ କ୍ଷତି ଘଟିଛି। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିବାର ସଦସ୍ୟଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ ସ୍ଥାନୀୟ ପ୍ରଶାସନ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବପର ହୋଇ ନ ଥିବା ସହ ପରିସ୍ଥିତିର ତଦାରଖ କରିଥିଲେ ରେଭିନ୍ୟୁ ବିଭାଗ। କ୍ଷତିଗ୍ରସ୍ତ ପରିବାର ସରକାରଙ୍କ ପକ୍ଷରୁ ଜରୁରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହି ଘଟଣା ପରେ ଅଞ୍ଚଳରେ ଥିବା ପୁରୁଣା ଓ ବିପଦଜନକ ଗଛଗୁଡ଼ିକର ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି।

ବୋଲବମ୍ ଭକ୍ତଙ୍କ ଭକ୍ତିମୟ ଯାତ୍ରା

ଭୀମକୁଣ୍ଡ ଘାଟରୁ ଜଳ ଆଣି ସ୍ୱପ୍ନେଶ୍ୱର ମହାଦେବଙ୍କୁ ଜଳାଭିଷେକ

ବାରିପଦା(ଅମୃତମିଡିଆ): ପବିତ୍ର ଶ୍ରାବଣ ମାସ ଉପଲକ୍ଷେ ସମଗ୍ର ଅଞ୍ଚଳରେ ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶ ଦେଖିବାକୁ ମିଳୁଛି। ଶ୍ରାବଣ ମାସରେ ଭଗବାନ ଶିବଙ୍କ ପୂଜାର ବିଶେଷ ମହତ୍ତ୍ୱ ରହିଥିବାରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ବୋଲବମ ଯାତ୍ରାରେ ସାମିଲ ହେଉଛନ୍ତି। ଭକ୍ତମାନେ ବିଭିନ୍ନ ପବିତ୍ର ନଦୀରୁ ଜଳ ସଂଗ୍ରହ କରି କାନ୍ଧରେ କାଉଡ଼ି ବହନ କରି ଶିବ ମନ୍ଦିରରେ ପହଞ୍ଚି ମହାଦେବଙ୍କ ନିକଟରେ ଜଳାଭିଷେକ କରି ନିଜ ମନୋକାମନା ପୂରଣ ପାଇଁ ପ୍ରାର୍ଥନା କରୁଛନ୍ତି। ସୋମବାର ସକାଳୁ ସୁନିନ୍ଦା, ଦିଗଧର, ମିଟୁଆଣି, ରୁଗୁଡ଼ି ବେଡା, ଠାକୁରମୁଣ୍ଡା,ଗ୍ରାମର ବହୁ ସଂଖ୍ୟକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ପୁଣ୍ୟତୋୟା ବୈତରଣୀ ନଦୀର ଭୀମକୁଣ୍ଡ ଘାଟରୁ ବିଧିବଦ୍ଧ ଭାବେ ପବିତ୍ର ଜଳ ସଂଗ୍ରହ କରିଥିଲେ। 'ବୋଲ ବମ୍', 'ହର ହର ମହାଦେବ' ଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା। ଭକ୍ତମାନେ ଶୃଙ୍ଖଳିତ ଭାବେ ପଦଯାତ୍ରା କରି ଦିଗଧର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସୁନିନ୍ଦା ସ୍ଥିତ ସ୍ୱପ୍ନେଶ୍ୱର, ଠାକୁରମୁଣ୍ଡା ସ୍ଥିତ ସର୍ବେଶ୍ୱର ମହାଦେବ ମନ୍ଦିରରେ ପହଞ୍ଚି ଭଗବାନ ଶିବଙ୍କ ନିକଟରେ ପବିତ୍ର ଜଳ ଅର୍ପଣ କରି ଜଳାଭିଷେକ ସମ୍ପନ୍ନ କରିଥିଲେ।

ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ବଦଳି ପାଇଁ ଦାବି କଲା ମାସା ଆର୍ମୀ

ବାରିପଦା(ଅମୃତମିଡିଆ): ମାସାଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଆଜି ମୟୂରଭଞ୍ଜ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଘେରାଉ କରାଯାଇ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ବଦଳି ନ କଲେ ଚଳିତ ମାସ ୧୧ ତାରିଖ ମୟୂରଭଞ୍ଜ ବନ୍ଦ ହେବ ବୋଲି ଚେତାବନୀ ଦିଆଯାଇଛି ଓ ଉକ୍ତ ସ୍ମାରକପତ୍ରରେ, ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯିବା,ସରକାରଙ୍କ ୩ ବର୍ଷିଆ ବଦଳି ନିୟମକୁ ସମସ୍ତ ସରକାରୀ ବିଭାଗରେ କଡ଼ାକଡ଼ି ଭାବେ ଲାଗୁ କରିବା, ବିପଦସଂକୁଳ ଅବସ୍ଥାରେ ଥିବା ମୟୂରଭଞ୍ଜର ସମସ୍ତ ବିଦ୍ୟାଳୟକୁ ଚିହ୍ନଟ କରି ତୁରନ୍ତ ମରାମତି କରାଯିବା ସହ ଭିତ୍ତିଭୂମିର ବିକାଶ କରାଯିବା, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରାଯାଇ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବା, ଛାତ୍ରଛାତ୍ରୀଙ୍କୁ ପ୍ରୋଟିନ୍ ଯୁକ୍ତ ଓ ପୌଷ୍ଟିକ ମଧ୍ୟାହ୍ନ ଭୋଜନ ନିୟମିତ ଭାବେ ପ୍ରଦାନ କରିବା, ତ୍ରୁଟିଶୂନ୍ୟ ଓ ଗୁଣାତ୍ମକ ପାଠ୍ୟପୁସ୍ତକ ପ୍ରଦାନ କରାଯିବା ଦାବିମାନ କରାଯାଇଛି। ଆଜିର ଘେରାଉ ଓ ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ରାଜ୍ୟ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ ନାରାୟଣ ମୁର୍ମୁ, ରାଜ୍ୟ ସମ୍ପାଦକ ପଦ୍ମ ଲୋଚନ ମୁର୍ମୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଟିକା ବାଦଲ ମାରାଣ୍ଡି, ବାରିପଦା ଉପଖଣ୍ଡ ସଭାପତି ଶଙ୍କର ବାସ୍କେ, କୃଷ୍ଣ ଟୁଡୁ, ବିଶୁ ମୁର୍ମୁ, ଚାନ୍ଦ୍ରାୟ ମାରାଣ୍ଡି, ରାଜେଶ ମାରାଣ୍ଡି, ବାଦଲ ମୁର୍ମୁ,ରାଇସେନ ମୁର୍ମୁ, ଦୀପକ ହେମ୍ବ୍ରମ, ସୁବାସ ମୁର୍ମୁ, ବୀରଭୀମ ମାରାଣ୍ଡି, ପି.ଏସ୍ ମେମ୍ବର ସୁନିଲ କୁମାର ଟୁଡୁ, ସରପଞ୍ଚ ମଙ୍ଗଲ, ବୃଜେଶ ମୁର୍ମୁ, ଅବିନାଶ ମାରାଣ୍ଡି, ଚିତ୍ତ ମାରାଣ୍ଡି, ବିକ୍ରମ ମୁର୍ମୁ, ଗୌରୀ ଶଙ୍କର ଟୁଡୁ, ମିଥୁନ ମାରାଣ୍ଡି, ଲାଲ ମୋହନ ବାସ୍କେ, ଧରମବୀର ହେମ୍ବ୍ରମ ପ୍ରମୁଖ ସାମିଲ ଥିଲେ ।

ସଂସ୍କାର, କର୍ମକାଣ୍ଡ ବିଦ୍ୟାଳୟ ପ୍ରତିଷ୍ଠା ଓ ସଂସ୍କୃତି ସୁରକ୍ଷା ଉପରେ ଗୁରୁତ୍ୱ

ଓଡ଼ିଶା ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରିଣୀ ବୈଠକ

ବାରିପଦା(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା, ଡକତପୁର ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଓଡ଼ିଶା ବ୍ରାହ୍ମଣ ମହାସଂଘ, ମୟୂରଭଞ୍ଜ ଶାଖାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଶାଖାର ସଭାପତି ଅଲେଖ ରଞ୍ଜନ ପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲ୍ଲା କାର୍ଯ୍ୟକାରିଣୀର ସମସ୍ତ ସଦସ ?ୟ, ଉପଖଣ୍ଡ ଏବଂ ବିଭିନ୍ନ ବ୍ଲକରୁ ୫୦ ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ । ବୈଠକ ପ୍ରାରମ୍ଭରେ ବୈଦିକ ମନ୍ତ୍ରପାଠ କରାଯିବା ସହ ମଞ୍ଚାସୀନ ଅତିଥିମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଜିଲ୍ଲା ସମ୍ପାଦକ ଡ଼ା ଆଦିତ୍ୟ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଜିଲ୍ଲା ସଭାପତି ଶ୍ରୀ ପାଠୀ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମହାସଂଘ ତରଫରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ଗରିବ ବ୍ରାହ୍ମଣ ପିଲାମାନଙ୍କୁ ମାଗଣା କର୍ମକାଣ୍ଡ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଯିବା, ଏକ ସ୍ଥାୟୀ ବ୍ରାହ୍ମଣ ଭବନର ପ୍ରତିଷ୍ଠା କରାଯାଇ ସାମାଜିକ ଏକତା, ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଏବଂ ସାଂସ୍କୃତିକ ଆଦାନପ୍ରଦାନ ବୃଦ୍ଧି କରାଯିବା, ପ୍ରତ୍ୟେକ ବ୍ରାହ୍ମଣ ପରିବାରକୁ ସଂଗଠନରେ ଯୋଡ଼ିବା ଭଳି ନିଷ୍ପତ୍ତି ମାନ ନିଆଯାଇଛି । ଏ ଦିଗରେ ସମସ୍ତ ବ୍ରାହ୍ମଣ ନୀତିଗତ ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟ ହାତକୁ ନେବା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ଉପସଭାପତି ତଥା ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା, ମହାସଂଘ ଶକ୍ତିବାହିନୀ ସଭାନେତ୍ରୀ ପ୍ରୀତିସୁଧା ତ୍ରିପାଠୀ, ମୁଖ୍ୟ ପରାମର୍ଶଦାତା ଶ୍ରୀଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ ?ୟାଳୟର ଅବସରପ୍ରାପ୍ତ ଅଧ ?ୟକ୍ଷ ଜଗବନ୍ଧୁ ମିଶ୍ର, ଆଜୀବନ ସଦସ୍ୟ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ନିଜର ବହୁମୂଲ୍ୟ ମତାମତ ରଖିଥିବା ବେଳେ କାର୍ଯ୍ୟକାରୀ ସମ୍ପାଦକ ତଥା ସଂଯୋଜକ ପଦ୍ମଲୋଚନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

ବିବେକାନନ୍ଦ କେନ୍ଦ୍ର ବାଣୀ ବିଭାଗର ବୈଠକ

ବାରିପଦା(ଅମୃତମିଡିଆ): ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ଓଡିଶା ପ୍ରାନ୍ତ, ବାଣୀ ବିଭାଗର ଦୁଇଦିନ ବ୍ୟାପୀ ତୈମାସିକ ବୈଠକ ବାରିପଦା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବାଣୀ ବିଭାଗ ଅନ୍ତର୍ଭୁକ୍ତ ଭୁବନେଶ୍ୱର, କୁଶୁପୁର, କଟକ, ବାଲେଶ୍ୱର, ବାରିପଦା, କେଉଁଝର ପ୍ରଭୃତି ସ୍ଥାନର କାର୍ଯ୍ୟକର୍ତ୍ତାବୃନ୍ଦ ଯୋଗଦାନ କରି ଆଗାମୀ କାର୍ଯ୍ୟକ୍ରମଗୁଡିକ ସମ୍ବନ୍ଧରେ ନିଷ୍ପତ୍ତି ଗ୍ରହଣ କରିଥିଲେ । ଏତଦବ୍ୟତୀତ ଯୋଗାସନ, ପ୍ରାଣାୟାମ, ଖେଳ, ସ୍ୱାଧ୍ୟାୟ ପ୍ରଭୃତିକୁ ନେଇ କେନ୍ଦ୍ର ବର୍ଗ ଅନୁଷ୍ଠିତ ହୋଇଥିଲା । ଉଦଘାଟନୀ ଉତ୍ସବରେ ବାଣୀ ବିଭାଗ ପ୍ରମୁଖ ସନ୍ତାପ କୁମାର ଜେନାଙ୍କ ସଂଯୋଜନାରେ ବାରିପଦା ଶାଖାର ନଗର ସଂଚାଳକ ସନ୍ଦୀପ କୁମାର ଚାନ୍ଦ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ଓ ଓଡିଶା ପ୍ରାନ୍ତ ପ୍ରମୁଖ ଅନୀଲ କୁମାର କର ମୁଖ୍ୟ ଅତିଥି ଭାବେ ବିବେକାନନ୍ଦ କେନ୍ଦ୍ର ଦୃଷ୍ଟିକୋଣରୁ ଗୁରୁ ପୂର୍ଣ୍ଣିମାର ଗୁରୁତ୍ୱ ଓ କାର୍ଯ୍ୟକର୍ତ୍ତା ମାନଙ୍କର ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ । ଉଦଯାପନୀ ଉତ୍ସବରେ ଓଡିଶା ପ୍ରାନ୍ତର ସଂଗଠକ ରବି ନାଇଡୁ କାର୍ଯ୍ୟକର୍ତ୍ତା ମାନଙ୍କୁ ବିବେକାନନ୍ଦ କେନ୍ଦ୍ରର ଆଦର୍ଶକୁ ଭିତ୍ତି କରି ମାର୍ଗ ଦର୍ଶନ କରିଥିଲେ । ବାଣୀ ବିଭାଗ ସଂଗଠିକା ନିଲାକ୍ଷୀ ଦିଦି ଓ ବାରିପଦା ଶାଖାର ନଗର ପ୍ରମୁଖ ଶିବଶଙ୍କର ଗିରିଙ୍କ ମାର୍ଗଦର୍ଶନରେ ଡ଼ଃ ସିଦ୍ଧେଶ୍ୱର ପଣ୍ଡା, ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, କ୍ଷଣପ୍ରଭା ପଟ୍ଟନାୟକ, ସଂଯୁକ୍ତା ଚାନ୍ଦ, ଡ଼ଃ ଅଞ୍ଜଳି ପଣ୍ଡା, ରବୀନ୍ଦ୍ରନାଥ ମହାପାତ୍ର, ଡ଼ଃ ସନ୍ଦୀପ ପଟ୍ଟନାୟକ, ସତ୍ୟବ୍ରତ ମହାନ୍ତି, ମାନସ ନାୟକ, ଦୀପାଳି କର ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଅଙ୍ଗନବାଡ଼ି ସହ ୪ ଘର ଭାଙ୍ଗିଲେ ହାତୀପଲ

ବାରିପଦା(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା, ରାସଗୋବିନ୍ଦପୁର ରେଞ୍ଜରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ହାତୀ ଉପଦ୍ରବ କୁ ରୋକିବାରେ ବନବିଭାଗ ବିଫଳ ହୋଇଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ଉକ୍ତ ରେଞ୍ଜ ଅଧୀନ ବଣକାଟି ସାମିଲ ଜୁଡ଼ପୋଡା ଗ୍ରାମରେ ବିଲମ୍ବିତ ରାତିରେ ହାତୀ ପଲ ପଶି ବିପ୍ଳାତ ଚଳାଇଥିବା ବେଳେ ସୃଷ୍ଟିଧର ମଣ୍ଡଳ, ଅଜିତ ପାତ୍ର, ଶ୍ରୀଧର ହାଁସଦା, ଭାଗବତ ଚକ୍ରବର୍ତ୍ତିଙ୍କ ଘର ଭାଙ୍ଗିଥିବା ବେଳେ ଦାମୋଦରପୁର ଅଙ୍ଗନବାଡି କେନ୍ଦ୍ରକୁ ମଧ୍ୟ ଭାଙ୍ଗିଛନ୍ତି । ସମସ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଯୁବ ସାମାଜସେବୀ ଉତ୍ତମ ମହାନ୍ତି, ୪୮ ଜୋନ ଜିଲା ପରିଷଦ ସଦସ୍ୟ ଶ୍ୟାମସୁନ୍ଦର ଡାକୁଆ, ସାରୁମୂଳା ପଞ୍ଚାୟତ ସରପଞ୍ଚ ମନୋରଞ୍ଜନ ସିଂ ଏବଂ ଅନ୍ୟମାନେ ଦାବି କରିଛନ୍ତି ।

ଗୃହାଳରେ ପଶି ୩ ଛେଳିକୁ ଘୋଷାଡ଼ି ନେଇ ଖାଇଲା ବାଘ

ବାରିପଦା(ଅମୃତମିଡିଆ): ଗତକାଲି ବିଳମ୍ବିତ ରାତିରେ ମୟୂରଭଞ୍ଜ ଜିଲ୍ଲା, କରଞ୍ଜିଆ ବନଖଣ୍ଡ, ଶିମିଳିପାଳ ଅଭୟାରଣ୍ୟ, ଦୁଧିଆଣି ରେଞ୍ଜ କଦଳିବାଡି ଗ୍ରାମରେ ଏକ ବାଘ ପଶି ଆତଙ୍କ ସୃଷ୍ଟି କରିଥିବା ନେଇ ଲୋକେ ସୂଚନା ଦେଇଛନ୍ତି । ବାଘଟି ଶିମିଳିପାଳ ଜଙ୍ଗଲରୁ ଆସିଥିବା ନେଇ

ସନ୍ଦେହ କରାଯାଉଥିବା ବେଳେ କଦଳିବାଡି ଗ୍ରାମର ଜ୍ଞାନେନ୍ଦ୍ର ଗାଗରାଇଙ୍କ ଛେଳି ଗୃହାଳରେ ପଶି ତିନୋଟି ଛେଳିକୁ ଆକ୍ରମଣ କରି ମାରିଦେଇ ଘୋଘାଡି ନେଇ ଖାଇଥିବାର ଦେଖିବାକୁ ମିଳିଛି । ଘଟଣା ସ୍ଥଳରେ ବନବିଭାଗ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ଏହା କଳରାପଡରିଆ ବାଘ ହୋଇଥାଇ ପରେ ବୋଲି ବନବିଭାଗ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି । ତେବେ ଗାଁକୁ ବାଘ ଆସିବା ଖବର ପାଇ ସ୍ଥାନୀୟ ଆଖପାଖ ଅଞ୍ଚଳରେ ଏବେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି ।

ସମାଜସେବୀଙ୍କ ଭ୍ରାତୃ ବିୟୋଗ

ବାରିପଦା(ଅମୃତମିଡିଆ): ସମାଜସେବୀ ତଥା ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ସିଂହଙ୍କ ସାନଭାଇ ଜୟନ୍ତ କୁମାର ସିଂହ (ଅନର) ୫୮ ବର୍ଷ ବୟସରେ ଇହଧାମ ତ୍ୟାଗ କରିଛନ୍ତି ଓ ସେ ଜଣେ ପରପୋକାରୀ, ମିଷ୍ଟଭାଷୀ, ଧାର୍ମିକ ବ୍ୟକ୍ତି ଥିଲେ ଏବଂ ନିଜ ଅଂଚଳ ଟାଙ୍କିସାହୀ ସହ ବାରିପଦାର ବିଭିନ୍ନ ଜୀବନରେ ବିବାହ ହଉ ବା ଶବଦାହ କାର୍ଯ୍ୟକ୍ରମରେ ସେ ସକ୍ରିୟ ସହଯୋଗ କରୁଥିଲେ ଓ ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସ୍ଥାନୀୟ କାଉନସିଲର ସୁକେଶିନୀ ସେଠୀ, ପୂର୍ବତନ କାଉନସିଲର ପ୍ରଶାନ୍ତ ପଟ୍ଟନାୟକ ଓ ଦର୍ପନାରାୟଣ ପାଲ, ସମାଜସେବୀ ଅମର କୁମାର ସେଠୀ ଓ ଡ.ନିରୋଜ କୁମାର ପୋଥାଳ ପ୍ରମୁଖ ଘରକୁ ଆସି ଶ୍ରାଦ୍ଧଞ୍ଜଳି ଜ୍ଞାପନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ ଓ ବାରୁଣୀ ସ୍ୱର୍ଗଦ୍

ଅତଲାପୁର ଗ୍ରାମପଞ୍ଚାୟତରେ ଆଇନ ସଚେତନତା ସଭା

ଯାଜପୁର (ଅମୃତ ମିଡିଆ): ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଙ୍କ ନିର୍ଦ୍ଦେଶ କ୍ରମେ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଅତଲାପୁର ଗ୍ରାମପଞ୍ଚାୟତ ସଭଗୃହରେ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ଶ୍ରୀମତୀ ଲିପା ମହାନ୍ତି ଅଧ୍ୟକ୍ଷତାକରି ପ୍ରାଧିକରଣ ର କାର୍ଯ୍ୟ ପରିସର, କେଉଁମାନେ ଏହାର ଉପଭୋକ୍ତା ତାହା ପ୍ରକାଶ କରିବା ସହିତ ସଭାର ସୂଚନା ଦେଇଥିଲେ। ଏଥିରେ ରସୁଲପୁର ମଣ୍ଡଳ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ଦାଶ, ଯାଜପୁର ରୋଡରେ ଅବସ୍ଥାପିତ ଡି ଏସ୍ ପି ଶରତ କୁମାର ପାତ୍ର , ଆରକ୍ଷୀ ନିରୀକ୍ଷକ କୁଆଁଖିଆ ସୁଶାନ୍ତ କୁମାର ସେଠୀ ଓ ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ତ ରୁଦ୍ରନାରାୟଣ ପୁଷ୍ଟି ପ୍ରମୁଖ ଅତିଥି ଆଲୋଚକ ଭାବେ ଯୋଗଦେଇ ନାଲସାର ୨୦୨୫ ମସିହା ସ୍ଥିତି ସଚେତନତା କାର୍ଯ୍ୟକ୍ରମ ଯଥା ଯେଉଁମାନେ କଷ୍ଟ ରେ ଅଛନ୍ତି ଲୁଚି ଯାଉଛନ୍ତି କାହାକୁ କହିପାରୁ ନାହାଁନ୍ତି ସେମାନଙ୍କ ପାଖରେ ସରକାରୀ ଜନମଙ୍ଗଳ ଯୋଜନା ଓ ଆଇନ୍ ସେବା କିପରି ପହଞ୍ଚିପାରିବ ସେ ବିଷୟରେ ଆଲୋଚନା କରିବା ସହିତ ମହମ୍ମଦ ଅହମଦ ଖାନ୍ ବନାମ୍ ଶାହାବାନୋ ବେଗମ୍ ଅପିଲ୍ ମାମଲା ୧୦୩ ର ପରିଣତ ଓ ବର୍ତ୍ତମାନ ମୁସଲିମ୍ ମହିଳା ଆବଶ୍ୟକ ସ୍ଥଳେ କିପରି ଭରଣ ପୋଷଣ ହକ୍, ମାଗଣା ଆଇନ୍ ସେବା ପାଇପାରିବେ ସମସ୍ୟାର ଶିଘ୍ର ସମାଧାନ ହୋଇପାରିବ ସେ ବିଷୟରେ ବିସ୍ତୃତ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ସରପଞ୍ଚ ଅନେସା କସର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ଚରଣ ପ୍ରଧାନ ଓ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ।

ମହାବିନାୟକ ପୀଠରେ ୧୫ ହଜାରରୁ ଊର୍ଦ୍ଧ୍ୱ କାଉଡିଆଙ୍କ ଜଳାଭିଷେକ

ଚଣ୍ଡିଖୋଲ (ଅମୃତ ମିଡିଆ): ଶ୍ରାବଣ ମାସରେ ରାଜ୍ୟର ବିଭିନ୍ନ ଶୈବପୀଠରେ ମାନସିକଧାରୀ ମାନେ ଅନେକ ଶୈବ ପିଠାରୁ ଜଳ ଆଣି ଶିବଙ୍କ ଉପରେ ଜଳାଭିଷେକ କରିଥାନ୍ତି ଷ ଆଜି ଶ୍ରାବଣ ମାସର ପ୍ରଥମ ସୋମବାର ହୋଇଥିବାରୁ ପଞ୍ଚଦେବତା ପୀଠ ପବିତ୍ର ମହାବିନାୟକରେ ଶ୍ରଦ୍ଧାଳୁ ଭକ୍ତମାନେ ଜଳାଭିଷେକ କରିଥିଲେ ଷ ରାଜ୍ୟର ବିଭିନ୍ନ ସ୍ଥାନରୁ କାନ୍ଧରେ ଜଳ ଆଣି ଶହ ଶହ କିଲୋମିଟର ପାଦରେ ଚାଲିଚାଲି ମହାଦେବଙ୍କ ପୀଠକୁ ଆସି ଜଳାଭିଷେକ ଲାଗି କରିଥିବା ଦେଖିବାକୁ ମିଳିଥିଲା । କେବଳ ପୁରୁଷ ଭକ୍ତ ନୁହନ୍ତି ଏଥିରେ ମହିଳା ଭକ୍ତ ମଧ୍ୟ ଥିବା ଦେଖିବାକୁ ମିଳିଥିଲେ । ଶ୍ରଦ୍ଧାଳୁମାନେ କାନ୍ଧରେ ପବିତ୍ର ଗଙ୍ଗା ଜଳ ଆଣି ମହାବିନାୟକ ପୀଠରେ ପହଂଚିବା ପରେ ଧାଡ଼ିରେ ଆସି ପ୍ରଭୁଙ୍କ ଉପରେ ଜଳଲାଗି କରିଥିଲେ। ଆଜି ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତ ମାନେ ଆସିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ପୂଜା ପଣ୍ଡାଙ୍କ ସହଯୋଗରେ ବଡ଼ଚଣା ଥାନାଧିକାରି ଜଗଦୀଶ କରଙ୍କ ସହିତ ପୁଲିସ ଅଧିକାରି ଓ ଫୋର୍ସ ମଧ୍ୟ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ମନ୍ଦିର ଓ ଏହାର ଚତୁପାଶ୍ୱର୍ରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା

ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ସମୀକ୍ଷା ବୈଠକ

ଛତ୍ରପୁର (ଅମୃତ ମିଡିଆ): ସ୍ଥାନୀୟ ବ୍ୟାରକସାହି ସ୍ଥିତ ଶ୍ରୀ ସମ୍ପଦ ବିନାୟକ ମନ୍ଦିରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିଚଳନା କମିଟିର ସଭାପତି ବିଜୟ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ଦୀପକ କୁମାର ମୁଦୁଲି ଯୋଗଦେଇ ମନ୍ଦିର ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ନିଜ ହାତକୁ ନେଇ ମନ୍ଦିରର ଆଜୀବନ ସଦସ୍ୟ ତାଲିକା ବାକି ରହିଥିବା ସଦସ୍ୟ ଏବଂ ମନ୍ଦିରର ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ନିଜ ଅନୁଦାନ ମଧ୍ୟରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହାସହ ଆଗାମୀ ଗଣେଶ ପୂଜା ଉପଲକ୍ଷେ ପ୍ରସାଦ ସେବନ ବ୍ୟବସ୍ଥାରେ ସଂପୂର୍ଣ୍ଣ ସହଯୋଗ କରିବା ପାଇଁ ସମାଜସେବୀ ଶ୍ରୀ ମୁଦୁଲି ମନ୍ଦିର କମିଟିର ସଦସ୍ୟ ମାନଙ୍କ ସହ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୧୧ନଂ ୱାର୍ଡ କାଉନସଲର ସନ୍ତୋଷୀ ସେଠୀ, ବି.ଗୋପାଳସ୍ୱାମୀ,ମାଙ୍ଗେଲେଶ୍ୱର ରାଓ, ସାମ୍ବାଦିକ ପ୍ରଶାନ୍ତ କୁମାର ମହାରଣା,ପୂର୍ବତନ ଏନଏସି ଉପାଧକ୍ଷ ପ୍ରଦୋଷ କୁମାର ବେହେରା, ମନ୍ଦିର ପରିଚାଳନା କମିଟିର ସମ୍ପାଦକ ସନମୁଖ ପଟ୍ଟନାୟକ, କୋଷାଧକ୍ଷ ବିଶ୍ୱଜିତ୍ ପଟ୍ଟନାୟକ, ଟୁଟୁ ସାହୁ,କୃଷ୍ଣଚନ୍ଦ୍ର ସାହୁ, ଆଦିକନ୍ଦ ସାହୁ ଓ ରମେଶ ମହାରଣା ଙ୍କ ସମେତ ବହୁ ମହିଳା ଏବଂ ସାହିବାସିନ୍ଦା ମାନେ ଉପସ୍ଥିତ ଥିଲେ ।

ମହାନଦୀରେ ବନ୍ୟାଜଳ ପ୍ରଭାବିତ ହେଉଛନ୍ତି ମତ୍ସ୍ୟଜୀବୀ

ମହାକାଳପଡ଼ା (ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବାହାକୁଦ ପିଠାପାଟ ଗ୍ରାମ ସଂଲଗ୍ନ ମହାନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ସ୍ଥାନୀୟ ପାରଂପରିକ ମତ୍ସ୍ୟଜୀବୀମାନେ ହାତ ବାନ୍ଧି ବସିଛନ୍ତି। ମହାନଦୀରୁ ମାଛ ଧରି ପରିବାର ପ୍ରତିପୋଷଣ କରୁଥିବା ଧୀବରମାନେ ଦୁର୍ଦ୍ଦଶା ମଧ୍ୟଦେଇ ଗତି କରୁଛନ୍ତି। ମହାନଦୀରେ ବନ୍ୟା ଜଳ ସହ ପ୍ରବଳ ଅନ୍ତସ୍ରୋତ ଯୋଗୁ ମାଛ ଧରିବା ସମ୍ଭବ ହେଉନାହିଁ। ଏଥିସହିତ ବନ୍ୟା ଯୋଗୁ ନଦୀରେ ପ୍ରବେଶ ଉପରେ ପ୍ରଶାସନ କଟକଣା ରହିଛି ବୋଲି ବୋଲି କହିଛନ୍ତି ସହଦେବ ବେହେରା, ନାରାୟଣ ବେହେରା, ଚଗଲି ବେହେରା, ବସନ୍ତ ବେହେରା।

୧୦ କୋଟି ବ୍ୟସନମୁକ୍ତ ଭାରତ ସଂକଳ୍ପ ମହା-ଅଭିଯାନ ଶୁଭାରମ୍ଭ

ଯୋଡ଼ା (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ବଡ଼ବିଲସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଶାଖାରେ ଆଜି ୧୦ କୋଟି ବ୍ୟସନମୁକ୍ତ ଭାରତ ସଂକଳ୍ପ ମହା-ଅଭିଯାନର ଭବ୍ୟ ଶୁଭାରମ୍ଭ ହୋଇଛି। ଅଭିଯାନ ଭାରତ ସରକାରଙ୍କ ନିଶା ମୁକ୍ତ ଭାରତ ଅଭିଯାନ ଏବଂ ମିଶନ ସ୍ପନ୍ଦନ ଅନ୍ତର୍ଗତ ଦେଶବ୍ୟାପୀ ଭାବେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ତହସିଲଦାର ଶ୍ରୀ ରାକେଶ କୁମାର ପଣ୍ଡା, ବିଡିଓ ଶ୍ରୀ ଦେନିଶ କୁମାର ବେହେରା, ଏସଡିପିଓ ଶ୍ରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ ଏବଂ ପୂର୍ବତନ ବଡ଼ବିଲ ପୌରାଧକ୍ଷ ଶ୍ରୀ ଦିଲ୍ଲୀପ କୁମାର ମିଶ୍ର ଯୋଗଦେଇ ବ୍ୟସନମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ବଡ଼ବିଲ ଶାଖାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ଜୟନ୍ତୀ ଭଉଣୀ ଆଧ୍ୟାତ୍ମିକ ଜାଗୃତି ମାଧ୍ୟମରେ ନିଶାମୁକ୍ତ ଜୀବନର ବାର୍ତ୍ତା ଦେଇଥିଲେ। ଶେଷରେ ସମସ୍ତ ଅତିଥି ଓ ଉପସ୍ଥିତ ନାଗରିକ ବ୍ୟସନମୁକ୍ତିର ସାମୂହିକ ସଂକଳ୍ପ ନେଇ ଏକ ସୁସ୍ଥ ଓ ନିଶାମୁକ୍ତ ଭାରତ ଗଠନର ପ୍ରତିଜ୍ଞା ନେଇଥିଲେ।

ଗୁଳିମାଡ଼ରେ ଗୁରୁତର ବ୍ୟକ୍ତିଙ୍କୁ କଟକ ଏସ୍‌ସିବି ସ୍ଥାନାନ୍ତର

ଘଟଗାଁ (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଖୁଦୁପୁଟୁଳି ଗ୍ରାମରେ ଏକ ଅଘଟଣ ଘଟିଛି। ଗ୍ରାମର ଜତୀନ୍ଦ୍ର ମହାନ୍ତ ନାମକ ଜଣେ ବ୍ୟକ୍ତିଙ୍କୁ ଘରେ ପଶି ଦୁର୍ବୃତ୍ତମାନେ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ଏହି ଗୁଳିକାଣ୍ଡରେ ଜତୀନ୍ଦ୍ରଙ୍କ ପେଟରେ ଗୁଳି ବାଜିଥିବା ଯାହାକି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମରେ ରବିବାର ରାତି ପ୍ରାୟ ୧୦.୩୦ ସମୟରେ ହଠାତ୍ ଦୁର୍ବୃତ୍ତମାନେ ପହଞ୍ଚି ଅତର୍କିତ ଭାବେ ୩ ରାଉଣ୍ଡ ଫାୟାର କରିଥିଲେ। ଏହି ସମୟରେ ଜତୀନ୍ଦ୍ରଙ୍କ ପେଟରେ ଗୁଳି ବାଜିବାରୁ ସେ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ପରିବାରବର୍ଗ ଓ ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ପ୍ରଥମେ କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସାଂଘାତିକ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ଏସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଏତେ ବଡ଼ ଘଟଣା ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଗୁଳିକାଣ୍ଡ ଘଟାଇବା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି କାଣ୍ଡ ପଛରେ ପୂର୍ବ ଶତ୍ରୁତା କିମ୍ବା ଅନ୍ୟ କୌଣସି କାରଣ ରହିଛି, ସେ ସମ୍ପର୍କରେ ତଥ୍ୟ ପୁଲିସର ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ତେବେ ଏଭଳି ଘଟଣା ପରେ ଜତୀନ୍ଦ୍ରଙ୍କ ପରିବାରରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି।

ଘଟଗାଁରେ ବଢିଚାଲିଛି ଦନ୍ତାହାତୀର ଉପଦ୍ରବ

ଭାଙ୍ଗିଲା ୨ ଘର, ଅଳ୍ପକେ ବର୍ତ୍ତିଲେ ପରିବାର

ଘଟଗାଁ (ଅମୃତ ମିଡିଆ): ଘଟଗାଁ ବନାଞ୍ଚଳରେ ପୁଣିଥରେ ଗୋଠଛଡ଼ା ଦନ୍ତା ହାତୀର ଆତଙ୍କ ଦେଖିବାକୁ ମିଳିଛି। ମୁର୍ଗାପାହାଡ଼ି ଗ୍ରାମରେ ଏକ ଦନ୍ତା ହାତୀ ପଶି ଆସି ଦୁଇଟି ପରିବାରର ଘର ଭାଙ୍ଗିବା ସହ ଗ୍ରାମରେ କୋର ଭୟ ସୃଷ୍ଟି କରିଛି।ପ୍ରାପ୍ତ ସୂଚନା ଅନୁଯାୟୀ, ଗତକାଲି ରାତିରେ ହଠାତ୍ ଏକ ଗୋଠଛଡ଼ା ଦନ୍ତା ହାତୀ ଗାଁ ଭତରକୁ ପଶିଆସିଥିଲା। ଏହି ସମୟରେ ହାତୀଟି ଗ୍ରାମର ରାମ ମୁଣ୍ଡା ଏବଂ ମକୁରୁ ମୁଣ୍ଡାଙ୍କ ଘରକୁ ଭାଙ୍ଗିରୁଜି ମାଟିରେ ମିଶାଇ ଦେଇଛି। ଘର ଭଙ୍ଗାଯିବା ସମୟରେ ଭୟଭୀତ ପରିବାରବର୍ଗ କୌଣସିମତେ ଦୌଡ଼ି ପଳାଇ ନିଜ ପ୍ରାଣ ରକ୍ଷା କରିବାରେ ସଫଳ ହୋଇଛନ୍ତି। ତେବେ ଏହି ଆକ୍ରମଣରେ ଘରଦ୍ୱାରର ବ୍ୟାପକ କ୍ଷତି ଘଟିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିବା ବେଳେ ବନ ବିଭାଗର ପୂର୍ବ ସୂଚନା ଏବଂ ସତର୍କତା ନରହିବା ନେଇ କ୍ଷତିଗ୍ରସ୍ତ ପରିବାର ତଥା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖବର ପାଇବା ପରେ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ହୋଇଥିବା କ୍ଷୟକ୍ଷତିର ଆକଳନ ଜାରି ରଖିଛନ୍ତି। ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଦ୍ରୁତ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି।

ଯାଦୁ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର (ଅମୃତ ମିଡିଆ): ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଯାଦୁ ରୋଗ ସଚେତନତ୍ୱ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ଷ ଆରୋଗ୍ୟ ଭାରତୀ ଅଧ୍ୟକ୍ଷ ଡା.ନକୁଳ ସାହୁ କହିଲେ ଦୂଷିତ ଜଳ ସ୍ନନ ,ଦେହ ଓଦା ରଖିବା ବା ଓଦାଲୁଗା ପରିଧାନ ଦ୍ୱାରା, ଝାଳ,ପ୍ରତିରୋଧକ ଶକ୍ତି ଅଭାବ,ମିଠା ଅଧିକ ଖାଇବା ଯୋଗୁଁ ଜଳରେ ଥିବା ଚିନିଆ ଓ ଅନ୍ୟାନ୍ୟ କ୍ରିମି ସଂକ୍ରମଣ ହୋଇ ଏହି ଚର୍ମରୋଗ ହୁଏ। ଅଧିକ କୁଣ୍ଡାଇ ହୋଇ, ଲାଲ ଲାଲ ବା ଚକା ଚିହ୍ନ ହୁଏ ସ୍ନନ ବା ଓଦା ହେବା ପରେ ଶୁଖିଲା ଲୁଗାରେ ଦେହକୁ ପୋଛିବେ,ଦେହକୁ ସଫା ରଖିବେ, ନିମ, ହଳଦି ଖାଇବେ, ଲଗାଇବେ। ମିଠା,ବାହାର ଖାଦ୍ୟ ଖାଇବେ ନହିଁ। ଚାକୁଷା ମଣ୍ଡି, ଟାଙ୍ଗଣାଖଇ, ଜୁଆଣି ଲେମ୍ବୁ ରସରେ ବାଟି ଲଗାଇଲେ ଜାଦୁ, କାଛୁ ଆଦି ଭଲ ହୋଇଯିବ । ଖାଡ଼ା ସଫା ପାଇଁ ପାଣି ଅଧିକ ପିଇବେ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ଚକ୍ଷୁ ଶର୍କରା, ଗଣ୍ଠିବାତ, ଅମ୍ଳପିତ୍ତ ଓ ସ୍ତ୍ରୀ ରୋଗ ଆଦି ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ ଷ ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ ।ଏହି ଶିବିର ପ୍ରତି ସୋମବାରରେ ଅନୁଷ୍ଠିତ ହୁଏ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି ।

ଶିଶୁ ସାହିତ୍ୟିକା ଲୋପା ସାମଲଙ୍କ 'ଚକା ଚକା ଆଖି ଦୁଇ' ଶ୍ରୀଜିଉଙ୍କୁ ଶ୍ରଦ୍ଧାର୍ପିତ

ବ୍ରହ୍ମପୁର (ଅମୃତ ମିଡିଆ): ବ୍ରହ୍ମପୁର ମହାନଗରର ବିଶିଷ୍ଟ ଲେଖିକା ତଥା ଶିଶୁ ସାହିତ୍ୟିକା ଲୋପା ସାମଲଙ୍କ ଦ୍ୱାରା ରଚିତ ଜଗନ୍ନାଥ ଜଣାଶ ପୁସ୍ତକ 'ଚକା ଚକା ଆଖି ଦୁଇ' ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ସ୍ଥାନୀୟ କୋର୍ଟପେଟା ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କୁ ଶ୍ରଦ୍ଧାର୍ପଣ କରାଯାଇଛି। ପ୍ରଥମେ ମନ୍ଦିର ପୂଜକଙ୍କ ଦ୍ୱାରା ପୁସ୍ତକର ଏକ ପ୍ରତିନିଧି ଶ୍ରୀଜିଉଙ୍କ ନିକଟରେ ଅର୍ପଣ ପୂର୍ବକ ପୂଜାପାଠ କରାଯାଇଥିଲା। ଏହାପରେ ଲେଖିକା ଲୋପା ସାମଲଙ୍କ ଆବାହକତ୍ୱରେ ପୁସ୍ତକ ଉନ୍ମୋଚନ ଓ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତ୍ରଶିଳ୍ପୀ ରବୀନ୍ଦ୍ର କୁମାର ମାଝୀ, ସାହିତ୍ୟିକ ସୁଶାନ୍ତ କୁମାର କର, କବି ଚନ୍ଦ୍ରଶେଖର ମହାପାତ୍ର, ବିଷ୍ଣୁପ୍ରିୟା ସାମଲ, ତରଣିସେନ ଜେନା, ମଦନମୋହନ ଜେନା, କାହ୍ନୁଚରଣ ନାୟକ, ଇଂ. ସ୍ୱାଗତିକା ରାଉତ, ଆଦିତ୍ୟ ଜେନା, ଜଲି ସାମଲ, ଅଂଶିକା ନାୟକଙ୍କ ସମେତ ବହୁ ଶୁଭେଚ୍ଛୁ, ଭକ୍ତ ଉପସ୍ଥିତ ଥିଲେ। ଏହି ଅବସରରେ ଚନ୍ଦ୍ରଶେଖର ମହାପାତ୍ର ଉକ୍ତ ପୁସ୍ତକର ଏକ ଜଣାଶ ଗାନକରି ଉପସ୍ଥିତ ଭକ୍ତମଣ୍ଡଳୀକୁ ସହ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଶେଷରେ ସହିତ୍ୟିକା ଲୋପା ସାମଲଙ୍କ ତରଫରୁ ସମସ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।

ପ୍ରଥମ ସୋମବାର ପାଇଁ ଚଳଚଞ୍ଚଳ ପ୍ରତାପୁର ଋଷିକୁଲ୍ୟା ଓ ତୁମ୍ବେଶ୍ୱରପୀଠ

ପୁରୁଷୋତ୍ତମପୁର (ଅମୃତ ମିଡିଆ): ପୁରୁଷୋତ୍ତମପୁର ଶ୍ରାବଣ ମାସ ଆସିଲେ ଚଳ ଚଞ୍ଚଳ ହୋଇଯାଏ ପ୍ରତାପୁର ଗ୍ରାମର ତୁମ୍ବେଶ୍ୱର ଶୈବ ପୀଠନିକଟ ପ୍ରସିଦ୍ଧ ଋଷିକୁଲ୍ୟା ନଦୀ ଘାଟ ।ସମସ୍ତ କାଉଡିଆ ଙ୍କ ଏକତ୍ରିତ ହେବାର କାରଣ ହେଉଛି ଏହି ତୁମ୍ବେଶ୍ୱର ପୀଠ ର ଏକ କିମ୍ବଦନ୍ତୀ ରହିଛି । ତାହା ହେଉଛି ତ୍ରେତୟା ଯୁଗରେ ଯେତେବେଳେ ପ୍ରଭୁ ରାମଚନ୍ଦ୍ର ପିତୃ ସତ୍ୟ ପାଳନ କରି ବନକୁ ଯାଉଥିଲା ବେଳେ ଏହିରାସ୍ତା ଦେଇ ଦକ୍ଷିଣ କୁ ଯାଉଥିଲା ବେଳେ ଏହି ଦଣ୍ଡକା ରଣ୍ୟ (ବଣ)ରେ ରାତ୍ରି ଯାପନ କରିଥିଲେ । ସକାଳ ସମୟରେ ଯେତେବେଳେ ନିତ୍ୟକର୍ମ ସ୍ନାନ ସାରି ରୁଦ୍ରାଅଭିଷେକ ପାଇଁ ଋଷିକୁଲ୍ୟା ନଦୀକୁ ପଠାକୁ ଯାଇ ଥିଲେ ।।ସେତେବେଳେ ପାଣି ସ୍ରୋତ ରେ ଏକ ଲାଉ ତୁମ୍ବ ଭାସି ଆସୁଥିବାର ଦେଖି ତାହାକୁ ଆଣି ଶିବଲିଙ୍ଗ ଭାବି ପୂଜା କରିଥିଲେ । ପରେ ଯେତେବେଳେ ତାକୁ ବିସର୍ଜନ କରିବାକୁ ଚାହିଁ ଥିଲେ ସେହି ଲାଉ ତୁମ୍ବ ଉଠି ନଥିଲା । ତିନିଜଣଙ୍କ ମଧ୍ୟରୁ ରାମଚନ୍ଦ୍ର ଙ୍କ ଦାଶ ଆଙ୍ଗୁଳିର ଚିହ୍ନ ଓ ସୀତାଙ୍କର ଆଙ୍ଗୁଠିର ମୁଦ୍ରିକା ଚିହ୍ନ, ଏବଂ ଲକ୍ଷ୍ମଣ ଙ୍କ ଶର ମୁନର ଚିହ୍ନ ବର୍ତମାନ ସୁଦ୍ଧାଅଛି । ସେତେବେଳେ ଶୂନ୍ୟବାଣୀ ହେଲା ତୁମପୂଜାରେ ମୁଁ ଅତିବ ପ୍ରସନ୍ନ ହେଲି । ତାହା ଆଉ ଉଠିବ ନାହିଁ । ଏହାଶୁଣି ରାମଚନ୍ଦ୍ର, ସୀତା, ଓ ଲକ୍ଷ୍ମଣ ଭକ୍ତି ପୁତ ଭାବେପ୍ରଣାମ କରି ଲାଉତୁମ୍ବା ଅନୁସାରେ ସେହି ଶିବଙ୍କର ନାମ ତୁମ୍ବେଶ୍ୱର ଦେଇଥିଲେ । ଯାହାବି ଆଜି ରାମାୟଣ ର ଆରଣ୍ୟ କାଣ୍ଡରେ ଲେଖା ଯାଇଛି । ଏବଂ ଋଷିକୁଲ୍ୟା ଏଠାରେ ଉତ୍ତର ମୁଖୀ ହୋଇ ଗତି କରିଥିବାରୁ ଏହିଘାଟ ସବୁ କାର୍ଯ୍ୟ ପାଇଁ ଅନୁକୂଳ ଅଟେ । ଏଠାରେ ମହାବାରୁଣୀ ରେ ପିଣ୍ଡ ଦାନ, ଅସ୍ତି ବିସର୍ଜନ, ଶ୍ରାଦ୍ଧ,ତର୍ପଣ, ସ୍ନାନ ଆଦି କାର୍ଯ୍ୟ ଲୋକମାନେ କରୁଛନ୍ତି । ବର୍ତମାନ ନଦୀ ଏହି ଶିବ ମନ୍ଦିରଠାରୁ ୧୦୦୦ ମିଟର ଦୁରକୁ ଚାଲି ଯାଇଛି ।ତେଣୁ ଜିଲ୍ଲା ଏବଂ ରାଜ୍ୟର ବହୁ ସ୍ଥାନରୁ କାଉଡିଆ ମାନେ ଏଠାରୁ ପାଣି ନେବାପାଇଁ ଆସିଥାନ୍ତି । ନଦିଘାଟରେ ବ୍ରହ୍ମଣ ଦ୍ୱାରା ପୂଜା କରି ପାଣି ଧରିପ୍ରଭୁ ତୁମ୍ବେଶ୍ୱର ଙ୍କୁ ଦର୍ଶନ କରି ମନ୍ଦିର

।।। ୧୨୫ ଦିନରେ ନୀରବ ସତ୍ୟାଗ୍ରହ ପଦଯାତ୍ରା ।।।

ସତ୍ୟ, ଅହିଂସା ଓ ଅଧିକାରର ସଂଗ୍ରାମ

ପୁରୀ (ବ୍ୟୁରୋ): ପୁରୀ ।ସୀଙ୍କ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଅଧିକାର ପୁନଃସ୍ଥାପନ ଦାବିରେ ଚାଲିଥିବା ନୀରବ ସତ୍ୟାଗ୍ରହ ପଦଯାତ୍ରା ଆଜି କୁମାଗତ ୧୨୫ ଦିନରେ ପହଞ୍ଚିଛି । ଚାରି ମାସରୁ ଅଧିକ ସମୟ ଧରି ପୁରୀବାସୀ ସତ୍ୟ, ଅହିଂସା ଓ ସମ୍ବିଧାନର ପଥରେ ରହି ନିଜ ଅଧିକାର ପାଇଁ ସଂଗ୍ରାମ କରୁଛନ୍ତି । କିନ୍ତୁ ଏହି ଦୀର୍ଘ ତ୍ୟାଗ, ଧୈର୍ଯ୍ୟ ଓ ନୀରବ ପ୍ରତିବାଦ ସରକାର ଓ ଶ୍ରୀମନ୍ଦିର ପ୍ରଶାସନର ବିବେକକୁ ଏପର୍ଯ୍ୟନ୍ତ ଜାଗ୍ରତ କରିପାରିନାହିଁ । ପଦଯାତ୍ରାରେ ସହଭାଗୀ ସତ୍ୟାଗ୍ରହୀମାନେ କହିଛନ୍ତି, ଯେଉଁ ଗଣତନ୍ତ୍ରରେ ଶାନ୍ତିପୂର୍ଣ୍ଣ ଭାବରେ ନିଜ ଅଧିକାର ଦାବି କରୁଥିବା ଲୋକଙ୍କ କଥା ଶୁଣାଯାଏ ନାହିଁ, ସେଠାରେ ନୀରବତା ହିଁ ସବୁଠାରୁ ବଡ଼ ପ୍ରତିବାଦରେ ପରିଣତ ହୁଏ । ପୁରୀବାସୀ କୌଣସି ବିଶେଷ ସୁବିଧା ମାଗୁନାହାନ୍ତି; ସେମାନେ କେବଳ ନିଜର ପୂର୍ବପରି ଦର୍ଶନ ଅଧିକାର ଫେରାଇ ଦେବାକୁ ଦାବି କରୁଛନ୍ତି । ତଥାପି ଏହି ନ୍ୟାୟସଙ୍ଗତ ଦାବିକୁ ଅଣଦେଖା କରାଯିବା ପୁରୀବାସୀଙ୍କ ଆତ୍ମସମ୍ମାନ ଓ ପରମ୍ପରା ପ୍ରତି ଏକ ଗଭୀର ଆଘାତ । ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରି ସତ୍ୟାଗ୍ରହୀମାନେ କହିଥିଲେ, ‘ହେ କାଳିଆ ସାଆନ୍ତ ! ଆମ ଆଖିର ଲୁହ, ଆମର ନୀରବତା ଓ ଆମର ଅପେକ୍ଷାକୁ ତୁମେ ନିଶ୍ଚୟ ଦେଖୁଛ । ଆମର ସଂଗ୍ରାମ କୌଣସି ବ୍ୟକ୍ତି ବିରୋଧରେ ନୁହେଁ; ଏହା ଅନ୍ୟାୟ ବିରୋଧରେ । ସତ୍ୟର ଜୟ ହେଉ, ନ୍ୟାୟର ବିଜୟ ହେଉ, ପୁରୀବାସୀଙ୍କ ପୂର୍ବପରି ଦର୍ଶନ ଅଧିକାର ପୁନଃସ୍ଥାପିତ ହେଉ ।’ ଆଜିର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଶିବସୁନ୍ଦର ମିଶ୍ର, ଚକୁଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ପ୍ରଦୀପ୍ତ କୁମାର ମହାନ୍ତି, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ଯାଦବାନନ୍ଦ ରାୟ, ସନ୍ଧ୍ୟାରାଣୀ ମିଶ୍ର, ମମତା ଦାସ, ମମତା ସ୍ୱାଇଁ, ସନ୍ତୋଷ ସେନାପତି, କିଶୋର ଚନ୍ଦ୍ର ଦାସ, ଲିଙ୍ଗରାଜ ସାହୁ, ଗଦାଧର ମହାରଣା, ସୁବାଷ ପଟ୍ଟନାୟକ, ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଜର ସମର୍ଥନ ଜଣାଇଥିଲେ । ପଦଯାତ୍ରାର ଆବାହକ ଶ୍ରୀ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, ‘୧୨୫ ଦିନ ଧରି ପୁରୀବାସୀ ଧୈର୍ଯ୍ୟ, ଶୃଙ୍ଖଳା ଓ ଅହିଂସାର ସର୍ବୋଚ୍ଚ ପରୀକ୍ଷା ଦେଇଆସୁଛନ୍ତି । ଆମେ ସଂଘର୍ଷର ଭାଷା ନୁହେଁ, ସତ୍ୟର ଭାଷା କହିଛୁ; ହିଂସାର ପଥ ନୁହେଁ, ଗାନ୍ଧୀଙ୍କ ପଥ ବାଛିଛୁ । କିନ୍ତୁ ଯଦି ସରକାର ଲୋକଙ୍କ ନୀରବ କଣ୍ଠସ୍ୱରକୁ ମଧ୍ୟ ଶୁଣିବାକୁ ପ୍ରସ୍ତୁତ ନୁହେଁ, ତେବେ ଏହା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ପୁରୀବାସୀଙ୍କ ଅଧିକାର ଫେରି ନ ଆସିବା ପର୍ଯ୍ୟନ୍ତ ଆମର ନୀରବ ସତ୍ୟାଗ୍ରହ ଅଟୁଟ ରହିବ ।’

ଜଳାଭିଷେକ ପାଇଁ ଶ୍ରୀଲୋକନାଥ ପୀଠରେ କାଉଡ଼ିଆଙ୍କ ଭିଡ଼

ପୁରୀ (ବ୍ୟୁରୋ): ହଜାର ହଜାର କାଉଡ଼ିଆ ଭକ୍ତ ଯାଇ ଜଳଲାଗି କରିବା ସହ ମାନସିକ ପୂର୍ଣ୍ଣ କରିଛନ୍ତି । ବିନେ ଶ୍ରୀରାମ ଯେଉଁ ପୀଠରେ ଶଙ୍କରକୁ ଆରାଧନା କରିଥିଲେ । ହରିଙ୍କ ସହ ଯାହାଙ୍କର ଅନନ୍ୟ ଉପାସନା ହୁଏ । ବର୍ଷସାରା ଯିଏ ଜଳରେ ବୁଡି ରହିଥାନ୍ତି, ସେହି ଲୋକନାଥ ବାବାଙ୍କ ପୀଠରେ ଜଳଲାଗି କରି ଆନନ୍ଦିତ ହୋଇଛନ୍ତି ଭକ୍ତ । ଗତକାଲି ଅପରାହ୍ନରୁ ଜଳଲାଗି ପାଇଁ ଟିକେଟ ବିକ୍ରି ଆରମ୍ଭ ହୋଇଥିବା ବେଳେ ରାତ୍ରପ୍ରାୟ ସାଢେ ୧୨ଟାରୁ ମଙ୍ଗଳ ଆଳତି ସରିବା ପରେ ମଇଲମ ଅବକାଶ ହୋଇ ପ୍ରାୟସାଢେ ଗୋଟାଏ ଠାରୁ ଆରମ୍ଭ ହୋଇଥିଲା ଜଳଲାଗି ।କୁଷାଶ୍ରମ ନିକଟ ଟିକେଟ କାଉଣ୍ଟରରୁ ୩୦ ଟଙ୍କାର ଟିକେଟ ନେଇ ଜଳଲାଗି ପାଇଁ ଲାଇନରେ ଯାଇଥିଲେ କାଉଡ଼ିଆ ଭକ୍ତି । ଥକିଯାଇଥିବା କାଉଡ଼ିଆ ଭକ୍ତିଙ୍କ ପାଦ ଗୁଡିକ ଯେମିତି ଜଳଲାଗି ପାଇଁ ଚଳଚଞ୍ଚଳ ହୋଇ ଉଠିଥିଲା । ବ୍ୟାରିକେଡରେ ଯାଇ ରୋଷଘର ପଛପାର୍ଶ୍ୱ ପଟୁ ମନ୍ଦିର ପ୍ରବେଶ କରିବା ସହ ଲକ୍ଷ୍ମୀ ଦ୍ୱାର ନିକଟରେ ଜଳଲାଗି କରି ଫେରିଥିଲେ କାଉଡ଼ିଆ ଭକ୍ତି । ହଜାର ହଜାର କାଉଡିଆଙ୍କ ଆଗମନୀକୁ ଦୃଷ୍ଟିରେ ରଖି ଲୋକନାଥ ମନ୍ଦିର ନିକଟରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ପ୍ରାୟ ୨ ହଜାର ଲୋକଙ୍କ ପାଇଁ ଅସ୍ଥାୟୀ ସେଡ, ପାନୀୟ ଜଳ ଆଦି ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଥିଲା । କାଉଡିଆଙ୍କ ଭାବ, ଶ୍ରଦ୍ଧା ଏବଂ ବୋଲବମ ହର ହର ବମର ଡାକରା ସମଗ୍ର ପରିବେଶକୁ ଉଲ୍ଲସିତ କରାଇଥିଲା । ଚଳିତବର୍ଷ ଚାରୋଟି ବଦଳରେ ପାଞ୍ଚୋଟି ସୋମବାରରେ କାଉଡିଆ ମାନେ ଜଳଲାଗି କରିପାରିବେ । ପ୍ରଶାସନ ତରଫରୁ କଡାସୁରକ୍ଷା ବ୍ୟବସ୍ଥା, ପ୍ରାୟ ୨୦୦୦ ଲୋକଙ୍କ ପାଇଁ ଶେଡ୍, ପାନୀୟ ଜଳ ବ୍ୟବସ୍ଥା ଆଦି କରାଯାଇଥିଲା ବେଳେ ପ୍ରଥମ ସୋମବାରରେ ପ୍ରାୟ ଆଠ ଦଶହଜାର କାଉଡ଼ିଆ ଭକ୍ତ ଜଳଲାଗି କରିଥିବା ଜଣାପଡିଛି । ଶୃଙ୍ଖଳିତ ଜଳଲାଗି ନିମନ୍ତେ ପୋଲିସ ରାତି ୧୨ଟା ୩୦ରୁ ଜଳଲାଗି ଆରମ୍ଭ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା କରାଯାଇଛି । ଭକ୍ତଙ୍କ ସୁରକ୍ଷିତ ଓ ସୁବିଧାଜନକ ଦର୍ଶନ ସୁନିଶ୍ଚିତ କରିବା, ଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ୍ ନିୟନ୍ତ୍ରଣ, ଜନସମାଗମ ପରିଚାଳନା ଏବଂ ଆଇନ- ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ ରଖିବା ପାଇଁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରାଯାଇଛି । ଅତିରିକ୍ତ ପୋଲିସ ଅଧୀକ୍ଷକ ୩ ଜଣ, ଡିଏସ୍‌ପି/ଏସି ବ୍ୟାଙ୍କ ଅଫିସର୍ ୧୦ ଜଣ, ଇନ୍ସପେକ୍ଟର ୧୭ ଜଣ, ଏସ୍‌ଆଇ/ଏଏସ୍‌ଆଇ ୬୬ ଜଣ, ହାବିଲଦାର ୨୦ଜଣ, କନଷ୍ଟେବଳ ୬୬ ଜଣ, ଫୋର୍ସ ୧୩ ପ୍ଲାଟୁନ୍, ହୋମଗାର୍ଡ ୨୫୩ ମୁତୟନ ରହିଛନ୍ତି । ପୋଲିସ ପକ୍ଷରୁ ସମସ୍ତ ଭକ୍ତଙ୍କୁ ଶାନ୍ତି, ଶୃଙ୍ଖଳା ଏବଂ ସହଯୋଗର ସହିତ ଦର୍ଶନ କରିବା ସହ ପୋଲିସ ଓ ପ୍ରଶାସନର ନିର୍ଦ୍ଦେଶାବଳୀ ପାଳନ କରିବାକୁ ଅନୁରୋଧ କରାଯାଇଛି ।

ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସଫେଇ କର୍ମଚାରୀ ସମ୍ମାନିତ

ପୁରୀ (ବ୍ୟୁରୋ): ପବିତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ସ୍ୱଚ୍ଛ, ସୁନ୍ଦର ଓ ଭକ୍ତମାନଙ୍କ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାରେ ଅକ୍ଲାନ୍ତ ପରିଶ୍ରମ କରିଥିବା ସଫେଇ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଛି । ଏହି ଅବସରରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ତଥା ଭାଜପା ଯୁବମୋର୍ଚ୍ଚା ମାଉସୀମା ମଣ୍ଡଳ ସଭାପତି ଶ୍ରୀ ଶିବନାରାୟଣ ଦାସ, ଭାଜପା ପୁରୀ ଜିଲ୍ଲା ସମ୍ପାଦକ ଶ୍ରୀ ଅନିଲ କୁମାର ସାହୁ ଏବଂ ଭାଜପା ଯୁବମୋର୍ଚ୍ଚା ଜିଲ୍ଲା ଉପସଭାପତି ଶ୍ରୀ ମନୋଜ କୁମାର ବିଶୋଇ ସଫେଇ କର୍ମଚାରୀମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ସମ୍ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ବକ୍ତାମାନେ କହିଥିଲେ ଯେ, ରଥଯାତ୍ରାର ସଫଳ ପରିଚାଳନା ପଛରେ ସଫେଇ କର୍ମଚାରୀମାନଙ୍କ ନିଷ୍ଠା, ସେବାଭାବ ଓ ଅକ୍ଲାନ୍ତ ପରିଶ୍ରମ ଅତ୍ୟନ୍ତ ପ୍ରଶଂସନୀୟ। ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ସତ୍ତ୍ୱେ ସେମାନେ ନିଜ କର୍ତ୍ତବ୍ୟକୁ ସଫଳତାର ସହିତ ପାଳନ କରି ପରିବେଶକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିଥିଲେ। ସେମାନଙ୍କ ଏହି ନିଃସ୍ୱାର୍ଥ ସେବା ସମାଜ ପାଇଁ ଏକ ପ୍ରେରଣା। ଶେଷରେ ସମସ୍ତ ସଫେଇ କର୍ମଚାରୀଙ୍କୁ ସେମାନଙ୍କ ନିଷ୍ଠାପୂର୍ଣ୍ଣ ସେବା ପାଇଁ କୃତଜ୍ଞତା ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସେମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଓ ମଙ୍ଗଳ କାମନା କରାଯାଇଥିଲା ।

ଜ୍ଞାନ ପ୍ରକାଶର ଦଶମ ବାର୍ଷିକ ଉତ୍ସବ ଓ ଜାତୀୟ ସମ୍ମିଳନୀ

ପୁରୀ (ବ୍ୟୁରୋ): ଅଗଷ୍ଟ ୨ତାରିଖ ସଦାଶିବ ସଂସ୍କୃତ ପୁରୀ ପରିସର ମଧ୍ୟରେ ବୌଦ୍ଧ ଜିଲ୍ଲାର ଭାଷା, ସଂସ୍କୃତି ଓ ଶିକ୍ଷା ଭିତ୍ତିକ ପତ୍ରିକା ଜ୍ଞାନ ପ୍ରକାଶର ଦଶମ ବାର୍ଷିକ ଉତ୍ସବ ତଥା ଜାତୀୟ ସମ୍ମିଳନୀ ମହାସମାରୋହରେ ବେଦପାଠ ଉଚ୍ଚାରଣ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି । ଜ୍ଞାନ ପ୍ରକାଶର ପ୍ରତିଷ୍ଠାତା ଜ୍ଞାନ ଚାନ୍ଦ ଶତପଥି ,ସଂପାଦକ ଡ. ସରୋଜ କୁମାର ସାହୁ, ରାଜ୍ୟ ମୁଖ୍ୟ ଅମିକା ସ୍ୱାଇଁ, ପ୍ରତିଷ୍ଠିତ ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ଶିକ୍ଷାବିତ୍ ରଞ୍ଜନ କୁମାର ଦାଶ, ଶିକ୍ଷାବିତ୍ ନିତିଶ ସିହ୍ନା ଏବଂ ପୁରୀ ଜିଲ୍ଲା ଜ୍ଞାନ ପ୍ରକାଶ ମୁଖ୍ୟ ଅଜୟ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ କରି ଶିକ୍ଷା, ଭାଷା ଓ ସଂସ୍କୃତିକୁ ପ୍ରଚାର ପ୍ରସାର ଦିଗରେ ଜ୍ଞାନ ପ୍ରକାଶ କାର୍ଯ୍ୟକରୁଥିବା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସାରା ଦେଶରେ ଜ୍ଞାନ ପ୍ରକାଶ କିପର କାର୍ଯ୍ୟକ୍ରମ ହାତକୁ ନେଇଛି ଆଲୋଚନାରେ ସ୍ଥାନ ପାଇଥିଲା । ପ୍ରାରମ୍ଭରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଉପସ୍ଥାପିତ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ପ୍ରଭାପ ରଂଜନ ମହାନ୍ତି, ସତ୍ୟନାରାୟଣ ସାହୁ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଶିବ ନାରାୟଣ ଭଟ୍ଟ , ମନୋରଂଜନ ତ୍ରିପାଠୀ ଓ ଜ୍ୟୋତି ପ୍ରକାଶ ମହାରଣା । ଦେଶରେ ଶିକ୍ଷା ଓ ସମାଜସେବାରେ ସମର୍ପିତ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧନା ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଜ୍ଞାନ ପ୍ରକାଶ ବାର୍ଷିକ ପତ୍ରିକା ଲୋକାର୍ପଣ ଅତିଥି ମାନଙ୍କ ଦ୍ୱାରା ହୋଇଥିଲା । ବିଭିନ୍ନ ରାଜ୍ୟର ଶିଶୁ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ବିହୁ ନୃତ୍ୟ, ଛଉ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ରାଜସ୍ଥାନର ଘୁଡୁକି ବାଦ୍ୟ, ରବିନ୍ଦ୍ର ସଂଗୀତ ଆଦି ମଞ୍ଚରେ ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମ ଗୁଡିକ ପ୍ରହ୍ଲାଦ ଖୁଣ୍ଟିଆ, ଚିନ୍ମୟୀ ତ୍ରିପାଠୀ, ପୀତବାସ ମିଶ୍ର, ଆକାଶ ଚନ୍ଦ୍ର ସାହୁ, ସ୍ମୃତି ରଂଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଏହି ଜାତୀୟ ସମ୍ମିଳନୀରେ ଦେଶର ୧୫ଟି ରାଜ୍ୟରୁ ପ୍ରତିନିଧି , ଓଡ଼ିଶାର ୩୦ ଜିଲ୍ଲାର ଜିଲ୍ଲାମୁଖ୍ୟ ପ୍ରତିନିଧି ସହିତ ୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ । ଶେଷରେ ପୁରୀ ଜିଲ୍ଲା ମୁଖ୍ୟ ଅଜୟ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

୭ ମହଲାରୁ ଖସି ଜଣେ ମୃତ

ପୁରୀ (ବ୍ୟୁରୋ): ପୁରୀ ବଳିଆପଣ୍ଡା ଥାନା ଅନ୍ତର୍ଗତ ଏକ ହୋଟେଲରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ହୋଟେଲର ସାତ ମହଲାରୁ ଖସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ, ସୁନ୍ଦରଗଡ଼ର ଅର୍ଜୁନ କିଷାନ । ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟର ଶବ ବ୍ୟବଚ୍ଛେଦ ଗୃହକୁ ପଠାଇଛି । ସୂଚନାଯୋଗ୍ୟ, ସୁନ୍ଦରଗଡ଼ରୁ କେତେଜଣ ପର୍ଯ୍ୟଟକ ଆସି ବଳିଆପଣ୍ଡା ଥାନା ଅଞ୍ଚଳର ଏକ ହୋଟେଲରେ ରହୁଥିଲେ । ରବିବାର ଭୋରରୁ ହୋଟେଲ୍‌ର ୭ ମହଲାରୁ ଖସିପଡ଼ି ଡ୍ରାଇଭର ଅର୍ଜୁନ କିଶାନ ଗୁରୁତର ହୋଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା କରି ଘଟଣାର ତଦନ୍ତ କରୁଛି ।

ଅଲ୍ ଓଡ଼ିଶା ଅଙ୍ଗନବାଡି ୱାର୍କର୍ସ ଆସୋସିଏସନର ଜିଲ୍ଲାପାଳଙ୍କୁ ଦାବିପତ୍ର

ପୁରୀ (ବ୍ୟୁରୋ): ଅଲ ଓଡ଼ିଶା ଅଙ୍ଗନଓ୍ୱାଡି ଲେଡିଜ ୱାର୍କର୍ସ ଆସୋସିଏସନ ପୁରୀଜିଲ୍ଲା ତରଫରୁ ଦୀର୍ଘ ଦିନର ସମସ୍ୟା ବିଷୟରେ ଜିଲା ପ୍ରଶାସନକୁ ଜଣାଇ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରିଲା ନାହିଁ । ଅଭିଯୋଗ କରିବା ଦ୍ୱାରା ଆକ୍ରୋଶର ଶିକାର ହୋଇ ଅପମାନିତ ହୋଇଛୁ । ସଂଘର ନିଷ୍ପତ୍ତି ଅନୁଯାଇ ଅଗଷ୍ଟ ୭ ତାରିଖ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରିବୁ । ପାଞ୍ଚ ଶହରୁ ଊର୍ଦ୍ଧ୍ୱ ସଂଗଠନର ସମସ୍ତ କର୍ମୀ ଓ ସହାୟିକା ଏଥିରେ ଯୋଗଦେବେ ଓ ସେଦିନ ସମସ୍ତ କେନ୍ଦ୍ର ବନ୍ଦ ରହିବ ବୋଲି ଏକ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆସୋସିଏସନର ସଭାନେତ୍ରୀ ଜ୍ୟୋସ୍ନାରାଣୀ ସାହୁ, ସମ୍ପାଦିକା ପ୍ରତିମା ମଞ୍ଜରୀ ଦତ୍ତ, ସୂର୍ଯ୍ୟକାନ୍ତି ପ୍ରଧାନ, ଡଲି ଜେନା, ଭାଗ୍ୟଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦୁର୍ଘଟଣାରେ କାଉଡ଼ିଆ ଗୁରୁତର

ପୁରୀ (ବ୍ୟୁରୋ): ଆଜି ହେଉଛି ଶ୍ରାବଣ ମାସର ପ୍ରଥମ ସୋମବାର । ବୋଲବମ୍ ହରହର ବମ୍ ଧୋନିରେ ପ୍ରକମ୍ପିତ ହେଉଛି ସମସ୍ତ ଶୈବ ପୀଠ ।ପୁରୀ ଲୋକନାଥ ପୀଠରେ ଜଳଲାଗି କରିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି ।କେତେ ଦୂରରୁ ଭକ୍ତ ମାନେ ଭାବର ସହ ଧାଇଁ ଆସିଛନ୍ତି ମହାପ୍ରଭୁଙ୍କ ମସ୍ତକରେ ଜଳ ଲାଗି କରି ନିଜର ମନ କାମନା ପୂରଣ କରିବା ପାଇଁ ।ଲୋକନାଥଙ୍କ ପୀଠରେ ଗୋଟେ ପଟେ ବୋଲବମ୍ ହରହର ବମ ଧୋନୀରେ ପ୍ରକମ୍ପିତ ହେଉଥିବା ବେଳେ ଅନ୍ୟପଟେ ଗୋଟିଏ ଦୁଃଖ ଖବର ଦେଖିବାକୁ ମିଳିଛି ।ଭକ୍ତମାନେ ରାସ୍ତା କଡ଼ରେ ଶୋଇଥିବା ବେଳେ ଅଜଣା ଗାଡ଼ି ଦୁର୍ଘଟଣା ଘଟାଇ ସେଠାରୁ ଫେରାର ହୋଇଯାଇଛି ।ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି ବୌଦ୍ଧ ବାଉଁଶୁଣୀ ଗ୍ରାମର ପ୍ରହ୍ଲାଦ ଭୋଇ। ପ୍ରହ୍ଲାଦ ନିଜ ଗ୍ରାମର ୧୭ ଜଣ ବନ୍ଧୁ ମାନଙ୍କ ସହ ମିଶି ପ୍ରଭୁ ଲୋକନାଥଙ୍କ ନିକଟକୁ ଆସିଥିବା ବେଳେ ବିଳମ୍ବିତ ରାତ୍ରିରେ ମଙ୍ଗଳାଘାଟ ନିକଟ ରାସ୍ତା କଡ଼ରେ ବିଶ୍ରାମ ନେଉଥିବା ବେଳେ ଅଜଣା ଗାଡ଼ି ଧକ୍କା ଦେଇ ସେଠାରୁ ଚାଲି ଯାଇଥିଲା ।ଗୁରୁତର ଅବସ୍ଥାରେ ବନ୍ଧୁ ମାନେ ଚିକିତ୍ସା ନିମନ୍ତେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି ।ସେଠାରେ ତାଙ୍କ ଅବସ୍ଥା ସୁସ୍ଥ ଥିବା ସୂଚନା ମିଳିଛି ।

ଚିନ୍ତା ବଢ଼ାଉଛି ମଶା

ବଂଶବୃଦ୍ଧି ପାଇଁ ଅନୁକୂଳ ସାଜିଛି ବର୍ଷାଜଳ



ପୁରୀ (ବ୍ୟୁରୋ): ଦିନ ହେଉ ଅବା ରାତି, ଘର ହେଉ ଅବା ଅଫିସ୍ ମଶାଙ୍କ ଦାଉ ଅସହ୍ୟ ହୋଇପଡ଼ିଲାଣି ।ମଶାଙ୍କ ପ୍ରାଦୁର୍ଭାବ ଯୋଗୁଁ ଡେଙ୍ଗୁ ଓ ମାଲେରିଆ ଚେତାବନୀ ଦେଲାଣି । ବର୍ଷା ଦାଉରେ ପାଣି ଜମି ରହିଥିବାରୁ ମଶାମାନେ ବଂଶ ବଢ଼ଉବା ଅନୁକୂଳ ହେଉଛି । ମହାନଗର ନିଗମରେ ମଶା ନାଶକ ତେଲ ଓ ଧୂଆଁ ପ୍ରୟୋଗ କରାଯାଉଛି ବୋଲି କୁହାଯାଉଛି କିନ୍ତୁ ଧୂଆଁ ମଶାକୁ ନିପାତ କରିପାରୁନାହିଁ । ବାସ୍ତବରେ ନିୟମିତ ମଶା ଧୂଆଁ କିୟା ଟିପା ମେସିନ ବୁଲୁନାହିଁ । ତେଣୁ ପ୍ରତିଦିନ ଡେଙ୍ଗୁ ଓ ମାଲେରିଆ ରୋଗୀ ଚିହ୍ନଟ ହେଲେଣି ।ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୁରୀରେ ମଶାଙ୍କ ଦାଉ ଅସହ୍ୟ ହେବାରୁ ଏଥିପାଇଁ ଗମ୍ଭୁସିଆ ମାଛ ଜରିଆରେ ଏହାର ସମାଧାନ ପାଇଁ ପ୍ରକ୍ରିୟା ଆରମ୍ଭହୋଇଥିଲା । ଗତବର୍ଷଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗମ୍ଭୁସିଆ ମାଛ ଚାଷ ହେଉଛି । ପୌରପାଳିକା ସ୍ୱାସ୍ଥ୍ୟ ଅଧିକାରୀ ଯେଉଁଠାରେ ମଶାଙ୍କ ବଂଶବୃଦ୍ଧି ଉପଲବ୍ଧି କରୁଛନ୍ତି ସେଠାରେ ଗମ୍ଭୁସିଆ ମାଛକୁ ଛଡ଼ାଯାଉଛି ବୋଲି କୁହାଯାଉଛି । ମାତ୍ର ମଶାଙ୍

ওজন কমানোর ৫ কার্যকর উপায়

ওজন কমানোর জন্য ডায়েট করা ছাড়াও আরও অনেক উপায় রয়েছে। আজ আমরা ওজন কমানোর ৫টি কার্যকর উপায় নিয়ে আলোচনা করব, যা আপনাকে সুস্থ ও সুন্দর থাকতে সাহায্য করবে।

১. পর্যাপ্ত পানি পান করুন

শরীরের ওজন কমানোর জন্য পানি পান করা অত্যন্ত গুরুত্বপূর্ণ। খাবার খাওয়ার আগে এক গ্লাস পানি পান করলে ক্ষুধা কমে যায়। এছাড়া পানি শরীরের বিষাক্ত পদার্থ বের করে দিতে সাহায্য করে।

২. সঠিক সময়ে ঘুমান

পর্যাপ্ত ঘুম ওজন কমানোর জন্য খুবই গুরুত্বপূর্ণ। রাতে অন্তত ৭-৮ ঘণ্টা ঘুমানো উচিত। ঘুম কম হলে শরীরে ক্ষুধা নিয়ন্ত্রণকারী হরমোনের ভারসাম্য নষ্ট হয়।

৩. নিয়মিত ব্যায়াম করুন

প্রতিদিন অন্তত ৩০ মিনিট ব্যায়াম করা উচিত। হাঁটা, দৌড়ানো, সাঁতার কাটা বা সাইকেল চালানো যেকোনো ব্যায়াম ওজন কমাতে সাহায্য করে।

৪. ধীরে ধীরে খান

তাড়াহুড়ো করে খাবার খেলে শরীর সঠিকভাবে সংকেত পায় না। ধীরে ধীরে চিবিয়ে খেলে কম খাবারেই পেট ভরে যায়।

৫. মিষ্টি ও ভাজাপোড়া খাবার কমান

চিনি ও তেলযুক্ত খাবার ওজন বাড়ানোর প্রধান কারণ। মিষ্টি ও ভাজাপোড়া খাবার যতটা সম্ভব এড়িয়ে চলুন।



ওজন কমানোর ৫ কার্যকর উপায়

ওজন কমানোর জন্য ডায়েট করা ছাড়াও আরও অনেক উপায় রয়েছে। আজ আমরা ওজন কমানোর ৫টি কার্যকর উপায় নিয়ে আলোচনা করব, যা আপনাকে সুস্থ ও সুন্দর থাকতে সাহায্য করবে।

১. পর্যাপ্ত পানি পান করুন

শরীরের ওজন কমানোর জন্য পানি পান করা অত্যন্ত গুরুত্বপূর্ণ। খাবার খাওয়ার আগে এক গ্লাস পানি পান করলে ক্ষুধা কমে যায়। এছাড়া পানি শরীরের বিষাক্ত পদার্থ বের করে দিতে সাহায্য করে।

২. সঠিক সময়ে ঘুমান

পর্যাপ্ত ঘুম ওজন কমানোর জন্য খুবই গুরুত্বপূর্ণ। রাতে অন্তত ৭-৮ ঘণ্টা ঘুমানো উচিত। ঘুম কম হলে শরীরে ক্ষুধা নিয়ন্ত্রণকারী হরমোনের ভারসাম্য নষ্ট হয়।

৩. নিয়মিত ব্যায়াম করুন

প্রতিদিন অন্তত ৩০ মিনিট ব্যায়াম করা উচিত। হাঁটা, দৌড়ানো, সাঁতার কাটা বা সাইকেল চালানো যেকোনো ব্যায়াম ওজন কমাতে সাহায্য করে। ব্যায়াম শুধু শরীর সুস্থ রাখে না, মনকেও ভালো রাখে।

৪. ধীরে ধীরে খান

তাড়াহুড়ো করে খাবার খেলে শরীর সঠিকভাবে সংকেত পায় না। ধীরে ধীরে চিবিয়ে খেলে কম খাবারেই পেট ভরে যায়।

৫. মিষ্টি ও ভাজাপোড়া খাবার কমান

চিনি ও তেলযুক্ত খাবার ওজন বাড়ানোর প্রধান কারণ। মিষ্টি ও ভাজাপোড়া খাবার যতটা সম্ভব এড়িয়ে চলুন।

ওজন কমানোর ৫ কার্যকর উপায়

ওজন কমানোর জন্য ডায়েট করা ছাড়াও আরও অনেক উপায় রয়েছে। আজ আমরা ওজন কমানোর ৫টি কার্যকর উপায় নিয়ে আলোচনা করব, যা আপনাকে সুস্থ ও সুন্দর থাকতে সাহায্য করবে।

১. পর্যাপ্ত পানি পান করুন

শরীরের ওজন কমানোর জন্য পানি পান করা অত্যন্ত গুরুত্বপূর্ণ। খাবার খাওয়ার আগে এক গ্লাস পানি পান করলে ক্ষুধা কমে যায়। এছাড়া পানি শরীরের বিষাক্ত পদার্থ বের করে দিতে সাহায্য করে। ব্যায়াম শুধু শরীর সুস্থ রাখে না, মনকেও ভালো রাখ

ଗୁଗଲ୍ ପେ' ଫ୍ଲେକ୍ସ ଏସ୍‌ବିଆଇ କାର୍ଡ ଶୁଭାରମ୍ଭ

ଭୁବନେଶ୍ୱର (ବ୍ୟୁରୋ) : ଭାରତର ସର୍ବବୃହତ ପ୍ୟୋର ପ୍ଲେ କ୍ରେଡିଟ କାର୍ଡ ଇସ୍ୟୁୟର ଏସବିଆଇ କାର୍ଡ ଏବଂ ଗୁଗଲ ପକ୍ଷରୁ ଫ୍ଲେକ୍ସ ବାଏ ଗୁଗଲ ପେ ଅଫରିଙ୍ଗର ଅଂଶ ଭାବେ 'ଗୁଗଲ ପେ ଫ୍ଲେକ୍ସ ଏସବିଆଇ କାର୍ଡ'ର ଘୋଷଣା କରାଯାଇଛି । ଗୁଗଲ ପେ ଫ୍ଲେକ୍ସ ଏସବିଆଇ କାର୍ଡକୁ ଦୈନନ୍ଦିନ ପେମେଂଟ ଅନୁଭୂତିକୁ ସରଳ ଓ ଉନ୍ନତ କରିବା ପାଇଁ ଡିଜାଇନ କରାଯାଇଛି ଯାହା ରିୱାର୍ଡ, ସହଜତା ଓ ସୁରକ୍ଷାର ଏକ ମିଶ୍ରଣ ଦେଇଥାଏ । ଏହି ସହଭାଗିତା ଏକ ସରଳ ତଥାପି ଉନ୍ନତ ପେମେଂଟ ଅନୁଭୂତି ପ୍ରଦାନ କରିବା ପାଇଁ ଏସବିଆଇ କାର୍ଡର ବିଶ୍ୱସ୍ତ କ୍ରେଡିଟ କାର୍ଡ ବିଶେଷଜ୍ଞତା ଏବଂ ଗୁଗଲ ପେ'ର ଡିଜିଟାଲ ଇକୋସିଷ୍ଟମକୁ ଏକତ୍ରିତ କରିଛି । ଗୁଗଲ ପେ ଫ୍ଲେକ୍ସ ଏସବିଆଇ କାର୍ଡ ଗ୍ରାହକଙ୍କୁ ପ୍ରତ୍ୟେକ କ୍ରୟ ଉପରେ ଷ୍ଟାର ଜିତିବା ପାଇଁ ସକ୍ଷମ କରି ପ୍ରତିଦିନ ଖର୍ଚ୍ଚକୁ ରିୱାର୍ଡିଙ୍ଗ କରିଥାଏ, ଏଥିସହିତ ଏହା ପେମେଂଟ ସମୟରେ ଇନ୍‌ଷ୍ଟାଂଟ ରିଡେମ୍ପସନ ଓ ପ୍ରତ୍ୟେକ ଖର୍ଚ୍ଚ ଉପରେ ତତ୍କାଳ ମୂଲ୍ୟ ପ୍ରଦାନ କରିଥାଏ । ଗ୍ରାହକମାନେ ପ୍ରତିଦିନର ଖର୍ଚ୍ଚ ଉପରେ ବାର୍ଷିକ ୧୮୦୦୦ ପର୍ଯ୍ୟନ୍ତ ରିୱାର୍ଡ ଜିତିପାରିବେ ଏବଂ ପ୍ରତ୍ୟେକ ୫୦୦ ଟଙ୍କାର ଖର୍ଚ୍ଚ ପାଇଁ ୮ଟି ପର୍ଯ୍ୟନ୍ତ ଷ୍ଟାର ଜିତିପାରିବେ । ଏହି କ୍ରେଡିଟ କାର୍ଡ ଗ୍ରାହକଙ୍କୁ ଉଭୟ ଅନଲାଇନ ଓ ଇନ୍-ଷ୍ଟୋର ଆଉଟଲେଟ୍‌ରେ ଗ୍ରୋସରୀ, ବିଲ ପେମେଂଟ, ଟ୍ରାଭେଲ ବୁକିଂ, ୟୁଟିଲିଟି ପେମେଂଟ, ସପିଂ ଭଳି ଏକ ବିସ୍ତୃତ ବର୍ଗରେ ରିୱାର୍ଡ ପଏଂଟ ଜିତିବା ପାଇଁ ସକ୍ଷମ କରିଥାଏ । ଏଥିରେ ଗ୍ରାହକଙ୍କ ପାଖରେ ନିଜର ନୂତନ ବକେୟା ବିଲ୍‌କୁ ସୁବିଧାଜନକ ଇଏମଆଇରେ ପରିଣତ କରିବା ପାଇଁ ବିକଳ୍ପ ପ୍ରଦାନ କରିଥାଏ । ଏହି ରୁପେ ଭାରିଆଂଟକୁ ୟୁପିଆଇରେ ଲିଙ୍କ କରାଯାଇପାରିବ । ଲକ୍ଷ ଲକ୍ଷ ମର୍ଚାଂଟ ଆଉଟଲେଟରେ ସୁବିଧାଜନକ ଟ୍ୟାପ୍-ଟୁ-ପେ ପାଇଁ ଉଭୟ ଭାରିଆଂଟକୁ ଗୁଗଲ ପେ'ରେ ଟୋକେନାଇଜ କରାଯାଇପାରିବ ।

ମଧ୍ୟରେ ନିଜର ଆକାଉଂଟକୁ ପରିଚାଳନା କରିବା ପାଇଁ ସକ୍ଷମ କରିଥାଏ । ଏହି କଂଟାକ୍ଟଲେସ କ୍ରେଡିଟ କାର୍ଡ ରୁପେ ଓ ଭିସା ପେମେଂଟ ନେଟ୍‌ୱର୍କରେ ଉପଲବ୍ଧ ରହିଛି ଯାହା କାର୍ଡଧାରକଙ୍କୁ ନିଜ ପସନ୍ଦର ପେମେଂଟ ନେଟ୍‌ୱର୍କ ଚୟନ କରିବା ପାଇଁ ବିକଳ୍ପ ପ୍ରଦାନ କରିଥାଏ । ଏହି ରୁପେ ଭାରିଆଂଟକୁ ୟୁପିଆଇରେ ଲିଙ୍କ କରାଯାଇପାରିବ । ଲକ୍ଷ ଲକ୍ଷ ମର୍ଚାଂଟ ଆଉଟଲେଟରେ ସୁବିଧାଜନକ ଟ୍ୟାପ୍-ଟୁ-ପେ ପାଇଁ ଉଭୟ ଭାରିଆଂଟକୁ ଗୁଗଲ ପେ'ରେ ଟୋକେନାଇଜ କରାଯାଇପାରିବ । ଏସମ୍ପର୍କରେ ଏସବିଆଇ କାର୍ଡର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଲିଳ ପାଣ୍ଡେ କହିଛନ୍ତି, "ଏସବିଆଇ କାର୍ଡରେ ଆମର ଗୁରୁତ୍ୱ ହେଉଛି ସର୍ବୋତମ ଶ୍ରେଣୀର ଉତ୍ପାଦ ନିର୍ମାଣ କରିବା ଯାହା ଆମର ଗ୍ରାହକଙ୍କ ପାଇଁ ଟ୍ରାଞ୍ଜାକ୍ସନକୁ ସରଳ, ସହଜ ଓ ଅଧିକ ପ୍ରାସଙ୍ଗିକ କରିଥାଏ । ଗୁଗଲ ପେ ଫ୍ଲେକ୍ସ ଏସବିଆଇ କାର୍ଡର ଲଂଚ ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସୁବିଧା, ଅର୍ଥପୂର୍ଣ୍ଣ ରିୱାର୍ଡ, ସହଜତା ଓ ସୁରକ୍ଷାକୁ ଏକତ୍ରିତ କରି ଏହି ସ୍ୱତନ୍ତ୍ର କାର୍ଡ ଭାରତରେ ଦୈନନ୍ଦିନ ପେମେଂଟ ଅନୁଭୂତିକୁ ପୁନଃପରିଭାଷିତ କରିବ । ଗୁଗଲ ପେ'ର ବରିଷ୍ଠ ନିର୍ଦ୍ଦେଶକ ସାରଥ ବୁଲୁସୁ କହିଛନ୍ତି, ଗୁଗଲ ପେ ଫ୍ଲେକ୍ସ ଏସବିଆଇ କାର୍ଡ ସହିତ ଆମେ ଏହାକୁ ଦୈନନ୍ଦିନ ପେମେଂଟ ଭଳି ସର୍ବବ୍ୟାପୀ ଓ ସୁଲଭ କରିବା ପାଇଁ, ଭାରତ ପାଇଁ ଋଣକୁ ପୁନଃପରିକଳ୍ପନା କରିବାରେ ସାହାଯ୍ୟ କରୁଛୁ । ଉଭୟ ରୁପେ ଓ ଭିସା ପେମେଂଟ ନେଟ୍‌ୱର୍କରେ ଉପଲବ୍ଧ ଏହି ଡିଜିଟାଲ କ୍ରେଡିଟ କାର୍ଡ ଆର୍ଥିକ ପହଂଚକୁ ଗଣତାନ୍ତ୍ରିତ କରୁଛି ଯାହା ଲକ୍ଷ ଲକ୍ଷ ଗ୍ରାହକଙ୍କୁ ତତ୍କାଳ ଆବେଦନ, ସହଜ ରିପେମେଂଟ ଓ ରିୱାର୍ଡ ପ୍ରଦାନ କରିଥାଏ ।

ଗାୟକ ଶେଖର ଜଗନ୍ନାଥ ବେହେରାଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର (ବ୍ୟୁରୋ) : ଦୀର୍ଘ ୮ ଦଶନ୍ଧି ଧରି ଓଡ଼ିଶାର ପୁର-ପଲ୍ଲୀ, ତଥା ବିଭିନ୍ନ ରାଜ୍ୟ ଓ ଦେଶ ବିଦେଶରେ ବିବଗ୍ଧ ପାଲାକଳା ପରିବେଷଣ କରି ବାଣୀଭଣ୍ଡାରକୁ ସମୃଦ୍ଧ କରିବା ସହିତ ଶିକ୍ଷା, ସଂସ୍କୃତି, ସାମାଜିକ ପରମ୍ପରା ଓ ଜନଜୀବନକୁ ଖୁବ୍ ପ୍ରଭାବ ବିସ୍ତାର କରିଥିବା ଗାୟକ ବିଖାରଦ ତଥା ଗାୟକ ଶେଖର ସ୍ୱର୍ଗତ ଜଗନ୍ନାଥ ବେହେରାଙ୍କ ୧୦୧ ବର୍ଷ ବୟସରେ ଗତକାଲି ପରଲୋକ ହୋଇଯାଇଥିବାରୁ ସ୍ୱର୍ଗତ ବେହେରାଙ୍କ ବିୟୋଗରେ ଶ୍ରୀନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦର ନିର୍ଦ୍ଦେଶକ ତଥା ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସ୍ୱର୍ଗତ ବେହେରା ଜଣେ ସୁ-ପ୍ରତିଷ୍ଠିତ ସୁନାମଧନ୍ୟ ପାଲା କଳାକାର । ସେ ମଞ୍ଚରେ ପାଲା ପରିବେଷଣ କରିବା ବେଳେ ଶ୍ରୋତାମାନଙ୍କୁ ସବୁ ଦିଗରେ ବିମୁଗ୍ଧ କରି ପାରୁଥିବା ଜଣେ ସଫଳ ଗାୟକ ଥିଲେ ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ ଜଣାଇଛନ୍ତି । ସ୍ୱର୍ଗତ ବେହେରାଙ୍କ ବିୟୋଗରେ ପୁରୋହତମାନଙ୍କ ତତ୍ତ୍ୱାବଧାନରେ ଭଗବାନ ଶିବଙ୍କ ମହାରୁଦ୍ରାଭିଷେକ ସମ୍ପନ୍ନ ହୋଇଥିଲା ।

ସାମୂହିକ ମହାରୁଦ୍ରାଭିଷେକ ଭକ୍ତିଭାବର ସହ ସମ୍ପନ୍ନ

ଭୁବନେଶ୍ୱର (ବ୍ୟୁରୋ) : ଶ୍ରୀ ହରିସତସଙ୍ଗ ସମିତି ଓ ଏଫ୍‌ଟିଏସ୍ ମହିଳା ସମିତିର ମିଳିତ ଆନୁକୂଲ୍ୟରେ ଟେରାପନ୍ଥ ଭବନ, ଭୁବନେଶ୍ୱରରେ ସାମୂହିକ ମହାରୁଦ୍ରାଭିଷେକ ଭକ୍ତିମୟ ପରିବେଶରେ ସଫଳତାର ସହ ଅନୁଷ୍ଠିତ ହୋଇଛି । ବୈଦିକ ମନ୍ତ୍ରୋଚ୍ଚାରଣ ଓ ପୂଜାର୍ଚ୍ଚନା ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ବିଦ୍ୱାନ ପୁରୋହିତ, ଦାତା ଓ ସ୍ୱେଚ୍ଛାସେବୀଙ୍କୁ ଆୟୋଜକମାନେ କୃତଜ୍ଞତା ଜଣାଇଛନ୍ତି । ବହୁ ସଂଖ୍ୟକ ଭକ୍ତ ଓ ଯଜମାନଙ୍କ ଉପସ୍ଥିତିରେ ପରିବେଶ 'ହର ହର ମହାଦେବ' ଧ୍ୱନିରେ ମୁଖରିତ ହୋଇଉଠିଥିଲା । ଶ୍ରୀ ହରିସତସଙ୍ଗ ସମିତିର ସଭାପତି ଲାଲଚାନ୍ଦ ମୋହତା ଏବଂ ଏଫ୍‌ଟିଏସ୍ ମହିଳା ସମିତିର ସଭାପତି ଶ୍ୱେତା ଅଗ୍ରୱାଲଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତ ଭକ୍ତ, ଶ୍ରଦ୍ଧାଳୁ, ଆୟୋଜକ ସଦସ୍ୟ ଓ ସ୍ୱେଚ୍ଛାସେବୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ । ଏହି ଅବସରରେ ଉପସ୍ଥିତ ଭକ୍ତମାନଙ୍କ ପାଇଁ ଭଣ୍ଡାରା ବ୍ୟବସ୍ଥା କରାଯାଇଥିଲା ।

୧୦ରେ ମୋଦୀ ସରକାରଙ୍କ ଶ୍ରମିକ କୃଷକ ଓ ଜନବିରୋଧୀ ନୀତି ବିରୁଦ୍ଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର (ବ୍ୟୁରୋ) : ମୋଦୀ ସରକାରର ୧୨ ବର୍ଷ ଶାସନ କାଳରେ ଶ୍ରମିକ ଓ କୃଷକଙ୍କ ଜୀବନ ଉପରେ ଭୟଙ୍କର ଆକ୍ରମଣ, ଲଗାତର ଦରବୃଦ୍ଧି ଓ ଅର୍ଥନୈତିକ ସଂକଟ ଦେଖାଦେଇଛି । ୧୨ ଘଂଟିଆ କାର୍ଯ୍ୟ ଦିବସ, ଓଭର ଟାଇମ୍ ପାଇଁ ଦୁଇଗୁଣା ମଜୁରୀରୁ ବଂଚିତ କରାଯିବା, ଠିକା ପ୍ରଥାର ବ୍ୟାପକ ବିସ୍ତାର, ସ୍ଥାୟୀ ଚାକିରୀର ଅବସାନ, ବେକାରୀ ଓ ଛଟେଇ ବୃଦ୍ଧି, ସାମାଜିକ ସୁରକ୍ଷା ଅଧିକାରରୁ ବଂଚିତ କରିବା, ସରକାରୀ କ୍ଷେତ୍ରରେ ବେସରକାରୀକରଣ, ସମ୍ବିଧାନ ଗଣତନ୍ତ୍ର ଉପରେ ଆକ୍ରମଣ ଓ ସାମ୍ପ୍ରଦାୟିକ ବିଭାଜନ ରାଜନୀତି ବିରୁଦ୍ଧରେ ଆସନ୍ତା ଅଗଷ୍ଟ ୧୦ ତାରିଖରେ ସାରା ଦେଶରେ ଦେଶବ୍ୟାପୀ ଆନ୍ଦୋଳନ ଅବସରରେ ଓଡ଼ିଶାରେ ଏହାକୁ ବ୍ୟାପକ ଭାବରେ ଭୁବନେଶ୍ୱର ସମେତ ଓଡ଼ିଶାର ସମଗ୍ର ଜିଲ୍ଲାରେ ଶ୍ରମିକ, କୃଷକ ଓ କ୍ଷେତ ମଜଦୁର ଜନଆନ୍ଦୋଳନ ମାଧ୍ୟମରେ ଶ୍ରମିକ, କୃଷକ ସମାବେଶ ବିକ୍ଷୋଭ କରାଯିବାକୁ ଆଜି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚାର ଏକ ବୈଠକ ଆଇ.ଏନ୍.ଟି.ୟୁ.ସି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ନିଷ୍ପତି ନିଆଯାଇଛି । ଆମେରିକା ସହ ମୋଦୀ ସରକାରର କୃଷିରାଜ୍ୟନାମା ମଧ୍ୟ ଭାରତୀୟ କୃଷକମାନଙ୍କର ଉପରେ ଜୋରଦାର ପ୍ରଭାବ ପକାଇବ । କେନ୍ଦ୍ର ସରକାର କୃଷି କ୍ଷେତ୍ରରେ କିଛି ନୂତନ ଆଇନ ଓ ନୀତି ଆଗକୁ ବଢ଼ାଉଛନ୍ତି, ଯାହା କୃଷକ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସ୍ୱାର୍ଥ ବିରୋଧି । ଏହି ପଦକ୍ଷେପ ଗୁଡିକ କୃଷିକଙ୍କ ବିଜୟ ଉପରେ ଅଧିକାର, ବୌଜ୍ଞାନିକ ନବସୃଷ୍ଟି ଏବଂ ଦେଶୀୟ କୃଷିର ବିକାଶକୁ ଦୁର୍ବଳ କରିବାରେ ଆଶଙ୍କା ସୃଷ୍ଟି କରିବ । ଏହି ବୈଠକରେ ସଂଯୁକ୍ତ କିଷାନ ପକ୍ଷରୁ ସାଥୀ ସୁରେଶ ପାଣୀଗ୍ରାହୀ ଓ ଆଇ.ଏନ୍.ଟି.ୟୁ.ସିର ନେତ୍ରୀ ପ୍ରଣତୀ ମିଶ୍ରଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ସଭା ପୂର୍ବରୁ ସିଆଇଟିୟୁର ସାଧାରଣ ସମ୍ପାଦକ ନେତା ବିଷ୍ଣୁ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ବୈଠକରେ ଆଇଏନ୍‌ଟିୟୁସିର ନେତା ଅକ୍ଷୟ ତ୍ରିପାଠୀ, ଏଆଇଟିୟୁସିର ନେତା ବିଜୟ ଜେନା, ଏଚଏମଏସ୍‌ର ନେତା ବି.ଏନ.ମହାପାତ୍ର, ସିଆଇଟିୟୁର ନେତା ଉଲ୍ଲାସ ନାୟକ, ଦୁଷ୍ମନ୍ତ କୁମାର ଦାସ, ଏଆଇୟୁଟିୟୁସିର ନେତା ନିରଞ୍ଜନ ମହାନ୍ତି, ଏଆଇସିସିଟିୟୁର ନେତା ମହେନ୍ଦ୍ର ପରିଡା, ଟିୟୁସିସିର ନେତା ଜ୍ୟୋତି ରଞ୍ଜନ ମହାପାତ୍ର ଓ ଏଲ୍‌ପିଏଫର ନେତା ମାୟାଧର ନାୟକ ଉପସ୍ଥିତ ଥିଲାବେଳେ ସଂଯୁକ୍ତ କିଷାନ ପକ୍ଷରୁ ଇନ୍‌ସାଫ୍‌ର ନେତା ନରେନ୍ଦ୍ର ମହାନ୍ତି, ଏଆଇକେକେଏମ୍‌ଏସ୍‌ର ନେତା ସନ୍ତୋଷ ରଥ, ଏଆଇକେଏମ୍‌କେଏସର ନେତା ବାସୁଦେବ ଦାସ, ଏଆଇକେକେଏସ୍‌ର ନେତା ଶଙ୍କର ସାହୁ ଓ ଏଆଇକେଏସ୍‌ର ନେତା କ୍ଷରୋଧ ସିଂ ଦେଓ ଆଦି ଯୋଗଦେଇ ୧୦ ଅଗଷ୍ଟ କୃଷକ, ଶ୍ରମିକ ଆନ୍ଦୋଳନକୁ ସଫଳ କରିବା ଲାଗି ରାଜ୍ୟବାସୀଙ୍କୁ ଆହ୍ୱାନ ଦେବା ସହିତ ଗ୍ରାମାଂଚଳର କୃଷକ, ଶ୍ରମିକମାନେ ଏହାକୁ ସଫଳ କରିବାକୁ ନିବେଦନ କରିଛନ୍ତି ।

ନାଲ୍‌କୋ ଠିକା ଶ୍ରମିକଙ୍କୁ ନିଯୁକ୍ତି ପତ୍ର, ପରିଚୟ ପତ୍ର ଓ ବେତନ ଚିଠା ମିଳିବା ପାଇଁ ନିଷ୍ପତ୍ତି

ଭୁବନେଶ୍ୱର (ବ୍ୟୁରୋ) : ନାଲ୍‌କୋ ମୁଖ୍ୟ କାର୍ଯ୍ୟାଳୟ, ଦାମନଯୋଡି, ରିଫାରାନାରା ଓ ମାଇନ୍‌ସ, ଅନୁଗୁଳ ସ୍ମେଲଟର, ବିଦ୍ୟୁତ କେନ୍ଦ୍ର, ବିଶାଖାପାଟଣା ପୋର୍ଟ ବନ୍ଦର ଓ ସମସ୍ତ ଆଂଚଳିକ କାର୍ଯ୍ୟାଳୟ କାର୍ଯ୍ୟରତ ସମସ୍ତ ୧୩ ହଜାର ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକମାନଙ୍କୁ ତୁରନ୍ତ ନିଯୁକ୍ତି ପତ୍ର, ପରିଚୟ ପତ୍ର ଓ ବେତନ ଚିଠା ୧ ମାସ ମଧ୍ୟରେ ପ୍ରଦାନ କରିବା ପାଇଁ ଏବଂ ପ୍ରତ୍ୟେକ ମାସର ଦରମା ୭ ତାରିଖ ମଧ୍ୟରେ ଦେବା ପାଇଁ ଆଜି କେନ୍ଦ୍ର ଉପମୁଖ୍ୟ ଶ୍ରମ କମିଶନର ଶ୍ରୀ ଚିରଞ୍ଜିବ ସାଇକିଆଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ଦିଆଯାଇଥିବା ୧୪ ଦଫା ଦାବି ପତ୍ର ଆଲୋଚନା ସମୟରେ ଉପମୁଖ୍ୟ ଶ୍ରମ କମିଶନର ନାଲ୍‌କୋ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନାଲକୋରେ କାର୍ଯ୍ୟରତ ହଜାର ହଜାର ଠିକା ଶ୍ରମିକ ମାନଙ୍କୁ ତାଙ୍କ ମୌଳିକ ଅଧିକାରକୁ ବଂଚିତ କରାଯାଉଥିବାବେଳେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ତରଫରୁ ୧୪ ଦଫା ଦାବୀ ଦିଆଯାଇଥିଲା । ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ଦେବା, ସମସ୍ତ ଶ୍ରମିକଙ୍କୁ ୭ ତାରିଖ ମଧ୍ୟରେ ଦରମା ପେଠ କରିବା, ପ୍ରୋଭିଡେଣ୍ଟ ଫଣ୍ଡ ଓ ଇଏସ୍‌ଆଇ ସଦସ୍ୟତା ରସିଦ୍ ଶ୍ରମିକ ମାନଙ୍କୁ ଠିକ୍ ସମୟରେ ମିଳିବା, ଠିକା ଶ୍ରମିକ ମାନଙ୍କ ପାଇଁ ସବ୍‌ସିଡ୍ କ୍ୟାଂଟିନ୍, ମନଇଚ୍ଛା ଠିକା ଶ୍ରମିକମାନଙ୍କୁ କାର୍ଯ୍ୟରୁ ବାହାର ନ କରିବା, ଠିକା ଶ୍ରମିକଙ୍କର ବର୍ଗୀକରଣ କରିବା, ଠିକା ଶ୍ରମିକମାନଙ୍କୁ ପିଆରପିର ଅଂଶ, ଠିକା ଶ୍ରମିକମାନଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ ପ୍ରଶିକ୍ଷଣ ଦେବା ଓ ଉଚ୍ଚମାନର ନିରାପତା ଉପକରଣ ପ୍ରଦାନ କରିବା ପ୍ରଭୃତି ଦାବୀ ସଂପର୍କରେ ଆଲୋଚନା କରାଯାଇଥିଲା । ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଏକ ପ୍ରତିନିଧିଦଳ ରାଜ୍ୟ ଶ୍ରମବିଭାଗର ମୁଖ୍ୟ ଶାସନ ସଚୀବ ଡି.ଭି. ସ୍ୱାମୀଙ୍କୁ ଭେଟି ଓଡ଼ିଶା ରାଜ୍ୟରେ ଜଙ୍ଗଲ ଶ୍ରମିକ ମାନଙ୍କ ପାଇଁ ସାମାଜିକ ସୁରକ୍ଷା, ଆଦିବାସୀ ମହିଳା ଶ୍ରମିକ ମାନଙ୍କ ପାଇଁ ବିକଳ୍ପ ରୋଜଗାର, ସର୍ବନିମ୍ନ ମଜୁରୀ ବୃଦ୍ଧି, ଶ୍ରମ ବିଭାଗରେ ଥିବା ସମସ୍ତ ଖାଲି ପଦବୀ ପୂରଣ କରିବା, ଭବିଷ୍ୟନିଧିକୁ ବନ୍ଦ ନ କରିବା, ରାଜ୍ୟ କର୍ମଚାରୀ ବୀମା ନିଗମ ତଥା ସମସ୍ତ କମିଟି ବୈଠକ ଡାକିବା ସହ ଶ୍ରମିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ନିରାପତା ଆଇନକୁ କଡାକଡି ଭାବେ ଲାଗୁ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ଦାବୀ କରାଯାଇଛି । ଏହି ଆଲୋଚନାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ, ସାଧାରଣ ସମ୍ପାଦକ କିଶୋର ଜେନା, କାର୍ଯ୍ୟକାରୀ ସଭାପତି ମଦନ ମୋହନ ଧଲ, ଉପସଭାପତି ପ୍ରଦୀପ୍ତ କୁମାର ଦାସ, ନିର୍ମଳ ସାମଲ, ସତ୍ୟବ୍ରତ ନାୟକ, ସନ୍ତୋଷ ସେଠୀ, ଭବାନୀ ପ୍ରସାଦ ଦାସ, ନାଲକୋର ମ୍ୟାନେଜମେଂଟ ତରଫରୁ ସୁନିଲ ମହାପାତ୍ର, ସିମାନୀ ମହାପାତ୍ର ଠିକା ଶ୍ରମିକଙ୍କ ପ୍ରତିନିଧି ଅନୀଲ ବରାଳ, ଜର୍ଜ ୱିଲସନ୍ ତୁରୁକ୍, ସୁଧୀର ଭତ୍ତା, ଟିକନ ଦାସ, ବାବୁଲି ସେଠୀ, ଦିବ୍ୟରଞ୍ଜନ ଦାସ, ଅଭୟ ସାମଲ, ଦିପକ ଦାସ, ବିନୟ ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

ନେକ୍ସସ ଏସପ୍ଲାନେଡର ସର୍ବଶ୍ରେଷ୍ଠ ବନ୍ଧୁତା ଦିବସ

ଭୁବନେଶ୍ୱର (ବ୍ୟୁରୋ) : ବନ୍ଧୁତ୍ୱ ଦିବସର ଉତ୍ସାହକୁ ଆହୁରି ସ୍ମରଣୀୟ କରିବା ପାଇଁ ନେକ୍ସସ ଏସପ୍ଲାନେଡ୍ ଆଣିଛି ଏକ ରୋମାଞ୍ଚକର ଫ୍ରେଣ୍ଡସିପ୍ ଲେଜର ଗେମ୍ । ଆସନ୍ତା ୦୧ ଅଗଷ୍ଟରୁ ୦୯ ଅଗଷ୍ଟ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ବିଶେଷ କାର୍ଯ୍ୟକ୍ରମ ମାଧ୍ୟମରେ ପରିଦର୍ଶକମାନେ ଟିମ୍‌ୱାର୍କ, ବିଶ୍ୱାସ ଏବଂ ଚ୍ପଳତାର ପରୀକ୍ଷା ସହ ଏକ ମଜାଦାର ଅନୁଭୂତିର ଆନନ୍ଦ ନେଇପାରିବେ । ସମସ୍ତ ବୟସବର୍ଗର ବନ୍ଧୁମାନଙ୍କ ପାଇଁ ପ୍ରସ୍ତୁତ ଏହି ଗେମ୍‌ଜୋନ୍‌ରେ ଦୁଇଜଣ ଅଂଶଗ୍ରହଣକାରୀ ଏକାଠି ଏହି ଲେଜର ମେଜ୍‌ରେ ଭାଗ ନେବେ । ସେଥିରେ ଜଣେ ବନ୍ଧୁ ଲେଜର ବିମ୍‌ଗୁଡ଼ିକୁ ଏଡ଼ାଇ ଭିତରକୁ ପ୍ରବେଶ କରି ଅନ୍ୟ ବନ୍ଧୁଙ୍କ ପାଇଁ ଏକ ଫ୍ରେଣ୍ଡସିପ୍ ବ୍ୟାଣ୍ଡ ଆଣିବେ, ଯେତେବେଳେ କି ଅନ୍ୟ ଜଣେ ବନ୍ଧୁ ବାହାରେ ଅପେକ୍ଷା କରିଥିବେ । ଏହି ଗେମ୍‌ଜୋନ୍‌କୁ ଉପଭୋଗ କରିବା ପାଇଁ ବ୍ୟକ୍ତିଗତ ଭାବରେ ମଧ୍ୟ ଅଂଶଗ୍ରହଣ କରିପାରିବେ । ଅଂଶଗ୍ରହଣକାରୀମାନେ ଏକାକୀ କିମ୍ବା ଏକାଠି ହୋଇ ଲେଜର ଆରେନାରେ ପ୍ରବେଶ କରିବେ ତେବେ ଯଦି କୌଣସି ଲେଜର ବିମ୍ ସହିତ ସ୍ପର୍ଶ ହେଲେ ବଜର ବାଜି ଉଠିବ ତେବେ ଖେଳ ସେହିଠାରେ ତୁରନ୍ତ ଶେଷ ହୋଇଯିବ । ଏହି ଗେମ୍‌ଜୋନ୍‌ରେ ଅଂଶଗ୍ରହଣ ପାଇଁ ଟିକେଟ ମୂଲ୍ୟ ପ୍ରତି ଟିମ୍ ପାଇଁ ୯୯୯/-ଟଙ୍କା ଏବଂ ୧୫୯/- ଟଙ୍କା ରଖାଯାଇଛି । ଦୁଇ ସପ୍ତାହ ଧରି ଗେମ୍ ଖେଳିବାକୁ ଥିବା ଏହି ଫ୍ରେଣ୍ଡସିପ୍ ଲେଜର ଗେମ୍‌ଜୋନ୍ ବନ୍ଧୁ ଓ ପରିବାରର ସଦସ୍ୟମାନଙ୍କୁ ଏକାଠି ହୋଇ ଏକ ଆନନ୍ଦମୟ ଏବଂ ସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି କରିବାର ସୁଯୋଗ ପ୍ରଦାନ କରିବ । ବନ୍ଧୁତ୍ୱ ଦିବସର ଏହି ବିଶେଷ ଉତ୍ସବକ ଉପଭୋଗ କରିବା ପାଇଁ ନେକ୍ସସ ଏସପ୍ଲାନେଡ୍ ସମସ୍ତଙ୍କୁ ସ୍ୱାଗତ କରୁଛି ।

ସୋଆ ପକ୍ଷରୁ ଚେନ୍ନାଇରେ 'ଆଲିସିପ୍++ ୨.୦' ଆୟୋଜିତ

ଭୁବନେଶ୍ୱର (ବ୍ୟୁରୋ) : ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ସହ ସମାବେଶୀ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଚେନ୍ନାଇଠାରେ 'ଆଲିସିପ୍++ ୨.୦' କାର୍ଯ୍ୟକ୍ରମ ଆୟୋ

ବାଙ୍କୀପୁର ଉପନିର୍ବାଚନରେ ମାଟିକାମୁଡ଼ିଲା ବିଜେପି

ବାଜିମାରିଲେ ପ୍ରଶାନ୍ତ କିଶୋର

ନୂଆଦିଲ୍ଲୀ,୩।୮ : ଗଡ଼ ବଞ୍ଚାଇବାରେ ବିଜେପି ଫେଲ। କାମ ଦେଲାନି କୌଣସି ରଣନୀତି। ଶେଷରେ ବିହାରର ବାଙ୍କିପୁରରେ ମାଟି କାମୁଡ଼ିଛି ଶାସକ ଦଳ। ନିଜର ୩୦ ବର୍ଷ ପୁରୁଣା ଗଡ଼କୁ ବଞ୍ଚାଇବାକୁ ବିଜେପି ପ୍ରାଣ ମୂର୍ଚ୍ଛା ଉଦ୍ୟମ କଲା। ଦଳର ହେଭିୱେଟ ଆସି ପ୍ରଚାର କଲେ। ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏକାଧିକ ମନ୍ଦିର ଯାଇ ଧର୍ମ କାର୍ଡ ଖେଳିଲେ। ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ନିଜେ ନିଜ ଗଡ଼ରେ ପ୍ରଚାର କଲେ। ତଥାପି ଏସବୁ ପ୍ରଥମଥର ନିର୍ବାଚନ ଲଢୁଥିବା ପ୍ରଶାନ୍ତ କିଶୋରଙ୍କ ଆଗରେ ଫିକା ପଡ଼ି ଯାଇଛି। ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ବନିଥିବା ପ୍ରଶାନ୍ତ କିଶୋର ଓରଫ ପିକେ ସମସ୍ତଙ୍କୁ ଜଳକା କରି ଦେଇଛନ୍ତି। ସେ ବାଙ୍କିପୁର ଉପ ନିର୍ବାଚନରେ ବିଜେପିର ନୀରଜ କୁମାରଙ୍କୁ ୧୮,୯୫୩ ଖଣ୍ଡ ଭୋଟରେ ହରାଇ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ପିକେ ବିଜେପିର ଗଡ଼ରେ ପଦ୍ମକୁ ଭୁଶୁଡ଼ାଇବାକୁ ସକ୍ଷମ ହୋଇପାରିଛନ୍ତି। ୧୯୯୫ରୁ ଏହି ଆସନକୁ ବିଜେପି ଜିତି ଆସୁଥିଲା। ପ୍ରଥମେ ଏହା ପାଟନା ୱେଷ୍ଟ ନିର୍ବାଚନ ମଣ୍ଡଳୀରେ ରହିଥିଲା। ୧୯୯୫ରୁ ନୀତୀନ ନବୀନଙ୍କ ବାପା ନବୀନ କିଶୋର ପ୍ରସାଦ ସିହ୍ନା ଏଠାରୁ ଜିତି ଆସୁଥିଲେ। ୨୦୦୫ ନିର୍ବାଚନ ଜିତିବାର ଗୋଟିଏ ବର୍ଷ ପରେ ତାଙ୍କର ଦେହାନ୍ତ ହୋଇଥିଲା। ୨୦୦୬ ଉପ ନିର୍ବାଚନରେ ନୀତୀନ ନବୀନ ଏଠାରେ ପ୍ରଥମ ଜିତିଥିଲେ। କିନ୍ତୁ ୨୦୦୮ ସୀମା ନିର୍ଦ୍ଧାରଣ ପରେ ଏହା ବାଙ୍କିପୁର ନିର୍ବାଚନ ମଣ୍ଡଳୀ ହୋଇ ଯାଇଥିଲା। ତଥାପି ନୀତୀନ ନବୀନ ୨୦୧୦ରୁ ଏଠାରେ ଜିତି ଆସୁଥିଲେ। କିନ୍ତୁ ଚଳିତ ବର୍ଷ ଏପ୍ରିଲରେ ସେ ରାଜ୍ୟସଭାକୁ ଯିବାରୁ ବାଙ୍କିପୁରରେ ଉପ ନିର୍ବାଚନ ହୋଇଥିଲା। ଆଉ ବିଜେପି ୩୦ ବର୍ଷ ପରେ ବାଙ୍କିପୁର ଆସନ ଜଣେ ଡେବ୍ୟୁଟାଣ୍ଟ ପାଖରେ ହରାଇଛି। ବାଙ୍କିପୁର ଉପ ନିର୍ବାଚନ ଆରମ୍ଭରୁ ବିଜେପି ନିଜର ଦୁର୍ଗ ବଞ୍ଚାଇ ନେବ ବୋଲି ଆଶା କରିଥିଲା। ସହଜ ବିଜୟ ନେଇ ଦଳ ବେଶ ଆଶାବାଦୀ ଥିଲା। ଦଳ ପ୍ରଥମେ ଅଭିଷେକ କୁମାର ସିହ୍ନା ଓରଫ ବଣ୍ଟିଙ୍କୁ ଏଠାରେ ପ୍ରାର୍ଥୀ କରିଥିଲା।

କିନ୍ତୁ ତାଙ୍କ ପରିବାରକୁ ନେଇ ବିବାଦ ସୃଷ୍ଟି ହେବା ପରେ ବିଜେପି ତାଙ୍କ ସ୍ଥାନରେ ୩୨ ବର୍ଷୀୟ ଯୁବ ମୋର୍ଚ୍ଚା ନେତା ନୀରଜ କୁମାର ସିହ୍ନାଙ୍କୁ ଟିକେଟ ଦେଇଥିଲା। ହଠାତ ପ୍ରାର୍ଥୀ ପରିବର୍ତ୍ତନ ନିଷ୍ପତ୍ତି ପ୍ରଶାନ୍ତ କିଶୋରଙ୍କୁ ଫାଇଦା ଦେଇଥିଲା। ବିଜେପି ମଧ୍ୟରେ ସବୁ କିଛି ଠିକଠାକ ନଥିବା ମଧ୍ୟ ପଦାକୁ ଆଣିଥିଲା।

ସେହିପରୀ, ଗୁଜରାଟର ବଡୋଦରା ଜିଲ୍ଲାର ମାଞ୍ଜଲପୁର ବିଧାନସଭା ଆସନରେ ବିଜେପିର ସତୀଶ ପଟେଲ ୩୦୦୦୦ ରୁ ଅଧିକ ଭୋଟ ଅନ୍ତରରେ ଜିତିଛନ୍ତି। ମଧ୍ୟପ୍ରଦେଶର ଦତିଆ ବିଧାନସଭା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ସିଂହ ବିଜୟୀ ହୋଇଛନ୍ତି। ସିଂହ ବିଜେପି ପ୍ରାର୍ଥୀ ଆଶୁତୋଷ ତିୱାରୀଙ୍କୁ ପରାଜିତ କରିଛନ୍ତି। ଘନଶ୍ୟାମ ସିଂହ ୬୦୫୬ ଭୋଟ ଅନ୍ତରରେ ବିଜୟୀ ହୋଇଛନ୍ତି।

ମଧ୍ୟପ୍ରଦେଶରେ କଂଗ୍ରେସର ଜିତାପଟ



ବିଜେପି ଶାସିତ ମଧ୍ୟପ୍ରଦେଶରେ କଂଗ୍ରେସର ବଡ଼ ବିଜୟ। ରାଜ୍ୟର ଦତିଆ ଉପ ନିର୍ବାଚନରେ ବାଜି ମାରି ନେଇଛି କଂଗ୍ରେସ। ଦତିଆ ଉପ ନିର୍ବାଚନରେ କଂଗ୍ରେସର ଘନଶ୍ୟାମ ସିଂହ ସବୁ ଆକଳନକୁ ଭୁଲ ସାବ୍ୟସ୍ତ କରି ବିଜେପିର ଆଶୁତୋଷ ତିୱାରୀଙ୍କୁ ହରାଇ ଦେଇଛନ୍ତି। ମାତ୍ର ୬,୦୧୬ ଖଣ୍ଡ ଭୋଟରେ ଘନଶ୍ୟାମ ଦତିଆରୁ ବିଜୟୀ ହୋଇଛନ୍ତି। ଏହି ରେଜଲ୍ଟ କଂଗ୍ରେସକୁ ମଧ୍ୟ ରାଜ୍ୟରେ ବଳ ଦେଇଛି। କଂଗ୍ରେସର ଘନଶ୍ୟାମ ସିଂହ ୬୬,୭୫୬ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର ଆଶୁତୋଷ ତିୱାରୀ ୫୭,୨୭୭ ଖଣ୍ଡ ଭୋଟ ପାଇଛନ୍ତି। ଅର୍ଥାତ ଶ୍ରୀ ସିଂହ ୬,୦୧୬ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଉପ ନିର୍ବାଚନ ବିଜୟ ପରେ କଂଗ୍ରେସ କର୍ମୀମାନେ ଭୋପାଳ ମୁଖ୍ୟାଳୟରେ ଉତ୍ସବ ପାଳନ କରିଛନ୍ତି। ବିଜେପି ଠାରୁ କ୍ରମାଗତ ହାରୁଥିବା କଂଗ୍ରେସକୁ ଏହି ବିଜୟ କିଛିଟା ଆଶ୍ୱସ୍ତି ଦେଇଛି। ମୁଖ୍ୟାଳୟରେ ଦୀର୍ଘଦିନ ପରେ କଂଗ୍ରେସ କର୍ମୀମାନେ ଡ୍ୟାନ୍ସ କରିବା ସହ ଢୋଲ ବଜାଇଛନ୍ତି। ଏହି ବିଜୟ ପାଇଁ ମଧ୍ୟପ୍ରଦେଶ କଂଗ୍ରେସ ମୁଖ୍ୟ ଜିତେନ୍ଦ୍ର ପଟୱାରି ଦତିଆର ଲୋକଙ୍କୁ ସବୁ ଶ୍ରେୟ ଦେଇଛନ୍ତି। ଲୋକମାନେ ବିଜେପିର ଅହଂକାର ଓ ଦୁର୍ନୀତିର ପର୍ଦ୍ଦାଫାସ କରିଥିବା ସେ କହିଛନ୍ତି।

ୟୁନିଫାଏଡ୍ ପେନସନ୍ ସ୍କିମ୍‌ରେ ହେବନି ପରିବର୍ତ୍ତନ

ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଘୋଷଣା

ନୂଆଦିଲ୍ଲୀ,୩।୮ : ଯଦି ଆପଣ କେନ୍ଦ୍ର ସରକାରଙ୍କ କର୍ମଚାରୀ ଓ ୟୁନିଫାଏଡ୍ ପେନସନ୍ ସ୍କିମ୍ (ୟୁପିଏସ୍)କୁ ନେଇ କୌଣସି ପରିବର୍ତ୍ତନ କିମ୍ବା ବନ୍ଦ ନେଇ ଚିନ୍ତିତ ତେବେ ଏହି ଖବର ଆଶ୍ୱସ୍ତି ଆଣିଦେବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ସ୍ପଷ୍ଟ ଭାବରେ କହିଛନ୍ତି, ସରକାରଙ୍କ ୟୁନିଫାଏଡ୍ ପେନଶନ୍ ସ୍କିମକୁ ବଦଳାଇ ଏହା ସ୍ଥାନରେ ନୂଆ ଯୋଜନା ଆଣିବାର କୌଣସି ପ୍ରସ୍ତାବ ରଖିନାହାନ୍ତି ଅର୍ଥାତ ବର୍ତ୍ତମାନ ୟୁପିଏସ୍ ପୂର୍ବ ଭଳି ଜାରି ରହିବ। ଆସନ୍ତୁ ବିସ୍ତାରିତ ଭାବରେ ଜାଣିବା ଏହାର ପୁରା ଡିଟେଲ୍ସ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲଖିତ ଜବାବ୍‌ରେ କହିଛନ୍ତି ୧୯ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ୧,୧୮,୧୯୫ କର୍ମଚାରୀ ୟୁପିଏସ୍ ବିକଳ୍ପକୁ ଚୟନ କରିଛନ୍ତି। ଏଥିରେ ନୂଆ ନିଯୁକ୍ତ କର୍ମଚାରୀ, ବର୍ତ୍ତମାନର କର୍ମଚାରୀ ଓ ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀ ମଧ୍ୟ ରହିଛନ୍ତି। ସରକାର ଏହି ଯୋଜନା ୧ ଏପ୍ରିଲ ୨୦୨୫ ରୁ ଏନପିଏସ୍ ଅନୁସାରେ, ଏକ ବିକଳ୍ପ ଭାବରେ ଆରମ୍ଭ କରିଥିଲେ। ଏହାର ଉଦ୍ଦେଶ୍ୟ କର୍ମଚାରୀଙ୍କୁ ଅବସର ପରେ ନିଶ୍ଚିତ ମାସିକ ପେନସନ୍ ଦେବା ଓ ଦରଦାମ ବୃଦ୍ଧିର ପ୍ରଭାବରୁ ତାଙ୍କର ଆୟକୁ ସୁରକ୍ଷା ଦେବା। ସରକାରଙ୍କ କହିବା ଅନୁସାରେ, ୟୁପିଏସ୍ ସେହି କର୍ମଚାରୀଙ୍କ ପାଇଁ ରହିଛି, ଯେଉଁମାନେ ରିଟାୟରମେଣ୍ଟ ପରେ ନିଶ୍ଚିତ ପେନସନ୍ ଚାହାନ୍ତି। ଏହା ସହ ଏହି ଯୋଜନା ସରକାରୀ ଆର୍ଥିକ ବ୍ୟବସ୍ଥା ଉପରେ ବଡ଼ ବୋଝ ନପକାଇ ଯୋଗଦାନ ଆଧାରିତ ମଡେଲ ଉପରେ କାମ କରିଥାଏ। ଅର୍ଥମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ଯୋଜନା ଲାଗୁ ହେବାର ଏବେ ଏକ ବର୍ଷରୁ ଅଧିକ ସମୟ ହୋଇଛି। ତେଣୁ ସରକାର ଏପର୍ଯ୍ୟନ୍ତ ଏହାର ପ୍ରଦର୍ଶନରେ କୌଣସି ଔପଚାରିକ ସମୀକ୍ଷା କରିନାହାନ୍ତି।

ଚୁଟ୍‌କୀରେ...

କେରଳରେ ବର୍ଷାଜନିତ ଘଟଣା ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି

ତିରୁବନନ୍ତପୁରମ,୩।୮ : କେରଳରେ ବର୍ଷାଜନିତ ଘଟଣାରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ ଭିଡି ସତୀସନ୍ ସୋମବାର କହିଛନ୍ତି। ସାତ ଜଣ ଏବେବି ନିଖୋଜ ଅଛନ୍ତି। କୋଟ୍ଟାୟମ ଜିଲ୍ଲାରେ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ ହୋଇଛି, ଯେଉଁଥିରେ ପୁଞ୍ଜାର ବିଧାନସଭା ନିର୍ବାଚନମଣ୍ଡଳୀର ଦୁଇଜଣ ଓ ପାଣି ଟାଙ୍କିରେ ପଡ଼ି ବୁଡ଼ି ଯାଇଥିବା ଜଣେ ଶିଶୁ ସାମିଲ ଅଛନ୍ତି। ଏର୍ଣ୍ଣାକୁଲମରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଇଡୁକ୍କି ଓ ମୁଭାଟ୍ଟୁପୁଝାରେ ଜଣେ ଲେଖାଏଁକର ମୃତ୍ୟୁ ହୋଇଛି। କୋଲ୍ଲାମରେ ଦୁଇଜଣ, ମାଲାପ୍ପୁରମରେ ଚାରି ଜଣ, କନ୍ନୁରରେ ଜଣେ ଓ କୋଝିକୋଡରେ ଜଣେ ପ୍ରାଣ ହରାଇଛନ୍ତି। ସାତ ଜଣ ଏବେବି ନିଖୋଜ ଅଛନ୍ତି। କୋଲ୍ଲାମରେ ଦୁଇଜଣ, କନ୍ନୁରରେ ଦୁଇଜଣ, ମାଲାପ୍ପୁରମରେ ଜଣେ ଏବଂ ଇଡୁକ୍କି ଏବଂ ମୁଭାଟ୍ଟୁପୁଝାରେ ଜଣେ ନିଖୋଜ ଅଛନ୍ତି ବୋଲି ସତୀସନ୍ କହିଛନ୍ତି। ସୋମବାର ସକାଳ ୯ଟା ସୁଦ୍ଧା ରାଜ୍ୟରେ ୩୧୬ଟି ରିଲିଫ୍ ଶିବିର କାର୍ଯ୍ୟ କରୁଛି, ବର୍ଷା ଓ ବନ୍ୟା ଯୋଗୁଁ ବିସ୍ଥାପିତ ୧୧,୦୧୮ ଜଣଙ୍କୁ ଆଶ୍ରୟ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସୋମବାର ଓ ଆସନ୍ତା ୬ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ଓ ଏହି ସମୟରେ ୪୦-୫୦ କିଲୋମିଟର ବେଗରେ ପବନ ବହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଦୁଇ ହେଲିକପ୍ଟର ଧକ୍କା, ୫ ମୃତ

ଗ୍ରୀସ୍,୩।୮ : ଗ୍ରୀସରେ ବନାଗ୍ନୀକୁ ରୋକିବାରେ ନିୟୋଜିତ ହୋଇଥିବା ଦୁଇଟି ହେଲିକପ୍ଟର ମଧ୍ୟରେ ଭୟଙ୍କର ଦୁର୍ଘଟଣା ହୋଇଛି । ଏଥିରେ ହେଲିକପ୍ଟରରେ ଥିବା ପାଇଲଟଙ୍କ ସହ ଅନ୍ୟ କ୍ରିଉ ସଦସ୍ୟ ପ୍ରାଣ ହରାଇଛନ୍ତି। ଏନେଇ ଅଗ୍ନିଶମ ବାହିନୀର ବରିଷ୍ଠ ଅଧିକାରୀ ଭାସିଲ୍ସ ଭାଥରାକୋଜିଆନିସ୍ ସୂଚନା ଦେଇଛନ୍ତି । ରବିବାର ଅପରାହ୍ନରେ ଏହି ଅଘଟଣ ଘଟିଥିବା ସୂଚନା ମିଳିଛି । ଗ୍ରୀସର ଏଥେନ୍ସ ନିକଟବର୍ତ୍ତୀ ସାଥା ଅଞ୍ଚଳରେ ଏହି ଅଘଟଣ ଘଟିଛି । ଏଥିରେ ହେଲିକପ୍ଟରରେ ଥିବା ପାଇଲଟଙ୍କ ସହ ଅନ୍ୟ ସଦସ୍ୟ ପ୍ରାଣ ହରାଇଛନ୍ତି । ଦୁର୍ଘଟଣାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ଏଥିରେ ଗୋଟିଏ ହେଲିକପ୍ଟର ଅନ୍ୟ ଏକ ହେଲିକପ୍ଟରକୁ ଧକ୍କା ଦେଇ ବିସ୍ଫୋରଣ ହୋଇଥିବା ଦେଖିବାକୁ ମିଳୁଛି । ଧକ୍କା ହେବା ପରେ ସୌଭାଗ୍ୟବଶତଃ ଦ୍ୱିତୀୟ ହେଲିକପ୍ଟରର ସଦସ୍ୟ ବର୍ତ୍ତିଯାଇଛନ୍ତି । ଅଘଟଣ ପରେ ଦ୍ୱିତୀୟ ହେଲିକପ୍ଟରର କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ଦୁର୍ଘଟଣା ପରେ ବନାଗ୍ନୀ ରୋକିବାରେ ବ୍ୟବହାର ହେଉଥିବା ଅନ୍ୟ ସବୁ ହେଲିକପ୍ଟରକୁ କାର୍ଯ୍ୟରେ ନିୟୋଜିତ କରାଯାଇଛି । ଏହାସହ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି । ଦ୍ୱିତୀୟ ହେଲିକପ୍ଟରରେ ଥିବା ସମସ୍ତଙ୍କୁ ଉଦ୍ଧାର କରାଯାଇ ହସପିଟାଲରେ ଭର୍ତ୍ତି କରାଯାଇଛି । ଯେଉଁ ହେଲିକପ୍ଟର ପାଣି ଢାଳିବା ଏବଂ ନିଆଁକୁ ଆୟତ୍ତ କରିବା ପାଇଁ ଉଡ଼ାଣ ଭରିଥିଲା, ସେତେବେଳେ ଦୁର୍ଘଟଣା ହୋଇଥିଲା ।

୪ରୁ ୧୨ ବନ୍ଦ ରହିବ ସ୍କୁଲ

ନୂଆଦିଲ୍ଲୀ,୩।୮ : ନର୍ସରୀରୁ ୧୨ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଅଗଷ୍ଟ ୪ରୁ ଅଗଷ୍ଟ ୧୨ (ମୋଟ ୯ ଦିନ) ପର୍ଯ୍ୟନ୍ତ ବନ୍ଦ ରହିବ। ମାତ୍ର ଅନଲାଇନ୍ କ୍ଲାସ୍ ଚାଲୁ ରହିବ, ଯାହାଦ୍ୱାରା ପିଲାଙ୍କ ପଢ଼ାପଢ଼ି ପ୍ରଭାବିତ ହେବ ନାହିଁ। ଜିଲ୍ଲାପାଳ ସମସ୍ତ ସ୍କୁଲ ପାଇଁ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। କାଉଡ଼ି ଯାତ୍ରାକୁ ଦୃଷ୍ଟିରେ ରଖି ପ୍ରଶାସନ ସ୍କୁଲ ବନ୍ଦ ରଖିବାକୁ ଏହି ନିଷ୍ପତ୍ତି ନେଇଛି। କାଉଡ଼ିଆଙ୍କ ସୁରକ୍ଷା ପାଇଁ ସହରର ଅନେକ ରାସ୍ତାରେ ଟ୍ରାଫିକ୍ ଡାଇଭର୍ସନ୍ ଲାଗୁ କରାଯାଇଛି। ଗାଜିଆବାଦର ବେସିକ୍ ଶିକ୍ଷା ପରିଷଦ, ମାଧ୍ୟମିକ ଶିକ୍ଷା ପରିଷଦ, ସିବିଏସ୍ଇ, ଆଇସିଏସ୍ଇ ଏବଂ ଅନ୍ୟାନ୍ୟ ସଂଯୋଜିତ ବୋର୍ଡ ଦ୍ୱାରା ପରିଚାଳିତ ସ୍କୁଲ ସହ ମଦ୍ରାସା ବୋର୍ଡ ଅଧୀନରେ ଥିବା ସ୍କୁଲଗୁଡ଼ିକ ମଧ୍ୟ ବନ୍ଦ ରହିବ। ଜିଲ୍ଲାପାଳଙ୍କ ଆଦେଶ ଅନୁଯାୟୀ, ନର୍ସରୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ପାଇଁ ଏହି ନିୟମ ଲାଗୁ ହେବ। ଶ୍ରାବଣ ମାସରେ କାଉଡ଼ି ଯାତ୍ରା ସମୟରେ ସ୍କୁଲ ବନ୍ଦ ରହିଲେ ଅଧିକ ସଂଖ୍ୟକ ବ୍ୟକ୍ତିଗତ ଗାଡ଼ି ଏବଂ ସ୍କୁଲ ବସ୍ ରାସ୍ତାକୁ ଓହ୍ଲାଇବେ ନାହିଁ। ଏହାଦ୍ୱାରା ଗାଜିଆବାଦର କାଉଡ଼ି ମାର୍ଗଗୁଡ଼ିକରେ ଟ୍ରାଫିକ୍ ନିୟନ୍ତ୍ରଣ ସହଜ ହେବ ଏବଂ ଶ୍ରଦ୍ଧାଳୁମାନେ ବିନା ବାଧାରେ ଯାତାୟାତ କରିପାରିବେ।

ଖୁବ୍‌ଶୀଘ୍ର ଲଞ୍ଚ ହେବ ଏନଭିଏସ-୦୩ ଓ ଜିସାଟ୍-୧-ଏ' ଉପଗ୍ରହ

ମହାକାଶରେ ଶକ୍ତି ବୃଦ୍ଧି କରିବ ଭାରତ



ନୂଆଦିଲ୍ଲୀ, ୩।୮ : ଭାରତ ମହାକାଶରେ ନିଜର ଶକ୍ତି ବୃଦ୍ଧି କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଏହି ଦୃଷ୍ଟିରୁ ଦୁଇଟି ରଣନୈତିକ ଗୁରୁତ୍ୱପୂର୍ଣ୍ଣ ଉପଗ୍ରହ ଏନଭିଏସ-୦୩ ଏବଂ ଜିସାଟ୍-୧-ଏ ଉତ୍କ୍ଷେପଣ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ଏହି ଉପଗ୍ରହଗୁଡ଼ିକ ଶ୍ରୀହରିକୋଟା ମହାକାଶ ବନ୍ଦରରେ ଉତ୍କ୍ଷେପଣ ପାଇଁ ସରକାରଙ୍କ ଅନୁମୋଦନ ପାଇଁ କିଛି ସପ୍ତାହ ଧରି ଅପେକ୍ଷା କରିଛନ୍ତି। ମହାକାଶରେ ଭାରତର ତୃତୀୟ ନୟନ ଭଳି କାମ କରିବାକୁ ଯାଉଥିବା ଏହି ଦୁଇଟି ଉପଗ୍ରହର ବିଶେଷତ୍ୱ ହେଉଛି ଯେ ଏଗୁଡ଼ିକୁ କେବଳ ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ। ଏହି ଉପଗ୍ରହ ସହିତ ଏକ ଜିଏସଏଲଭି-ଏମକେ-୨ ରକେଟ୍ ମଧ୍ୟ ଉତ୍କ୍ଷେପଣ ପାଇଁ ପ୍ରସ୍ତୁତ ହୋଇ ସରକାରଙ୍କ ସବୁଜ ସଙ୍କେତକୁ ଅପେକ୍ଷା କରି ରହିଛନ୍ତି। ଅନୁମୋଦନ ଅଭାବରୁ ପ୍ରପେଲାଣ୍ଟ ପୂରଣ କାର୍ଯ୍ୟ ମଝିରେ ବନ୍ଦ ହୋଇଯାଇଥିଲା। ଏନଭିଏସ-୦୩ ଉପଗ୍ରହ ଭାରତର ଦ୍ୱିତୀୟ ପିଢ଼ିର ନାଭିଗେସନ୍ କ୍ଷେତ୍ରର ପରବର୍ତ୍ତୀ ଉପଗ୍ରହ। ସେହିପରି ଜିସାଟ୍-୧-ଏ ଏକ ଉନ୍ନତ ଜିଓ-ଇମେଜିଂ ଉପଗ୍ରହ ଯାହା ଭାରତୀୟ ଭୂପୃଷ୍ଠର ରିୟଲ ଟାଇମ୍ ନିରୀକ୍ଷଣ କରିବାକୁ ସକ୍ଷମ। ଉଭୟ ଉପଗ୍ରହ ସେମାନଙ୍କର ଅଧିକାଂଶ ପୂର୍ବ-ଉତ୍କ୍ଷେପଣ ପ୍ରସ୍ତୁତି ମଧ୍ୟ ସମାପ୍ତ କରିସାରିଛନ୍ତି।

'ଲିଭ୍-ଇନ୍ ପାର୍ଟନର ପାଇବେ ସ୍ତ୍ରୀଙ୍କ ପରି ସମାନ ଅଧିକାର'

ନୂଆଦିଲ୍ଲୀ,୩।୮ : ଲିଭ୍-ଇନ୍ ସମ୍ପର୍କରେ ଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହା ଲିଭ୍-ଇନ୍ ପାର୍ଟନରମାନଙ୍କୁ ସେମାନଙ୍କ ପତି କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ନିର୍ଯାତନା ମାମଲାରେ ପତ୍ନୀଙ୍କ ପରି ସମାନ ଅଧିକାର ପ୍ରଦାନ କରିଛି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୮-ଏ, ଯାହା ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ନିଷ୍ଠୁରତା ସହିତ ଜଡିତ, ଏବେ ଲିଭ୍-ଇନ୍ ପାର୍ଟନରମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ରିପୋର୍ଟ ଅନୁଯାୟୀ, ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ନିଷ୍ଠୁରତାରୁ ସୁରକ୍ଷା ପାଇବାର ଅଧିକାର କେବଳ ବିବାହ ପର୍ଯ୍ୟନ୍ତ ସୀମିତ ହେବା ଉଚିତ୍ ନୁହେଁ। ପରିବର୍ତ୍ତନଶୀଳ ସାମାଜିକ ପରିସ୍ଥିତି ସହିତ ଆଇନ ବିକଶିତ ହେବା ଆବଶ୍ୟକ। ଲିଭ୍-ଇନ୍ ସମ୍ପର୍କରେ ସାଥୀ ପୁରୁଷ କି ମହିଳା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏହା ବିଭିନ୍ନ ରୂପ ନେଇପାରେ। ବିବାହିତ ଦମ୍ପତିଙ୍କ ପରି ଧାରା ୪୯୮-ଏ ଅନୁଯାୟୀ ସେମାନଙ୍କୁ ସୁରକ୍ଷା ପାଇବାର ଅଧିକାର ଦିଆଯିବା ଉଚିତ୍। ଏହି ଧାରା ଅନୁଯାୟୀ, ସ୍ୱାମୀ କିମ୍ବା ତାଙ୍କ ପରିବାରର ସଦସ୍ୟ କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ତାଙ୍କ ସ୍ତ୍ରୀ କିମ୍ବା ପରିବାରର ଅନ୍ୟ ମହିଳା ସଦସ୍ୟଙ୍କ ପ୍ରତି ନିଷ୍ଠୁରତା ତିନି ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡାଦେଶ ଏବଂ ଜରିମାନା ଦଣ୍ଡନୀୟ। ନିଷ୍ଠୁରତା ଅର୍ଥ ହେଉଛି ଜଣେ ମହିଳାଙ୍କୁ ଏପରି ବ୍ୟବହାର କରିବା ଯାହା ଦ୍ୱାରା ସେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୁଅନ୍ତି, ଗୁରୁତର ଶାରୀରିକ କିମ୍ବା ମାନସିକ କ୍ଷତି ପହଞ୍ଚାନ୍ତି, କିମ୍ବା ସମ୍ପତ୍ତି କିମ୍ବା ଯୌତୁକ ଭଳି ବେଆଇନ ଦାବି କରି ତାଙ୍କୁ ହଇରାଣ କରିଥାନ୍ତି। ଏପରି ପରିସ୍ଥିତିରେ ଜଣେ ମହିଳା କୋର୍ଟକୁ ଯାଇ ନ୍ୟାୟ ପାଇଁ ଆବେଦନ କରିପାରିବେ। ଲିଭ୍-ଇନ୍ ପାର୍ଟନରମାନେ ମଧ୍ୟ ଏବେ ଏପରି ଅଧିକାର ପାଇ ଉପକୃତ ହେବେ ବୋଲି ଶୀର୍ଷକୋର୍ଟ କହିଛନ୍ତି।

'ଗମ୍ଭୀର ଅପରାଧର ଅଭିଯୁକ୍ତଙ୍କୁ କୌଣସି ଆଶ୍ୱସ୍ତି ମିଳିବ ନାହିଁ'

କ୍ରୋର୍ ଜନତା ପାର୍ଟି(ସିଜେପି) ପ୍ରତିବାଦ ସମୟରେ ଘଟିଥିବା ହିଂସା ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ପୂର୍ବ ଆଦେଶକୁ ସଂଶୋଧନ କରି ଶୀର୍ଷକୋର୍ଟ କହିଛନ୍ତି ଯେ, ଗମ୍ଭୀର ଅପରାଧର ଅଭିଯୁକ୍ତମାନଙ୍କୁ କୌଣସି ଆଶ୍ୱସ୍ତି ମିଳିବ ନାହିଁ। ରାଜ୍ୟଗୁଡ଼ିକର ମାମଲା ପ୍ରତ୍ୟାହାର କରିବାର ସ୍ୱାଧୀନତା ରହିବ, ଅର୍ଥାତ୍ ସେମାନେ ପ୍ରତିବାଦକାରୀଙ

କମୁଛି ଧନୁଆ ନଦୀର ଜଳସ୍ତର; କମୁନି ଚାଷୀଙ୍କ ଚିନ୍ତା

ନିମାପଡ଼ା(ଅମୃତ ମିଡିଆ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକର ଧନୁଆ ନଦୀର ବନ୍ୟାପାଣି ନିଷ୍କାସନ ପାଇଁ ଗୁରୁତ୍ୱପୂର୍ଣ୍ଣ ତିନିମୁହାଣ ସ୍ୱିଚ୍ ଗେଟ୍ ଶେଷରେ ଖୋଲାଯାଇଛି। ଏହାପରେ ଧନୁଆ ନଦୀର ବନ୍ୟାପାଣି ଦ୍ରୁତ ନିଷ୍କାସିତ ହେବା ଆରମ୍ଭ କରିଥିବା ବେଳେ ନଦୀର ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଛି। ତଥାପି ବିଲ ଓ ଚାଷ ଜମିରେ ଜମି ରହିଥିବା ପାଣି ଚାଷୀଙ୍କ ଦୁର୍ଦ୍ଦଶାକୁ ଏପର୍ଯ୍ୟନ୍ତ କମାଇପାରିନାହିଁ।ଗତ କିଛି ଦିନ ଧରି ସ୍ୱିଚ୍ ଗେଟ୍ ବନ୍ଦ ରହିବା ଫଳରେ ଧନୁଆ ନଦୀର ଜଳସ୍ତର ବଢ଼ି ବନ୍ୟାପାଣି ବିଭିନ୍ନ ବିଲ ଓ ଚାଷ ଜମିରେ ପ୍ରବେଶ କରିଥିଲା। ଫଳରେ ନିମାପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତର ଶହ ଶହ ଏକର ଧାନ ଜମି ଜଳମଗ୍ନ ହୋଇପଡ଼ିଥିଲା। ବହୁ ସ୍ଥାନରେ ଚାଷ ଜମି ହ୍ରଦର ଭ୍ରମ ସୃଷ୍ଟି କରିଥିବା ବେଳେ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି।ସ୍ୱିଚ୍ ଗେଟ୍ ଖୋଲାଯିବା ପରେ ନଦୀର ଜଳସ୍ତର କମିବା ଆରମ୍ଭ ହୋଇଥିଲେ ମଧ୍ୟ ବିଲରେ ଜମି ରହିଥିବା ପାଣି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିଷ୍କାସିତ ହୋଇପାରିନାହିଁ। ଦୀର୍ଘ ସମୟ ଧରି ପାଣିରେ ବୁଡ଼ି ରହିଥିବା ଧାନ ତଳି ଓ ଅନ୍ୟାନ୍ୟ ଫସଲ ନଷ୍ଟ ହେବା ଆଶଙ୍କା ବଢ଼ିଯାଇଛି। ଏଭଳି ସ୍ଥିତି ଆଉ କିଛି ଦିନ ଲାଗି ରହିଲେ କୃଷକମାନଙ୍କ ଆର୍ଥିକ କ୍ଷତି ଅଧିକ ବୃଦ୍ଧି ପାଇବ ବୋଲି ସେମାନେ କହିଛନ୍ତି।ସ୍ଥାନୀୟ ଚାଷୀମାନଙ୍କ ଦାବି ହେଉଛି, କେବଳ ସ୍ୱିଚ୍ ଗେଟ୍ ଖୋଲିଦେଲେ ସମସ୍ୟାର ସମାଧାନ ହେବ ନାହିଁ। ବିଲରେ ଜମି ରହିଥିବା ପାଣିର ଶୀଘ୍ର ନିଷ୍କାସନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବା ସହ କ୍ଷତିଗ୍ରସ୍ତ ଚାଷ ଜମିର ସରକାରୀ ସର୍ଭେ କରି ଉପଯୁକ୍ତ କ୍ଷତିପୂରଣ ଓ ସହାୟତା ଯୋଗାଇବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।ଏବେ ତିନିମୁହାଣ ସ୍ୱିଚ୍ ଗେଟ୍ ଦେଇ ବନ୍ୟାପାଣି ନିଷ୍କାସନ ଜାରି ରହିଥିବାରୁ ନଦୀର ଜଳସ୍ତର ସ୍ୱାଭାବିକ ହେବା ଆଶା କରାଯାଉଛି। ହେଲେ ବିଲରୁ ସମ୍ପୂର୍ଣ୍ଣ ପାଣି ନ ହଟିବା ପର୍ଯ୍ୟନ୍ତ ଚାଷୀଙ୍କ ଦୁଃଖ ଦୂର ହେବ ନାହିଁ। ତେଣୁ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଓ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସହାୟତାକୁ ନେଇ ଏବେ ସମସ୍ତଙ୍କ ନଜର ରହିଛି।

୨୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ସରଦେଇପୁର–ନିମାପଡ଼ା ରାସ୍ତା ପ୍ରଶସ୍ତୀକରଣ କାମ

ନିମାପଡା(ଅମୃତ ମିଡିଆ): ପୂର୍ତ୍ତ ବିଭାଗ ପକ୍ଷରୁ ୨୩ କୋଟିରୁ ଅଧିକ ଟଙ୍କା ବ୍ୟୟରେ ସରଦେଇପୁର–ନିମାପଡା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ସ୍ଥାପନ କରାଯାଇଛି। ଏହି ଅବସରରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକଙ୍କ ସମେତ ବହୁ ଜନପ୍ରତିନିଧି, ପୂର୍ତ୍ତ ବିଭାଗର ଅଧିକାରୀ ଓ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଦୀର୍ଘ ଦିନ ଧରି ସ୍ଥାନୀୟ ଲୋକମାନେ ସରଦେଇପୁର–ନିମାପଡା ରାସ୍ତାକୁ ପ୍ରଶସ୍ତ କରିବା ସହ ନିମାପଡାରୁ ଉତ୍ତରାକୁ ଅଠାନ୍ତର ଦେଇ ନିୟମିତ ବସ୍ ସେବା ଆରମ୍ଭ କରିବାକୁ ଦାବି କରୁଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଘୋଷଣା କରି କହିଥିଲେ ଯେ, ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ନିମାପଡାରୁ ଉତ୍ତରା ପର୍ଯ୍ୟନ୍ତ ଅଠାନ୍ତର ଦେଇ ନିୟମିତ ବସ୍ ?

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଡିଜିଟାଲ ଏକ୍ସ-ରେ ମେସିନ ଓ ଅଲ୍ଟ୍ରାସାଉଣ୍ଡ ମେସିନ ଉଦ୍‌ଘାଟିତ

ସେବା ଆରମ୍ଭ କରାଯିବ। ଏହି ବସ୍ ସେବା ଦ୍ୱାରା ଦୈନିକ ଯାତ୍ରୀ,ଛାତ୍ରଛାତ୍ରୀ, କର୍ମଜୀବୀ ଓ ସାଧାରଣ ଲୋକ ବିଶେଷ ଭାବେ ଉପକୃତ ହେବେ ବୋଲି ସେ କହିଥିଲେ।ସେହିପରି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଯାତାୟାତ ବ୍ୟବସ୍ଥା ଅଧିକ ସୁଗମ ହେବା ସହ ଅଞ୍ଚଳର ବ୍ୟବସାୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମଗ୍ରିକ ବିକାଶରେ ନୂଆ ଦିଗ ଉନ୍ମୋଚିତ ହେବ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି। ଏହାପରେ ଉପମୁଖ୍ୟମନ୍ତ୍ରୀ ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଡିଜିଟାଲ ଏକ୍ସ-ରେ ମେସିନ ଓ ଅଲ୍ଟ୍ରାସାଉଣ୍ଡ ମେସିନର ଉଦ୍ଘାଟନ କରିଥିଲେ। ଏହି ଆଧୁନିକ ଚିକିତ୍ସା ଉପକରଣ ଉପଲବ୍ଧ ହେବା ପରେ ସାଧାରଣ ଏକ୍ସ-ରେ କିମ୍ବା ଗର୍ଭବତୀ ମହିଳାଙ୍କ ଅଲ୍ଟ୍ରାସାଉଣ୍ଡ ପରୀକ୍ଷା ପାଇଁ ଆଉ ବାହାର ହସ୍ପିଟାଲକୁ ରେଫର କରିବାର ଆବଶ୍ୟକତା ଅନେକାଂଶରେ କମିଯିବ। ଏହାଦ୍ୱାରା ନିମାପଡା ଓ ଆଖପାଖ ଅଞ୍ଚଳର ରୋଗୀମାନେ ସ୍ଥାନୀୟ ସ୍ତରରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇପାରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ, ଆଗାମୀ ଦିନରେ ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପର୍ଯ୍ୟାୟକ୍ରମେ ଏକ ସ୍ୱୟଂସମ୍ପୂର୍ଣ୍ଣ ହସ୍ପିଟାଲରେ ପରିଣତ କରାଯିବ। ସଡ଼କ, ପରିବହନ ଓ ସ୍ୱାସ୍ଥ୍ୟ କ୍ଷେତ୍ରର ଭିତ୍ତିଭୂମିକୁ ସୁଦୃଢ଼ କରି ନିମାପଡା ଅଞ୍ଚଳର ସାମଗ୍ରିକ ବିକାଶ ସରକାରଙ୍କ ପ୍ରାଥମିକତା ବୋଲି ସେ ପ୍ରକାଶ କରିଥିଲେ।

ବିଶ୍ୱ ବନ୍ଧୁତା ଦିବସରେ ନିଶାମୁକ୍ତି ସଂକଳ୍ପ

ବାଲୁଗାଁ(ଅମୃତ ମିଡିଆ): ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ରବିବାର ପୂର୍ବାହ୍ନରେ ବିଶ୍ୱ ବନ୍ଧୁତା ଦିବସ ଅବସରରେ ନିଶାମୁକ୍ତି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଜାତୀୟ ସେବା ଯୋଜନା ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା,ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଚନ୍ଦନ ନାୟକ, ଯୁବ ରେଡ୍‌କ୍ରସ ଅଧିକାରୀ ଧୋବୀ ଚରଣ ପରିଡ଼ା ଯୋଗଦେଇ ଭାରତରେ ନିଶା ସେବନର ଭୟାନକ ପରିଣାମ ସମ୍ପର୍କରେ ଅବଗତ କରାଇବା ସହ ଏକ ବିକଶିତ ଭାରତବର୍ଷ ଗଠନ ପାଇଁ ନିଶାମୁକ୍ତି ଅଭିଯାନରେ ଯୁବଶକ୍ତି ସାମିଲ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ।ବିଶ୍ୱ ବନ୍ଧୁତା ଦିବସରେ କ୍ୟାଡେଟ ଓ ସ୍ୱେଚ୍ଛାସେବୀମାନେ ମାନବ ଶୃଙ୍ଖଳ ଜରିଆରେ ନିଶାମୁକ୍ତି ପାଇଁ ସଂକଳ୍ପ କରିଥିଲେ।ଏହାପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ଆୟୋଜିତ ନିଶାମୁକ୍ତ ଅଭିଯାନରେ ସାମିଲ ହୋଇଥିଲେ। ଅଧ୍ୟାପକ ଚନ୍ଦନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ନିଶିଗନ୍ଧା ଅନୁଷ୍ଠାନ ପକ୍ଷରୁ ପ୍ରକୃତିପୂଜା ସହ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ବାଲୁଗାଁ:(ଅମୃତ ମିଡିଆ): ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନ ଓ ନିଶିଗନ୍ଧା ଭାଷା ସାହିତ୍ୟ ପ୍ରତିଷ୍ଠାନ ମିଳିତ ସହଯୋଗରେ ୭୯ ତମ ବନ ମହୋତ୍ସବ ପୂର୍ତ୍ତି ଅବସରରେ ଚିଲିକା ବ୍ଲକ ହାଟବରଡି ପଞ୍ଚାୟତ ଅନ୍ତର୍ଗତ ଗଇନଡା ଠାରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ସହ ଧୂପଦୀପ, ପୁଷ୍ପାଞ୍ଜଳି ଦେଇ ବୃକ୍ଷକୁ ପୂଜାର୍ଚ୍ଚନା କରାଯାଇଥିଲା। ନିଶିଗନ୍ଧା ଅନୁଷ୍ଠାନ ପ୍ରତିଷ୍ଠାତା ବଳରାମ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କିଟକିସ ବିଶ୍ୱବିଦ୍ୟାଳୟ ଉପଦେଷ୍ଟା ତଥା ବିଶ୍ୱମୁକ୍ତିର ସ୍ରଷ୍ଟା ଶଶାଙ୍କ ଶେଖର ତୃଡାମଣି, ସମ୍ମାନିତ ଅତିଥି ଭାବେ ଚିଲିକା ବନ୍ୟପ୍ରାଣୀ ବିଭାଗ ଫରେଷ୍ଟର ଜିତେନ୍ଦ୍ର ନାୟକ,ବରିଷ୍ଠ ପାଇକ ଗୁରୁ କେଦାର ଦାସ, ସାମ୍ବାଦିକ ସୁଧୀର କୁମାର ବେହେରା,ଅଖିଳ ଚନ୍ଦ୍ର ପଲାଇ, ମନୋଜ ନାଇତ୍ତ,ଗଇନଡା ସାଇସେବା ସଦନ ପରିଚାଳକଙ୍କ ସମେତ ମ୍ୟାନେଜର ସମେତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।ଉପସ୍ଥିତ ବରେଣ୍ୟ ଅତିଥିଙ୍କୁ ଉତ୍ତରୀୟ ଓ ବିଭିନ୍ନ ଚାରା ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହାପରେ ଗଇନଡା ସ୍ଥିତ ସାଇ ସେବା ସଦନ ପରିସରରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯିବା ସହ ଧୂପଦୀପ, ଫୁଲ, ଚନ୍ଦନ ଦେଇ ବୃକ୍ଷମାନଙ୍କୁ ପୂଜାର୍ଚ୍ଚନା କରା ଯାଇଥିଲା। ଏଥିସହିତ ଆଗାମୀ ଦିନରେ ଚିଲିକା ବ୍ଲକ ଅନ୍ତର୍ଗତ ବିଭିନ୍ନ ମଠ,ମନ୍ଦିର ଓ ବିଦ୍ୟାଳୟ ମାନଙ୍କରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ନିଶିଗନ୍ଧା ଅନୁଷ୍ଠାନ ପ୍ରତିଷ୍ଠାତା ଶ୍ରୀ ତରାଇ ସୂଚନା ଦେଇଛନ୍ତି।

ସ୍ୱତନ୍ତ୍ର ସଘନ ପ୍ରକ୍ରିୟା ପ୍ରଶିକ୍ଷଣ ଶିବିର

ପୁରୀ (ବ୍ୟୁରୋ): ବାଙ୍କୀମୁହାଣ ନିକଟସ୍ଥ ଜିଲ୍ଲା ସଂସ୍କୃତି ଭବନ ଠାରେ ବର୍ତମାନ ଚାଲିଥିବା ବିଶେଷ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ବା ସ୍ୱତନ୍ତ୍ର ସଘନ ପ୍ରକ୍ରିୟା ସମ୍ପର୍କିତ ଏକ ପ୍ରଶିକ୍ଷଣତ ଶିବିର ପୁରୀ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ବୂଥ ସ୍ତରୀୟ ପ୍ରତିନିଧି ମାନଙ୍କ ପାଇଁ ଆୟୋଜିତ ହୋଇଯାଇଛି । ଏବଂ କିପରି ଭାବେ ଆଗାମୀ ଦିନରେ ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ବୂଥ ସଜବୁତ କରାଯିବ ସେଥିପାଇଁ ଏକ ରୋଡ ମ୍ୟାପ୍ ପ୍ରସ୍ତୁତ ହୋଇଛି । ଏହି ପ୍ରଶିକ୍ଷଣ ଶିବିରରେ ପୁରୀ ସଦର ନିର୍ବାଚନ ମଣ୍ଡଳୀର ବି. ଏଲ. ଏ -୧ (ସମସ୍ତ ବୂଥର ଅଧ୍ୟକ୍ଷ) ତଥା ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ରାଜେଶ କୁମାର ମିଶ୍ର ସଭାପତିତ୍ୱ କରିଥିଲେ. ଏଥିରେ ପ୍ରଦେଶ କଂଗ୍ରେସ ତରଫରୁ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ନେତା ସତ୍ୟବ୍ରତ ପାତ୍ର (ରମୁ) ଯୋଗ ଦେଇ ବୂଥ ସ୍ତରରେ ଏହି ପ୍ରକ୍ରିୟା ରେ ସଜାଗ ହୋଇ ପ୍ରକୃତ ଭୋଟର ମାନଙ୍କ ଉପଯୁକ୍ତ ନାମ ପଞ୍ଜିକରଣ ପ୍ରକ୍ରିୟା ରେ ଜାଗ୍ରତ ପ୍ରହରୀ ହିସାବରେ ନିଜକୁ ନିୟୋଜିତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଦଳ ତରଫରୁ ଜିଲ୍ଲା ଉପସଭାପତି (ସଂଗଠନ) ସୁକାନ୍ତ କୁମାର ପ୍ରଧାନ ଏହି ପ୍ରକ୍ରିୟାର ବିଭିନ୍ନ ଦିଗ ଏବଂ ଏହାର ସମାଧାନ ଉପରେ ସରକାରୀ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ତଥା ପୂର୍ବତନ ଜିଲ୍ଲା ସଭାପତି ଉତ୍ତମ ଆଚାର୍ଯ୍ୟ ଏବଂ ଜୟନାରାୟଣ ପଟ୍ଟନାୟକ, ନାରୀନେତ୍ରୀ ବିଦୁଲତା ଆଚାର୍ଯ୍ୟ, ଜିଲ୍ଲା ମହିଳା ସଭାନେତ୍ରୀ ସରସ୍ୱତୀ ପାତ୍ର, ପୁଷ୍କର ମହାପାତ୍ର, ପ୍ରେମାନନ୍ଦ ମହାନ୍ତି,ଉପସଭାପତି ନିରଞ୍ଜନ ରଥ,ସୁଜିତ ମହାପାତ୍ର, ଉମାପଦ ମିଶ୍ର,ଅମରେନ୍ଦ୍ର ପାଇକରାୟ, ଉପସଭାପତି ବିଶ୍ୱରଂଜନ ସାମନ୍ତରାୟ, କୋଷାଧକ୍ଷ ଆର୍ତତ୍ରାଣ ସାହୁ ସପ୍ତିତା ସ୍ୱାଇଁ, ସାଧାରଣ ସମ୍ପାଦକ ଅଶ୍ୱିନୀ ବଳବନ୍ତରାୟ,ମୁଖପାତ୍ର ସ୍ୱାଧୀନ ପଣ୍ଡା,ବ୍ଲକ ସଭାପତି ବିଶ୍ୱରଂଜନ ମହାପାତ୍ର ଏବଂ କପିଳ ପ୍ରସାଦ ଷଡ଼ଙ୍ଗୀ, ସମ୍ପାଦକ ପ୍ରମୋଦ ପାଣ୍ଡୀ ପ୍ରମୁଖ ଯୋଗ ଦେଇଥିଲେ।

ଦାନବୀର ବଡ଼େ ହରିହର ଗୁରୁଙ୍କ ପୁଣ୍ୟତିଥି ସ୍ମୃତି ସମାରୋହ

ପୁରୀ (ବ୍ୟୁରୋ): ଶ୍ରୀଜଗନ୍ନାଥଙ୍କ ବିଧିବିଧାନ, ଉପାସନା ସମଗ୍ର ମାନବ ଜାତି ପାଇଁ କେବଳ ଆଧ୍ୟାତ୍ମିକ ଉପଚାର ନୁହେଁ, ବରଂ ବିଶ୍ୱରେ ଶାନ୍ତି, ମୈତ୍ରୀ ପାଇଁ ଏକମାତ୍ର ମାର୍ଗଦର୍ଶନକାରୀ ତତ୍ତ୍ୱ । ମାନବ ସେବା ହିଁ ମାଧବ ସେବା ଏହି ବ୍ରତ ଧାରଣ କରି ପ୍ରଭୁଙ୍କ ସେବକଗଣ ଭକ୍ତଜନଙ୍କ ସେବାରେ ନିଜକୁ ସମର୍ପଣ କରି ପ୍ରଭୁଙ୍କ ଆଶିଷ ଲାଭ କରିଥାନ୍ତି । ଏହି ମହାନ ପରମ୍ପରାର ଅନନ୍ୟ ସର୍ବକାଳୀନ ଉଦାହରଣ ପୁଣ୍ୟାତ୍ମା ଦାନବୀର ବଡେ ହରିହର । ସେବା ହିଁ ଶ୍ରୀଜଗନ୍ନାଥ ସଂସ୍କୃତିର ମୂଳ ତତ୍ତ୍ୱ। ଦାନବୀର ବଡ଼େ ହରିହର ସେହି ପବିତ୍ର ପରମ୍ପରାର ଶାଶ୍ୱତ ପ୍ରତିନିଧି ଓ ପ୍ରତୀକ। ଦାନବୀର ବଡ଼େ ହରିହର ଗୁରୁଙ୍କ ୧୦୨ ତମ ପୁଣ୍ୟ ତିଥି ସ୍ମୃତି ସମାରୋହରେ ଅତିଥିମାନେ ଏହା କହିଛନ୍ତି । ବଡ଼ଦାଣ୍ଡ ସ୍ଥିତ ଗୁରୁ ଇଷ୍ଟେଟ ପରିସରରେ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ସତ୍ୟବାଦୀ ଓଡ଼ିଆ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ , ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଚକୁଧର ମହାପାତ୍ର ବିବରଣୀ ପାଠ କରିଥିଲେ। ଶ୍ରୀଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ସଦସ୍ୟଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ବରିଷ୍ଠ ସେବାୟତ ଭାଗିରଥି ପୂଜାପଣ୍ଡା ସାମନ୍ତ, ବରିଷ୍ଠ ସେବାୟତ କଳିଯୁଗ ନାରାୟଣ ପ୍ରତିହାରୀ , ସେବାୟତ ହଳଧର ଦାସ ମହାପାତ୍ର , ସଙ୍ଗୀତଜ୍ଞ ଗଦାଧର ଖୁଣ୍ଟିଆ , ସଙ୍ଗୀତଜ୍ଞ ପ୍ରକାଶ କୁମାର ରଥ ,ସଂଗୀତଜ୍ଞ ସବିତା ମିଶ୍ର, ଯୋଗଗୁରୁ ଜଗେଶ୍ୱର ଖୁଣ୍ଟିଆ ଏବଂ ସଂସ୍କୃତ ଭାଷା ସାହିତ୍ୟର କୃତି ଛାତ୍ରୀ ସୁଶ୍ରୀ ବିଶ୍ୱକବିତା ସାହୁ ପ୍ରମୁଖଙ୍କୁ ପ୍ରତିଭା ସମ୍ମାନ ୨୦୨୬ରେ ସମ୍ମାନିତ କରାଯାଇଥିଲା। ଆବାହକ ସତ୍ୟନାରାୟଣ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ସୋମନାଥ ଗୁରୁ, ବିମଳେନ୍ଦୁ ଦାଶ, ଶାଶ୍ୱତ ତ୍ରିପାଠୀ,ପ୍ରେମନାଥ ଗୁରୁ, ଅମରନାଥ ଗୁରୁ, ହରିହର ଗୁରୁ, ରମେଶ ଚନ୍ଦ୍ର ସାହୁ, ପ୍ରଭାତ କୁମାର ମହାନ୍ତି ଏବଂ ଗୁରୁ ଇଷ୍ଟେଟ ପରିବାର ପରିଚାଳନାରେ ସହଯୋଗ କରିଥିଲେ।

ନିର୍ଦ୍ଧାରିତ ସମୟରେ ଅଫିସ ଆସୁନାହାନ୍ତି ବ୍ଲକ କର୍ମଚାରୀ

- ବାୟୋମେଟ୍ରିକ୍ ବ୍ୟବସ୍ଥା ଫେଲ୍
- ମନଇଚ୍ଛା ପ୍ରବେଶ-ପ୍ରସ୍ଥାନ
- ମାନୁଆଲ ଉପସ୍ଥାନଖାତା ଦେଖି ଦରମା

ଅନ୍ତରଙ୍ଗ(ଅମୃତ ମିଡିଆ): ସରକାରୀ କର୍ମଚାରୀଙ୍କୁ ଶୃଙ୍ଖଳିତ କରିବାକୁ ପୁରୀ ଜିଲ୍ଲାପାଳ ଅନ୍ତରଙ୍ଗ ବ୍ଲକ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ କର୍ମଚାରୀ ମାନେ ନିର୍ଦ୍ଧାରିତ ସମୟରେ ଆସିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବାୟୋମେଟ୍ରିକ ବ୍ୟବସ୍ଥା ହୋଇଛି। ନିୟମିତ ବାୟୋମେଟ୍ରିକ ମେସିନ କ୍ୟାମେରା ଅବା ଫିଙ୍ଗର ପ୍ରିଣ୍ଟ ଦେଇ ଉପସ୍ଥାନ ପକାଇବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। କିନ୍ତୁ ପୁରୀ ଜିଲ୍ଲା ଅନ୍ତରଙ୍ଗ ବ୍ଲକରେ କାର୍ଯ୍ୟାଳୟ ଭିତରେ ବାୟୋମେଟ୍ରିକ ମେସିନ ଲାଗିଛି। ବାୟୋମେଟ୍ରିକ ମେସିନ ଲାଗିଥିଲେ ମଧ୍ୟ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନି । ବ୍ଲକର ବିଭିନ୍ନ ବିଭାଗ କର୍ମଚାରୀ ବ୍ଲକ ପରିସରକୁ ମନ ଇଚ୍ଛା ପ୍ରବେଶ ଓ ଅପରାହ୍ନରେ ମନଇଚ୍ଛା ପ୍ରସ୍ଥାନ କରୁଛନ୍ତି। ଖାତାରେ ଉପସ୍ଥାନ ପକାଉଛନ୍ତି। ଖାତା ଦେଖି କର୍ମଚାରୀଙ୍କ ଦରମା କରାଯାଉଛି। କିଛି କର୍ମଚାରୀ ନିୟମିତ ଅଫିସକୁ ବିଳମ୍ବରେ ଆସୁଥିବାରୁ ସେମାନେ ଜାଣିଶୁଣି ବାୟୋମେଟ୍ରିକ ବ୍ୟବସ୍ଥାକୁ ଝୁଲାଇ ରଖୁଥିବା ଅଭିଯୋଗ ଉଠିଥିବାର ନଜିର ରହିଛି। ପ୍ରତ୍ୟେକ ଦିନ ବିଭିନ୍ନ ସମସ୍ୟା ନେଇ ଲୋକେ ବ୍ଲକ ଆସୁଥିବା ବେଳେ ବିଭିନ୍ନ କର୍ମଚାରୀ ଅନେକ ସମୟରେ ବିଳମ୍ବରେ ଆସୁଛନ୍ତି । ଅନେକ କର୍ମଚାରୀ ନିଜର ବ୍ୟକ୍ତିଗତ କାମ ସାରି ବ୍ଲକ ଆସୁଛନ୍ତି। ପଚାରିଲେ ବିଭିନ୍ନ ବାହାନା କରି କହୁଛନ୍ତି ଫିଲଡ୍‌କୁ ଯାଇଥିଲୁ । ବ୍ଲକ କାର୍ଯ୍ୟାଳୟରେ ଟଙ୍ଗା ହୋଇ ବାୟୋମେଟ୍ରିକ ମେସିନ ଲାଗିଲା। ଯେଉଁଥିରେ କର୍ମଚାରୀ ମୁହଁ ଓ ଆଙ୍ଗୁଳି (ଫିଙ୍ଗରପ୍ରିଣ୍ଟ) ଚିହ୍ନ ଦେବାର ବ୍ୟବସ୍ଥା ରହିଲା । ଯେଉଁ ସମୟରେ କର୍ମଚାରୀ ମାନେ ଡ୍ୟୁଟିକୁ ଆସିବେ ଲାଗିଥିବା କ୍ୟାମେରା ଆଗରେ ଛିଡା ହେଲେ ଏହା ଆପେ ଆପେ ଫଟୋ ଉତ୍ତୋଳନ କରିବା ସହ ଉପସ୍ଥାନ ସମୟ ଉଲ୍ଲେଖ କରିବାର ବ୍ୟବସ୍ଥା ରହିଛି । ଯଦି କେହି ବିଳମ୍ବରେ ଆସନ୍ତି ସେମାନଙ୍କ ଉପସ୍ଥାନ ବି ପଡି ନ ପାରିବାର ବ୍ୟବସ୍ଥା ରହିଛି । କିନ୍ତୁ ବିଭିନ୍ନ ଆଳରେ ଏହାକୁ କାର୍ଯ୍ୟକ୍ଷମ କରାଯାଉ ନଥିବା ଜିଲ

କାମ ନ ହୋଇ ଫଲସ୍ ବିଲ୍ ପାଇଁ ଚାଲିଛି ମସୁଧା

ଅଭିଯୋଗ ପତ୍ର ରଖିଲେନି ବେଗୁନିଆପଡ଼ା ବିଡ଼ିଓ

ବେଗୁନିଆପଡା (ଅମୃତ ମିଡିଆ): ଗଞ୍ଜାମ ବେଗୁନିଆପଡ଼ା ବ୍ଲକରେ ଅଭାବନୀୟ ପରିସ୍ଥିତି। ଦୁର୍ନୀତିକୁ ନେଇ ଅଭିଯୋଗ କଲେ ଅଭିଯୋଗ ପତ୍ର ରଖୁ ନାହାନ୍ତି ଖୋଦ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ।ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।ବ୍ଲକ ପ୍ରଶାସନର ଜାଣତରେ ଦୁର୍ନୀତି ହେଉଥିବା କଥା ଏବେ ସାଧାରଣରେ ଆଲୋଚନା ହେଉଛି। ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଅଗାଁର ଗାଁ ପଞ୍ଚାୟତରେ ମନରେଗା ଯୋଜନାରେ ଦୁର୍ନୀତି ଅଭିଯୋଗ। ଏହି ପଞ୍ଚାୟତର ନୂଆଗଡ କାଳୀ ମନ୍ଦିରକୁ ରାସ୍ତା ନ ଥିବା ନେଇ ବାରମ୍ବାର ପ୍ରଶାସନକୁ ଅବଗତ କରାଇଥିଲେ ସ୍ଥାନୀୟ ଲୋକେ। ଏପରିକି ଗଞ୍ଜାମ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଇଥିଲେ। କିନ୍ତୁ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଭକ୍ତ ମାନଙ୍କ ସୁବିଧା ପାଇଁ କିଛି ସ୍ୱେଚ୍ଛାସେବୀ ମାନେ ଗତ ୩ ମଇ ରେ ଜେସିବି ଲଗାଇ ରାସ୍ତା ନିର୍ମାଣ କଲେ। ସ୍ୱେଚ୍ଛାସେବୀଙ୍କ ନିଜସ୍ୱ ଉଦ୍ୟମରେ ରାସ୍ତା ନିର୍ମାଣ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶ ପାଇଥିଲା। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଉକ୍ତ ସ୍ଥାନକୁ ଯାଇ କିଛି ଲୋକ ଫଟୋ ଉଠାଇ ଆସୁଛନ୍ତି। କେବଳ ଫଟୋ ଉଠାଇ ନିଜକୁ ଶ୍ରମିକ ବୋଲି ଦର୍ଶାଇ କାଗଜପତ୍ରରେ କାମ କରି ମିଥ୍ୟା ବିଲ୍ କରି ଅର୍ଥ ହରିଲୁଟ୍ ପାଇଁ ଚାଲିଛି ମସୁଧା। ବିଭାଗୀୟ ଅଧିକାରୀ ମାନଙ୍କୁ ଏନେଇ ପଚାରିଲେ ସଠିକ୍ ଉତ୍ତର ମିଳୁନି। ଯାହାକୁ ନେଇ ଗ୍ରାମବାସୀ ସୋମବାର ବେଗୁନିଆପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟିଥିଲେ। ଦୁର୍ଭାଗ୍ୟର କଥା ବିଡ଼ିଓ ମହାଶୟ ନିଜେ ଉପସ୍ଥିତ ଥାଇ ମଧ୍ୟ ଅଭିଯୋଗ ପତ୍ର ଗ୍ରହଣ କଲେନି ।ଗ୍ରାମବାସୀଙ୍କୁ ଦେଖି ଅଫିସ ରୁ ଚାଲି ଆସିଲେ। ହଠାତ୍ କେଉଁଆଡ଼େ ପ୍ରୋଗ୍ରାମ ଥିବା ଦର୍ଶାଇ ଗାଡି ପାଖକୁ ଆସିଗଲେ। ଗ୍ରାମର ଯୁବକ ମାନେ ବିଡ଼ିଓଙ୍କୁ ଗୋଡାଇ ଗୋଡାଇ ଆସି ଗାଡି ପାଖରେ ଅଭିଯୋଗ ପତ୍ର ନେବାକୁ ଅନୁରୋଧ କରିଥିଲେ ମଧ୍ୟ ଶୁଣି ନଥିଲେ ବେଗୁନିଆପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ ସାମନ୍ତ। ସେଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଏଭଳି ଚିତ୍ର ଦେଖିବାକୁ ମିଳିଥିଲା। ଗଣମାଧ୍ୟମ ପ୍ରତିନିଧି ଘଟଣାକୁ ନେଇ ବିଡ଼ିଓଙ୍କୁ ପ୍ରଶ୍ନ କରି ମଧ୍ୟ ସଠିକ ଉତ୍ତର ପାଇ ନଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦେଇ ଦିଅନ୍ତୁ ବୋଲି କହିଥିଲେ ବିଡ଼ିଓ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏନେଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିଆ ନଗଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏନେଇ ବିଡ଼ିଓଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ଫୋନ୍ ବନ୍ଦ ଥିବାରୁ ପ୍ରତିକ୍ରିୟା ହସ୍ତଗତ ହୋଇ ପାରି ନାହିଁ।

ଧୋୟାଞ୍ଜଳର ଅନେକ ଗାଁ ପାଣି ଘେରରେ

ଆଳି (ଅମୃତ ମିଡିଆ): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକରେ ପ୍ରବାହିତ ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ପ୍ରବଳ ବନ୍ୟା ଆସି ବ୍ଲକର ୧୮ଟି ପଂଚାୟତକୁ ଜଳବନ୍ଦୀ କରିଥିଲା । ଧୋୟାଚଂଳର ୧୦ ପଂଚାୟତ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇ ଯାଇଥିବା ବେଳେ ଜଳବନ୍ଦୀ ଜୀବନ ବିତାଉଛନ୍ତି ଅଂଚଳର ୫୦ ହଜାର ଲୋକ । ରବିବାର ନଦୀର ଜଳସ୍ତର ସାମାନ୍ୟ ହ୍ରାସ ପାଇଥିଲେ ହେଁ, ଧୋୟାଚଂଳର ଅନେକ ଗାଁ ପାଣିଘେରରେ ବୁଡି ରହିଛି । ଗାଁ ଗାଁ ମଧ୍ୟରେ ସଂଯୋଗ ମୁଖ୍ୟରାସ୍ତା ବୁଡି ରହିଛି । ମାନପୁର-ଗୋବିନ୍ଦପୁର ରାସ୍ତାର ମାନପୁର ଘୋଷରାଠାରେ ୬ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି । ଲୋକମାନେ ଡଙ୍ଗାରେ ପାର ହୋଇ ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି । ଅନେକ ସ୍ଥାନରେ ଲୋକେ ଘରୁ କଦଳୀ ଭେଳା ସାହାଯ୍ୟରେ ଯିବା ଆସିବା ମଧ୍ୟ କରୁଛନ୍ତି । ବନ୍ୟାଚଂଳର ଜଳସ୍ତର ହ୍ରାସ ପାଇଥିଲେ ମଧ୍ୟ ବନ୍ୟା ପ୍ରପୀଡିତମାନଙ୍କ ଦୁଃଖ ଦୁର୍ଦ୍ଦଶା ବଢି ଚାଲିଛି । ପାଂଚଦିନ ହେବ ବନ୍ୟାଂଚଳର ନଳକୂଅ ଓ ଟାଙ୍କିଗୁଡିକ ବୁଡି ଯାଇଥିବାରୁ ପିଇବା ପାଣି ପାଇବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି । ବ୍ଲକ ପ୍ରଶାସନ ପକ୍ଷରୁ ବନ୍ୟା ସହାୟତା ଯୋଗାଇ ଦେବାରେ ପାତର ଅନ୍ତର କରାଯାଇଥିବା ନେଇ ବିଭିନ୍ନ ଗ୍ରାମରୁ ଅଭିଯୋଗ ଆସିଛି । ଧୋୟାଚଂଳ, ଏରଡଙ୍ଗ, ପାଳିମି ପଂଚାୟତର ଅନେକ ଓର୍ଡ ସହ କୋଳିଡିହ ପଂଚାୟତର ୫ ଗ୍ରାମ ଜଳବନ୍ଦୀ ରହିଛି । ହେଲେ ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳି ନ ଥିବାରୁ ଅସନ୍ତୋଷ ଦେଖାଦେଇଛି । ଯେଉଁ ପଂଚାୟତକୁ ସହାୟତା ଦିଆଯାଇଛି ତାହାକୁ ନେଇ ମଧ୍ୟ ସାଧାରଣ ଲୋକ ଅସନ୍ତୋଷ ଜାହିର କରିଛନ୍ତି । ଗୃହପାଳିତ ପଶୁଙ୍କ ପାଖରେ ଖାଦ୍ୟ ପହଂଚିପାରିନି । ଆଳି ବ୍ଲକର ୨୧ ପଂଚାୟତର ପ୍ରାୟ ୧୯ ହଜାର ଗାଈ, ମଇଁଷି, ଛେଳି ଓ ମେଣ୍ଢା ଭୋକ ଉପାସରେ ଥିବା ଜଣାପଡିଛି । ସେମାନଙ୍କ ପାଇଁ ୪୩ ମେଟ୍ରିକ ଟନ୍ ଗୋଖାଦ୍ୟ ଆସୁଥିବା ନେଇ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ବଦ୍ରିନାରାୟଣ ଚାନ୍ଦ ପ୍ରକାଶ କରିଛନ୍ତି ।

ବନ୍ୟାବିପନ୍ନଙ୍କୁ ଭେଟିଲେ ବିଧାୟକ

ଆଳି (ଅମୃତ ମିଡିଆ): କେନ୍ଦ୍ରାପଡା ଜିଲ୍ଲା ଆଳି ଧୋୟାଚଂଳର ୧୦ ପଂଚାୟତ ବନ୍ୟାରେ ଜଳବନ୍ଦୀ ରହିଛି । ରବିବାର ବିଧାୟକ ପ୍ରତାପ କେଶରୀ ଦେବ ବନ୍ୟାଚଂଳ ପରିଦର୍ଶନରେ ଯାଇ ବନ୍ୟା ପ୍ରପୀଡିତଙ୍କୁ ଭେଟିଥିଲେ । ବିଧାୟକ ଆଳି ଭୂଇଁପୁରଠାରୁ ଭୁଟୁଭୁଟୁ ସାହାଯ୍ୟରେ ସଂସିଧା, ପେଡପଡା, ଡିମିରିପାଳ, ପଦନୀପାଳ ପଂଚାୟତ ଗସ୍ତ କରିଥିଲେ । ସେଠାରେ ବନ୍ୟାପାଣି ଘେରରେ ଥିବା ବିପନ୍ନମାନଙ୍କ ସହ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ପ୍ରପୀଡିତଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ । ଗତ ଦୁଇଦିନ ହେବ ବିଜେଡି ପକ୍ଷରୁ ଧୋୟାଚଂଳର ୧୦ ପଂଚାୟତରେ ଶୁଖିଲା ଖାଦ୍ୟ ଓ ପିଇବା ପାଣି ଯୋଗାଇ ଦିଆଯାଇଛି । ପ୍ରଶାସନ ପକ୍ଷରୁ ପଂଚାୟତକୁ ଯେଉଁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି ତାହା କାହାକୁ ମିଳୁଛି ତ କାହାକୁ ମିଳିନାହିଁ । ଯାହାକୁ ନେଇ ବନ୍ୟାଚଂଳରେ ଅସନ୍ତୋଷ ଦେଖାଦେଇଛି । ଏ ନେଇ ବିଧାୟକ ଦେବ କହିଛନ୍ତି, ଧୋୟାଚଂଳର ୧୦ ପଂଚାୟତ ବାହ୍ୟ ଜଗତକରୁ ବିଚ୍ଛିନ୍ନ ହୋଇଛି । ସରକାରଙ୍କ ପକ୍ଷରୁ ବିପନ୍ନଙ୍କୁ ଯାହା ସହାୟତା ମିଳୁଛି ତାହା ନୈରାଶ୍ୟଜନକ । ଏହି ଗସ୍ତ ସମୟରେ ଜିଲ୍ଲା ପରିଷଦ। ଉପାଧକ୍ଷ ଭାସ୍ବତୀ ମହାନ୍ତି, ପଂଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ପ୍ରତିନିଧି କେଦାରନାଥ ବେହେରା, ଭୂଇଁପୁର ସରପଂଚ ପ୍ରତିନିଧି ପ୍ରିୟବ୍ରତ ପାତ୍ର, କୃଷ୍ଣଚନ୍ଦ୍ର ପରିଡା, ଯୁବନେତା ସୁବ୍ରତ ଦାଶ, ନିର୍ମଳ ବେହେରା ଉପସ୍ଥିତ ଥିଲେ ।

ଶ୍ରାବଣ ମାସର ପ୍ରଥମ ସୋମବାର କାଉଡିଆଙ୍କ ଭିଡ

ଭଞ୍ଜନଗର (ଅମୃତ ମିଡିଆ): ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠରେ ବୋଲବମ୍ ଭକ୍ତଙ୍କ ଅପୂର୍ବ ଭିଡ ଦେଖିବାକୁ ମିଳିଛି। ଭୁବନେଶ୍ୱରର ଲିଙ୍ଗରାଜ, କଟକର ପରମହଂସନାଥ, ପୁରୀର ଲୋକନାଥ, ଭଦ୍ରକର ଆଖଣ୍ଡଳମଣି ଓ ସମ୍ବଲପୁରର ହୁମା ପୀଠ ଭଳି ଭଞ୍ଜନଗର ବେଲେଶ୍ୱର ପୀଠ, ସୋରଡା ପଞ୍ଚାନନ ସ୍ୱାମୀ ମନ୍ଦିରରେ ବୋଲବମ୍ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଛି। ରବିବାର ରାତିରୁ କାଉଡ଼ିଆମାନେ ବିଭିନ୍ନ ପବିତ୍ର ନଦୀରୁ ଜଳ ଉଠାଇ ବୋଲବମ୍ ଓ 'ହର ହର ମହାଦେବ' ଧ୍ୱନି ଦେଇ ପାଦବ୍ରଜରେ ଚାଲି ଚାଲି ମନ୍ଦିରଗୁଡ଼ିକରେ ପହଞ୍ଚିଥିଲେ। ଭଞ୍ଜନଗର ବ୍ଲକ ଅନ୍ତର୍ଗତ କମଳ ବାଡି ଠାରେ ବଡନଦୀ ରେ ଶନିବାର ଓ ରବିବାର ଦୁଇ ଦିନ ଧରି ଭିଡ ଜମାଇଥିଲେ। ପୂଜାର୍ଚ୍ଚନା କଲାପରେ ପୁଣ୍ୟ ଜଳ ସଂଗ୍ରହ କରି ଭାରରେ ବୋହି ବିଭିନ୍ନ ଶୈବପୀଠ ଅଭିମୁଖେ ବାହାରି ଯାଇଥିଲେ। ଆଉ ସୋମବାର ଭୋରରୁ ଲମ୍ବା ଧାଡ଼ିରେ ଛିଡ଼ା ହୋଇ କାଉଡ଼ିଆମାନେ ବାବା ମହାଦେବଙ୍କ ମସ୍ତକରେ ଜଳାଭିଷେକ କରିଛନ୍ତି। ଭକ୍ତଙ୍କ ଶାନ୍ତିପୂର୍ଣ୍ଣ ଦର୍ଶନ ଓ ଜଳାଭିଷେକ ପାଇଁ ମନ୍ଦିର ପ୍ରଶାସନ ଏବଂ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସମଗ୍ର ରାଜ୍ୟରେ ଏବେ ବୋଲବମ ଭକ୍ତ ଙ୍କୁ ନେଇ ଏକ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି ।

ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ: ଜାରି ହେଲା ସ୍ୱତନ୍ତ୍ର ଟ୍ରାଫିକ୍ ଆଡଭାଇଜରୀ

◆୪ ଓ ୫ ଅଗଷ୍ଟରେ ବିଭିନ୍ନ ରୁଟ୍‌ରେ କଟକଣା
◆ସହଯୋଗ କରିବାକୁ ଜନସାଧାରଣଙ୍କୁ ଜିଲ୍ଲାପାଳଙ୍କ ଅନୁରୋଧ

ବ୍ରହ୍ମପୁର (ଅମୃତ ମିଡିଆ): ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୪ ଓ ୫ ଅଗଷ୍ଟ ଦୁଇ ଦିନିଆ ଗଞ୍ଜାମ ଗସ୍ତକୁ ନେଇ ବ୍ରହ୍ମପୁର ସହର ଓ ଆଖପାଖ ଅଞ୍ଚଳରେ ସ୍ୱତନ୍ତ୍ର ଟ୍ରାଫିକ୍ ଆଡଭାଇଜରି ଜାରି କରିଛି ଜିଲ୍ଲା ପ୍ରଶାସନ। ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଆଡଭାଇଜରି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ରାଷ୍ଟ୍ରପତିଙ୍କ କନଭୟ ଯାଉଥିବା ରାସ୍ତାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ସୁଗମ ଯାତାୟାତ ପାଇଁ ବିଭିନ୍ନ ସମୟରେ ଯାନବାହନ ଚଳାଚଳ ଉପରେ ଅସ୍ଥାୟୀ କଟକଣା ଲାଗୁ କରାଯିବ । ଆଡଭାଇଜରି ଅନୁଯାୟୀ, ୪ ଅଗଷ୍ଟ ସକାଳ ୧୦ଟାରୁ ୧୧ଟା ୪୫ ପର୍ଯ୍ୟନ୍ତ ଅନ୍ଧପସରା ଛକରୁ ଫାଷ୍ଟ ଗେଟ୍ ପର୍ଯ୍ୟନ୍ତ ଏବଂ ବିପରୀତ ଦିଗରେ ଭାରୀ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। ସକାଳ ୧୦ଟା ୩୦ରୁ ୧୧ଟା ୪୫ ପର୍ଯ୍ୟନ୍ତ କାର୍, ଅଟୋରିକ୍ସା ଭଳି ହାଲୁକା ଯାନ ମଧ୍ୟ ଏହି ରୁଟ୍?ରେ ଚଳାଚଳ କରିପାରିବେ ନାହିଁ। ସେହିପରି ସକାଳ ୧୦ଟା ୪୫ରୁ ଅନ୍ଧପସରା ଛକରୁ ହରିଡାଖଣ୍ଡି ଛକ ମଧ୍ୟରେ ଦୁଇଚକିଆ ଯାନ ଚଳାଚଳ ଉପରେ ମଧ୍ୟ କଟକଣା ଲାଗୁ ହେବ। ସ୍କୁଲ ବସ୍ ?ଗୁଡ଼ିକୁ ଲାଞ୍ଜିପାଲି ବାଇପାସ୍ ଦେଇ ସହରକୁ ପ୍ରବେଶ କରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ୪ ଅଗଷ୍ଟ ଅପରାହ୍ନ ୩ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ଫାଷ୍ଟ ଗେଟ୍ ?ରୁ ହଲଦିଆପଦର ଅଭିମୁଖେ ଭାରୀ ଯାନ ଚଳାଚଳ ବନ୍ଦ ରହିବ। ଏହି ସମୟରେ ଫାଷ୍ଟ ଗେଟ୍ ?ରୁ ଅନ୍ଧପସରା ମଧ୍ୟରେ ହାଲୁକା ଯାନ ଚଳାଚଳ ମଧ୍ୟ ବନ୍ଦ ରହିବ। ସନ୍ଧ୍ୟା ୪ଟାରୁ ହରିଡାଖଣ୍ଡି ଛକରୁ ହଲଦିଆପଦର ରାସ୍ତାରେ ଦୁଇଚକିଆ ଯାନ ଏବଂ ହଲଦିଆପଦରରୁ ଏନ୍ ?ଏଚ୍–୧୬ ଛତ୍ରପୁର ଅଭିମୁଖେ ଭାରୀ ଯାନ ଚଳାଚଳ ଉପରେ ମଧ୍ୟ କଟକଣା ଲାଗୁ ହେବ। ୫ ଅଗଷ୍ଟ ସକାଳେ ରାଷ୍ଟ୍ରପତିଙ୍କ ଫେରିବା କାର୍ଯ୍ୟକ୍ରମକୁ ନେଇ ସକାଳ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଗୋପାଳପୁର ଜଙ୍କସନରୁ ଏନ୍ ?ଏଚ୍–୧୬ ଗୋଳନ୍ଥରା ଅଭିମୁଖେ ଭାରୀ ଯାନ ଚଳାଚଳ ବନ୍ଦ ରହିବ। ସକାଳ ୯ଟା ୩୦ରୁ ହାଲୁକା ଯାନ ଏବଂ ୯ଟା ୪୫ରୁ ଦୁଇଚକିଆ ଯାନ ଉପରେ ମଧ୍ୟ ସମାନ କଟକଣା ଲାଗୁ ହେବ। ସୂଚନା ଯୋଗ୍ୟ ଯେ, ୪ ଅଗଷ୍ଟ ସକାଳ ପ୍ରାୟ ୧୧ଟାରୁ ୧୧ଟା ୩୦ ମଧ୍ୟରେ ରାଷ୍ଟ୍ରପତି ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ତପ୍ତପାଣି ଯାଇ ମା' କଈଣୀ ଦେବୀଙ୍କ ଦର୍ଶନ କରିବା ପରେ ଗୋଳାବନ୍ଧ ଆର୍ମ ଏଡି କଲେଜରେ ରାତ୍ରିଯାପନ କରିବେ। ୫ ଅଗଷ୍ଟରେ ସ୍ୱତନ୍ତ୍ର ଟ୍ରେନ୍ ? ଯୋଗେ ଭୁବନେଶ୍ୱର ଫେରିବେ। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ବ୍ରହ୍ମପୁର ସହର ଓ ଆଖପାଖରେ ପ୍ରାୟ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ, ବରିଷ୍ଠ ପୋଲିସ ଅଧିକାରୀ ଓ ବିଭିନ୍ନ ସୁରକ୍ଷା ସଂସ୍ଥାର ଅଧିକାରୀମାନେ ମୁତୟନ ରହିବେ। ସେହିପରି ତପ୍ତପାଣି ଓ ଆଖପାଖ ଅଂଚଳରେ ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ ।

ଅଗ୍ନିଶମ ଓ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ଯାନ ଉପରେ ଏହି କଟକଣା ଲାଗୁ ହେବ ନାହିଁ। ବ୍ରହ୍ମପୁର ସହରବାସୀ ତାସହିତ ଯେଉଁ ରାସ୍ତାରେ ମାନ୍ୟବର ରାଷ୍ଟ୍ରପତି ଯିବେ ସେହି ରାସ୍ତାରେ ଟ୍ରାଫିକ୍ ଆଡଭାଇଜରି ପାଳନ କରିବା, ବିକଳ୍ପ ରୁଟ୍ ବ୍ୟବହାର କରିବା ଏବଂ ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ଅନୁରୋଧ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା ଶ୍ରବଣା ବିବେକ ଏମ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିଶି, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ।

ପ୍ରଧାନଶିକ୍ଷକ କାମରାଜଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ପୋଲସରା (ଅମୃତ ମିଡିଆ): ପୋଲସରା ବ୍ଲକ, କଳମ୍ବ ଗ୍ରାମ ପଞ୍ଚାୟତ ରୁଖାକଣା ଗ୍ରାମ କ୍ଷେତ୍ରବାସୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କାମରାଜ ସାହୁଙ୍କୁ ଛାତ୍ର ସମ୍ବସଦ ଏବଂ ଗ୍ରାମବାସୀଙ୍କ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପବିତ୍ର ବିଶ୍ୱ ବନ୍ଧୁ ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ କାଙ୍କ ବାଢ଼େଇ , ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ କୁମୁଦ ଚନ୍ଦ୍ର ଦଳେଇ ଏବଂ ପୋଲସରା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଅମିତାଭ ମିଶ୍ର, ସଂଯୋଜକ କୁଳମଣି ସାହୁ, କଳମ୍ବ ସିଆରସିସି ଅଜିତ କୁମାର ମହାପାତ୍ର, ମା' ସିଂହାସନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାନ ବରଗାଁ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ପାଢ଼ୀ, ବୁଢେଇଶୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିଳାଦ୍ରୀ ବିହାରୀ ମହାପାତ୍ର,ଏସ ଏମ୍ ସି ସଭାପତି ରଞ୍ଜିତ କୁମାର ପ୍ରଧାନ, ଅନୁଷ୍ଠାନର ପ୍ରାକ୍ତନ ଛାତ୍ର ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଭାରତୀୟ ସେନା ସେବାନିବୃତ୍ତ ସ୍ଥଳବାହିନୀ ଅଧିକାରୀ ଚିତ୍ତସେନ ବେହେରା, ଅଧ୍ୟାପକ ମନୋଜ କୁମାର ସାହୁ,ଶିକ୍ଷାବିତ୍ ଗତିକର ସାହୁ, ପରଶୁରାମ ପ୍ରଧାନ, ବୃନ୍ଦାବନ ପ୍ରଧାନ, ତ୍ରିନାଥ ପ୍ରଧାନ, ରୁଖାକଣା ଗ୍ରାମ୍ୟ ପରିଚାଳନା କମିଟି ସଭାପତି କୈଳାଶ ଚନ୍ଦ୍ର ପ୍ରଧାନଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବୃନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦୀର୍ଘ ୩୩ ବର୍ଷକାଳ ପର୍ଯ୍ୟନ୍ତ ଏବଂ ପରବର୍ତ୍ତୀ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱଗ୍ରହଣ କରି ଅତି ଦକ୍ଷତା ଓ ସୂଚାରୁରୂପେ ବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତି ଏବଂ ବିକାଶରେ ନିଜକୁ ସମର୍ପଣ କରି ସରକାରଙ୍କ ନିର୍ଦ୍ଦେଶ ଓ ନିୟମ ପ୍ରକାରେ ଗତ ଜୁଲାଇ ମାସ ୩୧ ତାରିଖ ଦିନ ସେବାନିବୃତ୍ତ କାମରାଜ ସାରଙ୍କୁ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ, କର୍ମକୁଶଳୀ ଓ ଦାୟିତ୍ୱବାନ ଆଦର୍ଶ ଗୁରୁଭାବେ ଭୂୟସୀ ପ୍ରଶଂସା କରିବା ସହିତ ତାଙ୍କର ଅବସର ପରବର୍ତ୍ତୀ ବାକି ଜୀବନ ସୁଖ, ଶାନ୍ତି ଓ ନିରାମୟରେ ଅତିବାହିତ ହେବା ସକାଶେ ପ୍ରଭୁଙ୍କ ନକଟରେ ପ୍ରାର୍ଥନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ମଣ୍ଡଳୀ, ଛାତ୍ର ସମ୍ବସଦ, ପୁରାତନ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶସ୍ତିପତ୍ର ସହିତ ପୁଷ୍ପ ମାଲ୍ୟାର୍ପଣ , ପୁଷ୍ପଗୁଚ୍ଛ ପୁରସ୍କାର ପ୍ରଦାନ ପୂର୍ବକ କାମରାଜ ସାରଙ୍କୁ ଉଚ୍ଛ୍ୱସିତ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସମ୍ବର୍ଦ୍ଧିତ ପ୍ରଧାନଶିକ୍ଷକ

ଶିକ୍ଷାନବୀଶ ଦେୱାନୀ ନ୍ୟାୟାଧୀଶଙ୍କ ଦୀକ୍ଷାନ୍ତ ସମାରୋହ

କଟକ (ବ୍ୟୁରୋ) : କଟକ ଚହଟା ସ୍ଥିତ ପ୍ରମୋଦ କନଭେନସନ ଏବଂ କ୍ଲବ ରିସୋର୍ଟ ସମିଳନୀ କକ୍ଷରେ ୨୦୨୩ ବ୍ୟାଚର ନବନିଯୁକ୍ତ ୩୩ ଜଣ ଦେୱାନୀ ନ୍ୟାୟାଧୀଶଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଅଛି । ଏହି ଉତ୍ସବ ରେ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ତଥା ଓଡିଶା ନ୍ୟାୟିକ ଏକାଡେମୀର ମୁଖ୍ୟ ପୃଷ୍ଠପୋଷକ ମାନ୍ୟବର ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ ମହୋଦୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିବା ସହିତ, ଏକ ବର୍ଷର ପ୍ରଶିକ୍ଷଣ ସମାପ୍ତ କରିଥିବା ୩୩ ଜଣ ଦେୱାନୀ ନ୍ୟାୟାଧୀଶମାନଙ୍କୁ ଦୀକ୍ଷାନ୍ତ ଶପଥ ପାଠ କରାଇଥିଲେ ଏବଂ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ମାନ୍ୟବର ମୁଖ୍ୟ ବିଚାରପତି, ଓଡିଶା ନ୍ୟାୟିକ ଏକାଡେମୀ ସମିତିର ମାନ୍ୟବର ଅଧ୍ୟକ୍ଷ ଓ ମାନ୍ୟବର ସଦସ୍ୟ ବୃନ୍ଦ ତଥା ଓଡିଶା ଉଚ୍ଚ ନ୍ୟାୟାଳୟ 'ବାର୍ଷିକ ସୂଚନା ପୁସ୍ତକ' ସମିତିର ଅଧ୍ୟକ୍ଷ ଏବଂ ମାନ୍ୟବର ସଦସ୍ୟ ମାନଙ୍କ ଦ୍ୱାରା ଓଡିଶା ଉଚ୍ଚ ନ୍ୟାୟାଳୟର ୨୦୨୫ ମସିହା ବାର୍ଷିକ ସୂଚନା ପୁସ୍ତକ ଏବଂ ୨୦୨୬ ମସିହାର ଓଡିଶା ନ୍ୟାୟିକ ଏକାଡେମୀର ପତ୍ରିକା 'ବିଦ୍ୟା-୨୦୨୬' ଉନ୍ମୋଚନ କରାଯାଇଥିଲା । ଏହି ଉତ୍ସବ ରେ ଓଡିଶା ଉଚ୍ଚ ନ୍ୟାୟାଳୟ ର ବିଚାରପତି ତଥା ବାର୍ଷିକ ସୂଚନା ପୁସ୍ତକ ସମିତିର ସଦସ୍ୟ ମାନ୍ୟବର ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର ମହୋଦୟ ସ୍ୱାଗତ ସମ୍ଭାଷଣ ପାଠ କରିବା ସହିତ ବାର୍ଷିକ ସୂଚନା ପୁସ୍ତକ ବାବଦରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି, ଓଡିଶା ନ୍ୟାୟିକ ଏକାଡେମୀ ସମିତିର ଅଧ୍ୟକ୍ଷ, ତଥା ଓଡିଶା ଉଚ୍ଚ ନ୍ୟାୟାଳୟର ବାର୍ଷିକ ସୂଚନା ପୁସ୍ତକ ସମିତିର ଅଧ୍ୟକ୍ଷ, ନ୍ୟାୟମୂର୍ତ୍ତି କୃଷ୍ଣରାମ ମହାପାତ୍ର ମହୋଦୟ ଉପସ୍ଥିତ ସଜ୍ଜନ ମଣ୍ଡଳୀଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ରଖିବା ସହିତ ଦେୱାନୀ ନ୍ୟାୟାଧୀଶ ମାନଙ୍କୁ ଶୁଭକାମନା ଜଣାଇଥିଲେ । ଉପରୋକ୍ତ ସମାବେଶରେ ମାନ୍ୟବର ମୁଖ୍ୟ ବିଚାରପତି ଶିକ୍ଷାନବୀଶ ଦେୱାନୀ ନ୍ୟାୟାଧୀଶମାନଙ୍କୁ ଜଣେ ବିଚାରପତିଙ୍କ ଠାରୁ ଆଶା କରାଯାଉଥିବା ଆଚରଣ, ଉଚ୍ଚାରଣ, ଅନୁଶାସନ, ବିଚାରାଳୟର ସୁପରିଚାଳନା, ସାଧୁତା ଏବଂ ନିରପେକ୍ଷ ନ୍ୟାୟ ପ୍ରଦାନ ଉପରେ ଆଲୋକପାତ କରିବା ସହିତ, ସେମାନଙ୍କର ଉତ୍ତୋରତର ଉନ୍ନତି ପାଇଁ କାମନା କରିଥିଲେ । ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ଓଡିଶା ନ୍ୟାୟିକ ଏକାଡେମୀ ସମିତିର ସଦସ୍ୟ ନ୍ୟାୟମୂର୍ତ୍ତି ସୁଶ୍ରୀ ସାବିତ୍ରୀ ରଥ ମହୋଦୟା ନିଜର ବକ୍ତବ୍ୟ ରଖିବା ସମେତ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ଓଡିଶା ଉଚ୍ଚନ୍ୟାୟାଳୟର ମାନ୍ୟବର ବିଚାରପତିଗଣ ଓ ଅଧିକାରୀଗଣ, ଓଡିଶା ନ୍ୟାୟିକ ଏକାଡେମୀର ପ୍ରଶିକ୍ଷକଗଣ, ଦେୱାନୀ ନ୍ୟାୟାଧୀଶ ମାନଙ୍କ ପିତା, ମାତା ଓ ପରିବାର ପରିଜନଙ୍କ ସମେତ ମାନ୍ୟଗଣ୍ୟ ଅତିଥିଗଣ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ନିମନ୍ତେ ଓଡିଶା ନ୍ୟାୟିକ ଏକାଡେମୀର ନିର୍ଦ୍ଦେଶକ ବିଦ୍ୟୁତ କୁମାର ମିଶ୍ରଙ୍କ ସମେତ ଏକାଡେମୀର ଅନ୍ୟାନ୍ୟ ଅଧିକାରୀଗଣ ଓ କର୍ମଚାରୀମାନେ ସହାୟତା କରିଥିଲେ । ଗୁରୁଦାୟିତ୍ୱ ସ୍ୱରୂପ ଉଦଘୋଷିକା ରୂପେ ଖଣ୍ଡପଡ଼ାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ଅଂଶୁସ୍ୱରୂପା ଚାଟାର୍ଜୀ କାର୍ଯ୍ୟ ସମ୍ପାଦନ କରିଥିଲେ ।

ବୃକ୍ଷପ୍ରେମୀଙ୍କ ନିଆରା ପ୍ରୟାସକୁ ପ୍ରଶଂସା

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) : କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ରୀପୁର ପଞ୍ଚାୟତରେ ଥିବା ବହୁ ବର୍ଷର ପୁରୁଣା ବରଗଛ ବର୍ଷା ପବନରେ ଉପୁଡ଼ି ପଡ଼ିଥିଲା । ଉପୁଡ଼ି ପଡ଼ିଥିବା ବିରାଟ ବରଗଛକୁ କିଛି ସହୃଦୟ ବ୍ୟକ୍ତି ଗଛକୁ ପୁନଃ ଜୀବିତ କରିବା ପାଇଁ ଚେଷ୍ଟା କରିଛନ୍ତି । ଆଜି ରାମକୃଷ୍ଣପୁର ଅଞ୍ଚଳର ପରିବେଶ ସୁରକ୍ଷା ମଞ୍ଚ ସଦସ୍ୟ ପ୍ରଭାତ କୁମାର ବଣ୍ଟିଆ, ସତ୍ୟାନନ୍ଦ ବଣ୍ଟିଆ, ପ୍ରମୋଦ ବଣ୍ଟିଆ, ପବିତ୍ର ସେଠୀ ପ୍ରମୁଖ ନିଜସ୍ୱ ଖର୍ଚ୍ଚରେ ମାଟିଖୋଳା ଯନ୍ତ (ଜେସିବି ମେସିନ୍)ସାହାଯ୍ୟରେ ଗାତ ଖୋଳି ଉପୁଡ଼ି ପଡ଼ିଥିବା ଗଛଟିକୁ ପୂର୍ବ ପରି ଛିଡ଼ା କରାଇଥିଲେ । ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ଦୀପକ ପରିଡ଼ା, ପ୍ରଶାନ୍ତ ନାୟକ, ମିହିରରଂଜନ ମହାପାତ୍ର ପ୍ରମୁଖ ସେମାନଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଯୁବଗୋଷ୍ଠୀଙ୍କ ଏଭଳି ନିଆରା ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି ।

ଶନିମନ୍ଦର ପ୍ରତିଷ୍ଠାତାଙ୍କ ହେହାନ୍ତ

ନୀଳଗିରି (ଅମୃତ ମିଡିଆ) : ଲୋକଙ୍କ ଭକ୍ତିଭାବନାକୁ ଜାଗ୍ରତ କରିବା, ଠାକୁରଙ୍କ ଶରଣାର୍ଥୀ ହୋଇ ସମାଜରେ ଭଲ କାମ କରି ସବୁରି ମୁହଁରୁ ଭଲ ମଣିଷ ଶୁଣିବାର ଆଧ୍ୟାତ୍ମିକ ଚିନ୍ତାଧାରା ନେଇ ମନ୍ଦିର ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାମହରି ପାଣିଙ୍କର । ସୂଚନା ଥାଉ କି ଆରବନ୍ଧ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶାଳଡ଼ହର ଗ୍ରାମର ତଥା ଶାଳଡ଼ହର ଶନିମନ୍ଦିର ର ପ୍ରତିଷ୍ଠାତା ସ୍ୱର୍ଗତ ରାମହରି ପାଣିଙ୍କର ଆଜି ଦେହାନ୍ତ ଘଟିଛି । ଦୀର୍ଘଦିନ ଧରି ସେ ଅସୁସ୍ଥ ଥାଇ କଟକର ଅଶ୍ୱିନୀ ହସ୍ପିଟାଲ ରେ ଚିକିତ୍ସିତ ହେଉଥିବା ସମୟରେ ଆଜି ସକାଳ ୬.୪୦ ମିନିଟ ରେ ତାଙ୍କର ମୃତ୍ୟୁ ଘଟିଛି । ପରିବାର ବର୍ଗ ତାଙ୍କ ମରଶରୀରକୁ ସ୍ୱର୍ଗରଥ ମାଧ୍ୟମରେ ତାଙ୍କ ଜନ୍ମଭୂମି କୁ ଆଣିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଞ୍ଚ କୁଳମଣି ନାୟକ ଏବଂ ଶହ ଶହ ଅଞ୍ଚଳବାସୀ ତାଙ୍କ ଘରେ ପହଞ୍ଚି ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କ ଅମରଆତ୍ମାର ସଦଗତି କାମନା କରିଥିଲେ । ପରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ପାଇଁ ତାଙ୍କ ମରଶରୀରକୁ ପରିବାରବର୍ଗ ପୁରୀ ସ୍ୱର୍ଗଦ୍ୱାର ନେଇଥିଲେ ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାରୁ ବଧବା ମହିଳା ବଞ୍ଚିତ

ଘର ଯୋଗାଇ ଦେବା ପାଇଁ ପ୍ରମିଳାଙ୍କ ନିବେଦନ

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) : ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉଛି ଭାରତ ସରକାରଙ୍କ ଏକ ମୁଖ୍ୟ ଗୃହ ନିର୍ମାଣ ଯୋଜନା । ଏହି ଯୋଜନା ମାଧ୍ୟମରେ ଗ୍ରାମୀଣ କ୍ଷେତ୍ରରେ ବସବାସ କରୁଥିବା ଅନଗ୍ରସର ଓ ଗରିବ ଶ୍ରେଣୀର ଲୋକଙ୍କୁ ଛାତ ଘର ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ମିଳିଥାଏ । ପ୍ରତ୍ୟେକ ଯୋଗ୍ୟ ପରିବାରକୁ ଏହି ଯୋଜନାରେ ସାମିଲ କରି ଯୋଜନାର ସୁଫଳ ପ୍ରଦାନ ପାଇଁ ବର୍ତ୍ତମାନର ଉଦ୍ଭୟ କେନ୍ଦ୍ର ଓ ରାଜ୍ୟ ସରକାର ବଦ୍ଧ ପରିକର । ହେଲେ ପ୍ରଶାସନିକ ଅବହେଳା ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଦାୟିତ୍ୱ ହୀନତାରୁ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ରହୁଛନ୍ତି । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧିନ ନିଶ୍ଚିନ୍ତକୋଇଲି ଗ୍ରାମ ପଞ୍ଚାୟତର ୧୦ନଂ ୱାର୍ଡ଼ରେ ବସବାସ କରୁଥିବା ସ୍ୱର୍ଗତ ରଘୁନାଥ ଦାସଙ୍କ ବିଧବା ପତ୍ନୀ ପ୍ରମିଳା ଦାସଙ୍କ କ୍ଷେତ୍ରରେ । ପରିବାର କହିଲେ ବିଧବା ପ୍ରମିଳା ଓ ତାଙ୍କର ଅବିବାହିତ ପୁତ୍ର ଜିତେନ୍ଦ୍ର । ଏବେ ଉଭୟ ମାଆ ଓ ପୁଅ ଏକ ଚାଳ ଛପର ଘରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଥିବା ପ୍ରମିଳା ଅଭିଯୋଗ କରିଛନ୍ତି । ଏହି ପଞ୍ଚାୟତରେ ବହୁ ଥିଲା ବାଲା ପରିବାର ସରକାରୀ ଯୋଜନାରେ ଏକାଧିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ହାତେଇଥିବା ଅଭିଯୋଗ ଉଠୁଛି । ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ତଦନ୍ତ କରି ତାଙ୍କୁ ସରକାରୀ ଯୋଜନାରେ ଏକ ଛାତ ଘର ଯୋଗାଇ ଦେବା ନିମନ୍ତେ ପ୍ରମିଳା ନିବେଦନ କରିଛନ୍ତି ।

ଯାଜପୁରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

ଯାଜପୁର (ଅମୃତ ମିଡିଆ) ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୧୯୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୨୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୧୦ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୮ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୬୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ,ଡେପୁଟି କଲେକ୍ଟର, ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ରବିନାରାୟଣ ପାଢ଼ୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାରେ ୬ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ମାଗଣା ଲାପଟପ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ୍ ଉପସ୍ଥିତ ଥିଲେ ।

ସାହିତ୍ୟରେ ଆନ୍ତର୍ଦେଶୀୟ ସମ୍ପର୍କ ରହିଛି: ପ୍ରଫେସର ନଟବର ଶତପଥୀ

ନୀଳଗିରି (ଅମୃତ ମିଡିଆ) : ସାହିତ୍ୟରେ ଆନ୍ତର୍ଦେଶୀୟ ସମ୍ପର୍କ ରହିଛି । ଆଜିର ମଣିଷ ହେଉଛି ଆନ୍ତର୍କାଳୀକ । ସାହିତ୍ୟ ମଣିଷ ନିର୍ଦ୍ଦିଷ୍ଟ କାଳର ନୁହେଁ। ସାହିତ୍ୟିକର ଚେତନା ଜଗତ ଭିତ୍ତି । ସାହିତ୍ୟିକ ନିଜତରେ ଅନ୍ତର୍ନିହିତ ସମତାର ଦୃଷ୍ଟିଭଙ୍ଗୀ ନିହିତ ଥାଏ । ଅନୁଭବ ହିଁ ସାହିତ୍ୟର ଶାଶ୍ୱତ ଚିତ୍ର । ସର୍ବୋପରି ସରଳତା ସାର୍ବଜନୀନତାର ପରିଚୟ ଦିଏବୋଲି ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାରର ୧୧୮ତମ ଆଭାସୀ ପାଠଚକ୍ରରେ କବି, କବିତା ଓ ପାଠକ ଶୀର୍ଷକ ଆଲୋଚନାଚକ୍ରରେ ଅତିଥି ଭାବରେ ଭାଷାବିତ୍ ପ୍ରଫେସର ନଟବର ଶତପଥୀ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ କୁମାରୀ ବର୍ଷା ମହାନ୍ତି ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ଜଗନ୍ନାଥ ତ୍ରିଗୀ ମହାବିଦ୍ୟାଳୟ ଜଳେଶ୍ୱର ବାଲେଶ୍ୱରର ଅଧ୍ୟାପିକା ଡ. ମୋନାଲିସା ଚାନ୍ଦ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ଜ୍ଞାପନ କରିଥିଲେ । ଉକ୍ତ ଆସରରେ ପ୍ରଫେସର ଗିରିଶ ଚନ୍ଦ୍ର ମିଶ୍ର, ପ୍ରଫେସର କ୍ଷୀରୋଦ କୁମାର ବେହେରା, ଜଗନ୍ନାଥସଂସ୍କୃତି ଗବେଷକ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ଦାଶଙ୍କ ସମେତ ବହୁ ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ ଛାତ୍ରଛାତ୍ରୀ ଓ ସାହିତ୍ୟ ଅନୁରାଗୀ ଉପସ୍ଥିତ ଥିଲେ ।

ମୟୂର ସାହିତ୍ୟ ସଂସଦର ବନମୟୂରୀ ସମ୍ମାନ ପାଇବେ ଲତାସା ଖୁରାନା

ବେତନଟୀ (ଅମୃତ ମିଡିଆ) : ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ସଂଗଠନ ମୟୂର ସାହିତ୍ୟ ସଂସଦ, ବେବତନଟୀର ୩୩ତମ ବାର୍ଷିକ ଉତ୍ସବ ପାଳନ ପାଇଁ ସଂସଦର କମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ସଭାପତି ଭାସ୍କର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସମ୍ପାଦକ ନାରଦ ସୁନ୍ଦର ଜେନାଙ୍କ ସୂଚନା ଅନୁସାରେ ବେତନଟୀ ଏମ୍.ପି.ସି. ଉଚ୍ଚ ବିଦ୍ୟାଳୟର ଉକ୍ତ ଉବନରେ ଆସନ୍ତା ତା . ୦୯.୦୮.୨୦୨୬. ରିଖ ରବିବାର ଦିନ ଏହି ସାରସ୍ୱତ ସମାରୋହ ଅନୁଷ୍ଠିତ ହେବ । ୨ଟି ପର୍ଯ୍ୟାୟରେ ଆୟୋଜିତ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ କବି ମାନଙ୍କର ସ୍ୱରଚିତ କବିତା ପାଠ ପୂର୍ବାହ୍ନ ୯.୩୦ ରୁ ୧୧.୩୦ ପର୍ଯ୍ୟନ୍ତ ଚାଲିବ । ଏହାପରେ ୨ୟ ପର୍ଯ୍ୟାୟରେ ଆଲୋଚନା, ପୁସ୍ତକ ଉନ୍ମୋଚନ ତଥା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏ ବର୍ଷ ସଂସଦ ଦ୍ୱାରା ୫ ଜଣ ପ୍ରତିଭାବାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏ ବର୍ଷ ସଂସଦର ଶ୍ରେଷ୍ଠ ସମ୍ମାନ ବନ ମୟୂରୀ -୨୦୨୬ ପାଉଛନ୍ତି ବିଶିଷ୍ଟ ଶିଶୁ ଅଭିନେତ୍ରୀ ଲତାଶା ଖୁରାନା । ଏତଦ୍ ବ୍ୟତୀତ ଗାଳ୍ପିକ ନିମାଇଁ ଚରଣ ବେହରା, ସବିତା ମହାନ୍ତି, ଭାସ୍ୱତୀ ପଣ୍ଡା ଏବଂ ତାନଶ୍ରୀ ପାଣିଗ୍ରାହୀ ବିଭିନ୍ନ ସାହିତ୍ୟ ବିଭାଗରେ ସମ୍ବର୍ଦ୍ଧିତ ହେବେ ।

ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ ଓ ପତଞ୍ଜଳି ଯୋଗ ସମିତି ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ

ପାରାଦୀପ (ଅମୃତ ମିଡିଆ) : ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ବୃଦ୍ଧି ପାଉଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ ଓ ପାତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଗୁରୁ ବିଭୁତି ଭୂଷଣ ସାହୁ (ଟୁଲୁ ବାବା)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୃନ୍ଦାବନ କଲୋନୀ ଶିବ ମନ୍ଦିର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ମୁଖ୍ୟ ଭାବେ ଚନ୍ଦନ, ରୁଦ୍ରାକ୍ଷ, ଅଁଳା ଇତ୍ୟାଦି ମୂଲ୍ୟବାନ ଗଛ ଲଗାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗ ଅନୁଷ୍ଠାନର ସଦସ୍ୟ ଆଲୋକ ମହାପାତ୍ର, ତାପସ ମହାନ୍ତି, ଗୌତମ ନାୟକ,ପ୍ରଭାତ ମହାପାତ୍ର, ରଘୁନାଥ ରଣସିଂହ, କୁଳମଣି ସାହୁ, ତ୍ରିଲୋଚନ ମହାପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

କଟକ ଚୌଦ୍ୱାର ଜେଲରେ ଲାଗିଲା ୩୨ଟି ଏଆଇ କ୍ୟାମେରା

କଟକ (ବ୍ୟୁରୋ) : ଏଆଇ କ୍ୟାମେରା ନଜରରେ କଟକର ଚୌଦ୍ୱାର ଜେଲ୍ । ଲାଗିଲା ୩୨ଟି ଏଆଇ କ୍ୟାମେରା । ଏଣିକି ଜେଲ୍ ଡେଇଁ ଖସିବାକୁ ଉଦ୍ୟମ କି ଜେଲ୍ ପାଚେରି ଦେଇ ନିଶାଦ୍ରବ୍ୟ, ମାରଣାସ୍ତ୍ର, ମୋବାଇଲ ଆସିବା ଉପରେ ଲାଗିବ ରୋକ୍ । ଜେଲ୍ ପାଚେରିକୁ ଛୁଇଁଲେ ବାଜିବ ସାଇରନ୍ । ଚୌଦ୍ୱାର ଜେଲ୍ ସୁରକ୍ଷାକୁ ଆହୁରି କଡ଼ାକଡ଼ି କରାଯାଇଛି । ଜେଲ୍ ବିଭାଟକୁ ରୋକିବାକୁ ଲାଗିଛି ଏଆଇ କ୍ୟାମେରା । ଚୌଦ୍ୱାର ଜେଲ୍ର ସମସ୍ତ ୱାଚ୍ ଟାୱାର, ଜେଲ୍ ପାଚେରିରେ ଏହି କ୍ୟାମେରା ଲାଗିଛି । ପାଚେରିକୁ ଛୁଇଁବା ମାତ୍ରେ ବାଜିବ ସାଇରନ୍ । ତା' ସହିତ ଜେଲ୍ ବାହାରୁ ଭିତରକୁ ପାଚେରି ଡେଇଁ ମୋବାଇଲ, ମାରଣାସ୍ତ୍ର, କିମ୍ବା ନିଶାଦ୍ରବ୍ୟ ଗଲେ ସଙ୍ଗେସଙ୍ଗେ ସାଇରନ୍ ଗର୍ଜ୍ଜି । ଡ୍ୟୁଟିରେ ଥିବା ୱାର୍ଡର ଏବଂ ଅଧୀକ୍ଷକଙ୍କ ନିକଟରେ ଏହି ମେସିନ୍ ରହିବ । ଏହା ଜେଲ୍ ବିଭାଟକୁ ରୋକିବାରେ ସହାୟକ ହେବ ବୋଲି ଚୌଦ୍ୱାର ଜେଲ୍ ଅଧୀକ୍ଷକ କହିଛନ୍ତି । ପରୀକ୍ଷାମୂଳକ ଭାବେ ରାଜ୍ୟର ନିର୍ଦ୍ଦିଷ୍ଟ କେତେକ ଗୁରୁତ୍ୱପୂର୍ଣ୍ଣ ଜେଲ୍ରରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ଚୌଦ୍ୱାର ଜେଲ୍ରରେ ପୂର୍ବରୁ ସିସିଟିଭି ରହିଛି । ତା' ସତ୍ତ୍ୱେ ସିସିଟିଭିର ଦିଗ ପରିବର୍ତ୍ତନ କରି ଦୁର୍ଦ୍ଦାନ୍ତ ଅପରାଧୀ ଚମ୍ପଟ ମାରିଥିଲେ । ଏହାର କୌଣସି ଟେର୍ ପାଇନଥିଲେ ଜେଲ୍ କର୍ତ୍ତୃପକ୍ଷ । ସେହିପରି ଜେଲ୍ ଭିତରୁ ମୋବାଇଲ, ନିଶାଦ୍ରବ୍ୟ ଜବତ ହେବା ଭଳି ଘଟଣାର ନଜିର ରହିଛି । ଅପରପକ୍ଷରେ ଜେଲ୍

ଅଷ୍ଟ୍ରେଲିଆର ୧୯ ବର୍ଷରୁ କମ୍ ଦଳରେ ବଂଶୋଭବ ନୀଲ୍

ନୂଆଦିଲ୍ଲୀ,୩।୮ : ଭାରତୀୟ ବଂଶୋଭବ ଯୁବ କ୍ରିକେଟର ନୀଲ ପଟେଲଙ୍କ କ୍ରିକେଟ୍ କ୍ୟାରିୟରକୁ ବଡ଼ ପ୍ରୋତ୍ସାହନ ମିଳିଛି । ଭାରତ ଗସ୍ତରେ ଆସିବାକୁ ଥିବା ଅଷ୍ଟ୍ରେଲିଆର ୧୯ ବର୍ଷରୁ କମ୍ ଦଳରେ ସେ ସ୍ଥାନ ପାଇଛନ୍ତି । ସେପ୍ଟେମ୍ବର ୧୩ରୁ ଅକ୍ଟୋବର ୯ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଗସ୍ତରେ ଏହି ଅଷ୍ଟ୍ରେଲିଆ ଯୁବ ଦଳ ଭାରତ ବିପକ୍ଷରେ ତିନୋଟି ଦିନିକିଆ ଓ ଦୁଇଟି ଚାରିଦିନିଆ ମ୍ୟାଚ୍ ଖେଳିବ । ଏହି ସବୁ ମ୍ୟାଚ୍ ରାଜକୋଟ ଓ ଅହମ୍ମଦାବାଦରେ ଅନୁଷ୍ଠିତ ହେବ । ଅଷ୍ଟ୍ରେଲିଆରେ ନୀଲ୍ ନ୍ୟୁସାଉଥ୍ ୱେଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି । ଏହି ଆଞ୍ଚଳିକ ଦଳ ପକ୍ଷରୁ ସେ ବ୍ୟାଟିଂ ଓପନ୍ କରିବା ସହ ଅଫ୍‌ସ୍ପିନ ବୋଲିଂ ମଧ୍ୟ କରନ୍ତି ।

ନୂଆ ଟି୨୦ ଲିଗ୍ ଖେଳିବେ ଶୁବମନ ଗିଲ୍

ନୂଆଦିଲ୍ଲୀ,୩।୮ : ଟିମ୍ ଇଣ୍ଡିଆର ଟେଷ୍ଟ ତଥା ଦିନିକିଆ ଅଧିନାୟକ ଶୁବମନ ଗିଲ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପାଇଁ ଜୋରଦାର ପ୍ରସ୍ତୁତି ଚଲାଇଛନ୍ତି । କିନ୍ତୁ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ସରିବା ପରେ ନୂଆ ଟି୨୦ ଲିଗ ଖେଳୁଥିବାର ନଜର ଆସିବେ ଶୁବମନ । ଶୁବମନ ଗିଲ୍ ଶେର-ଏ-ପଞ୍ଜାବ ଟି୨୦ ଲିଗର ଲଞ୍ଚ ଇଭେଣ୍ଟରେ ଯୋଗ ଦେଇଥିଲେ । ତାଙ୍କ ସହିତ ବୋଲି ଅର୍ଶଦୀପ ମଧ୍ୟ ନଜର ଆସିଥିଲେ । ଏ ଦୁହେଁ ଟି୨୦ ଲିଗ୍ ଖେଳିବେ । କେବଳ ଏମାନେ ନୁହେଁ ଟିମ୍ ଇଣ୍ଡିଆର ଟି୨୦ ଓପନର ଅଭିଷେକ ଶର୍ମା ମଧ୍ୟ ନଜର ଆସିପାରନ୍ତି । ପଞ୍ଜାବ କ୍ରିକେଟ ଆସୋସିଏସନ ଏବେ ଟି୨୦ ଲିଗ କରୁଛି । ଆଉ ଏଥିରେ ନିଜ ରାଜ୍ୟକୁ ସପୋର୍ଟ କରିବା ପାଇ ଗିଲ୍ ଏବଂ ଅଭିଷେକ ଶର୍ମା ଖେଳିବା ବେଶ୍ ଗୁରୁତ୍ୱପୂର୍ଣ ରହିଛି ।

୧୪ତମ ଜୁନିୟର ଓଡ଼ିଶା

ରାଜ୍ୟ ଖୋ ଖୋ ଚାମ୍ପିୟନସିପ୍ ତୃତୀୟ ଦିବସ

ବାଳକ ଦଳର ୨୩ଟି ଗ୍ରୁପର ୨୭୬ ଖେଳାଳିଙ୍କ ଅଂଶଗ୍ରହଣ

ପୁରୀ,୩।୮ : ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ଓ ଯୁବ କ୍ରୀଡା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୪ତମ ଜୁନିୟର ଓଡ଼ିଶା ରାଜ୍ୟ ଖୋ ଖୋ ଚମ୍ପିୟନସିପ୍ ସୋମବାର ତାଳବଣିଆ ସ୍ଥିତ ଇଣ୍ଡୋର ଷ୍ଟାଡିୟମ ଖୋ ଖୋ ଏକାଡେମୀ ହଲ ଠାରେ ବାଳକ ବର୍ଗର ଖୋ ଖୋ ମ୍ୟାଚ ତୃତୀୟ ଦିବସରେ ଉତ୍ସାହ ଓ ଜୋଶର ସହ ଖେଳ ପ୍ରଦର୍ଶନ ହୋଇଯାଇଛି । ଅତିଥି ଭାବେ ପୁରୀ ଡିସିଏପି ଆଣ୍ଡ ସୋର୍ଟ୍ସ ପ୍ରମୋଟର ତଥା ଆଇନଜୀବୀ ଜଗନ୍ନାଥ ସିଂହାରୀ, ଜ୍ୟୋତିର୍ବିଦ ଡକ୍ଟର ସସ୍ମିତା ମିଶ୍ର,ଇସି ମେମ୍ବର ଡିସିଏପି ଲିପ୍ସା ଦାସ, ଶିକ୍ଷୟିତ୍ରୀ ଦିପ୍ତୀ ମିଶ୍ର, ଯୁଗ୍ମ ସମ୍ପାଦକ ଡିସିଏପି ଶୁଭଶ୍ରୀ ଦାସ, ଇସି ମେମ୍ବର ଡିସିଏପି ରଚିତା ମହାନ୍ତି, ଇସି ମେମ୍ବର ଡିସିଏପି ପ୍ରଜ୍ଞା ପରମିତା ନନ୍ଦ, ଯୁଗ୍ମ ସମ୍ପାଦକ ଡିସିଏପି ଦେବାଶିଷ ମିଶ୍ର, ଇଷ୍ଟିମେଡ ମେମ୍ବର ଡିସିଏପି କୁମାର ସେଠ, ଭାରତୀୟ ଖୋ ଖୋ ମହାସଂଘ ଫେଡେରେସନର ଉପସଭାପତି ତଥା ଓଡ଼ିଶା ଖୋ ଖୋ ସଙ୍ଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର , ଓଡ଼ିଶା ଖୋ ଖୋ ସଙ୍ଘ କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର, ଖୋ ଖୋ ଯୁଗ୍ମ ସଂପାଦକ ଲକ୍ଷଣନାଥ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପ୍ରଶଂସା କରିଥିଲେ । ଭଲ ଖେଳ ପ୍ରଦର୍ଶନ କରିଲେ ସେମାନଙ୍କ କ୍ୟାରିୟର ନିଶ୍ଚିତ ଉଜ୍ଜଳମୟ ହେବାସହ ଓଡିଶାର ନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ । କୋଣ ଅନୁକୋଣରେ ଲୁଚି ରହିଥିବା ଲୁକାୟିତ କ୍ରୀଡାବିତ ପ୍ରତିଭାକୁ ସର୍ବସାଧାରଣରେ ପରି ପ୍ରକାଶ ସହ ତାଙ୍କୁ ଦେଶର ଏକ ଶ୍ରେଷ୍ଠ କ୍ରୀଡାବିତ ଭାବେ ଗଢି ତୋଳାବା ଏହି ପ୍ରତିଯୋଗିତାର ଲକ୍ଷ ଓ ଉଦ୍ଦେଶ୍ୟ । ଏଠାରେ

ଓଡ଼ିଶାକୁ ସ୍ୱର୍ଣ ପଦକ ଆଣି ଆମମାନଙ୍କୁ ଗୌରବାନ୍ୱିତ କରିବା ଲକ୍ଷ ବୋଲି ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ଶ୍ରୀ ମିଶ୍ର କହିଥିଲେ । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା ।

ପ୍ରାରମ୍ଭରେ ଶାରିରୀକ ଶିକ୍ଷା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ । ୧୮ ବର୍ଷରୁ କମ ବୟସର ବାଳକ ଖେଳ ପ୍ରଦର୍ଶନରେ ଅଂଶ ଗ୍ରହଣ କରିଛନ୍ତି । ସୋମବାର ପ୍ରତିଯୋଗିତାରେ ବାଳକ ଦଳ ଲିଗ ମ୍ୟାଚରେ ୫୦ ଗୋଟି ଖେଳ ପ୍ରଦର୍ଶନ ହୋଇଥିଲା । ଗୋଟିଏ ଗ୍ରୁପରେ ୬ ଟି ଦଳ ଖୋ ଖୋ ଖେଳୁଥିବା ବେଳେ ୨୩ ଦଳ ଅଂଶଗ୍ରହଣ କରିଛନ୍ତି । ବାଳକ ଦଳ ମଧ୍ୟରେ ଷ୍ଟେଟ ସୋର୍ଟ୍ସ ହଷ୍ଟେଲ, ବାଲେଶ୍ୱର, ବଲାଙ୍ଗିର, କେନ୍ଦୁଝର, ଝାରସୁଗୁଡ଼ା, ମୟୁରଭଞ୍ଜ, ଜଗତସିଂହପୁର, କଟକ, ଅନୁଗୁଳ, ଖୋର୍ଦ୍ଧା , ଗଜପତି, ମାଲକାନଗିରି,ସୁନ୍ଦରଗଡ, ଗଞ୍ଜାମ, ବୌଦ୍ଧ, ଭୁବନେଶ୍ୱର, ଢେଙ୍କାନାଳ, ନୟାଗଡ, ସମ୍ବଲପୁର, ଦେବଗଡ, କିସ ୟୁନିଭରସିଟ, ପୁରୀ, ଯାଜପୁର ଜିଲ୍ଲାରୁ ଅଂଶଗ୍ରହଣ କରିଛନ୍ତି । ସମୁଦାୟ ୨୭୬ ଜଣ ବାଳକ ଖେଳାଳୀ ଥିବାବେଳେ ସେମାନଙ୍କ ଟିମର ମ୍ୟାନେଜର ଓ କୋଚ ୪୬ ଜଣ ଯୋଗ ଦେଇଛନ୍ତି । ଏଚପିସି ର ମୁଖ୍ୟ ସଞ୍ଜୀବ ଶର୍ମା, ପ୍ରୋଗ୍ରାମ ମ୍ୟାନେଜର ବାପି କୁମାର ରାୟ, ରବିନାରାୟଣ ପ୍ରଧାନ, ଦେବେଶ ଅଧିକାରୀ, ଅନ୍ନପୂର୍ଣ୍ଣା ରାଉତ, ରଚିତ ନାୟକ ଧର୍ମେନ୍ଦ୍ର ପଣ୍ଡା,ଭୁବନ ମୋହନ ଦାସ, ଧିରେନ୍ଦ୍ର ଦାସ, ଉମେଶ ପାଶିଗ୍ରାହୀ, ସନ୍ତୋଷ କୁମାର ପ୍ରଧାନ, ଚିନ୍ତାମଣି ପ୍ରଧାନ, ନିରଞ୍ଜନ ସାହୁ, ସୁନାକର ରାଉତ, ହିମାଂଶୁ ଶେଖର ମହନ୍ତ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ବାଳକ ଦଳର କ୍ରୀଡାବିତ ମାନେ ଶୃଙ୍ଖଳିତ ଭାବେ ଉତ୍ସାହର ସହ ଭଲ ଖେଳୁଥିବା ଦେଖିବାକୁ ମିଳିଥିଲା ।

ସ୍ୱାଧୀନ ମହାନ୍ତି, ପୁରୀ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ,ଅନୁଗୁଳ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ ଯେଉଁମାନେ ଭଲ ଖେଳିଲେ ସେମାନେ ତିନିମାସ ପରେ ହିମାଚଳ ପ୍ରଦେଶର ଜାତୀୟସ୍ତରରେ ଖେଳିବେ ।

ଶ୍ରୀଲଙ୍କା ଗସ୍ତ ପୂର୍ବରୁ ବିସିସିଆଇର ବଡ଼ ନିଷ୍ପତ୍ତି

ବାଦ ପଡ଼ିଲେ ବୁମରାହ, ଜାଗାନେବେ ଆକିବ୍ ନବୀ

ନୂଆଦିଲ୍ଲୀ,୩।୮ : ଶ୍ରୀଲଙ୍କା ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ୍ ପୂର୍ବରୁ ଟିମ୍ ଇଣ୍ଡିଆର ସମସ୍ୟା ବଢ଼ିଚାଲିଛି । ନୀତିଶ କୁମାର ରେଡ୍ଡୀ ଓ ହର୍ଷିତ ରାଣା ଆହତ ହୋଇ ସିରିଜ୍‌ରୁ ବାଦ ପଡ଼ିଥିବା ବେଳେ, ୱାଶିଂଟନ୍ ସୁନ୍ଦର ମଧ୍ୟ ପ୍ରଥମ ଟେଷ୍ଟ ପାଇଁ ଉପଲବ୍ଧ ନାହାନ୍ତି । ଏବେ ଦଳର ଷ୍ଟାର ଦ୍ରୁତ ବୋଲର ଜସପ୍ରୀତ ବୁମରାହ ମଧ୍ୟ ଆହତ କାରଣରୁ ସିରିଜ୍‌ରୁ ବାଦ ପଡ଼ିଛନ୍ତି । ଇଉଉଓ ପୂର୍ବରୁ ଘୋଷଣା କରିଥିବା ୧୫ ସଦସ୍ୟ ବିଶିଷ୍ଟ ଦଳରେ ବୁମରା ଓ ସାଇ ସୁଦର୍ଶନଙ୍କ ଚୟନ ଫିଟନେସ୍ ଉପରେ ନିର୍ଭରଶୀଳ ଥିଲା । ବୁମରାହ ଫିଟନେସ୍ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ, ତାଙ୍କ ବାମ ଆଣ୍ଠୁରେ ପୁଣି ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ସିରିଜ୍‌ରୁ ବିଶ୍ରାମ ଦିଆଯାଇଛି । ବୁମରାହଙ୍କ ସ୍ଥାନରେ ଦିଲ୍ଲୀ କ୍ୟାପିଟାଲ୍ସର ଦ୍ରୁତ ବୋଲର ଆକିବ ନବିଙ୍କୁ ଦଳରେ ସାମିଲ କରାଯାଇଛି । ବୁମରାହ ବାହାରିବା ପରେ ଏବେ ଭାରତର ପେସ୍ ଆକ୍ରମଣର ନେତୃତ୍ୱ ମହମ୍ମଦ ସିରାଜଙ୍କ ଉପରେ ରହିବ। ଶୁଭମନ ଗିଲ୍ (ଅଧିନାୟକ), କେ.ଏଲ୍. ରାହୁଲ (ଉପଅଧିନାୟକ), ଋଷଭ ପନ୍ତ (ୱିକେଟକିପର), ସାଇ ସୁଦର୍ଶନ, ଯଶସ୍ୱୀ ଜୟସ୍ୱାଲ, ଧ୍ରୁବ ଜୁରେଲ (ୱିକେଟକିପର), ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମାନବ ସୁଥାର, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣା, ଗୁରନୂର ବରାର, ଦେବଦତ୍ତ ପାଡିକ୍କଲ, ସାରାଂଶ ଜୈନ ଓ ଆକିବ ନବି।

ବିସିସିଆଇ ସୂତ୍ର ଅନୁସାରେ, ଜସପ୍ରୀତ ବୁମରାହ ପ୍ରାୟ ୯୫ ପ୍ରତିଶତ ଫିଟ୍ ଅଛନ୍ତି। ତେବେ ବୋର୍ଡ ଓ ମେଡିକାଲ୍ ଟିମ୍ ତାଙ୍କୁ ନେଇ କୌଣସି ବିପଦ ନେବାକୁ ଚାହୁଁନଥିବାରୁ ତାଙ୍କୁ ବିଶ୍ରାମ ଦିଆଯାଇଛି।

ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ପାଇଁ ମୟୂରଭଞ୍ଜ ଦଳ ଘୋଷିତ

ବାରିପଦା,୩।୮ : ଓଡ଼ିଆ ଖୋ ଖୋ ଏସୋସିଏସନ ଆନୁକୂଲ୍ୟରେ ପୁରୀ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଖୋ ଖୋ ଚମ୍ପିୟାନସିପ୍‌ରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜର ଉଭୟ ପୁରୁଷ ଓ ମହିଳା ଘୋଷିତ ହୋଇଯାଇଛି ଓ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ ଦ୍ୱାରା ମନୋନୀତ ମହିଳା ଦଳରେ ସୁମିତା ମହାନ୍ତ, ଶୁଭଶ୍ରୀ ମହାନ୍ତ, ସିନଗା ମୁର୍ମୁ, ଲକ୍ଷ୍ମୀ ସିଂ, ଶୁଭାଙ୍ଗୀଶ୍ରୀୟା ସିଂ, ମାଳତୀ ସୋରେନ, ମନୀଷା ମାଝି, ସଂଗୀତା ସିଂ, ରଇବାରୀ ମୁର୍ମୁ, ସୂର୍ଯ୍ୟମଣୀ ମୁର୍ମୁ, ରାଲେହୋ ଓ ପୂଜା ହାଁସଦା ସ୍ଥାନ ପାଇଥିବା ବେଳେ ପୁରୁଷ ଦଳରେ ଓମ କ୍ରିଷ୍ଣା ମାଝୀ, ବୁଦ୍ଧୁଲାଲ ହେମ୍ବ୍ରମ, ଅଶ୍ୱନୀ କୁମାର ନାଏକ, ସ୍ୱପ୍ନେଶ୍ୱର ମାଝୀ, ମହେଶ କୁମାର ହାଁସଦା, କୁଶ ମୁର୍ମୁ, ଲବ ମୁର୍ମୁ, ଚନ୍ଦନ ମାର୍ଣ୍ଡି, ରାହୁଲ ବାସ୍କେ, ରାଜା ବିରୁଆ, ଗଣେଶ ସିଂ ଓ ସିର୍ଜାନ ମୁର୍ମୁ ସ୍ଥାନ ପାଇଛନ୍ତି ଓ ମହିଳା ଦଳର ମେନେଜର ଭାବେ ସବିତା ବେହେରା ଓ କୋଚ ସୁରେଶ ସାହୁ ଏବଂ ପୁରୁଷ ଦଳର ମେନେଜର ଭାବେ ଘାସିରାମ ମାଝୀ ଓ କୋଚ ଅର୍ଜୁନ ସିଂ ଗସ୍ତ କରିଛନ୍ତି ଓ ୩ ଓ ୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଏହି ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ଆଜି ସକାଳେ ଉଭୟ ଦଳ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ଓ ଏସୋସିଏସନର ସାଧାରଣ ସମ୍ପାଦକ ସମ୍ପାଦକ ବିଜୟ କୁମାର ଦାସଙ୍କ ସମେତ ସମସ୍ତ କାଉନସିଲ ସଦସ୍ୟ ଓ ସଭ୍ୟସଭ୍ୟା ଖେଳାଳି ମାନଙ୍କର ସଫଳତା କାମନା କରିଛନ୍ତି ।

ମ୍ୟାଚ୍ ଫିକ୍ସିଂ ମାମଲା

ଅଖିଲେଶଙ୍କୁ ୮ ବର୍ଷ ପାଇଁ ବ୍ୟାନ୍ କଲା ଆଇସିସି

ନୂଆଦିଲ୍ଲୀ,୩।୮ : କ୍ରିକେଟ ଜଗତରୁ ଏକ ଚମକାଇଦେଲା ଭଳି ଖବର ସାମ୍ନାକୁ ଆସିଛି । ମ୍ୟାଚ ଫିକ୍ସିଂ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଆମେରିକାର କ୍ରିକେଟର ଅଖିଲେଶ ରେଡ୍ଡିଙ୍କୁ ଅନ୍ତର୍ଜାତିକ କ୍ରିକେଟ ପରିଷଦ ୮ ବର୍ଷ ପାଇଁ ନିଲମ୍ବିତ କରିଛି । ଆଇସିସିର ଦୁର୍ନୀତି ନିବାରଣ ଟ୍ରିବ୍ୟୁନାଲ ତାଙ୍କୁ ଆଇସିସି ଆଣ୍ଟି-କରପ୍ସନ କୋଡର ତିନୋଟି ନିୟମ ଉଲ୍ଲଂଘନ କରିଥିବାରେ ଦୋଷୀ ବୋଲି ଘୋଷଣା କରିଛି । ସୂଚନାଯୋଗ୍ୟ ଯେ, ଏହି ଅଭିଯୋଗ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜିତ ହେବାକୁ ଥିବା ୨୦୨୫ ଆବୁଧାବି ଟି୧୦ ଲିଗ ସହ ଜଡ଼ିତ । ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଏମିରେଟ୍ସ କ୍ରିକେଟ ବୋର୍ଡ ଆଇସିସିକୁ 'ଡେଜିଗ୍ନେଟେଡ ଆଣ୍ଟି-କରପ୍ସନ ଅଫିସିଆଲ' ଭାବେ ନିଯୁକ୍ତ କରିଥିଲା । ଆଇସିସି ପକ୍ଷରୁ ଜାରି କରାଯାଇଥିବା ବିବୃତ୍ତିରେ କୁହାଯାଇଛି ଯେ, ଏହି ୮ ବର୍ଷର ନିଲମ୍ବନ ୨୧ ନଭେମ୍ବର ୨୦୨୫ ଠାରୁ କାର୍ଯ୍ୟକାରୀ ବୋଲି ଗଣାଯିବ, କାରଣ ସେହି ଦିନଠାରୁ ଅଖିଲେଶ ରେଡ୍ଡିଙ୍କୁ ସାମୟିକ ଭାବେ ନିଲମ୍ବିତ କରାଯାଇଥିଲା । ଏବେ ସେ ଆସନ୍ତା ୮ ବର୍ଷ ପର୍ଯ୍ୟନ୍ତ ସମସ୍ତ ପ୍ରକାରର କ୍ରିକେଟ କାର୍ଯ୍ୟକଳାପରୁ ବଞ୍ଚିତ ରହିବେ ।

ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ମାମଲା

ବ୍ରିଜଭୂଷଣ ଶରଣ ସିଂହ ନିର୍ଦ୍ଦୋଷରେ ଖଲାସ

ନୂଆଦିଲ୍ଲୀ,୩।୮ : ମହିଳା କୁସ୍ତିଯୋଦ୍ଧାଙ୍କ ଯୌନ ନିର୍ଯାତନା ମାମଲାରେ ପୂର୍ବତନ ଭାରତୀୟ କୁସ୍ତି ମହାସଂଘ ସଭାପତି ଓ ପୂର୍ବତନ ସାଂସଦ ବ୍ରିଜଭୂଷଣ ଶରଣ ସିଂହଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ସୋମବାର ତାଙ୍କୁ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲାରେ ସହ-ଅଭିଯୁକ୍ତ ତଥା ପୂର୍ବତନ କୁସ୍ତି ମହାସଂଘ ସଚିବ ବିନୋଦ ତୋମରଙ୍କୁ ମଧ୍ୟ କୋର୍ଟ ଦୋଷମୁକ୍ତ କରିଛନ୍ତି। ୨୦୨୩ ମସିହାରେ ଅନ୍ତର୍ଜାତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗଟ, ସାକ୍ଷୀ ମଲିକ ଓ ଅନ୍ୟ କେତେକ ମହିଳା କୁସ୍ତିଯୋଦ୍ଧା ବ୍ରିଜଭୂଷଣ ଶରଣ ସିଂହଙ୍କ ବିରୋଧରେ ଯୌନ ନିର୍ଯାତନା, ମାନସିକ ଉତ୍ପୀଡ଼ନ ଏବଂ ଅପରାଧିକ ଧମକ ଦେବା ଭଳି ଗୁରୁତର ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ସହ କୁସ୍ତିଯୋଦ୍ଧାଙ୍କ ଦୀର୍ଘ ଆନ୍ଦୋଳନ ମଧ୍ୟ ହୋଇଥିଲା। ମାମଲାର ଶୁଣାଣି ସମୟରେ ବ୍ରିଜଭୂଷଣ ଶରଣ ସିଂହ ଓ ବିନୋଦ ତୋମର କୋର୍ଟରେ ଉପସ୍ଥିତ ଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ

କୋର୍ଟ ୨ ଜୁଲାଇ ୨୦୨୬ରେ ରାୟ ସଂରକ୍ଷିତ ରଖିଥିଲେ। ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ୍ ଅଶ୍ୱନୀ ପନୱାର ଶେଷରେ ଉଭୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଜାନୁଆରୀ ୨୦୨୩ରେ ଏହି ମାମଲା ସାମ୍ନାକୁ ଆସିଥିବା ବେଳେ ବ୍ରିଜଭୂଷଣ ୨୦ ଜୁଲାଇ ୨୦୨୩ରୁ ନିୟମିତ ଜାମିନରେ ରହିଥିଲେ। ୧୦ ମେ ୨୦୨୪ରେ ଦିଲ୍ଲୀ ପୋଲିସର ଚାର୍ଜସିଟ୍ ଆଧାରରେ କୋର୍ଟ ଅଭିଯୋଗ ଗଠନ କରିବା ପରେ ବିଚାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ମାମଲାରେ ମୋଟ ୧୨୭ଟି ଶୁଣାଣି ହୋଇଥିଲା।

ରାୟ ପରେ ବ୍ରିଜଭୂଷଣ ଶରଣ ସିଂହ କହିଛନ୍ତି, ଯେଉଁଦିନ ମୋ ବିରୋଧରେ ଅଭିଯୋଗ ଆସିଥିଲା, ସେହିଦିନ ମୁଁ କହିଥିଲି ଯେ ଯଦି ଗୋଟିଏ ବି ଅଭିଯୋଗ ସତ ପ୍ରମାଣିତ ହୁଏ, ତେବେ ମୁଁ ଖୁସିରେ ଫାଶୀରେ ଝୁଲିପଡ଼ିବି। ଆଜି କୋର୍ଟ ମୋତେ ସମ୍ମାନର ସହ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାର୍ଶଲ ଆର୍ଟ ପ୍ରତିଯୋଗିତାରେ କାଶ୍ମୀର ଯୁବକଙ୍କ କମାଲ

ବିଶ୍ୱ ଚାମ୍ପିଅନଙ୍କୁ ପରାସ୍ତ କଲେ ଓୱେସ୍ ୟାକୁବ୍

ନୂଆଦିଲ୍ଲୀ,୩।୮ : ଭାରତ ପାଇଁ ଐତିହାସିକ ସଫଳତା। କାଶ୍ମୀରର ଯୁବ ଗଗଇ ଯୋଦ୍ଧା ଓୱେସ୍ ୟାକୁବ ବୁଲଗେରିଆରେ ବିଶ୍ୱ ଚାମ୍ପିଅନଙ୍କୁ ପରାସ୍ତ କରି ନୂଆ ଇତିହାସ ରଚିଛନ୍ତି। ତାଙ୍କ ଏହି ସଫଳତା ପାଇଁ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ବୁଲଗେରିଆର ବର୍ଗାସ୍ ଆରେନାରେ ଆୟୋଜିତ BRAVE CF ୧୦୭ ପ୍ରତିଯୋଗିତାରେ କାଶ୍ମୀରର ପୁଲୱାମା ଜିଲ୍ଲାର ମୁରନ ଗାଁର ଯୁବ ଗଗଇ ଫାଇଟର୍ ଓୱେସ୍ ୟାକୁବ ଅଗଷ୍ଟ ୧ରେ ଅପରାଜିତ ବୁଲଗେରିଆନ୍ ଫାଇଟର୍ ଡେଲିଆନ୍ ଜର୍ଜିଏଭଙ୍କୁ ପ୍ରଥମ ରାଉଣ୍ଡରେ ଟେକ୍‌ନିକାଲ୍ ନକ୍‌ଆଉଟ୍‌ରେ ପରାସ୍ତ କରିଛନ୍ତି। ଜର୍ଜିଏଭ ଦୁଇଥର ଆଇଏମଏମଏଏଫ୍ ବିଶ୍ୱ ଚାମ୍ପିଅନ୍ ହୋଇଥିବାବେଳେ, କ୍ୟାରିୟରରେ ଏହା ଥିଲା ତାଙ୍କର ପ୍ରଥମ ପରାଜୟ। ଓୱେସଙ୍କ ଏହି ଐତିହାସିକ ସଫଳତା ପରେ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ତାଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ଏହା କେବଳ ଜମ୍ମୁ-କାଶ୍ମୀର ନୁହେଁ, ସମଗ୍ର ଭାରତ ପାଇଁ ଗର୍ବର ମୁହୂର୍ତ୍ତ। ଭବିଷ୍ୟତରେ ଆହୁରି ବଡ଼ ସଫଳତା ପାଇଁ ସେ ଶୁଭେଚ୍ଛା ଜଣାଇଛନ୍ତି। ବିଜୟ ପରେ ଭାବବିହ୍ୱଳ ଓୱେସ୍ କହିଛନ୍ତି, ଏହି ସଫଳତାକୁ ସେ ନିଜ ପରିବାର, ଜମ୍ମୁ-କାଶ୍ମୀରର ଲୋକ ଓ ସମଗ୍ର ଭାରତବାସୀଙ୍କୁ ସମର୍ପଣ କରୁଛନ୍ତି। ଏହା ତାଙ୍କ ଯାତ୍ରାର କେବଳ ଆରମ୍ଭ, ଆଗକୁ ଆହୁରି ବଡ଼ ସଫଳତା ସହ ଭାରତର ନାମକୁ ବିଶ୍ୱ ମଞ୍ଚରେ ଉଜ୍ଜ୍ୱଳ କରିବା ଲକ୍ଷ୍ୟ ବୋଲି ସେ କହିଛନ୍ତି।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍

ଗରିମା ଯୋଜନାର ଗୁମର ଖୋଲିଲା

ସେପ୍ଟୀ କିଟ୍ ବଣ୍ଟନ ଅଭିଯୋଗ

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡିଆ) : ପୁଣି ଚର୍ଚ୍ଚାରେ ପୌରପାଳିକା ଗରିମା ଯୋଜନାକୁ ନେଇ ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି। ଅଡିଟ୍ ଟିମ୍ ପରିଦର୍ଶନ ସମୟରେ ସେପ୍ଟି କିଟ୍ ବଣ୍ଟନ କରି ଫଟୋ ଉଠାଇବାକୁ ବାଧ୍ୟକରିବାକୁ କେନ୍ଦ୍ର କରି ସଫେଇ କର୍ମଚାରୀମାନେ ତୀବ୍ର ପ୍ରତିବାଦ କରିଥିବା ଦେଖାଦେଇଛି। ସଫେଇ କର୍ମଚାରୀ ସଂଘ ସଭାପତି ରୋହିତ ନାୟକଙ୍କ ଅଭିଯୋଗ ଅନୁସାରେ, ବର୍ଷ ବର୍ଷ ଧରି ଠିକାସଂସ୍ଥା ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କୁ ଡାକି ଆଣି ସେପ୍ଟି କିଟ୍ ଯିଦ୍ଧାଇ ଫଟୋ ଉଠାଇବାର ପ୍ରସ୍ତୁତି ଚାଲିଥିଲା। ଆମକୁ ବର୍ଷ ବର୍ଷ ଧରି ନାହିଁ ଏବେ କେବଳ ଅଡିଟ୍ ପାଇଁ ଆମେ କାହିଁକି ସେପ୍ଟି କିଟ୍ ପିନ୍ଧିବୁ ଯେତେବେଳେ ନିୟମିତ ଭାବେ ସେପ୍ଟି କିଟ୍ ଯୋଗାଇ ଦିଆଯିବ ଏବଂ ଆମକୁ ସରକାରୀ ସ୍କିଲ ଅନୁଯାୟୀ ଉପଯୁକ୍ତ ଦରମା ମିଳିବ, ସେତେବେଳେ ଆମେ ସରକାରୀ ବ୍ୟବସ୍ଥାକୁ ପୂର୍ଣ୍ଣ ସହଯୋଗ କରିବୁ ବୋଲି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ଗୋଟିଏ ୱାର୍ଡରେ ଆବଶ୍ୟକ ୮ ଜଣ ସଫେଇ କର୍ମଚାରୀ ଥିବା ସ୍ଥାନରେ ମାତ୍ର ୫ ଜଣଙ୍କୁ ନେଇ କାମ କରାଯାଉଛି। କାଗଜ କଲମରେ ସଠିକ ପାଇଁ ପ୍ରକୃତ ସଫେଇ କର୍ମଚାରୀଙ୍କ ବଦଳରେ ଗାର୍ଡ଼ ଚାଳକ ଓ ସୁପରଭାଇଜରଙ୍କୁ ସେପ୍ଟି କିଟ୍ ବଣ୍ଟନ କରାଯାଇ ଫଟୋ ଉଠାଇଦିଆଯାଉଛି ଯାହା ଗ୍ରହଣୀୟ ନୁହେଁ । ଯାହା ଫଳରେ ଅଡିଟ ଅଧାରୁ ବନ୍ଦ ହେବା ସହ ପରିଦର୍ଶନ ଟିମ୍ ଫେରି ଯାଇଥିଲେ। ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପଚାରିବାରୁ, ଲିଖିତ ଅଭିଯୋଗ ଆସିଲେ ଘଟଣା ସମ୍ପର୍କରେ ବୁଝିବି ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ପୌର ପାଳିକାର ସ୍ୱଚ୍ଛ ଭାରତ ବିଭାଗ ଦୁର୍ନୀତିରେ ବୁଡିରହିଛି ବୋଲି ଅଭିଯୋଗ ହେଉଛି।

ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବଲାଣି/ବଡବିଲ (ଅମୃତ ମିଡ଼ିଆ) : କେନ୍ଦୁଝର ଜିଲ୍ଲା ବଲାଣି ଥାନା ଅନ୍ତର୍ଗତ ସମ୍ସେର ହାଟିଂ ରେ ୧୯ ବର୍ଷୀୟ ଯୁବତୀ ତାନୀୟା ଠାକୁରଙ୍କ ଝୁଲନ୍ତା ମୃତଦେହ ଗତ ରବିବାର ଦିନ ଉଦ୍ଧାର ହୋଇଛି।ସୂଚନା ଅନୁସାରେ ତାନୀୟା ବଡବିଲ ମହାବିଦ୍ୟାଳୟର ଏକ ଛାତ୍ରୀ ହୋଇଥିବା ବେଳେ ବଡବିଲ ଅଞ୍ଚଳ ର ଏକ ପ୍ରାଇଭେଟ୍ କମ୍ପାନୀରେ ପାର୍ଟ ଟାଇମ୍ କାର୍ଯ୍ୟ କରିଆସୁଥିଲେ। ପରିବାରଙ୍କ କହିବା ଅନୁସାରେ ଗତ ରବିବାର ଦିନ ରାତ୍ରି ସମୟରେ ପ୍ରତ୍ୟେକ ଦିନ ପରି ତାନିୟା ନିଜ ରୁମରେ ପାଠ ପଢ଼ିବା ପାଇଁ ଯାଇଥିଲେ। ବିଳମ୍ବ ରାତିରେ ଯେତେବେଳେ ପରିବାରର ଲୋକ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ତାଙ୍କ ପାଦ ତଳେ ଭୁଇଁ ଖସିପଡିଥିଲା। ପରେ ବଲାଣି ପୁଲିସ କୁ ଏ ସମ୍ବନ୍ଧରେ ସୂଚନା ଦେଇଥିଲେ।ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡବିଲ ପଠାଇଥିଲେ। ହେଲେ ଘଟଣା ବିଷୟରେ ସ୍ପଷ୍ଟ କିଛି ଜଣା ପଡ଼ି ନାହିଁ। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ୍ ସୂଚନା ଦେଇଛନ୍ତି। ଏହି ଘଟଣା ଘଟିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବାର ଦେଖିବାକୁ ମିଳିଛି।

ବୈଦିକ ବ୍ରାହ୍ମଣ ସମିତିର ସାଧାରଣ ବୈଠକ

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) : ଟାଙ୍ଗୀ-ଚୌଦ୍ୱାର ବୈଦିକ ବ୍ରାହ୍ମଣ ସମିତି ତରଫରୁ ଆଗ୍ରାହାଟ ସ୍ଥିତ ଶ୍ରୀ ଶ୍ରୀ ଉତ୍ତରେଶ୍ୱର ମନ୍ଦିର ପରିସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମିତିର ସଭାପତି ପଣ୍ଡିତ ବିଭୁଧେନ୍ଦୁ ଷଡ଼ଙ୍ଗୀ ପୌରୋହିତ୍ୟ କରିଥିବା ବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ତ୍ରିପାଠୀ ସମିତିର କାର୍ଯ୍ୟ।ବଳୀ ତଥା ସମାଜରେ ବ୍ରାହ୍ମଣମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହ ସମ୍ପାଦକ ପବିତ୍ର ମୋହନ ଷଡ଼ଙ୍ଗୀ ଓ କୋଷ୍ଟାଷ୍ଟ ଶ୍ରୀନିବାସ ପଣ୍ଡା ସମିତିର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ପଣ୍ଡିତ ଅକ୍ଷୟ କୁମାର ପାଢ଼ି ଓ ଶ୍ରୀନିବାସ ପଣ୍ଡାଙ୍କୁ ସେମାନଙ୍କର କୃତିତ୍ୱ ପାଇଁ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଛି ହେତୁବାଦୀ ଲୋକ ଶ୍ରୀଜଗନ୍ନାଥ ସଂସ୍କୃତି ଓ ତେତନାକୁ ନେଇ ବିଭିନ୍ନ କଟୁମନ୍ତବ୍ୟ ଦେଉଥିବା ବେଳେ ଏହାକୁ ଟାଙ୍ଗୀ-ଚୌଦ୍ୱାର ବୈଦିକ ବ୍ରାହ୍ମଣ ସମିତି ଘୋର ନିନ୍ଦା କରିବା ସହ ଯଦି ଆଗାମୀ ଦିନରେ ଏଭଳି ଅପମାନଜନକ ତଥା କଟୁବାକ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଏ ତେବେ ସେମାନଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯିବ ବୋଲି ବୈଠକରେ ଯୋଗ ଦେଇଥିବା ସମସ୍ତ ବ୍ରାହ୍ମଣ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ଷଡ଼ଙ୍ଗୀ, ମାନସ ରଂଜନ ପଣ୍ଡା, ପ୍ରମୋଦ ପଣ୍ଡା, ବୈଦ୍ୟନାଥ ମିଶ୍ର, ସୁଧାଂଶୁ ଭୂଷଣ ଷଡ଼ଙ୍ଗୀ, ରାକେଶ ମିଶ୍ର, ରବିନ୍ଦ୍ର ଷଡ଼ଙ୍ଗୀ, ଅଜୟ ପଣ୍ଡା, କୈଳାସ ଚନ୍ଦ୍ର ପଣ୍ଡା, ଓମ୍ ପ୍ରକାଶ ପଣ୍ଡା, ଅନ୍ତର୍ଯ୍ୟାମୀ ଦାସ, ଅଶୋକ ପାଣି, ବିଶ୍ୱନାଥ ଶତପଥୀ, ଧୀରେନ୍ଦ୍ର ପାଣିଗ୍ରାହୀ ଓ ରମାନାଥ ଆଚାର୍ଯ୍ୟଙ୍କ ସହ ଉଭୟ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ।

ଅନିରୁଦ୍ଧ ବିକ୍ରମ ସିଂ ଇଫକୋ ପାରାଦୀପ ୟୁନିଟ୍‌ର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ

ପାରାଦୀପ (ଅମୃତ ମିଡିଆ) : ଅନିରୁଦ୍ଧ ବିକ୍ରମ ସିଂ ଇଫକୋ ପାରାଦୀପ ୟୁନିଟର ନୂତନ ମୁଖ୍ୟ ଭାବରେ ଅଗଷ୍ଟ ୧ ତାରିଖ ଶନିବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଇଫକୋ ପାରାଦୀପ ୟୁନିଟ୍‌ର ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ, ଶ୍ରୀ ସିଂହ ଇଫକୋ କାଣ୍ଡଲା ୟୁନିଟ୍‌ର ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ। ଜଣେ ମେକାନିକାଲ୍ ଇଞ୍ଜିନିୟର ଭାବେ ଶ୍ରୀ ସିଂହ ଇଫକୋ ରେ ଜଣେ ସ୍ୱାତକ ଇଞ୍ଜିନିୟର ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ ଏବଂ ପ୍ରାୟ ତିନି ଦଶନ୍ଧି ଧରି ଏହି ସଂଗଠନ ସହିତ ଜଡିତ ଅଛନ୍ତି। ବର୍ଷ ବର୍ଷ ଧରି, ସେ ପ୍ରକଳ୍ପ କାର୍ଯ୍ୟ ଉନ୍ନୟନ, ପ୍ଲାଣ୍ଟ ପରିଚାଳନା ଏବଂ ଜଟିଳ ସାର ଉତ୍ପାଦନ ସୁବିଧାର ରକ୍ଷଣାବେକ୍ଷଣରେ ବ୍ୟାପକ ଦକ୍ଷତା ହାସଲ କରିଛନ୍ତି। ବରିଷ୍ଠ ମହାପ୍ରବନ୍ଧକ ଭାବରେ, ଶ୍ରୀ ସିଂହ ଇଫକୋ ପାରାଦୀପରେ ଜଟିଳ ସାର ଉତ୍ପାଦନ ୟୁନିଟର ନେତୃତ୍ୱ ନେବେ। ତାଙ୍କର ବିପୁଳ ଅଭିଜ୍ଞତା ଏବଂ ପ୍ରମାଣିତ ନେତୃତ୍ୱ ଭାରତର ସର୍ବବୃହତ ସମନ୍ୱିତ ଫସଫେଟିକ୍ ସାର କମ୍ପ୍ଲେକ୍ସ ମଧ୍ୟରୁ ଗୋଟିଏରେ କାର୍ଯ୍ୟକ୍ଷମ ଉତ୍କର୍ଷତା, ଉଦ୍ଭିଦ ନିର୍ଭରଯୋଗ୍ୟତା, ସୁରକ୍ଷା, ଉତ୍ପାଦକତା ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ସୂଚନାଥାଉକି, ଭାରତୀୟ କୃଷକ ସାର ସମବାୟ ସମିତି (ଇଫକୋ) ପାରାଦୀପ ୟୁନିଟ୍ ହେଉଛି ଏକ ସମନ୍ୱିତ ସାର କାରଖାନା ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୧.୯୨ ନିୟୁତ ମେଟ୍ରିକ୍ ଟନ୍ ଡିଏପି/ଏନପି/ଏନପିକେ ଗ୍ରେଡ୍ ସାର। ଏହି ୟୁନିଟ୍ ରେ ବିଶ୍ୱର ସର୍ବବୃହତ ସିଙ୍ଗଲ୍-ଷ୍ଟ୍ରିମ୍ ଫସଫୋରିକ ଏସିଡ୍ ପ୍ଲାଣ୍ଟ ଏବଂ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ମଧ୍ୟ ରହିଛି।

ମାତୃକୃପା ଏମ୍ପାୱାରମେଣ୍ଟ ଫାଉଣ୍ଡେସନ ପକ୍ଷରୁ ଶୁଖିଲା ଖାଦ୍ୟବଣ୍ଟନ

ବଡ଼ଚଣା (ଅମୃତ ମିଡ଼ିଆ) : ବାତ୍ୟା, ବନ୍ୟା ହେଉ କି ଦୁର୍ଘଟଣା କିମ୍ବା ମେଳା-ମହୋତ୍ସବ ସବୁବେଳେ ସବୁ ସମୟରେ ସାଧାରଣ ଲୋକମାନଙ୍କ ପାଖରେ ଠିଆ ହୋଇଥାଏ ମାତୃ କୃପା ଏମ୍ପାୱାରମେଣ୍ଟ ଫାଉଣ୍ଡେସନ। ମାନବ ସେବାକୁ ନିଜର ପରମ ଧର୍ମ ମାନୁଥିବା ଏହି ଫାଉଣ୍ଡେସନ ଆଜି ପୁଣି ଥରେ ନିଜର କର୍ତ୍ତବ୍ୟ ପାଳନ କରିଛି। ଲଗାଣ ବର୍ଷା ଯୋଗୁଁ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ବିଭିନ୍ନ ଗାଁ ଏବେ ବନ୍ୟା ଘେରରେ ଥିବା ବେଳେ ରାସ୍ତା ଘାଟ ଜଳମଗ୍ନ ହୋଇଥିବାରୁ ଲୋକେ ଘରୁ ବାହାରକୁ ଯାଇ ପାରୁ ନାହାନ୍ତି। ଏଭଳି ସ୍ଥିତିରେ ଫାଉଣ୍ଡେସନର ପ୍ରତିଷ୍ଠାତା ଜୟନ୍ତୀ ସାମଲଙ୍କ ନେତୃତ୍ୱରେ ଫାଉଣ୍ଡେସନର ସ୍ୱେଚ୍ଛା ସେବୀମାନେ ଡଙ୍ଗା ଯୋଗେ ବନ୍ୟା ଘେରରେ ଥିବା ପରିବାରଙ୍କ ପାଖରେ ପହଞ୍ଚିବା ସହିତ ସେଠାରେ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଏହି ଅବସରେ ଫାଉଣ୍ଡେସନର ପ୍ରତିଷ୍ଠାତା ଜୟନ୍ତୀ ସାମଲ କହିଥିଲେକି ବନ୍ୟା ଯୋଗୁଁ ଅନେକ ଲୋକ ମାନେ ଖାଦ୍ୟ ଅଭାବରେ କଷ୍ଟ ପାଉଛନ୍ତି। ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଆମେ ଆସିଛୁ। ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଆମର ଏହି ସେବାକାର୍ଯ୍ୟ ଜାରି ରହିବ। ସମାଜର ସମସ୍ତ ଦାତାଙ୍କ ସହଯୋଗରେ ଆମେ ଆହୁରି ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବୁ। ଫାଉଣ୍ଡେସନର ଏହି ସେବାକୁ ସ୍ଥାନୀୟ ଲୋକେ ଓ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିବା ସହ ଏହା ଅନ୍ୟ ସଂଗଠନ ପାଇଁ ମଧ୍ୟ ପ୍ରେରଣା ସାଜିବ ବୋଲି କହିଛନ୍ତି।

ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କଲେ ସମାଜସେବୀ

ଭଦ୍ରକ (ଅମୃତ ମିଡିଆ) : ସତ୍ୟ ସନ୍ଧାନରେ ସଂଗଠନର ସମ୍ପାଦକ ଶ୍ରୀ ଅଜୟ କୁମାର ତ୍ରିପାଠୀ ଶନିବାର ଦିନ ଜଣେ ଅସହାୟ ଲୋକକୁ ଭଦ୍ରକ ନଲାଙ୍ଗ ନିକଟ ରେ ଭେଟି ଥିଲେ। ପରେ ଗାଡିରେ ନେଇ ଭଣ୍ଡାରିପୋଖରୀ ନିକଟରେ ଛାଡି ଥିଲେ ଓ ସେଠାରେ କିଛି ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ ବୋଲି ସୂଚନା ଦେଇଛନ୍ତି ଅଜୟ ତ୍ରିପାଠୀ। ତାଙ୍କର ଏହି କାର୍ଯ୍ୟ ପାଇଁ ସଧାରଣ ରେ ପ୍ରଶଂସା କରାଯାଉଛି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦିଗହରା

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) : ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉଛି ଭାରତ ସରକାରଙ୍କ ଏକ ମୁଖ୍ୟ ଗୃହ ନିର୍ମାଣ ଯୋଜନା। ଏହି ଯୋଜନା ମାଧ୍ୟମରେ ଗ୍ରାମାଣ କ୍ଷେତ୍ରରେ ବସବାସ କରୁଥିବା ଅନଗ୍ରସର ଓ ଗରିବ ଶ୍ରେଣୀର ଲୋକଙ୍କୁ ଛାତ ଘର ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ମିଳିଥାଏ। ପ୍ରତ୍ୟେକ ଯୋଗ୍ୟ ପରିବାରକୁ ଏହି ଯୋଜନାରେ ସାମିଲ କରି ଯୋଜନାର ସୁଫଳ ପ୍ରଦାନ ପାଇଁ ବର୍ତ୍ତମାନର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବଦ୍ଧ ପରିକର । ହେଲେ ପ୍ରଶାସନିକ ଅବହେଳା ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଦାୟିତ୍ୱ ହୀନତାରୁ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ରହୁଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧିନ ନିଶ୍ଚିନ୍ତକୋଇଲି ଗ୍ରାମ ପଞ୍ଚାୟତର ୧୧ନଂ ୱାର୍ଡ଼ରେ ବସବାସ କରୁଥିବା ହୃଷିକେଶ ରାଉତଙ୍କ କ୍ଷେତ୍ରରେ। ହୃଷିକେଶଙ୍କ ଘରତଳା ଛାଡ଼ିଲେ ଆଉ କୌଣସି ଚାଷ ଉପଯୋଗୀ ଜମି ନାହିଁ । ପରିବାର କହିଲେ ତାଙ୍କ ପତ୍ନୀ ନିର୍ମଳା ରାଉତ, ୧୨ବର୍ଷର ପୁଅ ଓ ଦୁଇ ବର୍ଷର ଝିଅ । ହୃଷିକେଶ ନିଶ୍ଚିନ୍ତକୋଇଲି ବଜାରରେ ଏକ ଛୋଟିଆ ଚାହା ଦୋକାନଟିଏ କରି ସେଥିରୁ ଯାହା ରୋଜଗାର କରନ୍ତି ବହୁ କଷ୍ଟରେ ସେହି ଅର୍ଥରେ ପରିବାର ପ୍ରତିପୋଷଣ କରିଥାନ୍ତି । ଏବେ ଉକ୍ତ ପରିବାର ଏକ ଚାଳ ଛପର ଘରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ଏହି ପଞ୍ଚାୟତରେ ବହୁ ଥିଲା ବାଲା ପରିବାର ସରକାରୀ ଯୋଜନାରେ ଏକାଧିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ହାତେଇଥିବା ଅଭିଯୋଗ ଉଠୁଛି । ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ତଦନ୍ତ କରି ସମ୍ପୃକ୍ତ ପରିବାରକୁ ସରକାରୀ ଯୋଜନାରେ ଏକ ଛାତ ଘର ଯୋଗାଇ ଦେବା ନିମନ୍ତେ ଦାବି ହୋଇଛି ।

ଟେଟ୍ରାହେଡ୍ରନ୍‌ରେ ପ୍ରଧାନମନ୍ତ୍ରୀଙ୍କ ଆଭାଷୀ କାର୍ଯ୍ୟକ୍ରମ

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) : ମାଇଁ ଭାରତ କଟକ ଓ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ମିଳିତ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀଙ୍କ ଆଭାଷି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଇଁ ଭାରତର ଜିଲ୍ଲା ଯୁବକ ଅଧିକାରୀ ରୋଶନ କୁମାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟେଟ୍ରାହେଡ୍ରନ୍ ଏକୁକେସନାଲ ଟ୍ରଷ୍ଟର ଅଧକ୍ଷ ତ୍ରିଦେବ ବେହେରା ମୁଖ୍ୟଅତିଥି, ଯୁବ ସମାଜସେବୀ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଗଙ୍ଗାଧର ବେହେରା, ବିଜେପି ମଣ୍ଡଳ ସଭାପତି ହୃଷିକେଶ ସାମଲ ଓ ଯୁବ ସଙ୍ଗଠକ ବିଶ୍ୱଜିତ୍ ଆଂଚଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଶାମୁକ୍ତି ପାଇଁ ଯୁବଶକ୍ତିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ନିଶାମୁକ୍ତ ସଚେତନତା ପୋଷ୍ଟର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ବେଳେ ସମସ୍ତ ଟେଟ୍ରହେଡ୍ରନର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

ସୁକନ୍ୟା ସମୃଦ୍ଧି ଗାଁ ମୁଣ୍ଡିବେଡ଼ା।

ରାଇଘର (ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ ମୁଣ୍ଡିବେଡ଼ା ଗ୍ରାମଟିକୁ ଭାରତୀୟ ଡାକ ବିଭାଗ ପକ୍ଷରୁ 'ସୁକନ୍ୟା ସମୃଦ୍ଧି ଗାଁ' ଭାବେ ନାମିତ କରାଯାଇଛି। କେନ୍ଦ୍ର ସରକାରଙ୍କ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାରେ କନ୍ୟା ସନ୍ତାନ ମାନଙ୍କର ଭବିଷ୍ୟତକୁ ସୁରକ୍ଷିତ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିଲା 'ସୁକନ୍ୟା ସମୃଦ୍ଧି ଯୋଜନା'। ଭାରତୀୟ ଡାକ ବିଭାଗ ପକ୍ଷରୁ ସର୍ବାଧିକ ୮.୨% ସୁଧ ପ୍ରଦାନ କରୁଥିବା ଏହି କ୍ଷୁଦ୍ର ସଂଚୟ ଯୋଜନା ଗତ ୨୦୨୪ ରେ ମୁଣ୍ଡିବେଡ଼ା ଗ୍ରାମରେ ଡିଜିଟାଲୀ କାର୍ଯ୍ୟକ୍ଷମ ହୋଇଥିଲା। ଏହି ଉପାନ୍ତ ମୁଣ୍ଡିବେଡ଼ା ଗ୍ରାମରେ ଉକ୍ତ ଯୋଜନାକୁ ନେଇ ଡାକଘର ଶାଖା ପକ୍ଷରୁ ମୋଟ ୧୨୦ ଟି ସୁକନ୍ୟା ସମୃଦ୍ଧି ଆକାଉଣ୍ଟ ଖୋଲାଯାଇ ସାରିଛି। ସେଥି ମଧ୍ୟରୁ କେବଳ ୨୦୨୫-୨୬ ଆର୍ଥିକ ବର୍ଷରେ ୮୪ଟି ସୁକନ୍ୟା ସମୃଦ୍ଧି ଆକାଉଣ୍ଟ ଖୋଲା ଯାଇଥିବା ଜଣାପଡ଼ିଛି। ସେଠାକାର ଡାକ ବିଭାଗ କର୍ମଚାରୀଙ୍କ ନିରନ୍ତର ପ୍ରୟାସ ସହ ସଚେତନତା ମୂଳକ ଅଭିଯାନ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି। ବିଶେଷତଃ ସେହି ଗ୍ରାମର ଅଙ୍ଗନବାଡି କର୍ମୀ ଓ ମିଶନ ଶକ୍ତି ବିଭାଗର ସିଆରପିଙ୍କ ସକ୍ରିୟ ସହଯୋଗରେ ଗ୍ରାମବାସୀଙ୍କ ମଧ୍ୟରେ ଏହି ସଂଚୟ ଯୋଜନା ପ୍ରତି ଉତ୍ସାହ ବୃଦ୍ଧି ପାଇଥିଲା। ଆଗାମୀ ଦିନରେ ଅଧିକରୁ ଅଧିକ ସୁକନ୍ୟା ସମୃଦ୍ଧି ଯୋଜନା ଆକାଉଣ୍ଟ ଖୋଲି ସମଗ୍ର ମୁଣ୍ଡିବେଡ଼ା ଗ୍ରାମ ପଂଚାୟତକୁ ସୁକନ୍ୟା ସମୃଦ୍ଧି ପଞ୍ଚାୟତରେ ପରିଣତ କରିବା ପାଇଁ ଡାକ ବିଭାଗର ଲକ୍ଷ୍ୟ ରହିଛି ବୋଲି ସେଠାକାର ପୋଷ୍ଟମାଷ୍ଟର ସୂଚନା ଦେଇଛନ୍ତି। ସୁକନ୍ୟା ମାନଙ୍କୁ ସମୃଦ୍ଧିର ପଥରେ ଆଗେଇ ନେବା ପାଇଁ ମୁଣ୍ଡିବେଡ଼ା ଗ୍ରାମ ଏକ ସଫଳ ଓ ପ୍ରେରଣା ଦାୟୀକ ଉଦାହରଣ

ଶିଳ୍ପ ତାଲିମ କେନ୍ଦ୍ରରେ ବୃକ୍ଷରୋପଣ

ଫୁଲବାଣୀ (ଅମୃତ ମିଡିଆ) : ଫୁଲବାଣୀ ସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଆଜି ଫୁଲବାଣୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅନୁଷ୍ଠିତ ଏକ ସଭାରେ ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କୁ ବୃକ୍ଷ ରୋପଣର ଆବଶ୍ୟକତା ବାବଦରେ ଆଲୋକପାତ କରିବା ପାଇଁ, ସମଗ୍ର ପୃଥିବୀରେ ୯୭% ଲୁଣି ଜଳ ଏବଂ ମାତ୍ର ୩% ପାନୀୟ ଉପଯୋଗୀ ଜଳ ଥିବା, ଏବଂ ଜଳ ଭାଗ ହିଁ ପୃଥିବୀର ସର୍ବାଧିକ ଅମୂଲ୍ୟବାନ ଯୋଗାଉଛି। ତେଣୁ ଆବଶ୍ୟକ ପରିମାଣର ବର୍ଷା, ପରିବେଶ ସୁରକ୍ଷା ଓ ଅଧିକ ଅମୂଲ୍ୟବାନ ପାଇଁ ଅଧିକ ରୁ ଅଧିକ ବୃକ୍ଷ ର ଆବଶ୍ୟକତା ରହିଛି ତେଣୁ ଆମେ ବୃକ୍ଷ ରୋପଣ ସହିତ ଏହାର ଯତ୍ନ ନେବାର ମଧ୍ୟ ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ଅଧକ୍ଷ ପ୍ରକାଶ ରଞ୍ଜନ ସୋରେନ, ବରିଷ୍ଠ ନାଗରିକ ସଂଘର ସଭାପତି ପଦ୍ମଚରଣ ସ୍ୱାଇଁ, କାର୍ଯ୍

ଗୋରୁ ବଗାଳ କରି ସମୟ ବିତାଉଛନ୍ତି ବାପା ମା' ଛେଉଣ୍ଡ ଭାଇଭଉଣୀ

ପେଟପୁରା ଖାଇବାକୁ ପାଉନାହାନ୍ତି, ବିଦ୍ୟାଳୟ ମାଟି ମାଡ଼ିନାହାନ୍ତି

ବାରିପଦା /ଉଦଳା (ଅମୃତ ମିଡିଆ) : ପିଲାଟି ଦିନରୁ ବାପା ମା'ଙ୍କୁ ହରାଇଥିବା ୧୦ ବର୍ଷ ବୟସର କନ୍ୟା 'ଗୁଲୁ' ଓ ୮ ବର୍ଷ ବୟସର ପୁତ୍ର 'ଭଗ' ବର୍ତମାନ ଖୁବ୍ ଦୁଃଖ ଯନ୍ତ୍ରଣା ମଧ୍ୟରେ ଦିନ ବିତାଇବାକୁ ବାଧ ହେଉଛନ୍ତି। ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ଗ୍ରାମର ବାସିନ୍ଦା ରଣଜିତ ଚୌଧୁରୀ ଓ ତାଙ୍କର ସହ ଧର୍ମିଣୀଙ୍କର ଦେହାନ୍ତ ହୋଇଯିବା ପରେ ଉକ୍ତ ଦୁଇ ଭାଇ ଭଉଣୀ ସମ୍ପୂର୍ଣ୍ଣ ଅନାଥ ହୋଇଯିବା ସହ ତାଙ୍କର ଅଜା, ଆଈଙ୍କ ପାଖରେ ଆଶ୍ରୟ ନେଇଛନ୍ତି। ଉଦଳା ବ୍ଲକର ବହୁବନ୍ଧ ପଂଚାୟତ ଅନ୍ତର୍ଗତ ଉର୍ମଳ ଗ୍ରାମରେ ଅଜା ଶରତ ଚୌଧୁରୀ ଓ ଆଈ ଚମ୍ପା ଚୌଧୁରୀ ରହୁଥିବା ବେଳେ ଦିନ ମଜୁରିଆ ଭାବରେ କାମ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି। ଘୋର ଅଭାବ, ଅନାଟନ ମଧ୍ୟରେ ଦିନ ବିତାଉଥିବା ଏହି ପରିବାର ଦୁଇ ଓଳି ପେଟପୁରା ଖାଇବାକୁ ପାଉନଥିବାର କଥା ଜଣାଇଛନ୍ତି। ସେହିପରି ପିଲାଙ୍କର ଜନ୍ମ ପ୍ରମାଣପତ୍ର ନଥିବାରୁ ଏହି ଦୁଇ ବାପା ମା' ଛେଉଣ୍ଡ ଭାଇ ଭଉଣୀ ବିଦ୍ୟାଳୟରେ ନାମ ଲେଖାଇ ପାରିନଥିବାର କଥା ଜଣାଇଛନ୍ତି। ସେହିପରି ଆଧାର କାର୍ଡ଼ ନଥିବା ଯୋଗୁଁ ଏହି ଦୁଇ ଭାଇ ଭଉଣୀ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି। ଏହି ପିଲା ମାନଙ୍କୁ କୌଣସି ହଷ୍ଟେଲରେ ରଖି ପାଠ ପଢ଼ିବାର ବ୍ୟବସ୍ଥା ସରକାର କରିଦେବାକୁ ଜନଜାଗୃତି ମଂଚର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି। ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବେବୋଲି ବହୁ ସ୍ୱେଚ୍ଛାସେବି ଆଶା ବାନ୍ଧିଛନ୍ତି। ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି। ଅଥଚ ବିଭିନ୍ନ କାରଣରୁ ବହୁ ସଂଖ୍ୟାରେ ପିଲା ଏବେ ମଧ୍ୟ ବିଦ୍ୟାଳୟ ବାହାରେ ଅଛନ୍ତି। ଅଜା ଆଈଙ୍କ ସହିତ ଏହି ଦୁଇ ଭାଇ ଭଉଣୀ ଗୋରୁ ବଗାଳ କରି ଏବେ ସମୟ ବିତାଇବାକୁ ବାଧ ହୋଇଛନ୍ତି।

ଆଗ୍ରିଆ ମହୋତ୍ସବ-୨୦୨୬ ପାଇଁ ପ୍ରସ୍ତୁତି ବୈଠକ

ବେତନଟୀ (ଅମୃତ ମିଡିଆ) : ଆଗ୍ରିଆ ମହୋତ୍ସବ ୨୦୨୬ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆଗ୍ରିଆ ସ୍ଥିତ ବୀଣାପାଣି ଯୁବକ ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ମଣ୍ଡଳ ସଭାପତି ତଥା ଯୁବକ ସଂଘର ସାଧାରଣ ସମ୍ପାଦକ ଜୀବନ ପରିଡ଼ା ଏବଂ ଯୁବକ ସଂଘର ସଭାପତି ଶିବନାରାୟଣ ଘୋଷଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ମହୋତ୍ସବକୁ ବିଶାଳ ଓ ସ୍ମରଣୀୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମହୋତ୍ସବକୁ ଐତିହ୍ୟ ଓ ପରମ୍ପରା ସମ୍ପନ୍ନ ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହୋତ୍ସବ ପାଇଁ ବିଭିନ୍ନ କମିଟି ଗଠନ, ପାଣ୍ଠି ସଂଗ୍ରହ ଓ କାର୍ଯ୍ୟକ୍ରମ ରୂପରେଖ ଉପରେ ଆଲୋଚନା ହୋଇଥିଲା। ପ୍ରତିବର୍ଷ ଭଳି ଏଥର ମଧ୍ୟ ଶିଶୁ ପ୍ରତିଭା ଅନ୍ୱେଷଣ ପାଇଁ କୁନି କୁନି ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ରକ୍ତଦାନ ଶିବିର ଆୟୋଜନ, ମହିଳା ସଶକ୍ତିକରଣ ଉଦ୍ଦେଶ୍ୟରେ ଗୃହଲକ୍ଷ୍ମୀ, ସଚେତନତା ବାର୍ତ୍ତାକୁ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ରିଲସ ପ୍ରତିଯୋଗିତା, ଡାନ୍ସ ପ୍ରତିଯୋଗିତା, ଛଣ୍ଡଉ କିଙ୍ଗ ଏବଂ କୁଇନ୍ ପ୍ରତିଯୋଗିତା ତଥା ଓଲିଉଡର ସୁନାମଧନ୍ୟ ଗାୟକ ଗାୟିକା ତଥା ଅନେକ ସୁପରଷ୍ଟାରଙ୍କ କାର୍ଯ୍ୟକ୍ରମ ରଖିବାର ନିଷ୍ପତ୍ତି ହୋଇଥିଲା।

ପାରାଦୀପ ରୋଟାରୀ କ୍ଲବର ରାଜତ ଜୟନ୍ତୀ

ପାରାଦୀପ (ଅମୃତ ମିଡିଆ) : ପାରାଦୀପ ରୋଟାରୀ କ୍ଲବର ୨୬ତମ ପ୍ରତିଷ୍ଠା ଦିବସ ତଥା ରାଜତ ଜୟନ୍ତୀ ଉତ୍ସବ ହୋଟେଲ ମେଫେୟାର ସମ୍ମିଳନୀ କକ୍ଷରେ ମହା ସମାରୋହରେ ପାଳିତ ହୋଇଯାଇଛି। ରୋଟାରୀ ଜିଲ୍ଲା ୩୨୬୨ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଧିକାରୀ ରୋଟାରୀଆନ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଏବଂ ଆଇ.ପି.ଡି.ଜି. ରୋଟାରୀଆନ ମନୋଜ କୁମାର ତ୍ରିପାଠୀ ଓ ପ୍ରଥମ ମହିଳା ସୁବ୍ରତା ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦାୟୀ ସଭାପତି ରୋଟାରୀଆନ ସୁସାନ୍ତ କୁମାର ବାଗ ନୂତନ ସଭାପତି ରୋଟାରୀଆନ ଅକ୍ଷୟ ଚନ୍ଦ୍ର ସୁତାରଙ୍କୁ ଏବଂ ସମ୍ପାଦକ ବିପ୍ଲବ କୁମାର ଜେନା ନୂତନ ସମ୍ପାଦକ ଇଂ. କାଳୀ ପ୍ରସାଦ ମିଶ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏଥିରେ କ୍ଲବରେ ମୋଟ ୧୧ ଜଣ ନୂତନ ସଦସ୍ୟ ସାମିଲ ହୋଇଥିଲେ। ରଜତ ଜୟନ୍ତୀ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ୍.ହରନାଦ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିତ୍ୟ ବାବୁରାଓ ମାଣେ ଏବଂ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ କ୍ଲବର ସମାଜସେବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ କ୍ଲବର ସମସ୍ତ ପୂର୍ବତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରଜତ ଜୟନ୍ତୀ ସ୍ମାରକୀ 'ପାରାଦୀପିକା' ଲୋକାର୍ପିତ ହୋଇଥିଲା। ରୋଟାରୀଆନ ଡ଼ଃ.ସୁରେନ୍ଦ୍ର ମୋହନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରୋଟାରୀଆନ ଡା. ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରୋଟାରୀ କ୍ଲବର ଅଧ୍ୟକ୍ଷ ଅକ୍ଷୟ ସୁତାର ଆଗାମୀ ବର୍ଷ ପାଇଁ ନିଜର ଦୃଷ୍ଟିକୋଣ ପ୍ରକାଶ କରିଥିଲେ। ଡା.ଦୁର୍ଗା ପ୍ରସାଦ ସେଠୀ, କ୍ୟାପ୍ଟେନ୍ ଅଲେଖ ଚନ୍ଦ୍ର ସାହୁ, କ୍ୟାପ୍ଟେନ୍ ସୁଶାନ୍ତ ବାଗ, ବିପ୍ଲବ ଜେନା, ଦୀପକ କୁମାର ସାରଙ୍ଗୀ, ହରିହର ଦାଶ, ଡା. ଅଲୋକ ଲେଙ୍କା, ପ୍ରତାପ ଚନ୍ଦ୍ର ମଥାନ, ସୁଦର୍ଶନ ସ୍ୱାଇଁ ଏବଂ ଅନ୍ୟାନ୍ୟ ସଦସ୍ୟମାନଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।

ବିଶ୍ୱ ବନ୍ଧୁତ୍ୱ ଦିବସରେ ୧୯୮୨ ବ୍ୟାଚ ବନ୍ଧୁମିଳନ

ମାହାଙ୍ଗା (ଅମୃତ ମିଡ଼ିଆ) : ମାହାଙ୍ଗା ବ୍ଲକ ଅନ୍ତର୍ଗତ ଚୌଧୁରୀ ରାଧାନାଥ ବିଦ୍ୟାପୀଠର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବନ୍ଧୁତ୍ୱ ହେଉଛି ଏମିତି ଏକ ଅମୂଲ୍ୟ ସମ୍ପର୍କ, ଯାହା ସମୟର ସ୍ରୋତରେ କେବେ ମଳିନ ହୁଏ ନାହିଁ; ବରଂ ପ୍ରତ୍ୟେକ। ପୁନର୍ମିଳନରେ ଆହୁରି ଉଜ୍ଜ୍ୱଳ ମୟ ହୋଇଉଠେ। ବିଶ୍ୱ ବନ୍ଧୁତ୍ୱ ଦିବସ ଅବସରରେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଚୌଧୁରୀ ରାଧାନାଥ ବିଦ୍ୟାପୀଠ, ଭେଡାର ୧୯୮୨ ବ୍ୟାଚର ସହପାଠୀ ଓ ସହପାଠିନୀ ମାନଙ୍କ ଏକ ଆନ୍ତରିକ ବନ୍ଧୁ ମିଳନ ଉତ୍ସବ। ସାଲେପୁର ବ୍ଲକ ନରଦା ପଞ୍ଚାୟତ ନଅନ୍ତର୍ଗତ ମାଳ। ଶାସନସ୍ଥିତ ପ୍ରସିଦ୍ଧ ନୀଳକଣ୍ଠେଶ୍ୱର ମନ୍ଦିର। ପ୍ରାଙ୍ଗଣରେ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ବର୍ଷ ପରେ ପୁଣି ଥରେ ଏକାଠି ହୋଇଥିବା ସହପାଠୀମାନେ ପୁରୁଣା ଦିନର ସ୍ମୃତିକୁ ରୋମନ୍ଥନ କରି ଭାବବିହ୍ୱଳ ହୋଇ ପଡ଼ିଥିଲେ। ପ୍ରାୟ ୩୦ରୁ ଅଧିକ ସହପାଠୀ ଏହି ମିଳନ ଉତ୍ସବରେ। ଯୋଗଦେଇ ପରସ୍ପରଙ୍କ ସହ ସ୍ନେହ ସମ୍ପ୍ରୀତି ଓ ବନ୍ଧୁତ୍ୱର ବନ୍ଧନକୁ ଆହୁରି ସୁଦୃଢ଼ କରିଥିଲେ। ଏହି ଅବସରରେ ନିଜ ନିଜ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଥିବା ସହପାଠୀମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ। ମାନଙ୍କ ମଧ୍ୟରେ ବ୍ୟାଙ୍କ ଅଫ୍ ନ ଇଣ୍ଡିଆର ଚିଫ୍ ମ୍ୟାନେଜର କାର୍ତ୍ତିକ ବେହେରା, ଶିକ୍ଷକ ବଂଶୀଧର ରାଉତ, ଶିକ୍ଷକ ଜଗଦୀଶ ଦାସ, ଅଧ୍ୟାପକ ଅଶୋକ ସିଂହ ଓ ଶିକ୍ଷକ ମହେନ୍ଦ୍ର ପତି ପ୍ରମୁଖ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଡ଼ଃ ସୁଶୀଲ ମିଶ୍ର ଓ ଅରୁଣ କୁମାର ଲେଙ୍କା ବିଶେଷ ସହଯୋଗ କରିଥିଲେ। ଏହା ବ୍ୟତୀତ ପ୍ରଭାତ କୁମାର ସାହୁ, ରମେଶ ଚନ୍ଦ୍ର ସାହୁ, ଅଜୟ କୁମାର ରାଉତ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଦଉହରି ସିଂହ, ଜ୍ୟୋତି ରଞ୍ଜନ ରାଉତ, ଲକ୍ଷ୍ମୀହାରା ଜେନା, ପ୍ରତିମା ପଣ୍ଡା, ଶ୍ୟାମ ସୁନ୍ଦର ମିଶ୍ର, ଦିଲ୍ଲୀପ ମହାନ୍ତି, ଚିତ୍ତରଞ୍ଜନ ରାଉତ, ସନ୍ତୋଷ କୁମାର ପାଲ, ଆନନ୍ଦ ନାୟକ, ସଞ୍ଜୟ ସିଂହ, ଚନ୍ଦ୍ରକାନ୍ତ ବେହେରା, ଜଗନ୍ନାଥ ମିଶ୍ରଙ୍କ ସମେତ ଅନେକ ସହପାଠୀ ଉପସ୍ଥିତ ରହିଥିଲେ। ସ୍କୁଲ ଛାଡ଼ି ବର୍ଷ ବିତିଯାଏ, କିନ୍ତୁ ସତ ବନ୍ଧୁଙ୍କ ସ୍ମୃତି କେବେ ପୁରୁଣା ହୁଏ ନାହିଁ; ସେହି ସ୍ମୃତି ହିଁ ଜୀବନର ସବୁଠାରୁ ମୂଲ୍ୟବାନ ସମ୍ପଦ। ଶେଷରେ ଦୁର୍ଯ୍ୟୋଧନ ଗୋଛାୟତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ପରେ ସମସ୍ତ ସହପାଠୀ ଏକାଠି ଭୋଜିଭାତ କରି ଆନନ୍ଦ ଉଲ୍ଲାସର ସହ ଦିନଟିକୁ ସ୍ମରଣୀୟ କରିଥିଲେ। ବନ୍ଧୁତ୍ୱ, ଭଲପାଇବା ଓ ଆତ୍ମୀୟତାର ଏହି ଅନନ୍ୟ ମିଳନ ଉତ୍ସବ ସମସ୍ତଙ୍କ ମନରେ ଅମଳିନ ସ୍ମୃତି ହୋଇ ରହିଯାଇଛି।

ବ୍ୟାସ ଫାଉଣ୍ଡେସନର ଚତୁର୍ଦ୍ଦଶ ପତ୍ରିକା ଓ ପ୍ରତିଭା ପୂଜନ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ



ପାରାଦୀପ (ଅମୃତ ମିଡିଆ) : ସେବା ଓ ଅଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ଅଗ୍ରଣୀ ସଂଗଠନ ବ୍ୟାସ ଫାଉଣ୍ଡେସନର ସପ୍ତମ ବାର୍ଷିକ ଉତ୍ସବ ତଥା ସଂଗଠନର ମୁଖପତ୍ର ଗୀତା ଜ୍ଞାନାଞ୍ଜନ ପତ୍ରିକାର ୧୪ ସଂଖ୍ୟାର ଶୁଭ ଉନ୍ମୋଚନ ଆସନ୍ତା ୨୩/୮/୨୦୨୬ ରବିବାର ଆୟଶାଳ ବାଲିକୁଦା ସ୍ଥିତ କଲ୍ୟାଣ ମଣ୍ଡପରେ କରାଯିବାକୁ ସ୍ଥିର କରାଯାଇଛି। ଏଥିପାଇଁ ସଂଗଠନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ଆବାହକତ୍ୱ ତଥା ମା କୁଡାମଚଣ୍ଡୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ଼ଃ.ପ୍ରସନ୍ନ କୁମାର ବାରିକ୍‌ଙ୍କ ସଭାପତିତ୍ୱରେ ଜଗତସିଂହପୁରସ୍ଥିତ ଚଣ୍ଡିପ୍ରଭା ମଣ୍ଡପ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସଂଗଠନର ପ୍ରମୁଖ ଉପଦେଷ୍ଟା ପଣ୍ଡିତ ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥୀ, ଡଃ.ନୀଳମଣି ପାଣି, ଅଧ୍ୟାପକ ତୁଷାର ଶିଖର ସ୍ୱାଇଁ, ମାମିନା ପଣ୍ଡା, ରଜନୀ କାନ୍ତ ପାଣି, ବଂଶୀଧର ସ୍ୱାଇଁ, ରଂଜନ କୁମାର ପ୍ରଧାନ, ଆକାଶ କୁମାର ପ୍ରଧାନ, ଶରତ ଚନ୍ଦ୍ର ଦାଶ, ନଗେନ୍ଦ୍ର ନାଥ ସ୍ୱାଇଁ, ଶିଶୁ ନୃତ୍ୟ ଶିକ୍ଷୀ ଆଦ୍ୟାଶ୍ୟା ପ୍ରିୟଦର୍ଶିନୀ ଓ ବ୍ୟାସ ବିଷ୍ଣୁ ସ୍ନେହାଳୟର ସଭାପତି ଡଃ. ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା, ଅବସରପ୍ରାପ୍ତ ଉଚ୍ଚଶିକ୍ଷା ସଚିବ ସହଦେବ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ନିଜସ୍ୱ ମତ ଉପସ୍ଥାପିତ କରିଥିଲେ। ସଂଗଠନର ନିୟମାନୁସାରେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ଖୋର୍ଦ୍ଧା (ଅମୃତ ମିଡିଆ) : ଆଜି ପୂର୍ବାହ୍ନରେ ଖୋରଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି। ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଏବଂ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁଶୋଉମ୍ ଦାସଙ୍କ ମିଳିତ ଅଧକ୍ଷତାରେ ଆଜିର ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋରଧା,ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋରଧା, ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋରଧା, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଏବଂ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ। ଆଜିର ଅଭିଯୋଗ ଶିବିରକୁ ମୋଟ ୧୦୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୯୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା। ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ଅଭିଯୋଗ ଶିବିରରେ ୦୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ, ସିଏସ ଓ, ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଅଧିକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ସମସ୍ତ ବିଡିଓ, ସମସ୍ତ ତହସିଲଦାର, ଡେପୁଟି କଲେକ୍ଟର,ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ, ଖୋରଧାଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ନିଦାବିଷ୍ଟୁ ସାଜିଲେ ସରକାର

ବେତନଟୀ (ଅମୃତ ମିଡିଆ) : ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ୨୦୧୬ ମସିହାଠାରୁ ୨୦୨୬ ମସିହା ଦଶବର୍ଷ ଧରି ରାଜ୍ୟସରକାରଙ୍କୁ ସିଧା ବହୁବାର ୯ ଦଫା ଦାବି ସମ୍ବଳିତ ପତ୍ର ଓ ସ୍ମାରକପତ୍ର ପ୍ରଦାନ କରିବା, କମ୍ୟୁଟେଡ ପେନସନ ସମୟସୀମା ହ୍ରାସ ଇତ୍ୟାଦି ପ୍ରମୁଖ ଦାବି ମାନ ରହିଅଛି। ତଥାପି ବିଗତ ସରକାର ବା ଏବେର ସରକାର ନିଦାବିଷ୍ଟୁ ହୋଇ ବସିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଜିଲାପାଳ, ଅତିରିକ୍ତ ଜିଲ୍ଲା ପାଳ ଓ ଜିଲ୍ଲାପାଳମାନଙ୍କ ଠାରେ ଦାଖଲ କରିଛି। ସଂଘର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଗଣ, ଭୁବନେଶ୍ୱର ପିଏମଜି. ଛକରେ ପ୍ରତ୍ୟେକ ବର୍ଷ ଧାରଣା ଦେଇ ଆସୁଛନ୍ତି। ଦାବି ମଧ୍ୟରେ ମୁଖ୍ୟତଃ, ଚକହା ଭଉା,ବାମା ବ୍ୟବସ୍ଥା, ବସ ଭଡାରେ ରିହାତି, ପେନସନ ବିଭାଗ ପୁଣିଥରେ ଚାଲୁ ଅଭିଯୋଗ ପ୍ରକୋଷ୍ଠରେ ଦାଖଲ ଦାବପତ୍ର ଉପରେ ସଂଘୀୟ କର୍ମକର୍ତ୍ତାଙ୍କୁ ଥରଟିଏ ଡକାଇ ସରକାର ଆଲୋଚନା କରୁନାହାନ୍ତି। ଏହାର ତୀବ୍ର ପ୍ରତିବାଦ କରିବାକୁ ଯାଇ ଆସନ୍ତା ଅଗଷ୍ଟ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ପିଏମ୍‌ଜି ଛକ ଭୁବନେଶ୍ୱର ଠାରେ ପରିଣତ ବୟସ୍କ ଅବସରପ୍ରାପ୍ତ ଶିକ୍ଷକ,କର୍ମଚାରୀଗଣ ଅହୋରାତ୍ର ଧାରଣା ଦେବାକୁ ଚରମ ନିଷ୍ପତ୍ତି ଗ୍ରହଣ କରିଅଛନ୍ତି। ଏଥି ନିମନ୍ତେ ଗତ ୧ ତାରିଖ ମାଛୁଆ ବଜାର, କଟକ ଠାରେ ରାଜ୍ୟ କମିଟି ବୈଠକରେ ଦୃଢ଼ ନିଷ୍ପତ୍ତି ହୋଇଥିବାର ଭକ୍ତ ବୈଠକରେ ଯୋଗ ଦେଇଥିବା, ବେତନଟୀ ବ୍ଲକ୍ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଠାରୁ ପ୍ରକାଶ। ଏହାକୁ ସଫଳ କରିବା ନିମନ୍ତେ ବେତନଟୀରୁ ଅନେକ ସଭ୍ୟଗଣ ୧୮ ଅଗଷ୍ଟରେ ଭୁବନେଶ୍ୱର ଯିବେ ବୋଲି ବ୍ଲକ୍ ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଜଣାଇଛନ୍ତି।

ପ୍ରଥମା ଫାଉଣ୍ଡେସନର ନିଆରା ବନ୍ଧୁତା ଦିବସ

ଗଛ ଲଗେଇ ବନ୍ଧୁ ବାନ୍ଧିଲେ, ସଂକଳ୍ପ ନେଲେ

ଜଗତସିଂହପୁର (ଅମୃତ ମିଡ଼ିଆ) : ପ୍ରଥମା ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସକୁ ନିଆରା

ଜିଲ୍ଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ

ପ୍ରଶାସନ ପକ୍ଷରୁ ଦିନରାତି ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ୩ ଅଗଷ୍ଟ ୨୦୨୬ ଅପରାହ୍ନ ୪.୦୦ଟା ସୁଦ୍ଧା ପ୍ରକାଶିତ ବନ୍ୟା ପରିସ୍ଥିତି ରିପୋର୍ଟ ଅନୁଯାୟୀ ଜିଲ୍ଲାର ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା ଓ ଡେରାବିଶ ସମେତ ୯ଟି ବ୍ଲକ ବନ୍ୟା ପ୍ରଭାବିତ ହୋଇଛି। ମୋଟ ୮୧ଟି ଗ୍ରାମ ପଞ୍ଚାୟତ, ୧୪୧ଟି ଗ୍ରାମ ଏବଂ ପଟ୍ଟାମୁଣ୍ଡାଇ ପୌରପାଳିକାର ୧୧ଟି ୱାର୍ଡ ବନ୍ୟା ପ୍ରଭାବିତ ହୋଇଥିବାବେଳେ ୭୯,୦୬୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ଆଜି ୧,୦୩୮ ଜଣଙ୍କୁ ସୁରକ୍ଷିତ ଭାବେ ରିଲିଫ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସୁଦ୍ଧା ୭ଟି ରିଲିଫ କେନ୍ଦ୍ରରେ ମୋଟ ୨,୧୪୯ ଜଣ ଆଶ୍ରୟ ଗ୍ରହଣ କରିଛନ୍ତି। ଖୋଲାଯାଇଥିବା ୮ଟି ମାଗଣା ରନ୍ଧାଖାଦ୍ୟ (ଫ୍ରି କିଚେନ୍) / ରିଲିଫ କେନ୍ଦ୍ର ମଧ୍ୟରୁ ୪ଟି ଆଜି କାର୍ଯ୍ୟକ୍ଷମ ରହିଥିଲା, ଯେଉଁଥିରେ ୧,୦୩୮ ଜଣ ହିତାଧିକାରୀଙ୍କୁ ରନ୍ଧାଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯାଇଛି। ମୋଟ ୨,୧୪୯ ଜଣ ହିତାଧିକାରୀ ଏହି ସୁବିଧା ପାଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ନିୟମିତ ଭାବେ ରିଲିଫ ସାମଗ୍ରୀ ବଣ୍ଟନ କରାଯାଉଛି। ଏପର୍ଯ୍ୟନ୍ତ ୨୭୧.୫୯ କ୍ୱିଣ୍ଟାଲ ଚାଉଳ, ୨୬.୮୮ କ୍ୱିଣ୍ଟାଲ ଚୁଡ଼ା ଏବଂ ୧୧ କ୍ୱିଣ୍ଟାଲ ଗୁଡ଼ ଚିନି ବଣ୍ଟନ କରାଯାଇଛି। ଏହାବ୍ୟତୀତ ୧୫୧ କାର୍ଟନ ବିସ୍କୁଟ, ୬.୫ କାର୍ଟନ ମହମବତୀ, ୬ କାର୍ଟନ ଦିଆସିଲି ଏବଂ ୩୫,୦୦୦ ବୋତଲ ପାନୀୟ ଜଳ ପ୍ରଭାବିତ ପରିବାରମାନଙ୍କୁ ବଣ୍ଟନ କରାଯାଇଛି। ଜିଲ୍ଲାରେ କୌଣସି ଲୋକଙ୍କ ମୃତ୍ୟୁ କିମ୍ବା ପଶୁଙ୍କ ମୃତ୍ୟୁ ହୋଇ ନାହିଁ। ତେବେ ବନ୍ୟା ଯୋଗୁଁ ୪୭,୬୩୧ଟି ପଶୁ ପ୍ରଭାବିତ ହୋଇଛନ୍ତି, ଯେଉଁଥିରେ ୩୩,୦୧୪ଟି ବଡ଼ ପଶୁ, ୧୪,୪୧୭ଟି ଛୋଟ ପଶୁ ଏବଂ ୨୦୦ଟି କୁକୁଡ଼ା ରହିଛନ୍ତି। ବନ୍ୟାଜଳ କମିବା ପରେ ଫସଲ କ୍ଷୟକ୍ଷତିର ଆକଳନ କରାଯିବ। ଘରବାଡ଼ି, ଭିତିଭୂମି, ବିଦ୍ୟୁତ ସେବା କିମ୍ବା ଗଛ ଉପୁଡ଼ିବା ସମ୍ବନ୍ଧୀୟ କୌଣସି କ୍ଷୟକ୍ଷତିର ଖବର ମିଳିନାହିଁ। ସ୍ୱାସ୍ଥ୍ୟ ଓ ପ୍ରାଣୀ ଚିକିତ୍ସା ସେବାକୁ ସୁଚାରୁ ରଖିବା ପାଇଁ ୧୬ଟି ମେଡିକାଲ ଟିମ୍ ଏବଂ ୯ଟି ଭେଟେରିନାରୀ ଟିମ୍ ବନ୍ୟା ପ୍ରଭାବିତ ଅଞ୍ଚଳରେ ନିୟୋଜିତ ରହିଛନ୍ତି। ଉଦ୍ଧାର ଓ ଯାତାୟାତ ସୁବିଧା ପାଇଁ ୨ଟି ଏସ୍.ଆରସି. ପାୱାର ବୋଟ୍, ୫୧ଟି ଦେଶୀ ଡଙ୍ଗା ଏବଂ ୧୫ଟି ଯାନ୍ତ୍ରିକ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି। ବର୍ତ୍ତମାନ ବନ୍ୟାଜଳରେ ବୁଡ଼ି ରହିଥିବାରୁ ୬୧ଟି ରାସ୍ତାରେ ଯାତାୟାତ ବିଚ୍ଛିନ୍ନ ରହିଛି। ଜଳସ୍ତର ହ୍ରାସ ପାଇବା ପରେ ତୁରନ୍ତ ରାସ୍ତା ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବ। ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସତର୍କ ରହି ବନ୍ୟା ପରିସ୍ଥିତି ଉପରେ ଚବିଶ ଘଣ୍ଟା ନଜର ରଖିଛି। ସମସ୍ତ ବିଭାଗ ପରସ୍ପର ସମନ୍ୱୟ ରକ୍ଷା କରି ରିଲିଫ, ଉଦ୍ଧାର, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ସୁନିଶ୍ଚିତ କରୁଛନ୍ତି। ଜନସାଧାରଣଙ୍କୁ ସତର୍କ ରହିବା, ପ୍ରଶାସନର ପରାମର୍ଶ ପାଳନ କରିବା ଏବଂ ପ୍ରଶାସନକୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଉଛି।

ହୀରାକୁଦ ଜଳଭଣ୍ଡାରରୁ ନିଷ୍କାସନ ହେଉଛି ବନ୍ୟାଜଳ

ବୃଦ୍ଧି ପାଇବ ମହାନଦୀ ଜଳସ୍ତର

କଟକ (ବ୍ୟୁରୋ) : ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଆଜି ସକାଳ ୯ଟା ସୁଦ୍ଧା ଡ୍ୟାମ୍‌ର ମୋଟ ୨୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ବର୍ତ୍ତମାନ ହୀରାକୁଦର ଜଳସ୍ତର ୬୨୪ ଫୁଟ୍ ରେ ରହିଥିବା ବେଳେ ସେକେଣ୍ଡକୁ ହାରାହାରି ୨ ଲକ୍ଷ ୩୭ ହଜାର ଘନଫୁଟ ଜଳ ପ୍ରବେଶ କରୁଛି। ସେହିପରି ଖୋଲାଥିବା ଗେଟ୍ ଗୁଡ଼ିକ ଦେଇ ୩ ଲକ୍ଷ ୮୬ ହଜାର କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ୩ଦିନ ତଳେ ହୀରାକୁଦ ଛାଡିଥିବା ବନ୍ୟାଜଳ ଆଜି ସଂଧ୍ୟା ସୁଦ୍ଧା ମୁଣ୍ଡଳୀରେ ପହଞ୍ଚିବ। ତେଣୁ ମହାନଦୀ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇବ। ତେବେ ଅତି ବେଶିରେ ମୁଣ୍ଡୁଳିରେ ୬ ଲକ୍ଷରୁ ୭ ଲକ୍ଷ ପର୍ଯ୍ୟନ୍ତ ପାଣି ଚାଲିପାରେ। ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତଙ୍କ କହିବାନୁସାରେ ମହାନଦୀରେ ଏବେ ବନ୍ୟା ଆଶଙ୍କା ନାହିଁ। ସବୁ ନଦୀରେ ଜଳସ୍ତର କମିବା ସହ ବିପଦ ସଙ୍କେତ ତଳେ ରହିଛି। ମହାନଦୀରେ ବନ୍ୟା ସଙ୍କଟ ଚଳିଥିଲେ ମଧ୍ୟ ବିଭିନ୍ନ ତଳି ଅଞ୍ଚଳରେ ପାଣି ପଶିଛି। କଟକର ବାଙ୍କୀ, ତିଗିରିଆ, ଆଠଗଡ଼, ଜଗତସିଂହପୁରର କୁଜଙ୍ଗ, ତିର୍ତ୍ତୋଲ, କେନ୍ଦ୍ରାପଡ଼ାର ବିଭିନ୍ନ ବ୍ଲକର ତଳି ଅଞ୍ଚଳ, ପୁରୀର କଣାସ, ଖୋର୍ଦ୍ଧାର କେତେକ ଅଞ୍ଚଳରେ ପାଣି ପଶିଛି। ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡ଼ିଯିବା ସମ୍ଭାବନା ଅଛି। ବନ୍ୟା ଛାଡ଼ିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆକଳନ ପରେ ତୁରନ୍ତ ଘର ଭଙ୍ଗା ଆଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବେତନଟୀ (ଅମୃତ ମିଡିଆ) : ବୌଶିଙ୍ଗା ଠାରେ ଥିବା ମୁନିଲାଲ ସରକାରୀ ଉଚ୍ଚ ବିଦ୍ୟାଳୟର କନିଷ୍ଠ ସହାୟକ (ଜୁନିୟର କ୍ଲର୍କ) ବିଜୟ କୁମାର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଏସଏମସି ସଦସ୍ୟ ମାନଙ୍କ ତରଫରୁ ଅବସର ନେଇଥିବା ବିଜୟ କୁମାର ଦାସଙ୍କୁ ଉପଢୌକନ ଓ ଉପହାର ପ୍ରଦାନ କରାଯାଇଥିଲା ଏବଂ ତାଙ୍କର ସୁଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା। ଏହା ସହିତ ମୁନିଲାଲ ଉଚ୍ଚ ବିଦ୍ୟାଳୟରୁ ପାଟଳିପୁରା ଉଚ୍ଚ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ପଦୋନ୍ନତି ପାଇଥିବା ନିବେଦିତା ବାରିକଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ରବୀନ୍ଦ୍ର ପରିଡା। ଏଥିରେ ମେର୍ଦ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ହେମ୍ବ୍ରମ, ପ୍ରାକ୍ତନ ଶିକ୍ଷକ ବିଜୟ କୁମାର ରାଉତ, ଶଶଧର ବାରିକ, ବୃନ୍ଦାବନ ମହାପାତ୍ର, ଯୁଧିଷ୍ଠିର ସାହୁ ଓ ପିଅନ ସୁରେନ୍ଦ୍ର ପ୍ରଧାନ ଓ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦାନ କରିଥିଲେ।

ଜାମିନରେ ଆସିଥିବା ନିଲମ୍ବିତ ଅଧ୍ୟକ୍ଷଙ୍କ ଦବଙ୍ଗଗିରି

କଲେଜ ଆଲମିରାରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇ ଫେରାର

ରଘୁନାଥପୁର (ଅମୃତ ମିଡିଆ) : ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଆରୁପାନନ୍ଦ ଡିଗ୍ରୀ କଲେଜର ନିଲମ୍ବିତ ଅଧ୍ୟକ୍ଷ ଦୟାନିଧି ରାଉତରାୟ ସହକର୍ମୀ ଅଧ୍ୟାପିକା, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ଜେଲ ଯାଇଥିଲେ। ଜେଲରୁ ଜାମିନରେ ଆସି ଗତ ଶନିବାର ସକାଳୁ ପିଅନ ରବୀନ୍ଦ୍ର ଦାସ ଓ ଦେତାରି ଜେନାଙ୍କ ଉପସ୍ଥିତିରେ ବଳପୂର୍ବକ ଦୁଇଟି ଆଲମିରା ଖୋଲି ସେଥିରେ ଥିବା ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଦୁଇଟି ବ୍ୟାଗରେ ନେଇଯାଇଥିବା ଦାୟୀତ୍ୱରେ ଥିବା ଅଧକ୍ଷ ଭଗବାନ ଦାସ ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନିଲମ୍ବିତ ଅଧକ୍ଷ ରାଉତରାୟଙ୍କ ପାଖରେ ସମସ୍ତ ଚାବି ରହିଥିବା ଓ ଅଦ୍ୟାବଧି ସେ କୌଣସି କାଗଜ ପତ୍ର ନୂତନ ଅଧକ୍ଷଙ୍କୁ ହସ୍ତାନ୍ତର କରିନଥିବା ନୂତନ ଅଧକ୍ଷ ଦାସ ପ୍ରକାଶ କରିଛନ୍ତି। କଲେଜର ପିଅନ ରବୀନ୍ଦ୍ର ଦାସ ଉପଜିଲ୍ଲାପାଳଙ୍କ ନିଲମ୍ବନ ଆଦେଶ ଓ ନୂତନ ଅଧକ୍ଷଙ୍କୁ ଦାଇତ୍ୱ ହସ୍ତାନ୍ତର କରିବା ଚିଠି ରାଉତରାୟଙ୍କୁ ପ୍ରଦାନ କରିଥିଲେ ବି ସେ ଏହାକୁ ଗ୍ରହଣ କରିନଥିଲେ।ଜଣେ ନିଲମ୍ବିତ କର୍ମଚାରୀ ନିୟମାନୁଯାୟୀ କଲେଜ ଭିତରକୁ ପ୍ରବେଶ କରିବାର ଅନୁମତି ନଥିବାବେଳେ ପିଅନ ଦ୍ୱୟ କଲେଜ ଖୋଲି ସଫାସଫି କରିବା ସମୟରେ ଜୋର ଜବରଦସ୍ତ ଏପରି କରିଥିବା ଦାୟୀତ୍ୱରେ ଥିବା ଅଧକ୍ଷ ଦାସ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିବା ଏବଂ ତଦନ୍ତ ଜାରି ରହିଥିବାର ଆଇଆଇସି ପ୍ରେମଜିତ ଦାସ ପ୍ରକାଶ କରିଛନ୍ତି।

ଥାନାରେ ଅଭିଯୋଗ

ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟବଣ୍ଟନ

ରଘୁନାଥପୁର (ଅମୃତ ମିଡିଆ) : ମହାନଦୀରେ ବନ୍ୟା ଜଳ ପ୍ରବାହିତ ହେବା ପରେ ରଘୁନାଥପୁର ବ୍ଲକ ପୁରଣ ଓଡ଼ପଡ଼ା ଗ୍ରାମପଞ୍ଚାୟତର ପୁରଣ ଗ୍ରାମରେ ଥିବା ମଝିସାହି ଆଦିବାସୀ ଲୋକ ମାନେ ପାଇକା ନଦୀ ବର୍ଦ୍ଧିଲା ପାଣିରେ ପ୍ରଭାବିତ ହୋଇଥିଲେ। ଫଳରେ ଗତ ତିନି ଦିନ ଧରି ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ନାକେଦମ୍ ହେବାକୁ ପଡ଼ିଥିଲା। ବ୍ଲକ୍ ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ରନ୍ଧା ଖାଦ୍ୟ ଦିଆ ଯାଇଥିବା ବେଳେ ଆଜି ପୁରଣ ଓଡ଼ପଡ଼ା ପଞ୍ଚାୟତ ମହିଳା ଫେଡେରେସନ ପକ୍ଷରୁ ବିପନ୍ନ ଲୋକ ଓ ପିଲାମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଫେଡେରସନ ପକ୍ଷରୁ ସିଆରପି ବନ୍ଦିତା ଷଡ଼ଙ୍ଗୀ ଓ ସିଆରପି ନିହାରିକା ବେହେରା ପ୍ରମୁଖ ବିପନ୍ନ ଅଂଚଳରେ ପହଞ୍ଚି ଏହି ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।

ବାବା ଧବଳେଶ୍ୱରଙ୍କ ପୀଠରେ ଜଳଲାଗିକୁ ନେଇ ଦ୍ୱନ୍ଦ୍ୱରେ କାଉଡିଆ



କଟକ (ବ୍ୟୁରୋ) : ଶ୍ରାବଣର ପ୍ରଥମ ସୋମବାରରେ ବାବା ଧବଳେଶ୍ୱରଙ୍କ ପୀଠରେ ଜଳ ଲାଗିକୁ ନେଇ ଦ୍ୱନ୍ଦ୍ୱ। ମହାନଦୀରେ ବନ୍ୟା ପାଇଁ ଦର୍ଶନ ଓ ଜଳଲାଗି ଉପରେ ଲାଗିଛି କଟକଣା। ଧବଳେଶ୍ୱର ପୀଠକୁ ନଯିବା ଲାଗି ଭକ୍ତଙ୍କୁ ବାରଣ । ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଏଭଳି କଟକଣା ବଳବତ୍ତର ରହିବ ବୋଲି କଟକ ଜିଲ୍ଲା ପ୍ରଶାସନ କଟକଣା ଜାରି ହୋଇଥିଲା। କଟକଣା ପାଇଁ ଦ୍ୱନ୍ଦ୍ୱ ହଜାର ହଜାର କାଉଡ଼ିଆ। କାଲି ବାବା ଧବଳେଶ୍ୱରଙ୍କୁ କେମିତି କରିବେ ଜଳଲାଗି। କାଉଡ଼ିଆଙ୍କ ସହ ଶ୍ରଦ୍ଧାଳୁ ଓ ମନ୍ଦିର ପୂଜକ ସମାଜ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଜଳଲାଗି ଓ ଦର୍ଶନ ସମ୍ପର୍କରେ ପ୍ରଶାସନର ପରବର୍ତ୍ତୀ ନିଷ୍ପତ୍ତିକୁ ସମସ୍ତେ ଅପେକ୍ଷା କରିଛନ୍ତି। ସୂଚନା ଅନୁଯାୟୀ, ମହାନଦୀରେ ବନ୍ୟା ସ୍ଥିତି ଯୋଗୁଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଗଷ୍ଟ ୩ ତାରିଖ ଯାଏ କଟକଣା ଜାରି ହୋଇଥିଲା। ଫଳରେ ଆଠଗଡ଼ ବାବା ଧବଳେଶ୍ୱର ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାରର ଜଳଲାଗିକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ରାତି ପାହିଲେ ଶ୍ରାବଣର ପ୍ରଥମ ସୋମବାର ଥିବାରୁ ବନ୍ୟା ପରିସ୍ଥିତି ଓ ପ୍ରଶାସନିକ କଟକଣା କାରଣରୁ କାଉଡ଼ିଆ, ଶ୍ରଦ୍ଧାଳୁ ଓ ପୂଜକ ସମାଜ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଜଳଲାଗି ଓ ଦର୍ଶନ ସମ୍ପର୍କରେ ପ୍ରଶାସନର ପରବର୍ତ୍ତୀ ନିଷ୍ପତ୍ତିକୁ ସମସ୍ତେ ଅପେକ୍ଷା କରିଛନ୍ତି।

ମୁଖ୍ୟ କାର୍ଯ୍ୟନିର୍ବାହୀ ସରୋଜ ରାଉତ ସମ୍ମାନିତ

ମାହାଙ୍ଗା (ଅମୃତ ମିଡ଼ିଆ) : ମାହାଙ୍ଗା ବ୍ଲକ କୁଣ୍ଡି ଗ୍ରାମ ପଞ୍ଚାୟତର ଯୁବ ସମାଜସେବୀ ଏସ ଅର୍ କନଷ୍ଟ୍ରକ୍ସନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ସରୋଜ ରାଉତ୍‌ଙ୍କୁ କାଞ୍ଚନ ଫାଉଣ୍ଡେସନ ପକ୍ଷରୁ ନେସନାଲ କ୍ୱାଇମେଟ ସମ୍ମାନରେ ସମ୍ମାନିତ କରାଯାଇଛି। ଏହା ବ୍ୟତୀତ ଭାରତୀୟ କନଷ୍ଟ୍ରକ୍ସନ ସଂଘ ପକ୍ଷରୁ ମଧ୍ୟ ଅନ୍ୟ ଏକ ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ଠାରେ ଏକ କାର୍ଯ୍ୟକ୍ରମରେ ଭାରତୀୟ ପାଣିପାଗ ବିଭାଗ ମୁଖ୍ୟ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ଶ୍ରୀଯୁକ୍ତ ରାଉତ୍‌ଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ନାଲକୋର ଚେୟାରମ୍ୟାନ ଆଶୁତୋଷ ରଥ, ଉଦୟଶଙ୍କର ସିଂ ବିଶ୍ୱ ଯୁବକ ସଂଘର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଉପସ୍ଥିତ ଥିଲେ।ସରୋଜ ମାହାଙ୍ଗା ତଥା ଭୁବନେଶ୍ୱର ଥରେ ବୃକ୍ଷ ରୋପଣ ସହିତ ବିଭିନ୍ନ ସମାଜସେବା କରି ବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟ ରେ ନିୟୋଜିତ ରହି ଥାଆନ୍ତି। ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ମାହାଙ୍ଗାରେ ଖୁସି ପ୍ରକାଶ ପାଇଛି।

ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଙ୍ଘର ୨ ବ୍ଲକ ସଭାପତି ନିଯୁକ୍ତ



କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଙ୍ଘ ଗରଦପୁର ବ୍ଲକ ସଭାପତି ଭାବେ ନରୋତ୍ତମ ପରିଡ଼ା ଏବଂ ପଟାମୁଣ୍ଡାଇ ବ୍ଲକ ସଭାପତି ଭାବେ ନିରଞ୍ଜନ ସୁନ୍ଦରରାୟଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ମହାସଙ୍ଘକୁ ଜିଲ୍ଲାରେ କ୍ରିୟାଶୀଳ କରିବା ପାଇଁ ଜିଲ୍ଲା ସଭାପତି ଶରତ କୁମାର ବେହୁରା ସେମାନଙ୍କୁ ମନୋନୀତ କରିଛନ୍ତି। ଗରଦପୁର ବ୍ଲକ ଓ ପଟାମୁଣ୍ଡାଇ ବ୍ଲକରେ ସଂଗଠନ କିପରି ମଜଭୁତ ହୋଇପାରିବ ସେଥିପାଇଁ ଉଭୟ ସଭାପତି ସାଂଗଠନିକ କାର୍ଯ୍ୟକୁ ଆଗେଇ ନେବେ ବୋଲି ଜିଲ୍ଲା ସଭାପତି ଶ୍ରୀ ବେହୁରା ଗଭୀର ଆଶାବ୍ୟକ୍ତ କରିଛନ୍ତି। ନବ ନିଯୁକ୍ତ ବ୍ଲକ ସଭାପତି ଦ୍ୱୟଙ୍କୁ ସଂଗଠନ ପକ୍ଷରୁ ସାଧାରଣ ସଂପାଦକ ସୁମନ୍ତ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଗୋଲଖ ଚନ୍ଦ୍ର ପଢିଆରୀ, ଚନ୍ଦନ ପରିଡା, ସୁଶିଲ ସାମଲ, ସଂଗ୍ରାମ ଜେନା, ତରୁଣ ପ୍ରଧାନ, ସୁକାନ୍ତ ରାଉତ, ପୀତବାସ ବେହେରା, ଭାଗିରଥି ଜେନା, ଧନେଶ୍ୱର ରାଉତ, ରାଜ୍ୟ ଆବାହକ ସୁଧାଂଶୁ ବେହୁରା, ରଞ୍ଜନ କୁମାର ନାୟକ, ରାଜେନ୍ଦ୍ର ରାଉତରାୟ, ଡ. ଚୈତନ୍ୟ ଚରଣ ପରିଡା, ରାଜକିଶୋର ମହାନ୍ତି, ଗୋଲଖ ଚନ୍ଦ୍ର ପରିଡା, ଅଶୋକ ନାୟକ,ଚିତ୍ତରଞ୍ଜନ ବଳ, କଳ୍ପନା ଲେଙ୍କା, କାମିନୀ ଜେନା, ମଞ୍ଜୁଲତା ସାମଲ, ବୀଣାପାଣି ରାଉତ ଓ ତମସା ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇ ଅଛନ୍ତି।

ସ୍ୱନାମଧନ୍ୟ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



ରଘୁନାଥପୁର (ଅମୃତ ମିଡିଆ) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ଖରିପଡିଆ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ତଥା ଅଞ୍ଚଳର ସୁନାମଧନ୍ୟ ଶିକ୍ଷକ ଅଦ୍ୱୈତ ପ୍ରସାଦ ବଡ୍ଡିଆ ଗତ ଜୁଲାଇ ମାସରେ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏଥି ନିମନ୍ତେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ରୁଦ୍ରେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ୍ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ବଡ୍ଡିଆ ସାର୍ ଜଣେ ଆଦର୍ଶ ଶିକ୍ଷକ ଥିଲେ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରାକ୍ତନ ନିର୍ଦ୍ଦେଶକ ବିଶ୍ୱଜିତ୍ ଘୋଷ୍ ଯୋଗଦେଇ ବଡ୍ଡିଆ ସାର୍ ଜଣେ ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ୍ ମାଧ୍ୟମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ସର୍ବ ଶିକ୍ଷକ ଅଭିଯାନ ପ୍ରାକ୍ତନ

ଚାଷୀଙ୍କ ଆୟ ବୃଦ୍ଧି ସହ ଶକ୍ତିଶାଳୀ ହେଉଛି ଗ୍ରାମୀଣ ଅର୍ଥନୀତି

୯୫ଟି ଗ୍ରାମର ୧,୦୦୦ରୁ ଅଧିକ କୃଷକ ଉପକୃତ

ଭୁବନେଶ୍ୱର (ବ୍ୟୁରୋ) : କୃଷକଙ୍କୁ ସଂଗଠିତ କରି କୃଷି ଉତ୍ପାଦନ ବୃଦ୍ଧି ସହିତ ବଜାର ସଂଯୋଗକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଗୁଣୁପୁର ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ୍। ରାୟଗଡା ଜିଲ୍ଲାର ଗୁଣୁପୁର ବ୍ଲକ୍‌ରେ ୨୦୨୦ ମସିହାରେ ପ୍ରତିଷ୍ଠିତ ଏହି କମ୍ପାନୀ ଆଜି ଗ୍ରାମୀଣ କୃଷି ଉନ୍ନୟନର ଏକ ସଫଳ ମଡେଲ୍ ଭାବେ ପରିଚିତ ହୋଇଛି। ପ୍ରାୟ ୧୯୫ଟି ଗ୍ରାମର ୩,୭୦୫ ଏକର ଚାଷଜମିକୁ ନେଇ କାର୍ଯ୍ୟ କରୁଥିବା ଏହି ଏଫପିଓର ପ୍ରମୁଖ ଉତ୍ପାଦ ହେଉଛି ମାଣ୍ଡିଆ (ରାଗି), ବାଜରା, ଡାଲି ଓ ପନିପରିବା। ଚାଷୀଙ୍କଠାରୁ ସାମୂହିକ ଭାବେ ଏହି ଉତ୍ପାଦ ସଂଗ୍ରହ କରାଯାଇ ବଜାରରେ ବିକ୍ରୟ କରାଯାଉଥିବାରୁ କୃଷକମାନେ ଉଚିତ ଦର ପାଇବା ସହିତ ସେମାନଙ୍କ ଆୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ମାତ୍ର ୧୦ ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ କରିଥିବା ଏହି ସଂଗଠନ ଆଜି ୬୩୦ରୁ ଅଧିକ ଅଂଶୀଦାରଙ୍କ ସହିତ ୯୫ଟି ଗ୍ରାମର ୧,୦୦୦ରୁ ଅଧିକ କୃଷକଙ୍କୁ ବିଭିନ୍ନ କୃଷି ସେବା ଯୋଗାଇ ଆସୁଛି। ପ୍ରାରମ୍ଭିକ ସମୟରେ ବାର୍ଷିକ କାରବାର ମାତ୍ର ୪.୯୩ ଲକ୍ଷ ଟଙ୍କା ଥିବାବେଳେ ୨୦୨୩–୨୪ରେ ଏହା ବୃଦ୍ଧି ପାଇ ୨୩ ଲକ୍ଷ ୬ ହଜାର ୨୧୫ ଟଙ୍କାରେ ପହଞ୍ଚିଛି। କୃଷକଙ୍କ ଆୟ ବୃଦ୍ଧି ଓ ବଜାର ସଂଯୋଗକୁ ମଜବୁତ କରିବା ପାଇଁ ଏହି ଏଫପିଓ TDCCOL ସହଯୋଗରେ ଚାଷୀଙ୍କଠାରୁ ମାଣ୍ଡିଆ, ବାଜରା ଓ ହଳଦୀ ସଂଗ୍ରହ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରାଯାଉଥିବାରୁ ସ୍ଥାନୀୟ ବଜାର ତୁଳନାରେ ୧୦ରୁ ୧୫ ପ୍ରତିଶତ ଅଧିକ ମୂଲ୍ୟ ପାଉଛନ୍ତି। ଏପର୍ଯ୍ୟନ୍ତ ପ୍ରାୟ ୩୦ ହଜାର କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଥିବାବେଳେ ବାଜରା, ଡାଲି, ହଳଦୀ, ପନିପରିବା ଓ ଧାନ ଭଳି ବିଭିନ୍ନ ଉତ୍ପାଦକୁ ସ୍ଥାନୀୟ ମଣ୍ଡି ଓ ହୋଲସେଲ ବ୍ୟବସାୟୀଙ୍କ ସହ ସିଧାସଳଖ ସଂଯୋଗ କରାଯାଇଛି। ବର୍ତ୍ତମାନ ତିନିଜଣ ହୋଲସେଲ ବ୍ୟବସାୟୀଙ୍କ ସହ ନିୟମିତ ବ୍ୟବସାୟିକ ସମ୍ପର୍କ ରହିଛି। ‘ଶ୍ରୀଅନ୍ନ ଅଭିଯାନ’ ଅଧୀନରେ କୃଷକଙ୍କୁ ପ୍ରମାଣିତ ବିହନ, ଜୈବ ସାର ଓ ସୂକ୍ଷ୍ମ ପୋଷକ ତତ୍ତ୍ୱ ଯୋଗାଇ ଦିଆଯାଉଛି। ନାବାର୍ଡ, ରାଜ୍ୟ କୃଷି ବିଭାଗ, KRIBHCO, NAFED ଓ CBBOଙ୍କ ନିରନ୍ତର ସହଯୋଗରେ ଏହି ଏଫପିଓର ବ୍ୟବସାୟିକ କାର୍ଯ୍ୟକଳାପ ଅଧିକ ସଶକ୍ତ ହୋଇଛି। ସେହିପରି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ‘ସେଣ୍ଟର ଅଫ୍ ଏକ୍ସିଲେନ୍ସ’, କୃଷି ବିଜ୍ଞାନ କେନ୍ଦ୍ର ସହଯୋଗରେ କୃଷକମାନଙ୍କୁ ନିୟମିତ ପ୍ରଶିକ୍ଷଣ, ବୈଷୟିକ ପରାମର୍ଶ ଓ ଆଧୁନିକ କୃଷି ଯନ୍ତ୍ରପାତି ସୁବିଧା ମିଳୁଛି। ମେଗା ଲିଫ୍ଟ ଇରିଗେସନ୍ ପ୍ରକଳ୍ପ ଅଧିନରେ ସ୍ଥାପିତ କଷ୍ଟମ ହାୟରିଂ ସେଣ୍ଟର ମାଧ୍ୟମରେ ମିନି ଟିଲର, ସିଡ୍ ଡ୍ରିଲ୍, ପାୱାର ୱିଡର, ସ୍ପ୍ରେୟର ଓ ଥ୍ରେସର ଭଳି କୃଷି ଯନ୍ତ୍ରପାତି କୃଷକଙ୍କୁ କମ ଭଡ଼ାରେ ଉପଲବ୍ଧ କରାଯାଉଛି। ଏହାଫଳରେ କୃଷକଙ୍କ ଚାଷ ଖର୍ଚ୍ଚ କମିବା ସହ କୃଷି କାର୍ଯ୍ୟରେ ଯାନ୍ତ୍ରିକୀକରଣକୁ ଶକ୍ତି ମିଳିଛି। ଆରମ୍ଭରେ ସଚେତନତାର ଅଭାବ, ପୁଞ୍ଜି ସମସ୍ୟା, କୋଭିଡ୍–୧୯ ମହାମାରୀ, ଶୀତଳ ଭଣ୍ଡାର, ପରିବହନ ସମସ୍ୟା ଓ ଅମଳ ପରବର୍ତ୍ତୀ ପରିଚାଳନା ଭଳି ବହୁ ସମସ୍ୟା ରହିଥିଲେ ମଧ୍ୟ ଦୂରଦର୍ଶୀ ପରିକଳ୍ପନା ଓ ସାମୂହିକ ଉଦ୍ୟମ ବଳରେ ଏହି ସମସ୍ତ ବାଧାକୁ ସଫଳତାର ସହ ଅତିକ୍ରମ କରିଛି ଏହି ସଂସ୍ଥା। ସାମୂହିକ କୃଷି ବିକାଶ, ବଜାରମୁଖୀ କୃଷିର ପ୍ରୋତ୍ସାହନ ଓ ବ୍ୟବସାୟିକ ସଫଳତା ପାଇଁ ଗୁଣୁପୁର ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡକୁ ଓୟୁଏଟି ପକ୍ଷରୁ ‘ସର୍ବଶ୍ରେଷ୍ଠ ବିଜନେସ୍ ଆଓ୍ୱାର୍ଡ’ ପ୍ରଦାନ କରାଯାଇଛି। ଆଗାମୀ ଦିନଗୁଡ଼ିକରେ ଜୈବ ଚାଷର ସମ୍ପ୍ରସାରଣ, ଅଧିକ ସଂଖ୍ୟକ କୃଷକଙ୍କୁ ସଦସ୍ୟଭୁକ୍ତ କରିବା, ମିଲେଟ୍ ଉତ୍ପାଦନ, ପ୍ରକ୍ରିୟାକରଣ ଓ ବିପଣନ କେନ୍ଦ୍ର ଭାବେ ବିକଶିତ କରିବା ସହ କୃଷକଙ୍କ ଆୟକୁ ଆହୁରି ବୃଦ୍ଧି କରି ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବା ଲକ୍ଷ୍ୟ ରହିଛି।

ବିକଶିତ ଭାରତ -ଜୀ ରାମ୍ ଜୀ ଶୀର୍ଷକ କର୍ମଶାଳା

ଭୁବନେଶ୍ୱର (ବ୍ୟୁରୋ) : ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ, କ୍ଷେତ୍ର କାର୍ଯ୍ୟାଳୟ କେନ୍ଦୁଝର ପକ୍ଷରୁ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଧୀନ ଚକ୍ଷକୁଣ୍ଡାପାଳ ଗ୍ରାମ ପଂଚାୟତଠାରେ ବିକଶିତ ଭାରତ -ଜୀ ରାମ ଜୀ ଆଇନ - ୨୦୨୫ ଶୀର୍ଷକ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସୂଚନାଧର୍ମୀ ବିଷୟବସ୍ତୁ ସ୍ଥାନ ପାଇଥିଲା। ତେବେ ଆଜିର ଏହି କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଲ କୁମାର ନାଏକ ମୁଖ୍ୟ ଅତିଥି ଭାବେଯୋଗ ଦେଇଥିବା ବେଳେ ସ୍ଥାନୀୟ ସରପଞ୍ଚ ରକ୍ଷାମଣୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ବିଶ୍ୱଜିତା ନାୟକ, ଇର, ପାଟଣା ବ୍ଲକ, ଶୁଭାସ୍ମିତା ନାୟକ, ନାଏବ ସରପଞ୍ଚ, ଶୁଭଶ୍ରୀ ସେଠି, କେନ୍ଦୁଝର ସାଂସଦ ପ୍ରତିନିଧି ହରିହର ମହନ୍ତ, ସମାଜସେବୀ ଲକ୍ଷ୍ମୀଧର ନାୟକ, ୱାର୍ଡମେମ୍ବର ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଗ୍ରାମବାସୀ ଏବଂ ମା'ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ କାର୍ଯ୍ୟକ୍ରମ କୁ ଅନୁଷ୍ଠାନିକ ଭାବେ ଉଦଘାଟନ କରି ବିଧାୟକ ଶ୍ରୀ ନାୟକ ଭାରତ ସରକାରଙ୍କ ବିଭିନ୍ନ ଯୋଜନା ଦ୍ୱାରା ସାଧାରଣ ଜନତାଙ୍କ କିଭଳି ଉନ୍ନତି ହୋଇପାରୁଛି ଓ ବିକଶିତ ଭାରତ -ଜୀ ରାମ ଜୀ ଆଇନ -୨୦୨୫ କିଭଳି ଲୋକଙ୍କୁ ସହାୟକ ହେବ ସେ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ। ସେ ଜନଜାତି ଭାଇ ଭଉଣୀଙ୍କ ପ୍ରଗତି ଲାଗି କେନ୍ଦ୍ର ସରକାର ପ୍ରଣୟନ କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ତେବେ ଆଜିର ଏହି କାର୍ଯ୍ୟକ୍ରମରେ ଗତକାଲି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଏହି ଅବସରରେ ପୁରସ୍କୃତ କରିଥିଲେ। କେନ୍ଦୁଝର ସିବିସିର ସହକାରୀ ନିର୍ଦ୍ଦେଶକ ପାର୍ଥସାରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଦୀପ କୁମାର ନାୟକ ସହଯୋଗ କରିଥିଲେ। ଆଜି ଏହି ଅବସରରେ ସୂଚନାଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ବହୁ ସଂଖ୍ୟାରେ ମହିଳା ଓ ସ୍ଥାନୀୟ ଗ୍ରାମବାସୀ ସାମିଲ ହୋଇଥିଲେ।

ସିନିୟର୍ ବ୍ୟାଙ୍କର୍ସ ଫୋରମ୍ ୨୦୨୬–୨୮ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର (ବ୍ୟୁରୋ) : ଭୁବନେଶ୍ୱରରେ କାର୍ଯ୍ୟ କରୁଥିବା ଭାରତର ସମସ୍ତ ବ୍ୟବସାୟିକ ବ୍ୟାଙ୍କ, ରିଜର୍ଭ ବ୍ୟାଙ୍କ, ନାବାର୍ଡ, ଏବଂ ଅନ୍ୟାନ୍ୟ ପ୍ରାଇଭେଟ ବ୍ୟାଙ୍କର ଅବସର ପ୍ରାପ୍ତ ଉଚ୍ଚାଧିକାରୀ ସଦସ୍ୟମାନଙ୍କୁ ନେଇ ଗଠିତ ସିନିୟର ବ୍ୟାଙ୍କର୍ସ ଫୋରମ, ଭୁବନେଶ୍ୱରର ବାର୍ଷିକ ସାଧାରଣ ଅଧିବେଶନ ୨୯ ଜୁଲାଇ ବୁଧବାର, ହୋଟେଲ ଏଂମ୍ବାୟାରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଫୋରମର ସଭାପତି ଅମୃତନାଥ ମହାନ୍ତି ସଭାପତିତ୍ୱ କରିଥିଲେ। ସମ୍ପାଦକ ଈଶ୍ୱର ଚନ୍ଦ୍ର ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଫୋରମର ବାର୍ଷିକ ମୁଖପତ୍ର ‘ଦ ସେବାଫରିୟାନ -୨୦୨୬’ ଉନ୍ମୋଚିତ ହୋଇଥିଲା। କୋଷାଧ୍ୟକ୍ଷ ଅଜିତ କୁମାର ଲେଙ୍କା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଫୋରମର ବାଲାନ୍ସ ସିଟ୍ ଉପସ୍ଥାପିତ କରିଥିଲେ। ଏହାପରେ ୨୦୨୬-୨୮ ଅବଧି ପାଇଁ ଫୋରମର ବିଭିନ୍ନ ପଦପଦବୀ ନିମନ୍ତେ ବରିଷ୍ଠ ସଦସ୍ୟ ଭୋଳାନାଥ ବେହେରାଙ୍କ ପରିଚାଳନାରେ ଆନୁଷ୍ଠାନିକ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ଅମୃତନାଥ ମହାନ୍ତି ସଭାପତି, ଡକ୍ଟର ମନୋରଞ୍ଜନ ଭୂୟାଁ ଉପସଭାପତି, ଈଶ୍ୱର ଚନ୍ଦ୍ର ରଥ ସାଧାରଣ ସମ୍ପାଦକ, ଦେବେନ୍ଦ୍ର କୁମାର ନନ୍ଦ ଯୁଗ୍ମ ସମ୍ପାଦକ, ଅଜିତ କୁମାର ପରିଜା କୋଷାଧ୍ୟକ୍ଷ ଏବଂ ପରିଚାଳନା କମିଟିର ସଦସ୍ୟ ଭାବେ ନିମାଇଁ ଚରଣ ପରିଜା, ଶଶୀଭୂଷଣ ଦାଶ, ଅଚ୍ୟୁତାନନ୍ଦ ପରିଡ଼ା ଏବଂ ପ୍ରେମାନନ୍ଦ ଦାସ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଉପସଭାପତି ଡକ୍ଟର ମନୋରଞ୍ଜନ ଭୂୟାଁ ସମସ୍ତଙ୍କ ସଦୟ ଉପସ୍ଥିତି ଓ ନିର୍ବାଚନରେ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ଫୋରମର ସଦସ୍ୟମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଆଇଆଇଏମଟି ପକ୍ଷରୁ ଏଆଇ ଉପକରଣ ଉପରେ ହାଇବ୍ରିଡ୍ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର (ବ୍ୟୁରୋ) : ଇଣ୍ଡିୟାନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି, ଭୁବନେଶ୍ୱର ‘ଗବେଷଣା, ଶିକ୍ଷାଦାନ, ଉତ୍ପାଦକତା, ଡାଟା ଆନାଲିଟିକ୍ସ ଏବଂ ବୁଦ୍ଧିମାନ ସ୍ୱୟଂଚାଳିତତା ପାଇଁ ପରବର୍ତ୍ତୀ ପିଢିର ଏଆଇ ଉପକରଣ’ ଉପରେ ଏକ ଛଅ ଦିନିଆ ହାଇବ୍ରିଡ୍ କର୍ମଶାଳା ଉଦଘାଟିତ ହୋଇଛି। ଉଦଘାଟନୀ ଅଧିବେଶନର ଆରମ୍ଭରେ ଆଇଆଇଏମଟି ଭୁବନେଶ୍ୱରର ଅଧକ୍ଷ ଡକ୍ଟର ଶ୍ରୀକାନ୍ତ ପଟ୍ଟନାୟକ ଏହି ଛଅ ଦିନିଆ କର୍ମଶାଳାର ଉଦ୍ଦେଶ୍ୟ ଏବଂ ଗଠନର ଏକ ସାରାଂଶ ପ୍ରଦାନ କରିଥିଲେ। ସେ ଗବେଷଣା ପଦ୍ଧତି, ବୁଦ୍ଧିମାନ ସ୍ୱୟଂଚାଳିତତା, ଡାଟା ଆନାଲିଟିକ୍ସ ଏବଂ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାକୁ ପୁନଃଆକାର ଦେବାରେ କୃତ୍ରିମ ବୁଦ୍ଧିମତ୍ତାର ପରିବର୍ତ୍ତନକାରୀ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଫେସର (ଡକ୍ଟର) ଜୟଦେବ କର, ପ୍ରଫେସର ଏବଂ ନିର୍ଦ୍ଦେଶକ, ଆଇଆଇଏମଟି ଭୁବନେଶ୍ୱର ଉଚ୍ଚଶିକ୍ଷା, ଗବେଷଣା ଏବଂ ବୃତ୍ତିଗତ ବିକାଶରେ କୃତ୍ରିମ ବୁଦ୍ଧିମତ୍ତାର ବର୍ଦ୍ଧିତ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି, ଟ୍ୟାଲେଣ୍ଟ ସିଗମା ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ଏବଂ ଆଇଏସଟିଟି ଭୁବନେଶ୍ୱର ଚାପ୍ଟର ସଚିବ ଡକ୍ଟର ପରେଶ ଚନ୍ଦ୍ର ମହାନ୍ତି ଗୁରୁତ୍ୱାରୋପ କରିଥିଲେ ଯେ ‘ଶିକ୍ଷଣ ଏକ ନିରନ୍ତର ପ୍ରକ୍ରିୟା।’ ସେ ଅଂଶଗ୍ରହଣକାରୀ ମାନଙ୍କୁ ଜୀବନବ୍ୟାପୀ ଶିକ୍ଷା ଗ୍ରହଣ କରିବାକୁ ଏବଂ କୃତ୍ରିମ ବୁଦ୍ଧିମତ୍ତାର ଦ୍ରୁତ ବିକଶିତ ଯୁଗରେ ପ୍ରାସଙ୍ଗିକ ରହିବା ପାଇଁ ସେମାନଙ୍କର ଜ୍ଞାନ ଏବଂ ଦକ୍ଷତାକୁ ନିରନ୍ତର ଉନ୍ନତ କରିବାକୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି, ଇଣ୍ଡିଆନ୍ ସୋସାଇଟି ଫର୍ ଟ୍ରେନିଂ ଆଣ୍ଡ ଡେଭଲପମେଣ୍ଟ (ଆଇଏସଟିଡି) ଜାତୀୟ ଅଧକ୍ଷ ତଥା ବରିଷ୍ଠ କର୍ପୋରେଟ୍ ବୃତ୍ତିଗତ ଶ୍ରୀ ନବଘନ ପାଣି ଏକ ପ୍ରେରଣାଦାୟକ ମୁଖ୍ୟ ଭାଷଣ ଦେଇଥିଲେ। ତାଙ୍କର ବ୍ୟାପକ କର୍ପୋରେଟ୍ ଅଭିଜ୍ଞତାକୁ ଆଧାର କରି, ସେ ଆଜିର ପ୍ରତିଯୋଗିତାମୂଳକ ପରିବେଶରେ ଏଆଇ-ଚାଳିତ ନେତୃତ୍ୱ, ଡିଜିଟାଲ୍ ପରିବର୍ତ୍ତନ ଏବଂ ଜୀବନବ୍ୟାପୀ ଶିକ୍ଷାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମ ଭୁବନେଶ୍ୱରର ଆଇଆଇଏମଟି ଏମବିଏ ବିଭାଗ ମୁଖ୍ୟ ସୋମା ମିତ୍ରଙ୍କ ଦ୍ୱାରା ପ୍ରସ୍ତାବିତ ଏକ ଆନୁଷ୍ଠାନିକ ଧନ୍ୟବାଦ ସହିତ ଶେଷ ହୋଇଥିଲା।

ପ୍ରଦେଶ ଯୁବକଂଗ୍ରେସ ସଭାପତିଙ୍କ ବନ୍ୟାଞ୍ଚଳ ପରିଦର୍ଶନ ଓ ରିଲିଫ ବଣ୍ଟନ

ଭୁବନେଶ୍ୱର (ବ୍ୟୁରୋ) ଆଜି ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଞ୍ଜିତ ପାତ୍ର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଚାନ୍ଦବାଲି ବ୍ଲକ୍‌ର ଗରିପୁର, ଧାନଖଣ୍ଡିଆ, ନାଥପୁର ଓ ତିହିଡ଼ି ବ୍ଲକ୍‌ର ଗୋବିନ୍ଦପୁର, ଫଉଜୁଡ଼ି, ହଂସପାଟ, ସାହାପୁର ପ୍ରଭୃତି ବନ୍ୟାପ୍ଲାବିତ ଅଞ୍ଚଳ ବୁଲି ବନ୍ୟା ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ପରଦର୍ଶନ ପରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ ପ୍ରଶାସନ ପକ୍ଷରୁ ବନ୍ୟାପ୍ଲାବିତ ମାନଙ୍କୁ କେଉଁ ସହଯୋଗ ଓ ସାହାଯ୍ୟ ଦିଆଯାଇଥିଲା ସେ ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ୟାପାଣିରେ ଯେଉଁମାନଙ୍କର ଘର ସଂପୂର୍ଣ୍ଣ ବୁଡ଼ିଯାଇଛି ସେମାନଙ୍କ ପାଖରେ ସରକାର ଏପର୍ଯ୍ୟନ୍ତ ପାଲ ଖଣ୍ଡିଏ ବି ପହଞ୍ଚାଇ ପାରିନାହାନ୍ତି। ଗୋଟିଏ ପରିବାରକୁ ପ୍ରଶାସନ ପକ୍ଷରୁ ମାତ୍ର ଏକକେଜି ଚୂଡ଼ା ଦିଆଯାଇଛି ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ। ସେହିଭଳି ସମସ୍ତ ପ୍ରଭାବିତଙ୍କୁ ରନ୍ଧାଖାଦ୍ୟ ମଧ୍ୟ ଦିଆଯାଇ ନାହିଁ। ବିଶେଷକରି ନଳକୂପ ଗୁଡ଼ିକୁ ଡିସ ଇନଫେକସନ କରାଯାଇନାହିଁ ଏବଂ ଆବଶ୍ୟକୀୟ ଔଷଧ ମଧ୍ୟ ଯୋଗାଇ ଦିଆଯାଇନାହିଁ। ଏପର୍ଯ୍ୟନ୍ତ ପଶୁ ଖାଦ୍ୟ ମଧ୍ୟ ସମସ୍ତ ଅଞ୍ଚଳରେ ଦିଆଯାଇ ପାରିଲା ନାହିଁ। କେବଳ ନାମକୁ ମାତ୍ର କିଛି କିଛି ଯାଗାରେ ବଣ୍ଟା ଯାଇଛି। ସ୍ଥାନୀୟ ଡାକ୍ତରଖାନାରେ ସାପକାମୁଡ଼ା ଏବଂ ଡାଇରିଆ ରୋଗୀଙ୍କ ପାଇଁ ଆଗୁଆ ବ୍ୟବସ୍ଥା ରଖାଯାଇ ନାହିଁ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ଚାନ୍ଦବାଲି ବିଡିଓ ଓ ତହସିଲାଦାରଙ୍କୁ ଭେଟି ବନ୍ୟା ପ୍ଲାବିତଙ୍କୁ ତୁରନ୍ତ ଆବଶ୍ୟକୀୟ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି କରାଯାଇଥିଲା। ସରକାରଙ୍କ ବନ୍ୟା ତତ୍ପରତା ନୈରାଶ୍ୟଜନକ ବୋଲି ସେ କହିଥିଲେ। ଏହି ଦୁଇଟି ବ୍ଲକ୍‌ରେ ହଜାର ହଜାର ଏକର ଚାଷଜମିରେ ପାଣିମାଡ଼ିଯିବା ଫଳରେ ଚାଷ ସଂପୂର୍ଣ୍ଣ ଉଜୁଡ଼ି ଯାଇଛି ଏବଂ ଚାଷୀ ଅମଳ କରିବାର ସମସ୍ତ ଆଶା ହରାଇଛି। ତେଣୁ ସରକାର ଚାଷୀଙ୍କ ଉପରୁ କୃଷିଋଣ ଛାଡ଼ କରିବା ସହ ଛାତ୍ରଛାତ୍ରୀଙ୍କର ସମସ୍ତ ପ୍ରକାର ଫିସ ଛାଡ଼ ପାଇଁ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, ସ୍ୱାଗତ କର, ଆଲୋକ ଦାସ, ବଳରାମ ରାଉତ, ବଳରାମ ନନ୍ଦ, ବିରଞ୍ଚି ବାରିକ, କାର୍ତ୍ତିକେଶ୍ୱର କାଣ୍ଡି, ଜଗଦିଶ ରାଉତ, ସଂଦୀପ ରାଉତରାୟ, ଚାନ୍ଦବାଲି ବ୍ଲକ କଂଗ୍ରେସ ସଭାପତି ସୁଭାଶିଷ ମଲ୍ଲିକ, ଚାନ୍ଦବାଲି ଯୁବ କଂଗ୍ରେସ ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତି ଶକ୍ତିପ୍ରସାଦ ବିଶ୍ୱାଳ, ପ୍ରଫୁଲ୍ଲ ପୃଷ୍ଟି, ନିମାଇ ଦାସ, ବରିଷ୍ଠ କଂଗ୍ରେସ ନେତା ଧ୍ରୁବ ବିଶ୍ୱାଳ ପ୍ରମୁଖ ଗସ୍ତ କରିଥିଲେ।

‘ମେଡ୍ ଇନ୍ ଇଣ୍ଡିଆ’ ରୋବୋଟିକ୍ ପ୍ରଯୁକ୍ତିର କମାଲ୍



ନୂଆଦିଲ୍ଲୀ : ଭାରତରେ ବିକଶିତ ରୋବୋଟିକ୍ ପ୍ରଯୁକ୍ତି ଏବଂ ଭାରତୀୟ ଡାକ୍ତରମାନଙ୍କର ଦକ୍ଷତା ପୁଣିଥରେ ବିଶ୍ୱକୁ ଆଶ୍ଚର୍ଯ୍ୟଚକିତ କରିଛି। ଏସଏସ ଇନୋଭେଶନସ୍ ଇଣ୍ଟରନ୍ୟାସନାଲର ‘ମେଡ୍ ଇନ୍ ଇଣ୍ଡିଆ’ ଏସଏସଆଇ ମନ୍ତ୍ରା ସର୍ଜିକାଲ୍ ରୋବୋଟିକ୍ ସିଷ୍ଟମର ସହଯୋଗରେ କୋଲମ୍ବିଆରେ ପ୍ରାୟ ୨୨,୦୦୦ କିଲୋମିଟର ଦୂରରେ ବସିଥିବା ସର୍ଜନମାନେ ଇନ୍ଦୋରରେ ଜଣେ ରୋଗୀଙ୍କର ସଫଳ ରୋବୋଟିକ୍ ସ୍ପ୍ଲିଭ୍ ଗ୍ୟାଷ୍ଟ୍ରେକ୍ଟୋମି ଶସ୍ତ୍ରକ୍ରିୟା କରି ବିଶ୍ୱ ସମ୍ମୁଖରେ ଭାରତୀୟ ପ୍ରଯୁକ୍ତିର ସାମର୍ଥ୍ୟକୁ ପ୍ରମାଣ କରିଛନ୍ତି। ଏହି ଐତିହାସିକ ଟେଲି-ସର୍ଜରୀ କୋଲମ୍ବିଆର ହସ୍ପିଟାଲ ଇଣ୍ଟରନାସିଓନାଲ ଡି କଲମ୍ବିଆ ଏବଂ ଇନ୍ଦୋରସ୍ଥିତ ମୋହକ ବେରିଆଟ୍ରିକ୍ସ ଆଣ୍ଡ ରୋବୋଟିକ୍ସ ମଧ୍ୟରେ ପ୍ରାୟ ୨୨,୦୦୦ କି.ମି. ଲମ୍ବା ଫାଇବର୍ ନେଟୱର୍କ ମାଧ୍ୟମରେ ସଫଳତାର ସହ ସମ୍

୧୪ତମ ଜୁନିୟର ଓଡ଼ିଶା ରାଜ୍ୟ ଖୋ ଖୋ ଚାମ୍ପିୟନସିପ୍

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.106, Tuesday, 4 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୬, ମଙ୍ଗଳବାର, ୪ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା